# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 14/2024 | Page 20 | ₹ 7.00

୫୦ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 52 | ମୂଲ୍ୟ ₹୭/-



DADLS-78



## ଜୟ ଜଗନ୍ନାଥ




ପ୍ରତିଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ମହିମାରୁ ଆରମ୍ଭ ହୋଇଛି

**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'**

ବିଶ୍ୱଐତିହ୍ୟ ସହରରେ ରୂପାନ୍ତରିତ ହେଉଛି ଶ୍ରୀକ୍ଷେତ୍ର

ଶାନ୍ତିପୂର୍ଣ୍ଣ ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ

ଆଉକିଛି ଦିନର ଅପେକ୍ଷା

ଐତିହାସିକ **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**ର

ହେବ ଲୋକାର୍ପଣ

**୧୭ ଜାନୁଆରୀ ୨୦୨୪**

OIPR-15001/13/0252/2324

# ସଂକ୍ଷେପରେ

## କେଜ୍‌ରିୱାଲଙ୍କୁ ଚତୁର୍ଥ ସମନ

**ନୂଆଦିଲ୍ଲୀ,୧୩।୧:** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଚତୁର୍ଥ ଥର ପାଇଁ ସମନ ଜାରି କରିଛି। ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଥିବା କେଜ୍‌ରିୱାଲଙ୍କୁ ଆସନ୍ତା ୧୮ ତାରିଖରେ ଇଡି ମୁଖ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦଳର ପ୍ରସ୍ତୁତି ସମୀକ୍ଷା କରିବା ନିମନ୍ତେ କେଜ୍‌ରିୱାଲ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଗୋଆ ଗସ୍ତରେ ରହିବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଜାନୁୟାରୀ ୩ରେ ହାଜର ହେବା ଲାଗି ଇଡିର ତୃତୀୟ ସମନକୁ ଏଏପି ନେତା ଏଡ଼ାଇ ଯାଇଥିଲେ। ଏହା ପୂର୍ବରୁ ତାଙ୍କୁ ନଭେମ୍ବର ୨ ଏବଂ ଡିସେମ୍ବର ୨୧ରେ ହାଜର ହେବା ଲାଗି ସମନ ହୋଇଥିଲା। କେଜ୍‌ରିୱାଲଙ୍କୁ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ପାଇଁ ଭାଜପା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦୁରୁପଯୋଗ କରୁଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୋଆ ଗସ୍ତ ବେଳେ ଇଡି ସମନ କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭାଜପାର ରାଜନୈତିକ ଅସ୍ତ୍ର ନ ହେଉ ବୋଲି ରାୟ କହିଛନ୍ତି।

## ନେପାଳରେ ଦୁର୍ଘଟଣା: ୨ ଭାରତୀୟଙ୍କ ସମେତ ୧୨ ମୃତ

**କାଠମାଣ୍ଡୁ,୧୩।୧(ପି.ଟି.):** ନେପାଳର ଲୁମ୍ବିନୀ ପ୍ରଦେଶ ଅନ୍ତର୍ଗତ ରାପ୍ତି ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୩ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି। ବସ୍‌ଟି ଶୁକ୍ରବାର ରାତିରେ କାଠମାଣ୍ଡୁରୁ ନେପାଳଗଞ୍ଜ ଯାଉଥିବାବେଳେ ଭଗଲୁବାଙ୍ଗଠାରେ ରାପ୍ତି ବ୍ରିଜ୍‌କୁ ଧକ୍କାଦେଇ ନଦୀକୁ ଖସିପଡ଼ିଥିଲା। ଆହତମାନଙ୍କୁ ନେପାଳଗଞ୍ଜ ମେଡିକାଲ ଟିଚିଂ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବସ୍ ଡ୍ରାଇଭରଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି।

# ‘୧୦ ବର୍ଷର ଅନ୍ୟାୟ ବିରୋଧରେ ଅଭିଯାନ’

## ଆଜିଠାରୁ କଂଗ୍ରେସର ନ୍ୟାୟ ଯାତ୍ରା

**ନୂଆଦିଲ୍ଲୀ/ଇମ୍ଫାଲ,୧୩।୧**




କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ‘ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା’ ରବିବାର ମଣିପୁରରୁ ଆରମ୍ଭ ହେବାକୁ ଯାଉଛି। ଏହି ଯାତ୍ରା ମଣିପୁରରୁ ମୁମ୍ବାଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଣିପୁରର ଥୌବାଲରୁ ଯାତ୍ରାର ଶୁଭାରମ୍ଭ କରିବେ। ଗତବର୍ଷ ରାହୁଲଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା କନ୍ୟାକୁମାରୀରୁ କଶ୍ମୀର ୪,୦୦୦ କିଲୋମିଟର ଅତିକ୍ରମ କରି ବେଶ୍ ସଫଳତା ହାସଲ କରିଥିଲା। ଦକ୍ଷିଣରୁ ଉତ୍ତର ଏହି ଯାତ୍ରା ପରେ ଏବେ ଲୋକ ସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ପଶ୍ଚିମ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହା ରାହୁଲଙ୍କ ପୂର୍ବ ନିର୍ବାଚନମଣ୍ଡଳୀ ଆମେଠି, ସୋନିଆ ଗାନ୍ଧୀଙ୍କ ନିର୍ବାଚନମଣ୍ଡଳୀ ରାଏବରେଲୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ କ୍ଷେତ୍ର ବାରାଣସୀ ଆଦି ଅତିକ୍ରମ କରି ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ। ୬୬ ଦିନର ଏହି ଯାତ୍ରାର ଅଧିକାଂଶ ଭାଗ ବସ୍‌ରେ ଅତିକ୍ରମ କରିବାକୁ ଥିବାବେଳେ କେତେକ ଅଞ୍ଚଳକୁ ଦଳୀୟ ନେତା ଓ ସମର୍ଥକମାନେ ପାଦରେ ଅତିକ୍ରମ କରିବେ।

ଜାତିଆଣ ହିଂସା ପ୍ରଭାବିତ ମଣିପୁର ନ୍ୟାୟ ଯାତ୍ରା ଆରମ୍ଭ ପାଇଁ ନିଷ୍ପତ୍ତି ନେଇ କଂଗ୍ରେସ ଅର୍ଥନୀତି ପ୍ରସଙ୍ଗ ସମେତ ସାମାଜିକ ଓ ରାଜନୈତିକ ନ୍ୟାୟ ପ୍ରସଙ୍ଗ ଉଠାଇବାକୁ ଯାଉଛି। ଯାତ୍ରା ୧୫ ରାଜ୍ୟର ୧୧୦ ଜିଲା ସମେତ ୧୦୧ ଲୋକ ସଭା କ୍ଷେତ୍ର ଏବଂ ୩୩୭ ବିଧାନସଭା ନିର୍ବାଚନ ମଣ୍ଡଳୀ ଅତିକ୍ରମ କରିବା କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରା ନିର୍ବାଚନୀ ନୁହେଁ ରାଜନୈତିକ ବୋଲି କଂଗ୍ରେସ କହୁଥିବାବେଳେ ଲୋକ ସଭା ନିର୍ବାଚନରେ ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ସହାୟକ ହେବ ବୋଲି ନେତାମାନେ ଆଶାବାଦୀ ଅଛନ୍ତି। କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ଏବଂ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଦଳର ଗ୍ୟାରେଣ୍ଟି ସମ୍ପର୍କରେ ରାହୁଲ ଭୋଟରମାନଙ୍କୁ ଅବଗତ କରାଇବେ। ନରେନ୍ଦ୍ର ମୋଦି ସରକାରଙ୍କ ୧୦ ବର୍ଷର ‘ଅନ୍ୟାୟ କାଳ’ ବିରୋଧରେ ଏହି ଯାତ୍ରା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଏବେ ଦେଶ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଲା, ଏହା ଧ୍ରୁବୀକରଣରେ ବିଶ୍ୱାସ କରୁଥିବା ନୀତି, ଆର୍ଥିକ ଅସମାନତା ଏବଂ ରାଜନୈତିକ କର୍ତ୍ତୃତ୍ୱବାଦ ଉପରେ ବିଶ୍ୱାସ କରୁଛି। ପ୍ରଧାନମନ୍ତ୍ରୀ ଅମୃତ କାଳର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ବାସ୍ତବରେ ୧୦ ବର୍ଷ ହେଲା ‘ଅନ୍ୟାୟ କାଳ’ ଚାଲିଛି। ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବି ସିଂ, ରାଜ୍ୟ କଂଗ୍ରେସ ସଭାପତି କୈଶମ ମେଘାଚନ୍ଦ୍ର ସିଂ ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଗୈଖାନଗାମ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଜୟରାମ କହିଥିଲେ, ଗତ ୧୦ ବର୍ଷରେ ହୋଇଥିବା ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ଅନ୍ୟାୟ ବିରୋଧରେ ନ୍ୟାୟ ଅଭିଯାନ କରାଯିବ।

## ଲାଇ ଚିଙ୍ଗ୍-ଟେ ତାଇୱାନ୍ ରାଷ୍ଟ୍ରପତି



**ତାଇପେଇ,୧୩।୧**

ତାଇୱାନ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଲାଇ ଚିଙ୍ଗ୍-ଟେ ବିଜୟୀ ହୋଇଛନ୍ତି। ରାଷ୍ଟ୍ରପତି ଓ ସଂସଦୀୟ ନିର୍ବାଚନ ଆଗାମୀ ୪ ବର୍ଷ ପାଇଁ ଚାଇନା ସହ ତାଇୱାନର ସମ୍ପର୍କର ମାର୍ଗ ନିରୂପଣ କରିବ। ଏହି ଦେଶକୁ ଚାଇନା ନିଜର ବୋଲି ଦାବି କରିଆସୁଛି। ଏହାକୁ ନେଇ ତାଇୱାନର ଶାନ୍ତି ଓ ସ୍ଥିରତା ବାଜିରେ ଲାଗିଛି। ଚାଇନା ସହ ଉତ୍ତେଜନାକୁ ବାଦ୍ ଦେଇ ଦେଶର ଆର୍ଥିକ ମାନ୍ଦାବସ୍ଥା, ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବଢୁଥିବା ପାର୍ଥକ୍ୟ ଏବଂ ବେରୋଜଗାରି ସମ୍ପର୍କିତ ପ୍ରସଙ୍ଗର ସମାଧାନରେ ନିର୍ବାଚନ ଫଳାଫଳ ସହାୟକ ହେବ ବୋଲି କୁହାଯାଉଛି।

## ବାହାହେଲେ ନ୍ୟୁଜିଲାଣ୍ଡର ପୂର୍ବ ପ୍ରଧାନମନ୍ତ୍ରୀ

**ୱେଲିଙ୍ଗଟନ୍,୧୩।୧**


ଜେସିଣ୍ଡା ଆର୍ଡେନ୍‌ଙ୍କ ସହ ବିବାହ ବନ୍ଧନରେ କ୍ଲାର୍କ ଗେଫର୍ଡ।

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ତାଙ୍କ ଦୀର୍ଘଦିନର ପାର୍ଟନର କ୍ଲାର୍କ ଗେଫର୍ଡଙ୍କ ସହ ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ୨୦୧୪ରୁ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିବାବେଳେ ପ୍ରାୟ ୫ ବର୍ଷ ପୂର୍ବେ ନିର୍ବନ୍ଧ ହୋଇଥିଲା। ତେବେ କରୋନା ମହାମାରୀ ଯୋଗୁ ବିବାହ ବିଳମ୍ବିତ ହୋଇଥିଲା। ନ୍ୟୁଜିଲାଣ୍ଡ ରାଜଧାନୀ ୱେଲିଙ୍ଗଟନ୍‌ଠାରୁ ୩୨୫ କିଲୋମିଟର ଦୂର ହାଓକ୍ସ ବେ’ ଅଞ୍ଚଳରେ ସେମାନଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କେବଳ ପରିବାର ସଦସ୍ୟ, ଘନିଷ୍ଠ ବନ୍ଧୁ ଓ ୪୩ ବର୍ଷୀୟା ଆର୍ଡେନଙ୍କ କେତେଜଣ ପୂର୍ବ ସହକର୍ମୀ ଯୋଗ ଦେଇଥିଲେ। ଆର୍ଡେନଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା କ୍ରିସ୍ ହିପ୍‌କିନ୍ସ ମଧ୍ୟ ଉପସ୍ଥିତ ଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୧୭ରେ ଆର୍ଡେନ୍ ପ୍ରଧାନମନ୍ତ୍ରୀ ହେବା ସହ ନିଜର ନୂଆ ଷ୍ଟାଇଲ୍‌ର ନେତୃତ୍ୱ ପାଇଁ ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। କରୋନା ମହାମାରୀ ଏବଂ ହିଂସାକାଣ୍ଡକୁ ସେ ଦକ୍ଷତାର ସହ ପରିଚାଳନା କରିଥିଲେ। ସେ ପ୍ରଧାନମନ୍ତ୍ରୀ ପଦରେ ଥାଇ ୨୦୧୮ରେ କନ୍ୟାସନ୍ତାନର ମାଆ ହୋଇଥିଲେ। ସେହିବର୍ଷ ସେ ଶିଶୁକନ୍ୟାକୁ କୋଳରେ ଧରି ଜାତିସଂଘ ସାଧାରଣ ସଭାରେ ଯୋଗଦେଇଥିଲେ।

## ହରିୟାଣା କେନାଲରୁ ମିଳିଲା ପୂର୍ବତନ ମଡେଲଙ୍କ ମୃତଦେହ

**ନୂଆଦିଲ୍ଲୀ,୧୩।୧**


ଦିବ୍ୟା ପହୁଜା

ହରିୟାଣାର ତୋହନାରେ ଥିବା ଏକ କେନାଲ ମଧ୍ୟରୁ ଗୁରୁଗ୍ରାମ ପୋଲିସ ପୂର୍ବତନ ମଡେଲ ଦିବ୍ୟା ପହୁଜାଙ୍କ ମୃତଦେହ ପାଇଛି। ଗତ ୨ ତାରିଖରେ ତାଙ୍କୁ ଏକ ହୋଟେଲରେ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିଲା। ମୃତଦେହକୁ ଖୋଜି ବାହାର କରିବା ଲାଗି ଗୁରୁଗ୍ରାମ ପୋଲିସର ୬ଟି ଟିମ୍‌କୁ ଦାୟିତ୍ୱ ଦିଆଯାଇଥିବାବେଳେ ପଞ୍ଜାବ ପୋଲିସର କେତେକ ଟିମ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟରେ ମୃତଦେହ ଖୋଜିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୁରୁବାର ପୋଲିସ ଅନ୍ୟତମ ଅଭିଯୁକ୍ତ ବଲରାଜ ଗିଲ୍‌ଙ୍କୁ ଗିରଫ କରିବା ପରେ ୨୭ ବର୍ଷୀୟା ପହୁଜାଙ୍କ ମୃତଦେହ କେନାଲରେ ପକାଯାଇଥିବା ସେ ପୋଲିସକୁ ସୂଚନା ଦେଇଥିଲେ। ହତ୍ୟା ମାମଲାରେ ପୋଲିସ ହୋଟେଲର ମାଲିକ ଅଭିଜିତ ସିଂଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଗତ ୨ ତାରିଖ ରାତି ୪ଟାରେ ପହୁଜାଙ୍କ ସହ ଅଭିଜିତ ଓ ଅନ୍ୟ ଜଣେ ବ୍ୟକ୍ତି ହୋଟେଲ ରିସେପ୍‌ଶନରେ ପହଞ୍ଚି ୧୧୧ ନମ୍ବର ରୁମ୍ ଆଡକୁ ଯାଉଥିବା ସିସିଟିଭିରେ କଏଦ ହୋଇଥିଲା।

## ଟିଭି ସିଧା ପ୍ରସାରଣ ବେଳେ ଟଳିପଡ଼ିଲେ କୃଷି ବିଶେଷଜ୍ଞ

**ଥିରୁଭାନନ୍ତପୁରମ୍,୧୩।୧**

କେରଳର ଥିରୁଭାନନ୍ତପୁରମ୍‌ରେ ଶୁକ୍ରବାର କୃଷି ଦର୍ଶନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦୂରଦର୍ଶନରେ କରାଯାଉଥିବାବେଳେ କୃଷି ବିଶେଷଜ୍ଞ ଅନି ଏସ୍. ଦାସ୍ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ୫୯ ବର୍ଷୀୟ ଅନି କେରଳ ଫିଡ୍‌ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ଏବଂ କେରଳ କୃଷି ବିଶ୍ୱବିଦ୍ୟାଳୟ ଯୋଗାଯୋଗ କେନ୍ଦ୍ରର ମୁଖ୍ୟ ଥିଲେ।

## ଶିଳ୍ପପତିଙ୍କୁ ଅପହରଣକରି ୭ ଲକ୍ଷ ବଟି ଆଦାୟକଲେ ସିଭିଲ ସର୍ଭିସ୍ ଆଶାୟୀ

**ବେଙ୍ଗାଲୁରୁ,୧୩।୧**

ବେଙ୍ଗାଲୁରୁରେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୨୪ ବର୍ଷୀୟ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ସ୍ନାତକ ଓ ତାଙ୍କର ୩ ସହଯୋଗୀ ମିଶି ଜଣେ ଶିଳ୍ପପତିଙ୍କୁ ଅପହରଣ କରିନେବା ପରେ ତାଙ୍କୁ ଧମକ ଦେଇ ୭ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଗତ ୫ ତାରିଖରେ ରାଜାଜୀନଗରରେ ଏହି ଅପହରଣ ଘଟଣା ଘଟିଛି। ମୁଖ୍ୟ ଅଭିଯୁକ୍ତ ସଚିନ ଏନ୍, ତାଙ୍କ ସହଯୋଗୀ ଗୌରଶଙ୍କର ଏବଂ କାମାକ୍ଷୀପାଲ୍ୟାର ଜଣେ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସଚିନଙ୍କର ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଖୋଜୁଛି। ଶିଳ୍ପପତି ଜଣକ ସଚିନଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଅପହରଣ କରିନେଇଥିଲେ। ସଚିନଙ୍କ କହିବା ଅନୁଯାୟୀ ସେ ଶିଳ୍ପପତି ଚେତନ ଏସ୍. ଶାହଙ୍କ ଝିଅଙ୍କୁ ଏକ ଘରୋଇ କଲେଜରେ ବିବିଏରେ ସିଟ୍ ଦେବାରେ ସହାୟତା କରିଥିଲେ। କିନ୍ତୁ ସଚିନ କୌଣସି ସହାୟତା କରି ନ ଥିବା କହି ଶିଳ୍ପପତି ଟଙ୍କା ଦେବାକୁ ମନା କରିବାରୁ ସେ ଅପହରଣ କରିଥିଲେ।

## ପିଓକେରେ ବ୍ରିଟିଶ୍ ଉଚ୍ଚାୟୁକ୍ତ
# ପ୍ରତିବାଦ ଜଣାଇଲା ଭାରତ

**ନୂଆଦିଲ୍ଲୀ,୧୩।୧**

ଇସ୍‌ଲାମାବାଦରେ ବ୍ରିଟିଶ ଉଚ୍ଚାୟୁକ୍ତ ଥିବା ଜେନ୍ ମାରିଅଟ୍ ପାକ୍ ଅଧିକୃତ କଶ୍ମୀର (ପିଓକେ) ଗସ୍ତରେ ଯିବା ଘଟଣାକୁ ନେଇ ଭାରତ ସରକାର ଶନିବାର ପ୍ରତିବାଦ ଜଣାଇଛନ୍ତି। ଗତ ୧୦ ତାରିଖରେ ମାରିଅଟ୍ ପିଓକେ ଅନ୍ତର୍ଗତ ମୀର୍‌ପୁରକୁ ଗସ୍ତରେ ଯାଇଥିଲେ। ତାଙ୍କର ଏହି ଗସ୍ତକୁ ନେଇ ଭାରତ ତୀବ୍ର ପ୍ରତିବାଦ ଜଣାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ


ପିଓକେ ଅନ୍ତର୍ଗତ ମୀର୍‌ପୁରରେ ବ୍ରିଟିଶ ଉଚ୍ଚାୟୁକ୍ତ ଜେନ୍ ମାରିଅଟ୍ (ମଝି) ।

ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସଂହତିର ଏହା ଉଲ୍ଲଂଘନ ବୋଲି ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ନୂଆଦିଲ୍ଲୀ ଦର୍ଶାଇଛି। ଭାରତରେ ଥିବା ବ୍ରିଟିଶ ହାଇ କମିଶନରଙ୍କ ନିକଟରେ ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି, ରହିଛି ଏବଂ ରହିବ ବୋଲି ମନ୍ତ୍ରଣାଳୟ କହିଛି। ମାରିଅଟ୍ ମୀରପୁର ଗସ୍ତ କରିବା ପରେ ଏହାର ଫଟୋ ଏକ୍ସ’ରେ ଶେୟାର କରିବା ସହ ୭୦ ପ୍ରତିଶତ ବ୍ରିଟିଶ ପାକିସ୍ତାନୀ ଉକ୍ତ ଅଞ୍ଚଳର ମୂଳ ବାସିନ୍ଦା ବୋଲି ଉଲ୍ଲେଖ କରିଥିଲେ। ବ୍ରିଟିଶ୍ ସରକାର ତାଙ୍କ ପ୍ରତିନିଧିଙ୍କୁ ପାକ୍ ଅଧିକୃତ କଶ୍ମୀରକୁ ପଠାଇଥିବାରୁ ସୋସିଆଲ ମିଡିଆରେ ଏହାକୁ ନିନ୍ଦା କରାଯାଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ମାରିଅଟ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି କେତେଜଣ ୟୁଜର ଦାବି କରିଛନ୍ତି। ଗତବର୍ଷ ଅକ୍ଟୋବରରେ ପାକିସ୍ତାନରେ ଆମେରିକା ରାଷ୍ଟ୍ରଦୂତ ଡାଭିଡ୍ ବ୍ଲୋମ୍ ପିଓକେର ଗିଲ୍‌ଗିଟ୍-ବଲ୍ଟିସ୍ତାନ ଗସ୍ତ କରିଥିଲେ। ସେତେବେଳେ କେନ୍ଦ୍ର ସରକାର ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇଥିଲେ।

# ଫୁରସତ୍



## ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ କଙ୍ଗନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆନ୍ତି। ହେଲେ ଏଥର କଙ୍ଗନା ତାଙ୍କ ବ୍ୟକ୍ତିଗତ କାରଣ ପାଇଁ ଲାଇମ ଲାଇଟ୍‌କୁ ଆସିଛନ୍ତି। ନିକଟରେ କଙ୍ଗନାଙ୍କୁ ଜଣେ ଅଜଣା ବ୍ୟକ୍ତିଙ୍କ ସହିତ ଦେଖିବାକୁ ମିଳିଛି; ଯାହାର ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ପୋଷ୍ଟରେ କଙ୍ଗନା ମୁମ୍ବାଇର ଏକ ସେଲୁନରେ ଜଣେ ବିଦେଶୀ ପୁଅଙ୍କ ହାତ ଧରିଥିବା ନଜରକୁ ଆସିଛନ୍ତି। ଦୁହେଁ ଏକାଠି ହସି ହସି ଆସୁଛନ୍ତି। ଏହି ଫଟୋରେ ଅନେକ କମେଣ୍ଟ ଆସିଥିବା ଦେଖିବାକୁ ମିଳିଛି। ଏହା ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର ଲେଖିଛନ୍ତି, ଇଏ କ’ଣ ତମ ପ୍ରେମିକ? ଅନ୍ୟଜଣେ ଲେଖିଛନ୍ତି, ଉଭୟ ସାଥିରେ ଭଲ ଦେଖାଯାଉଛନ୍ତି। ଗତବର୍ଷ କଙ୍ଗନା ଏକ ସାକ୍ଷାତ୍‌କାରରେ କହିଥିଲେ କି, ସେ ବିବାହ କରିବାକୁ ଥିବା ବ୍ୟକ୍ତିଙ୍କୁ ଠିକ୍ ସମୟରେ ସମସ୍ତଙ୍କ ସମ୍ମୁଖକୁ ଆଣିବେ। ତେବେ କଙ୍ଗନା ୨୦୦୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ନିକଟରେ ସେ ଫିଲ୍ମ ‘ତେଜସ୍’ରେ ଦେଖିବାକୁ ମିଳିଥିଲେ। ଆଗକୁ ସେ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ ‘ଏମର୍ଜେନ୍ସି’ରେ ନଜରକୁ ଆସିବେ।

## ଗୀତା ପ୍ରେସ୍‌ରେ ରାମଚରିତମାନସର ଅଭାବ

**ଲକ୍ଷ୍ନୌ**




ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୨୨ ତାରିଖରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ତେବେ ଏହା ମଧ୍ୟରେ ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗୀତା ପ୍ରେସ୍ ରାମଚରିତମାନସ ଅଭାବର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି; ଯାହା ୫୦ ବର୍ଷରେ ପ୍ରଥମ ଥର ବୋଲି ଜଣାପଡ଼ିଛି। ପ୍ରତିଷ୍ଠା ସମାରୋହ ପୂର୍ବରୁ ରାମଚରିତମାନସର ଚାହିଦା ବୃଦ୍ଧି ପାଇଛି। ଯାହାକୁ ନେଇ ଗୀତା ପ୍ରେସ୍ କର୍ମଚାରୀ ଖୁସି ବ୍ୟକ୍ତ କରିଛନ୍ତି। ସମାରୋହର ତାରିଖ ଘୋଷଣା ପରଠାରୁ ରାମଚରିତମାନସ ସହ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶାର ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ପୂର୍ବ ବର୍ଷଗୁଡ଼ିକରେ ପ୍ରତି ମାସରେ ରାମଚରିତମାନସର ପ୍ରାୟ ୭୫ ହଜାର କପି ପ୍ରସ୍ତୁତ ହେଉଥିଲା। ହେଲେ ଚଳିତବର୍ଷ ୧ ଲକ୍ଷ କପି ପ୍ରସ୍ତୁତ ହୋଇଥିବା ଗୀତା ପ୍ରେସ୍ ମ୍ୟାନେଜର ଲାଲମଣି ତ୍ରିପାଠୀ କହିଛନ୍ତି। ନିକଟରେ ଜୟପୁରରୁ ୫୦ ହଜାର ଏବଂ ଭଗଲପୁରରୁ ୧୦ ହଜାର ରାମଚରିତମାନସର କପି ଅର୍ଡର ହୋଇଥିବାବେଳେ ପ୍ରେସ୍ ସେହି ଅର୍ଡରକୁ ସମ୍ପୂର୍ଣ୍ଣ କରିବାକୁ ଅସମର୍ଥ ହୋଇଥିଲା। ସମାରୋହ ପୂର୍ବରୁ ଅଯୋଧ୍ୟାରେ ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନ୍ୟପଟେ ଲୋକେ ରାମ ମନ୍ଦିର ମଡେଲକୁ ମଧ୍ୟ କିଣୁଛନ୍ତି; ଯାହାକୁ ୨୦ ଦିନ ତଳେ ଜଣେ ବ୍ୟବସାୟୀ ବଜାରକୁ ଆଣିଥିଲେ। ତାଙ୍କ ରାମ ମନ୍ଦିର ମଡେଲକୁ ମଧ୍ୟ ଶ୍ରଦ୍ଧାଳୁ ଅନେକ ମାତ୍ରାରେ ପସନ୍ଦ କରିଛନ୍ତି।

## ଆମାଜନ ଜଙ୍ଗଲରେ ୨ ହଜାର ବର୍ଷର ପ୍ରାଚୀନ ସହର



**କ୍ୱିଟୋ:** ଆମାଜନ ଚିରହରିତ୍ ଜଙ୍ଗଲ ପାଖରେ ଥିବା ଏକ ପ୍ରାଚୀନ ସହରର ସନ୍ଧାନ ୨ ହଜାର ବର୍ଷ ପରେ ମିଳିଛି। ଏହି ରହସ୍ୟମୟ ସହର ‘ଏଣ୍ଡିଜ୍’ ଉପାନୋ ଘାଟିର ବହୁ ତଳେ ଦବି ରହିଥିଲା। ସହରରେ ପ୍ରାୟ ୧୦ ହଜାର ଲୋକଙ୍କ ଘର ଥିଲା, ଯାହା ପରେ ରହସ୍ୟମୟ ଭାବେ ଉଭାନ୍ ହୋଇଯାଇଥିଲା। ତେବେ ଏହି ସହର କିପରି ଉଭାନ୍ ହୋଇଛି, ତାହାର କାରଣ ସନ୍ଧାନରେ ବୈଜ୍ଞାନିକମାନେ ଲାଗିପଡ଼ିଛନ୍ତି। ରିପୋର୍ଟ ମୁତାବକ, ଇକ୍ୱେଡରଠାରେ ମିଳିଥିବା ଏହି ସହର ପ୍ରାଚୀନ ସହରରେ ସଡ଼କ, ପ୍ଲାଜା ଏବଂ କ୍ଷେତିର ବ୍ୟବସାୟ ହେଉଥିଲା। ଏଠାରେ ପ୍ରାୟ ୬ ହଜାର ମାଟି ପର୍ବତ ରହିଛି। ଫ୍ରାନ୍ସ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚର ଶୋଧକର୍ତ୍ତା ଭୂତତ୍ତ୍ୱବିତ୍ ଆଣ୍ଟୋଇନି ଡୋରିଶନଙ୍କ ଅନୁସାରେ, ଉପାନୋର ଲୋକସଂଖ୍ୟା ପ୍ରାୟ ୩୦ ହଜାର ଥିଲା, ସେମାନେ ୩୦୦ରୁ ୬୦୦ ଖ୍ରୀଷ୍ଟପୂର୍ବ ମଧ୍ୟରେ ଉଭାନ୍ ହୋଇଗଲେ। ପ୍ରମୁଖ ରିସର୍ଚ୍ଚର ଷ୍ଟିଫେନ୍ ରୋଷ୍ଟେନ ଏବଂ ଅନ୍ୟ ବୈଜ୍ଞାନିକମାନେ ଏହି ସ୍ଥାନରେ ୨୦ ବର୍ଷ ତଳେ କିଛି ମାଟିର ପାହାଡ଼ ଦେଖିଥିଲେ, ଯାହା ପରେ ତାଙ୍କୁ ଏକ ବଡ଼ ସହରର ସନ୍ଧାନ ମିଳିଲା।

## ୩୮୫ ମିଲିୟନ ବର୍ଷର ଜଙ୍ଗଲ

**ୱାଶିଂଟନ:** ବିଶ୍ୱର ସବୁଠୁ ପ୍ରାଚୀନ ଜଙ୍ଗଲ ନ୍ୟୁୟର୍କ ପାଖରେ ଏକ ନିର୍ଜନ ଖାଦାନଠାରେ ଠାବ କରାଯାଇଛି, ଯାହା ପ୍ରାୟ ୩୮୫ ମିଲିୟନ ବର୍ଷର ପୁରୁଣା ବୋଲି ଜଣାପଡ଼ିଛି। ଏଥିସହ ଏଠାରେ ଏପରି କିଛି ଗଛ ଦେଖିବାକୁ ମିଳିଛି, ଯାହାର ଅସ୍ତିତ୍ୱ ଡାଇନୋସର ସମୟର ବୋଲି ଧରାଯାଉଛି। ଏହାର ମାଟିତଳେ ରହିଥିବା ଜୀବାଶ୍ମ କେତେକ ପ୍ରାଚୀନ ଗଛର ଚେରକୁ ସଂରକ୍ଷିତ କରୁଛି। ଏହାର ସନ୍ଧାନ ପୃଥିବୀ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସମୟର ପ୍ରତୀକ ଅଟେ। ଯେପରି ଗଛ ତା’ ଚେରକୁ ବିକଶିତ କରିବା ସହ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ ନିଷ୍କାସନ କରିଥାଏ। ଏକ ନ୍ୟୁଜ୍ ଏଜେନ୍ସି ମୁତାବକ, ଟିମ୍‌କୁ ପୂର୍ବରୁ ଏଠାରେ ପ୍ରାଚୀନ ଜଙ୍ଗଲ ଥିବା ଜଣାଥିଲା। ହେଲେ ସେଠାରେ ଥିବା ଗଛର ବୟସ ଜାଣିବାକୁ ଯାଞ୍ଚ କରିଥିଲେ। ଏହି ପ୍ରାଚୀନ ଜଙ୍ଗଲ ପ୍ରାୟ ୪୦୦ କି.ମି ପର୍ଯ୍ୟନ୍ତ ବିସ୍ତୃତ ଏବଂ ପ୍ରାୟ ୨୫୦ ମାଇଲ ଅଞ୍ଚଳରେ ପରିବ୍ୟାପ୍ତ ବୋଲି ଆମେରିକାର ବିଘମଟନ ବିଶ୍ୱବିଦ୍ୟାଳୟ ଏବଂ ୱେଲ୍‌ସର କାର୍ଡିଫ୍ ବିଶ୍ୱବିଦ୍ୟାଳୟର ଶୋଧକର୍ତ୍ତାମାନେ ଅନୁମାନ କରିଛନ୍ତି। ୨୦୧୯ଠାରୁ ଏହି ଜଙ୍ଗଲର ଯାଞ୍ଚ ଆରମ୍ଭ ହୋଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ | Bhubaneswar, Sunday, January 14/2024 | ପୃଷ୍ଠା-୧




## ଶୁଭ୍ରାଂଶୁଙ୍କ ଦ୍ୱିଶତକ

ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି ଓଡ଼ିଶାର ଶୁଭ୍ରାଂଶୁ ସେନାପତି।

୧୮

୦୩

## ଏଆଇ ଦେବ ପାଣିପାଗ ସୂଚନା

ପାଣିପାଗର ଉତ୍ତମ ପୂର୍ବାନୁମାନ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।



# ଅପହଞ୍ଚ ୱାନ୍‌କାର୍ଡ



**ଭୁବନେଶ୍ୱର, ୧୩।୧ (ଅନିଲ ଦାସ)**

କୋଭିଡ୍ ମହାମାରୀ ସମୟରେ ଶ୍ରମିକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୦ ଜୁନ୍ ୧ରୁ ସମଗ୍ର ଦେଶରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ (ଓଏନ୍‌ଓଆର୍‌ସି) ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ନିଜ ଗାଁ ଛାଡ଼ି ଅନ୍ୟତ୍ର ରହୁଥିବା ରାଶନ କାର୍ଡ ହିତାଧିକାରୀ ସେଠାକାର ଡିଲରଙ୍କ ନିକଟରୁ ଖାଦ୍ୟଶସ୍ୟ ନେଇପାରିବେ। ଓଡ଼ିଶାରେ ଏହା ୨୦୨୧ ଜୁଲାଇରୁ ଲାଗୁ ହୋଇଥିଲେ ମଧ୍ୟ ହିତାଧିକାରୀଙ୍କ ପାଇଁ ତାହା ଅପହଞ୍ଚ ହୋଇଛି। ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ଏବଂ ରାଶନ ଯୋଗାଉଥିବା ଡିଲରଙ୍କ ଅସହଯୋଗ ଯୋଗୁ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି।

କେଉଁ ଦୁର୍ଗମ ଅଞ୍ଚଳ ନୁହେଁ, ଭୁବନେଶ୍ୱରକୁ ଆସିଥିବା ହିତାଧିକାରୀମାନେ ମଧ୍ୟ ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ପାଇ ପାରୁ ନ ଥିବା ଜଣାପଡ଼ିଛି। କନ୍ଧମାଳର ରାଶନକାର୍ଡ ହିତାଧିକାରୀ ବାସନ୍ତି ଜାନି କହିଛନ୍ତି, ଆମେ ଗରିବ ଲୋକ। ମଜୁରି ଲାଗିଲେ ଘର ଚଳୁଛି। ସରକାର ଆମକୁ ଚାଉଳ ଗଣ୍ଡେ ଦେଉଛନ୍ତି। ହେଲେ ଗାଁକୁ ଯାଇ ଚାଉଳ ଆଣିଲେ ବହୁତ ଖର୍ଚ୍ଚ କରିବାକୁ ପଡୁଛି। ଏଇଠି ମିଳିଲେ ଭଲ ହୁଅନ୍ତା। ପାଖ ଡିଲର ଆମକୁ ରାଶନ ଦେବାକୁ ମନା କରି ଦେଉଛନ୍ତି। କହୁଛନ୍ତି ତୁମର ଏଠି ନାଁ ନାହିଁ। ଯେଉଁଠି ଅଛି ସେଠୁ ନିଅ। କେବଳ ବାସନ୍ତି ଜାନି ନୁହନ୍ତି, ଭଦ୍ରକର କୁସୁମ ନାୟକ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କଠାରୁ ଏଭଳି ଶୁଣିବା ପରେ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ୱାନ୍ ନେଶନ, ୱାନ ରାଶନ କାର୍ଡ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୩ କୋଟି ୩୩ ଲକ୍ଷ ୨୭ ହଜାର ୨୫୫ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂଚନା ଅନୁଯାୟୀ ସେଥିରୁ ୱାନ୍ ରାଶନ କାର୍ଡ ଯୋଜନାରେ ଏ ପର୍ଯ୍ୟନ୍ତ କେବଳ ୧ ଲକ୍ଷ ୧୦ ହଜାର ପରିବାର ଉପକୃତ ହୋଇଛନ୍ତି।

ଇଣ୍ଟରନେଟ ସୁବିଧା ଥିବା ଅଞ୍ଚଳର ଡିଲରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସରକାରଙ୍କୁ ବଦ୍‌ନାମ ହେବାକୁ ପଡୁଛି। ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ମଧ୍ୟ ୱାନ୍ ନେଶନ, ୱାନ୍ ରାଶନ କାର୍ଡ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଛି। ରାଜ୍ୟରେ ୫୧ ହଜାର ୧୭୬ ଗ୍ରାମ ରହିଛି। କେନ୍ଦ୍ର ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଓଡ଼ିଶାରେ ୬ ହଜାର ୫୯୨ ଗ୍ରାମରେ ଇଣ୍ଟରନେଟ ସୁବିଧା ନ ଥିବାବେଳେ ୪ ହଜାର ୫୪୯ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର , ରାୟଗଡା, ସୁନ୍ଦରଗଡ, ବରଗଡ, ସମ୍ବଲପୁର ଭଳି ଆଦିବାସୀ ବହୁଳ ଜିଲାର ଅନେକ ଭାଗ ଏବେ ବି ଇଣ୍ଟରନେଟ ଉପଲବ୍ଧ ହେଉ ନାହିଁ।

୫-ଜି ଇଣ୍ଟରନେଟ ବ୍ୟବସ୍ଥା ଥିବା ରାଜଧାନୀରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ହିତାଧିକାରୀଙ୍କୁ ମିଳୁ ନ ଥିବାବେଳେ ଦୁର୍ଗମ ଅଞ୍ଚଳରେ ଏହା କିପରି କାର୍ଯ୍ୟକାରୀ ହେଉ ଥିବ ତାହା ବୁଝାପଡୁଛି। ଏଥିରୁ ଡିଜିଟାଲ ଇଣ୍ଡିଆ ଓ ବିକଶିତ ଭାରତ ଭଳି ଧ୍ୱନି ସମ୍ପୂର୍ଣ୍ଣ ଭାବେ ଫମ୍ପା ବୋଲି ଜଣାପଡୁଛି।

ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ରାଜ୍ୟର ସମସ୍ତ ଜିଲାରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ହିତାଧିକାରୀ ଯେଉଁଠି ରହିଲେ ବି ରାଶନ ପାଇ ପାରିବେ। ତେବେ କେତେକ ସ୍ଥାନରେ ଇଣ୍ଟରନେଟ ଅସୁବିଧା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ଯଦି କୌଣସି ଫେୟାର ପ୍ରାଇସ ଶପ୍(ଏଫପିଏସ)ରେ ହିତାଧିକାରୀଙ୍କୁ ଅସହଯୋଗ କରାଯାଉଥିବା ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ହିତାଧିକାରୀଙ୍କ ସଂଖ୍ୟା ବହୁଳ ଥିବା ହେତୁ ତାହା ସମ୍ଭବପର ହେଉ ନାହିଁ।

## ଇ-ଲେକ୍‌ଚର: ଘରେ ବସି ଟ୍ୟୁଟୋରିଆଲ ସୁବିଧା

**ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)**

ଉଚ୍ଚଶିକ୍ଷା ସଂସ୍କାରରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରତି ଛାତ୍ରୀଛାତ୍ରଙ୍କ ଅବଦାନ ବୃଦ୍ଧି ସହ ଶିକ୍ଷାଗ୍ରହଣ କ୍ଷେତ୍ରକୁ ସହଜ ତଥା ସରଳ କରିବାକୁ ଇ-ଲେକ୍ଚର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଘରେ ବସି ଟ୍ୟୁଟୋରିଆଲ ସୁବିଧା ପାଇବା ସହ ସେମିଷ୍ଟର ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ ହୋଇପାରିବେ। ଏହି ଅନ୍‌ଲାଇନ୍ ଶିକ୍ଷାଦାନ ବା ଇ-ଲେକ୍ଚର ବ୍ୟବସ୍ଥାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ କରାଯାଇଛି। ଏଥିନିମନ୍ତେ ବିଶ୍ୱବିଦ୍ୟାଳୟ ଏକ ଭର୍ଚୁଆଲ ଟ୍ୟୁଟୋରିଆଲ ଷ୍ଟୁଡିଓ ପ୍ରସ୍ତୁତ କରିଛି। ଏହି ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ରୁଷା ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଯୋଧ୍ୟା ଓ ଆଡ୍‌ଭାନୀ**

## ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନେବେ ଖାର୍ଗେ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ବ୍ଲକ୍‌ର ଅଧ୍ୟକ୍ଷ ନିଯୁକ୍ତି ପାଇଁ ମେଣ୍ଟ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏକାଧିକ ବୈଠକ ଓ ବିଚାରବିମର୍ଶ ପରେ ବିରୋଧୀ ମେଣ୍ଟର ଅଧ୍ୟକ୍ଷ ପଦ ପାଇଁ ଖାର୍ଗେଙ୍କ ନାମ ଉଠିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ମେଣ୍ଟ ପକ୍ଷରୁ ଘୋଷଣା କରାଯାଇ ନାହିଁ।

ଆସନ ଭାଗବଣ୍ଟା ଏବଂ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଅଂଶଗ୍ରହଣ, ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଓ ମେଣ୍ଟ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଶନିବାର ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜେଡିୟୁ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଇଣ୍ଡିଆ ବ୍ଲକ୍ ଆବାହକ ନିଯୁକ୍ତି ପାଇଁ ନେତାମାନେ ପ୍ରସ୍ତାବ ଦେଇଥିବାବେଳେ ସେ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। କଂଗ୍ରେସର କେହି ଜଣେ ଏହି ଦାୟିତ୍ୱ ନିଅନ୍ତୁ ବୋଲି ସେ କହିଛନ୍ତି। ବୈଠକରେ ଉପସ୍ଥିତ ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା ପରେ ଆବାହକ ପଦବୀ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଖାର୍ଗେଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଗତ ଡିସେମ୍ବରରେ ମମତା ପ୍ରସ୍ତାବ ଦେଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାକୁ ସମର୍ଥନ କରିଥିଲେ।



ମଲ୍ଲିକାର୍ଜୁନ ଖାର୍ଗେ

ଏପ୍ରିଲ-ମେ'ରେ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲକ୍ଷ୍ୟରେ 'ଇଣ୍ଡିଆ' ବ୍ୟାନରରେ ୨୮ଟି ବିରୋଧୀ ଦଳ ଏକାଠି ହୋଇଛନ୍ତି। ଶନିବାର ବୈଠକରେ ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟିର ନେତାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦଳର ପ୍ରତିନିଧି ଯୋଗଦେଇଥିଲେ। ଜାତୀୟ ସ୍ତରରେ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**
ଇଣ୍ଡିଆ ମେଣ୍ଟରେ ଆବାହକ ନିଯୁକ୍ତିକୁ ନେଇ କୌଣସି ବିବାଦ ନାହିଁ। ଆଗାମୀ ଲୋକ ସଭା ନିର୍ବାଚନ ଲାଗି କାହାକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବାର ଆବଶ୍ୟକତା ନାହିଁ। –ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ୍ୟ ଜୀବନ ଏ ଜଗତେ
ଯେ ପ୍ରାଣ ଧରେ ପ୍ରାଣୀ ହିତେ
ଧନ୍ୟ ଜୀବନ ଧନ୍ୟ ତା'ର
ଦୁର୍ଲଭ କର୍ମ ଏ ବେଭାର।**

ସାଧାରଣତଃ ଯେଉଁବ୍ୟକ୍ତିସକଳ ପ୍ରାଣୀରହିତ ସାଧନ କରନ୍ତି ଏବଂ ଦୁର୍ଲଭ କାମ କରନ୍ତି, ସେଭଳି ବ୍ୟକ୍ତି ଅତି ଉତ୍ତମ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଜୀବନ ଧନ୍ୟ ବା ସାର୍ଥକ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଧରିଲା ମାଛ ସାନ
ଯିବା ମାଛ ବଡ଼।**

ସାଧାରଣତଃ ହାତଛଡ଼ା ବା ହଜିଲା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:






ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାତକୋଶିଆରେ ବଢ଼ିଛନ୍ତି କୁମ୍ଭୀର, ପକ୍ଷୀ

**ଅନୁଗୋଳ, ୧୩।୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା ମହାନଦୀ ଗଣ୍ଡରେ ଚଳିତବର୍ଷ କୁମ୍ଭୀର ଓ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୬ରୁ ୯ ଯାଏ ହୋଇଥିବା କୁମ୍ଭୀର ଓ ଗତ ୧୦ ତାରିଖରେ ଶେଷ ହୋଇଥିବା ପକ୍ଷୀ ଗଣନାରୁ ଏହା ସ୍ପଷ୍ଟ ହୋଇଥିବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବନଖଣ୍ଡ ଅଧିକାରୀ କହିଛନ୍ତି, ଚଳିତବର୍ଷ ଟିକରପଡ଼ା ମହାନଦୀ ଗଣ୍ଡରେ ୯୦ ମଗର କୁମ୍ଭୀରଙ୍କୁ ଠାବ କରାଯାଇଛି। ୧୪ଟି ଘଡିଆଳ କୁମ୍ଭୀର ମଧ୍ୟ ଗଣ୍ଡରେ ରହିଥିବା ଜଣାପଡ଼ିଛି। ଏହି ସଂଖ୍ୟା ଗତବର୍ଷ ଅପେକ୍ଷା ଅଧିକ। ଗତବର୍ଷ ମଗରଙ୍କ ସଂଖ୍ୟା ୮୫ ଥିବାବେଳେ ଚଳିତବର୍ଷ ଏହା ୯୦ ହୋଇଛି। ସେହିପରି ଗତବର୍ଷ ୭ଟି ଘଡ଼ିଆଳ ରହିଥିବାବେଳେ ଚଳିତବର୍ଷ ଏମାନଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। ବିଦେଶାଗତ ପକ୍ଷୀଙ୍କ ସଂଖ୍ୟାରେ ମଧ୍ୟ ଚଳିତବର୍ଷ ବୃଦ୍ଧି ପରିଲକ୍ଷିତ ହୋଇଛି। ଏବର୍ଷ ୮୧ ପ୍ରଜାତିର ୩ ହଜାର ୩୩୦ ପକ୍ଷୀ ସାତକୋଶିଆ ଆସିଛନ୍ତି। ସୂଚନାଯୋଗ୍ୟ, ମହାନଦୀର ୧୪ଟି ସେକ୍ଟରରେ ୧୪ଟି ଟିମ୍ ଓ ମହାନଦୀ ବାହାରେ ୩ଟି ଟିମ୍ ଗଣନାରେ ସାମିଲ ହୋଇଥିଲେ। ସମସ୍ତ ରିପୋର୍ଟ ମିଳିବା ପରେ ସାତକୋଶିଆରେ କୁମ୍ଭୀର ଓ ପକ୍ଷୀ ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି।


ସାତକୋଶିଆ ମହାନଦୀ ଗଣ୍ଡରେ ବିଦେଶାଗତ ପକ୍ଷୀ।

**ପ୍ରଥମ ପୃଷ୍ଠାରୁ...**

## ଇ-ଲେକ୍‌ଚର: ଘରେ ...

'ଇ-ଲେକ୍ଚର' କାର୍ଯ୍ୟକ୍ରମକୁ ନିଜ ଶିକ୍ଷାନୁଷ୍ଠାନରେ ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। 'ଇ-ଲେକ୍ଚର' ବ୍ୟବସ୍ଥାରେ କଲେଜ ଓ ବିଶ୍ୱବିଦ୍ୟାଳୟର ୧୧ଟି ବିଭାଗ ସ୍ଥାନ ପାଇଛି। https://vtputkal.odisha.gov.in ୱେବ୍‌ସାଇଟ୍‌ରେ ସବୁ ତଥ୍ୟ ଉପଲବ୍ଧ କରାଯାଇଛି। ଏହି ଲିଙ୍କ୍‌ରେ କ୍ଲିକ୍ କଲେ ୪ଟି ସେମିଷ୍ଟରର କୋର୍ସ ପଢ଼ି ହେବ। ଫିଜିକ୍ସ, କେମିଷ୍ଟ୍ରି, ଜୁଲୋଜି, ବଟାନି, ପଲିଟିକାଲ ସାଇନ୍ସ, ଓଡ଼ିଆ, ଇତିହାସ, ଇଂଲିଶ, ସାଇକୋଲୋଜି, ବାଣିଜ୍ୟ ଓ ଇକୋନୋମିକ୍ସ ଆଦି ପାଠ୍ୟକ୍ରମ ଏହି ପୋର୍ଟାଲରେ ଅପଲୋଡ୍ କରାଯାଇଛି। ଏହି ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଶିକ୍ଷା ଗ୍ରହଣର ସୁବିଧା ନେବାକୁ ଯେପରି ଅଧିକରୁ ଅଧିକ ଛାତ୍ରୀଛାତ୍ର ଯୋଡିହେବେ ସେଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ଉଚ୍ଚଶିକ୍ଷା ବିଭାଗ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ଆମକୁ ଡିଜିଟାଲ କ୍ଷେତ୍ରରେ ଯିବାକୁ ହେବ। ତେଣୁ ଇ-ଲେକ୍ଚର ବ୍ୟବସ୍ଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ପୂର୍ବରୁ ହୋଇଥିଲା। କିନ୍ତୁ ବର୍ତ୍ତମାନ ବିଭିନ୍ନ ବିଷୟବସ୍ତୁକୁ ଅପ୍‌ଲୋଡ୍ କରାଯାଇଛି, ଯାହାକି ଉଭୟ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଉପକୃତ ହେବେ। ଆମ ପାଖରେ ମ୍ୟାଟେରିଆଲ୍ସ କମ୍ ଥାଏ। ତେଣୁ ପାଠପଢ଼ୁଆ ପିଲାମାନେ ସହଜରେ ଏହାର ସୁଯୋଗ ନେଇପାରିବେ ଏବଂ ଶୀଘ୍ର ମଧ୍ୟ ଗ୍ରହଣ କରିପାରିବେ। କାରଣ ଆଜିକାଲି ପିଲାମାନେ ଡିଜିଟାଲ ଓରିଏଣ୍ଟେଡ୍ ହୋଇଯାଇଛନ୍ତି। ସେହିପରି ଅଧ୍ୟାପକମାନେ ମଧ୍ୟ ବିଶେଷଜ୍ଞଙ୍କ ଭିଡିଓ ଦେଖି ତାକୁ କ୍ଲାସ୍‌ରୁମ୍‌ରେ ବିନିଯୋଗ କରିପାରିବେ। ସୂଚନାଯୋଗ୍ୟ, ଏହି ଇ-ଲେକ୍ଚର ବ୍ୟବସ୍ଥା ପାଇଁ ନ୍ୟାଶନାଲ ଇନ୍‌ଫର୍ମମେଟିକ୍ସ ସେଣ୍ଟର(ଏନ୍‌ଆଇସି) ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିଥିଲା। ଏହାକୁ ୨୦୨୧ ଜୁଲାଇ ୮ରେ ଉଚ୍ଚଶିକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାର ବିକାଶ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନେଇଥିଲା।

## ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ...

ଏକାଠି ରହିବାକୁ ସୁନିଶ୍ଚିତ କରିବା ଉପରେ ଅଧିକାଂଶ ନେତା ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍ତରରେ ରହିଥିବା ମତଭେଦକୁ ମେଣ୍ଟରେ ବାଧକ ହେବାକୁ ଦିଆ ନ ଯାଉ ବୋଲି ସେମାନେ କହିଥିଲେ। ଶନିବାର ଅନ୍‌ଲାଇନରେ ବୈଠକ ହୋଇଥିଲେ ମଧ୍ୟ ଆଲୋଚନା ଫଳପ୍ରଦ ହୋଇଥିବା କୁହାଯାଇଛି। ଆସନ ବୁଝାମଣାକୁ ନେଇ ଆଲୋଚନାରେ ଅଗ୍ରଗତି ଘଟିଥିବାରୁ ସବୁ ନେତା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ମେଣ୍ଟର ମିଳିତ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# କଠିନ ପରିଶ୍ରମର ବିକଳ୍ପ ନାହିଁ: ପାଣ୍ଡିଆନ

**ଭୁବନେଶ୍ୱର, ୧୩।୧ (ଅନିଲ ଦାସ)**

ସମ୍ବଲପୁରର ଗଙ୍ଗାଧର ମେହେର(ଜିଏମ୍) କଲେଜରୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହୋଇପାରିଛନ୍ତି ସମ୍ବଲପୁରର ଲୋକ। ସରକାରୀ କଲେଜରେ ପାଠପଢ଼ି ଏତେ ବଡ଼ ପଦବୀକୁ ଯାଇପାରିଛନ୍ତି ପ୍ରମୋଦ କୁମାର ମିଶ୍ର। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସରକାରୀ କଲେଜରୁ ପାଠପଢ଼ି ସେ ଆଜି ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିଛନ୍ତି। ଶୀର୍ଷରେ ପହଞ୍ଚି ମଧ୍ୟ ସେ ପରିଶ୍ରମ କେବେ ବନ୍ଦ କରିନାହାନ୍ତି ବୋଲି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସମ୍ବଲପୁର ମନ୍ଦଲିଆଠାରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ ବୋଲି ପିଲାଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ଓ ଜର୍ମାନୀରେ ବୈଜ୍ଞାନିକ ଥିବା ପଶ୍ଚିମ ଓଡ଼ିଶାର ପୁଅ ଶେଷ କିଶାନଙ୍କ ଉଦାହରଣ ଦେଇଛନ୍ତି। କିଛିଦିନ ତଳେ ଏକ ରବିବାରରେ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ଫୋନ୍ କରିଥିଲେ। ରବିବାରରେ ଫୋନ୍ କରିଥିବାରୁ କଥା ଆରମ୍ଭରୁ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ସୌଜନ୍ୟତା ଦୃଷ୍ଟିରୁ କ୍ଷମା ମାଗିଥିଲେ। କିନ୍ତୁ ପ୍ରମୋଦ ମିଶ୍ର କହିଥିଲେ, ସେ ଅଫିସ୍‌ରେ ଅଛନ୍ତି। ସଫଳତାର ଶୀର୍ଷରେ ପହଞ୍ଚିଥିବା ଜଣେ ବ୍ୟକ୍ତି ରବିବାରରେ ମଧ୍ୟ ଅଫିସ୍‌ରେ କାମ କରୁଛନ୍ତି। ଏହା ହିଁ କଠିନ ପରିଶ୍ରମ ବୋଲି ପାଣ୍ଡିଆନ ଉଦାହରଣ ଦେଇଛନ୍ତି।

କଠିନ ପରିଶ୍ରମ କରୁଥିବାରୁ ସେ ଯେକୌଣସି ବିଷୟରେ ଅନର୍ଗଳ ତଥ୍ୟଭିତ୍ତିକ ମନ୍ତବ୍ୟ ରଖିପାରୁଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ନିଜେ ପାଣ୍ଡିଆନ ଆଇଏଏସ୍ ଟ୍ରେନିଂ ନେବାବେଳେ ପ୍ରମୋଦ ମିଶ୍ର କେନ୍ଦ୍ର କୃଷି ସଚିବ ଥିଲେ ଏବଂ ଆଉ ଟ୍ରେନିଂ କ୍ଲାସ ନେଉଥିଲେ। କୃଷି ସମ୍ପର୍କରେ ଯେଉଁଭଳି ବକ୍ତବ୍ୟ ରଖିଥିଲେ ସେଥିରେ ସନ୍ଦେହ ହୋଇଥିଲା ଯେ, ସେ କୃଷିପାଠ ପଢ଼ି ଆସିଛନ୍ତି। ସେହିଭଳି ବିପର୍ଯ୍ୟୟ ପରିଚାଳନା ବୈଠକରେ ତାଙ୍କ ବକ୍ତବ୍ୟ ଶୁଣି ଲାଗିଥିଲା ଯେ, ସେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିଛନ୍ତି। ଏ ସବୁ କଠିନ ପରିଶ୍ରମର ଫଳ ବୋଲି ପିଲାଙ୍କୁ ପାଣ୍ଡିଆନ କହିଛନ୍ତି। ସେହିଭଳି ପାଣ୍ଡିଆନ ପଶ୍ଚିମ ଓଡ଼ିଶାର ଆଉ ଜଣେ ଉଜ୍ଜ୍ୱଳ ତାରକା ଶେଷ କିଶାନଙ୍କ ଉଦାହରଣ ଦେଇଥିଲେ। ପିଲାବେଳୁ ଶେଷ କିଶାନ ମା' ବାପା ଛେଉଣ୍ଡ ହୋଇଥିଲେ। ଗାଁ ସ୍କୁଲରେ ପାଠ ପଢୁଥିଲେ। ପେଟ ପୋଷିବା ଲାଗି ନିଜେ କାମ ମଧ୍ୟ କରୁଥିଲେ। କଠିନ ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଅଧ୍ୟବସାୟ ବଳରେ ସେ ଭୁବନେଶ୍ୱର ନାଇଜରରେ ପଢ଼ିଲେ ଏବଂ ଗୋଲ୍ଡ ମେଡାଲିଷ୍ଟ ମଧ୍ୟ ହେଲେ। ପରବର୍ତ୍ତୀ ସମୟରେ ସେ ଜର୍ମାନୀରେ ବୈଜ୍ଞାନିକ ହୋଇପାରିଲେ। ଏବେ ସେ ଓଡ଼ିଶାରେ ଫାର୍ମା କମ୍ପାନୀ ଖୋଲି ବହୁ ଲୋକଙ୍କୁ ନିଯୁକ୍ତି ଦେବାକୁ ଚାହୁଁଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ ଉଦାହରଣ ଦେଇ ନିଜ ଭବିଷ୍ୟତ ଗଢ଼ିବାର ଟିପ୍ସ ଦେଇଥିଲେ। ସେହିଭଳି ସୋସିଆଲ ମିଡିଆରେ ଅଧିକ ସମୟ ଦେଲେ ନିଜର ପାଠ ମନେ ରଖିବାର ଦକ୍ଷତା ହ୍ରାସପାଇବ ବୋଲି ପାଣ୍ଡିଆନ କହିଛନ୍ତି। ଆତ୍ମବିଶ୍ୱାସର ସହ ଦୈନିକ ୧୪ଘଣ୍ଟା ପରିଶ୍ରମ କଲେ ସଫଳତା ହାତମୁଠାକୁ ଆପଣା ଛାଏଁ ଆସିବ। ନିଜେ ଏକଥାକୁ ସେ ଅଙ୍ଗେ ନିଭାଇଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ କହିଛନ୍ତି। ନିଜ ଅନୁଭୂତିରୁ ଏକ ୬ ସୂତ୍ରୀ ସଫଳତାର ମାର୍ଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଲାଗି ମୁଖ୍ୟମନ୍ତ୍ରୀ କାହିଁକି ନୂଆ-ଓ କାର୍ଯ୍ୟକ୍ରମ କରିଛନ୍ତି ତାହା ସେ କହିଛନ୍ତି। ଛାତ୍ରୀଛାତ୍ର ଏବେ ସେମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚରେ ଅଛନ୍ତି। ସେମାନଙ୍କ ଲାଗି ଏଇ ୫ ବର୍ଷ ଅତି ଗୁରୁତ୍ୱପୂର୍ଣ୍ଣ। ୫ ବର୍ଷ ଖଟିଲେ ଆଗାମୀ ୫୦ବର୍ଷ ଖୁସିରେ କଟାଇବେ ବୋଲି ପାଣ୍ଡିଆନ କହିଛନ୍ତି। ଜୀବନରେ ସଫଳତା ହାସଲ କରିବାକୁ ହେଲେ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ କରିବାକୁ ପଡ଼ିବ। ନିଜ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। ଯାହା ବି ଅନ୍ତର୍ନିହିତ ପ୍ରତିଭା ଅଛି ତାକୁ ବୃଦ୍ଧି କରିବାକୁ ସୁଯୋଗ ଦେବାକୁ ପଡ଼ିବ। ଜୀବନରେ ବହୁତ ବଡ଼ ସଫଳତା ପାଇବାକୁ ହେଲେ ବ୍ୟକ୍ତିତ୍ୱର ବିକାଶ ନିହାତି ଆବଶ୍ୟକ। ଏହାକୁ ଆଖିରେ ରଖି ଏହି ନୂଆ-ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି। କୌଣସି ପ୍ରତିଯୋଗିତାରେ ଜିତିବା ତୁଳନାରେ ଅଂଶଗ୍ରହଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତାରେ ଜିତିଲେ ଖୁସି ମିଳିବ, ହେଲେ ଅଂଶଗ୍ରହଣ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବ ବୋଲି ପାଣ୍ଡିଆନ କହିଛନ୍ତି। ମନ୍ଦଲିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପାଣ୍ଡିଆନଙ୍କୁ ଦେଖିବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ଥିବା ଦେଖାଯାଇଛି। ତାଙ୍କ ସହ ହାତ ମିଳାଇବା ଓ ସେଲ୍ଫି ନେବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳିଛି।

**ସମ୍ବଲପୁର ମନ୍ଦଲିଆରେ ନୂଆ-ଓ କାର୍ଯ୍ୟକ୍ରମ**

- ସରକାରୀ କଲେଜରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ
- ଗାଁରୁ ଯାଇ ଜର୍ମାନୀରେ ବୈଜ୍ଞାନିକ
- ପ୍ରତିଯୋଗିତାରେ ବିଜୟ ନୁହେଁ, ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ

## ସମଲେଇ ପ୍ରକଳ୍ପର ସମୀକ୍ଷା କଲେ


୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଅନ୍ୟମାନେ ସମଲେଇ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ସମ୍ବଲପୁର, ୧୩।୧ (ପ୍ରମୋଦ ବହିଦାର)**

୫-ଟିଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ସକାଳେ ସମଲେଇ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ସମଲେଶ୍ୱରୀଙ୍କ ପୀଠରେ ସେ ପ୍ରଥମେ ମା'ଙ୍କ ଦର୍ଶନ ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ, ଆଇଜି ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ବେଦ ଭୂଷଣ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଆଇଟି ସଚିବ ମନୋଜ ମିଶ୍ର, ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଜେ.କେ. ଦାଶଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମଲେଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହାବାଦ ନିର୍ମାଣାଧୀନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ।

# ଭକ୍ତ, ଭଗବାନଙ୍କ ସେବାରେ ଆତ୍ମସନ୍ତୋଷ: ଧର୍ମେନ୍ଦ୍ର

**ଅନୁଗୋଳ, ୧୩।୧ (ଅମିତ କୁମାର ସାମଲ)**

ଭକ୍ତ ଓ ଭଗବାନଙ୍କ ସେବାରେ ହିଁ ଆତ୍ମସନ୍ତୋଷ ମିଳେ। ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଅନୁଗୋଳ ଜିଲା ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସଫେଇ କାର୍ଯ୍ୟରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର କୋଣ ଅନୁକୋଣରେ ଜନସାଧାରଣ ଶ୍ରୀରାମଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସାହିତ ଅଛନ୍ତି। ଏହା ଦେଶ ପାଇଁ ଏକ ମହାନ ଅବସର। ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଆହୁରି ଭବ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ଶ୍ରମଦାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ରବିବାରଠାରୁ ଆଖପାଖ ମନ୍ଦିର ଓ ତୀର୍ଥସ୍ଥଳୀକୁ ପବିତ୍ର ରଖିବା ପାଇଁ ସମସ୍ତେ ଶ୍ରମଦାନ କରିବା। ସେହିପରି ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ ଦୀପ ଜାଳି ଦିନଟିକୁ ଦୀପାବଳି ଉତ୍ସବ ଭାବରେ ପାଳନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲୋକମାନଙ୍କୁ ନିବେଦନ କରିଛନ୍ତି।


ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେବାରୁ ମନ ଭଲ ରହି ନ ପାରେ। ପରିବାର ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, ବନ୍ଧୁ ସମ୍ପର୍କ, ଯାତ୍ରା ଓ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ।

**ବୃଷ** – ସକାଳୁ ସକାଳୁ ଦୀର୍ଘଦିନରୁ ଆଶା କରିଥିବା କାମଟି ଆଜି ହୋଇଯିବ। ଯାତ୍ରା କାଳରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସଂପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଖୁସି ହୋଇପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ବିବାଦୀୟ ବିଷୟ ନେଇ ଅନ୍ୟମନସ୍କ ରହିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କିନ୍ତୁ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ** – ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ବ୍ୟବସାୟରୁ ଲାଭବାନ ହେବେ ଓ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାମ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** – ନିଜର ଅବହେଳା ଓ ଅଳସୁଆମି ଯୋଗୁ କେତେକ କାମ ଅଧୁରା ରହିଯାଇପାରେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଶୀଘ୍ର ଶେଷ କରିବାକୁ ମନସ୍ଥ କରିବେ। ବୃଦ୍ଧ ପିତାଙ୍କ ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ପର୍କୀୟ କଥା ସମ୍ପର୍କରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** – ଆଜି ଅଟକି ରହିଥିବା କାମଗୁଡ଼ିକୁ ଶୀଘ୍ର ଶେଷ କରିଦେବା ପାଇଁ ଚେଷ୍ଟା କରିବେ। ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

**ତୁଳା** – ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାଜନିତ ଟେନ୍‌ସନ ଲାଗିରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ ଉଚ୍ଚସ୍ତରରୁ ସମ୍ମାନିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। ନିକଟ ସମ୍ପର୍କୀୟଙ୍କ କାମରେ ଅସନ୍ତୁଷ୍ଟ ରହିବେ।

**ବିଛା** – ଆଜିର କାମରେ ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ଧନୁ** – ସଭା ସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍‌ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ମାତୁଳାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ପ୍ରତିଯୋଗିତାରେ ସଫଳତା ପାଇ ପ୍ରଶଂସିତ ହୋଇପାରନ୍ତି।

**ମକର** – ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ, ମାଙ୍ଗଳିକ କାର୍ଯ୍ୟ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ। ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ବୃଥାରେ ସମୟ ଅପଚୟ କରିପାରନ୍ତି। ନିଜର କଥା ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ଅପ୍ରିୟ ଭାଜନ ହେବାକୁ ପଡ଼ିପାରେ।

**କୁମ୍ଭ** – ଆଜି ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ପାରିବାରିକ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** – ଆଜି ପରିବାର କଥାନେଇ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ଆତ୍ମୀୟତା ଭିତ୍ତିରେ କାମ କରି ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୪ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦।୨୨ ଗତେ, ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ.୦୬।୨୭ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୧୭ ଗତେ ଘ.୦୧।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୧ ମି. ଗତେ ଘ.୦୫।୨୩ ମି. ମଧ୍ୟେ ରାହୁକାଳ।

# ଏଆଇ ଦେବ ପାଣିପାଗ ସୂଚନା

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ପାଗ ସମ୍ପର୍କିତ ସମ୍ପୂର୍ଣ୍ଣ ଠିକ୍ ପୂର୍ବାନୁମାନ ମଡେଲ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ହ୍ୱରିତ୍ ସୁପର କମ୍ପ୍ୟୁଟରର ଉପଯୋଗ ନେଇ ଯୋଜନା କରୁଛି। ଆଇଏମ୍‌ଡିର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର ଏକ ସାକ୍ଷାତ୍‌କାରରେ ଏହା କହିଛନ୍ତି। କାଳବୈଶାଖୀ ସୃଷ୍ଟି ଏବଂ ପ୍ରବଳ ମୌସୁମୀ ବର୍ଷା ପଛର ବାସ୍ତବ ପ୍ରକ୍ରିୟାକୁ ଭଲଭାବେ ବୁଝିବା ପାଇଁ ପାଣିପାଗ କାର୍ଯ୍ୟାଳୟ ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ପରୀକ୍ଷା କ୍ଷେତ୍ର ସ୍ଥାପନ କରିଛି। ପାଣିପାଗ ପୂର୍ବାନୁମାନରେ ଉନ୍ନତି ଆଣିବାରେ ଏହା ସହାୟକ ହୋଇପାରିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ଆଇଏମ୍‌ଡି ସୋମବାର 'ପଞ୍ଚାୟତ ପାଣିପାଗ ସେବା' ଶୁଭାରମ୍ଭ କରିବା ସହ ଏହାର ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ ଆରମ୍ଭ କରିବ। ପ୍ରତି ଗାଁର ଚାଷୀଙ୍କ ପାଖରେ ପାଣିପାଗ ପୂର୍ବାନୁମାନ ପହଞ୍ଚାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ମୁଖ୍ୟ ଜଳବାୟୁ ସୂଚନା ସମ୍ପର୍କିତ ଜାତୀୟ ଜଳବାୟୁ ସେବା ଫ୍ରେମ୍‌ୱର୍କ ସ୍ଥାପନ ଏହାର ଲକ୍ଷ୍ୟ।



ମୃତ୍ୟୁଞ୍ଜୟ ମହାପାତ୍ର

ଊନବିଂଶ ଶତାବ୍ଦୀ ଶେଷ ଭାଗରେ କୋଲକାତା ବନ୍ଦରରେ ବାତ୍ୟା ସତର୍କତା ଜାରି ହେଉଥିଲା। ଏବେ ପ୍ରତ୍ୟେକ ୟୁଜରଙ୍କ ମୋବାଇଲ ଫୋନ୍‌ରେ ସତର୍କ ସୂଚନା ପହଞ୍ଚୁଛି। ଭାରତୀୟ ପାଣିପାଗ ବିଭାଗ ଇତିମଧ୍ୟରେ ବହୁ ପଥ ଅତିକ୍ରମ କରିଛି। ପୂର୍ବାନୁମାନ ସାମର୍ଥ୍ୟ ବଢ଼ାଇବା ପାଇଁ ଏଆଇ ଏବଂ ମେଶିନ୍ ଲର୍ନିଂ (ଏମ୍‌ଏଲ୍)ର ସଦ୍ୟତମ ଅଗ୍ରଗତିକୁ ବ୍ୟବହାର କରିବା ପାଇଁ ଯୋଜନା ହେଉଛି। ପାଣିପାଗ ବିଭାଗ ଏଆଇ-ଏମ୍‌ଏଲ୍ ଉପରେ ଏକ ବିଶେଷଜ୍ଞ ଗ୍ରୁପ୍ ଗଠନ କରିଥିବାବେଳେ ପୂର୍ବାନୁମାନ ସଠିକତାରେ ଉନ୍ନତି ଆଣିବାରେ ବ୍ୟବହୃତ ହେବା ଭଳି ଉପକରଣର ମିଳିତ ବିକାଶ ପାଇଁ ଏନ୍‌ଆଇଟି, ଆଇଆଇଟି, ଆଇଆଇଆଇଟି, ଶିକ୍ଷାବିତ୍ ଏବଂ ଗବେଷଣା ଓ ବିକାଶ ସଂସ୍ଥାର ସହଯୋଗ ନିଆଯାଇଥିବା ମୃତ୍ୟୁଞ୍ଜୟ କହିଛନ୍ତି। ନାଓକାଷ୍ଟ ଏକ ଭଲ କ୍ଷେତ୍ର ହୋଇପାରିବ, ଯେଉଁଠି ପାଣିପାଗ ପୂର୍ବାନୁମାନ ଓ ନିଷ୍ପତ୍ତି ନେବାରେ ଉନ୍ନତି ଆଣିବାରେ ଏଆଇ/ଏମ୍‌ଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିପାରିବ ବୋଲି ଆଇଏମ୍‌ଡି ଏମ୍‌ଡି କହିଛନ୍ତି। ଏହା ବ୍ୟତୀତ ପାଣିପାଗ କାର୍ଯ୍ୟାଳୟ ସାଂଖ୍ୟିକ ମଡେଲିଂ ସାମର୍ଥ୍ୟରେ ଉନ୍ନତି ଲାଗି ଉଚ୍ଚ ପ୍ରଦର୍ଶନକାରୀ କମ୍ପ୍ୟୁଟିଂ ସିଷ୍ଟମ୍‌ର ଉନ୍ନତି କରିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ହାଇପର୍ଫମାନ୍ସ କମ୍ପ୍ୟୁଟିଂ ସିଷ୍ଟମ୍ କିଣିବା ପ୍ରକ୍ରିୟାରେ ରହିଛି। ଫଳରେ ପାଣିପାଗ କାର୍ଯ୍ୟାଳୟର ସାମର୍ଥ୍ୟ ୧୦ ପେଟାଫ୍ଲପ୍‌ରୁ ୩୦ ପେଟାଫ୍ଲପ୍‌କୁ ବୃଦ୍ଧି ପାଇବ। ଏହାଦ୍ୱାରା ସାଂଖ୍ୟିକ ମଡେଲ୍ କାର୍ଯ୍ୟସମୟ, ପ୍ରକ୍ରିୟା ପରବର୍ତ୍ତୀ ଡେଟା ସୃଷ୍ଟିରେ ଉନ୍ନତି ଘଟିବ। ହ୍ୱରିତ୍ ସୁପର କମ୍ପ୍ୟୁଟର ନିର୍ଦ୍ଦିଷ୍ଟ ସେକ୍ଟର ଏବଂ ସ୍ଥାନ ସମ୍ପର୍କରେ ସୂଚନା ସୃଷ୍ଟି କରିପାରିବ। ବର୍ତ୍ତମାନ ଆଇଏମ୍‌ଡିର ପାଣିପାଗ ମଡେଲିଂ ସିଷ୍ଟମର ରିଜୋଲ୍ୟୁଶନ ୧୨ କିଲୋମିଟର ରହିଥିବାବେଳେ ଏହାକୁ ୬ କିଲୋମିଟରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଞ୍ଚଳିକ ମଡେଲିଂ ସିଷ୍ଟମକୁ ୩ କିଲୋମିଟରରୁ ୧ କିଲୋମିଟରକୁ ଉନ୍ନୀତ କରାଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।




# ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

**୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ**

- ଦ୍ୱିତୀୟ ଦିବସରେ ୬ ଜିଲ୍ଲାର ୩୨୭ ସ୍କୁଲ ଲୋକାର୍ପିତ
- ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍



ଭୁବନେଶ୍ୱର, ୧୩।୧ (ଅନିଲ ଦାସ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲ୍ଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲ୍ଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ନୀଳଗିରିରୁ ଗଡ଼ିଲା ମେମୁ ଟ୍ରେନ୍



ଟ୍ରେନ୍ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

ବାଲେଶ୍ୱର (ମାନସ ବିଶ୍ୱାଳ)/ ନୀଳଗିରି (ପ୍ରଶାନ୍ତ ବିଶ୍ୱାଳ)/ ରେମୁଣା (ରବୀନ୍ଦ୍ର ମହାକୁଡ଼), ୧୩।୧

ବାଲେଶ୍ୱର ଜିଲ୍ଲା ନୀଳଗିରିସ୍ଥିତ ଗୋପୀନାଥପୁରରେ ନବ ନିର୍ମିତ ରେଳ ଷ୍ଟେଶନ ଶନିବାର ଲୋକାର୍ପିତ ହେବା ସହ ନୀଳଗିରିରୁ ବାଲେଶ୍ୱରକୁ ମେମୁ ଟ୍ରେନ୍ ଚଳାଚଳ କରିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭାରମ୍ଭ କରିଛନ୍ତି। ନୀଳଗିରିରୁ ବାଲେଶ୍ୱର ୧୭ କି.ମି.ରାସ୍ତାକୁ ମାତ୍ର ୧୦ଟଙ୍କା ଭଡ଼ା ରଖାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

ଆୟୋଜିତ ସଭାରେ ରେଳ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ନୀଳଗିରିରୁ ବେତନଟୀକୁ ରେଳ ଲାଇନ୍ ସଂଯୋଗ କରାଯିବ। ଏନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହିତ ବିଧାୟକ ସୁକାନ୍ତ ନାୟକଙ୍କ ଅନୁରୋଧ କ୍ରମେ ଖନ୍ତାପଡ଼ାଠାରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ପାଇଁ ରେଳମନ୍ତ୍ରୀ ସବୁଜ ସଂକେତ ଦେଇଛନ୍ତି। ସଭାରେ ଉପସ୍ଥିତ ଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ମେମୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ପୂର୍ବ ରେଳଓ୍ୱେ ଡିଆର୍‌ଏମ୍ କେ. ଆର. ଚୌଧୁରୀ, ଖଡଗପୁର ଡିଭିଜନର ଜେନେରାଲ ମ୍ୟାନେଜର ଅନିଲ ମିଶ୍ରଙ୍କ ସହିତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ପରେ ରେଳମନ୍ତ୍ରୀ ବୈଷ୍ଣବ ନୀଳଗିରି ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ମନ୍ଦିର ବେଢ଼ାରେ ସମସ୍ତଙ୍କ ବସି ପ୍ରସାଦ ସେବନ କରିଥିଲେ।

ପୂର୍ବାହ୍ନରେ ରେଳମନ୍ତ୍ରୀ ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଯାଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ଯାତ୍ରୀ ନିବାସର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏଥିପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ସମୟରେ ସେ ଗୋପୀନାଥ ମନ୍ଦିର ସାମ୍ନାରେ ଥିବା ଏକ ଚା ଦୋକାନରେ ଲୋକଙ୍କ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନିଜେ ସେଠାରୁ ଚା ପିଇବା ସହ ଦୋକାନୀଙ୍କୁ ଡିଜିଟାଲ ପେମେଣ୍ଟ କରିଥିଲେ।

# ବଗିକୁ ଛାଡ଼ି ଚାଲିଗଲା ଇଞ୍ଜିନ

ଗୁଣପୁର, ୧୩।୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲ୍ଲା ଗୁଣପୁର ଷ୍ଟେଶନଠାରୁ କିଛି ଦୂର କପିଳପୁର ନିକଟରେ ଶନିବାର ଅପରାହ୍ନ ୪ଟା ୧୦ରେ ଗୁଣପୁର-ବିଶାଖାପାଟଣା ଟ୍ରେନ୍‌ର ଇଞ୍ଜିନ ବଗିକୁ ଛାଡ଼ି ଅଳ୍ପ ଦୂର ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ଲୋକୋ ପାଇଲଟଙ୍କୁ ଜଣାଇବା ପରେ ସେ ଇଞ୍ଜିନ ଅଟକାଇଥିଲେ। ବଗି ସହ ଇଞ୍ଜିନ ସଂଯୋଗ ହେବା ପରେ ଅପରାହ୍ନ ୪ଟା ୨୫ରେ ଟ୍ରେନ୍ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲା। ସୂଚନାଯୋଗ୍ୟ, ଗୁଣପୁରଠାରୁ ଟ୍ରେନ୍ ଅପରାହ୍ନ ୧ଟା ୫୫ରେ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥାଏ। ହେଲେ ଗୁଣପୁର ନୌପଡା ମଧ୍ୟରେ ଗୋଟିଏ ଲାଇନ ରହିଥିବାରୁ ଟ୍ରେନ୍ ଚଳାଚଳ ବିଳମ୍ବ ହେଉଛି। ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ ବିଳମ୍ବରେ ଆସୁଥିବାରୁ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ ବିଳମ୍ବରେ ଗୁଣପୁର-ବିଶାଖାପାଟଣା ଟ୍ରେନ୍‌ଯାତ୍ରା କରିଥିଲା।



ଗୁଣପୁର-ବିଶାଖାପାଟଣା ଟ୍ରେନ୍ ଇଞ୍ଜିନ ବଗିଠାରୁ ଅଲଗା ହୋଇଯାଇଛି।










# ଅଯୋଧ୍ୟା ଓ ଆଡ୍‌ଭାନୀ



ଆକାର ପଟେଲ

ଅଯୋଧ୍ୟାରେ ମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଏହା ଇତିହାସର ଏମିତି ଏକ ଅଧ୍ୟାୟକୁ ଲୁଚାଇ ରଖୁଛି, ଯାହାକୁ ଅନେକ ଯୁବକ ଜାଣିପାରିବେ ନାହିଁ। କିନ୍ତୁ ଆମେ ଯେତିକ ରହିଲେ ତାହା ଜାଣିଛୁ ଓ ଅନୁଭବ କରିଛୁ। ୪ ଦଶନ୍ଧି ଧରି ମାନ୍ଦା ରହିବା ପରେ ଭାଜପାକୁ ଶକ୍ତି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସହ ଏହି ଇତିହାସ ଜଡ଼ିତ। ବିରୋଧୀ ଜନତା ପାର୍ଟିରେ ମିଶିବା ପୂର୍ବରୁ ଶେଷ ସାଧାରଣ ନିର୍ବାଚନରେ ବାଜପେୟୀଙ୍କ ନେତୃତ୍ୱାଧୀନ ଜନସଂଘ ଅନ୍ୟ ଦୁଇଟି ଦଳ ସହ ମିଳିତ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରି ୨୨ ଆସନ ଜିତିଥିଲା। ପୂର୍ବ ୪ଟି ସାଧାରଣ ନିର୍ବାଚନରେ ଏହା ୩, ୪, ୧୪ ଏବଂ ୩୫ଟି ଆସନ ଜିତିଥିଲା ଏବଂ କୌଣସିଟିରେ ଜାତୀୟ ସ୍ତରରେ ୯%ରୁ ଅଧିକ ଭୋଟ ପାଇପାରି ନ ଥିଲା। ଏହାର ଇତିହାସରେ ଦଳ ନିଜେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶେଷ ବିଧାନସଭା ନିର୍ବାଚନକୁ ବର୍ଣ୍ଣନା କରିଛି। ଉଲ୍ଲେଖ କରିଛି ଯେ, ୧୯୭୨ ବିଧାନସଭା ନିର୍ବାଚନରେ (ଭାରତର ବିଭିନ୍ନ ରାଜ୍ୟ ପାଇଁ) ଜନସଂଘ ଭାଗ ନେଇଥିଲା। ୧୨୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ମୋଟ ୮% ଭୋଟ ପାଇ ମାତ୍ର ୧୦୪ଟି ଆସନରେ ଏହା ବିଜୟୀ ହୋଇଥିଲା। ପ୍ରାୟ ସମସ୍ତ ରାଜ୍ୟରେ ଏହା ବିପୁଳ କ୍ଷତି ସହିଥିଲା...., ବୋଲି ଦର୍ଶାଇଛି। ପାର୍ଟି ଏକ ସ୍ତରରେ ପହଞ୍ଚିବା ପରେ ୧୯୮୪ ସାଧାରଣ ନିର୍ବାଚନରେ ଲଢ଼ି ୭% ଭୋଟ ପାଇ ୨ଟି ଲୋକ ସଭା ଆସନ ଜିତିଥିଲା। ୧୯୮୬ରେ ଆଡ୍‌ଭାନୀ ଦଳର ଦାୟିତ୍ୱ ନେଇଥିଲେ।

ଅଯୋଧ୍ୟା ପ୍ରସଙ୍ଗ ପ୍ରକୃତରେ ଆର୍‌ଏସ୍‌ଏସ୍‌ରେ ଥିବା ଅଣରାଜନୈତିକ ଗୋଷ୍ଠୀ ଦ୍ୱାରା ଆରମ୍ଭ କରାଯାଇଥିଲା ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ନେତୃତ୍ୱରେ ଆଗକୁ ବଢ଼ିଥିଲା। ୧୯୮୩ରେ ୟୁପିରେ ଅନୁଷ୍ଠିତ ଏକ ସଭାରେ ରାଜେନ୍ଦ୍ର ସିଂ(ପରେ ଆର୍‌ଏସ୍‌ଏସ୍ ମୁଖ୍ୟ ହୋଇଥିଲେ) ବାବ୍ରି ମସ୍‌ଜିଦକୁ ହିନ୍ଦୁଙ୍କ ପାଇଁ ଖୋଲିବାକୁ ଦାବି କରିଥିଲେ। ସେପ୍ଟେମ୍ବର ୧୯୮୪ରେ ଭିଏଚ୍‌ପି ମସ୍‌ଜିଦ ବିରୋଧରେ ଅଭିଯାନ ଆରମ୍ଭ କରିଥିଲା। ୧୯୮୬ରେ ସେମାନେ ତାଲା ଭାଙ୍ଗି ମସ୍‌ଜିଦ ଖୋଲିବେ ବୋଲି କହିଥିଲେ। ଏହାକୁ ନେଇ ସେତେବେଳର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଚାପର ସମ୍ମୁଖୀନ ହୋଇଥିଲେ। ତାଙ୍କ ସରକାର କୋର୍ଟଙ୍କୁ କହିଥିଲେ ଯେ, ଯଦି ଏହା ଘଟେ ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ନାହିଁ। ଏହିପରି ଭାବେ ତାଲା ଖୋଲା ଯାଇ ହିନ୍ଦୁମାନଙ୍କୁ ମସ୍‌ଜିଦ ଭିତରକୁ ଯିବାକୁ ଦିଆଗଲା। ଭିଏଚ୍‌ପି ସେତିକିରେ ଅଟକି ଯାଇ ନ ଥିଲା। ଏହାର ଲକ୍ଷ୍ୟ ଥିଲା ମସ୍‌ଜିଦ ଭାଙ୍ଗିବା। ଫେବୃଆରୀ ୧୯୮୯ ରେ ଆଲ୍ଲାହାବାଦର କୁମ୍ଭମେଳାରେ ଭିଏଚ୍‌ପି କହିଥିଲା, ଏହା ନଭେମ୍ବରରେ ମନ୍ଦିର ପାଇଁ ଶୁଭ ଦେବ। ଭିଏଚ୍‌ପି ସମଗ୍ର ଦେଶରୁ ଇଟା ସଂଗ୍ରହକରି ନଭେମ୍ବରରେ ଶୋଭାଯାତ୍ରାରେ ଆଣି ଅଯୋଧ୍ୟାରେ ପହଞ୍ଚାଇବ ବୋଲି କହିଥିଲା। ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀ(୨୦୦୮ରେ ପ୍ରକାଶିତ ମୋ ଦେଶ, ମୋ ଜୀବନ)ରେ ଲେଖିଛନ୍ତି ଯେ, ବିଜୟରାଜ ସିନ୍ଧିଆ ଏବଂ ବିନୟ କଟିଆରଙ୍କ ପରି ଭାଜପାର କେତେଜଣ ସଦସ୍ୟ ଅଯୋଧ୍ୟା ଆନ୍ଦୋଳନରେ ଯୋଗଦେଇଥିଲେ। ତେବେ ମୁଖ୍ୟ ସ୍ରୋତ ରାଜନୀତିରେ ଏହା ଏକ ପ୍ରସଙ୍ଗ ନ ଥିଲା। କିନ୍ତୁ ଜୁନ୍‌ରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଡ୍‌ଭାନୀ ଏହି ପ୍ରସଙ୍ଗକୁ ସମର୍ଥନ କରିଥିଲେ। ଭାଜପା ସଂକଳ୍ପ ପତ୍ରରେ ଦାବି କରାଯାଇଥିଲା ଯେ, ଏହି ସ୍ଥାନ ହିନ୍ଦୁମାନଙ୍କୁ ହସ୍ତାନ୍ତର କରାଯାଉ ଏବଂ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରାଯାଉ। କିଛି ମାସ ପରେ ନଭେମ୍ବର ୧୯୮୯ରେ ନିର୍ବାଚନ ହେଲା। ଭାଜପାର ଇସ୍ତାହାରରେ ପ୍ରଥମେ ଅଯୋଧ୍ୟା ପ୍ରସଙ୍ଗ ଉଲ୍ଲେଖ କରାଯାଇଥିଲା। ଏହା ଭାଜପାର ନିଜସ୍ୱ ସମ୍ବିଧାନର ଉଲ୍ଲଂଘନ ଥିଲା, କାରଣ ପ୍ରଥମ ପୃଷ୍ଠାରେ ଏବଂ ପ୍ରାରମ୍ଭିକ ପ୍ରବନ୍ଧରେ ଏହା ଧର୍ମନିରପେକ୍ଷତା ନୀତି ପ୍ରତି ପ୍ରକୃତ ବିଶ୍ୱାସ ରଖିବ ଏବଂ ପାଳନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ୧୯୮୯ ନିର୍ବାଚନର କିଛିଦିନ ପୂର୍ବରୁ ଭିଏଚ୍‌ପି ସମଗ୍ର ଭାରତରୁ ଅଯୋଧ୍ୟାକୁ ଶୋଭାଯାତ୍ରାରେ ଆସି ମସ୍‌ଜିଦ ପାଖରେ ମୂଳଦୁଆ ପକାଇଲା। ଫଳରେ ନିର୍ବାଚନରେ ଆଡ୍‌ଭାନୀଙ୍କ ନେତୃତ୍ୱାଧୀନ ଭାଜପା ୮୫ଟି ଆସନ ଜିତିଥିଲା, ଯାହା ପୂର୍ବ ନିର୍ବାଚନରେ ଜନସଂଘ ଏକାକୀ ଲଢ଼ି ଜିତିଥିବା ଆସନର ୪ଗୁଣ ଏବଂ ବାଜପେୟୀଙ୍କ ପ୍ରଥମ ପୁନର୍ଗଠିତ ତଥା ପୁନଃ ନାମିତ ଦଳଠାରୁ ୪୦ ଗୁଣରୁ ଅଧିକ ଥିଲା। ଫଳରେ ଆଡ୍‌ଭାନୀ ଆର୍‌ଏସ୍‌ଏସ୍‌ର ସବୁଠାରୁ ସଫଳ ରାଜନେତା ହୋଇପାରିଥିଲେ। ଏଣୁ ଦଳକୁ ଅଧିକ ଲାଭ ଦେଇଥିବା ପ୍ରସଙ୍ଗ ଉପରେ ସେ ଅଧିକ ସମୟ ଦେବାକୁ ଲାଗିଲେ। ଏହି ନିର୍ବାଚନରେ କଂଗ୍ରେସ ବହୁମତ ପାଇପାରି ନ ଥିଲା। ଆଡ୍‌ଭାନୀଙ୍କ ସମର୍ଥନରେ ଭି.ପି.ସିଂଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର ଗଠନ ହେଲା, ଯଦିଓ ଏହା କମ୍ ସମୟ ପାଇଁ ତିଷ୍ଠି ରହିଥିଲା। ନିର୍ବାଚନର ୩ ମାସ ପରେ, ଫେବୃଆରୀ ୧୯୯୦ରେ ଭିଏଚ୍‌ପି ପୁନର୍ବାର ମସ୍‌ଜିଦ ବିରୋଧରେ ଆନ୍ଦୋଳନ ଆରମ୍ଭ କରି ଅକ୍ଟୋବରରେ ହେବାକୁ ଥିବା କରସେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କହିଥିଲା।

ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ଜୁନ୍‌ରେ ଲଣ୍ଡନ ଯିବାର ଥିଲା ଏବଂ ଯିବା ପୂର୍ବରୁ ସେ ଆର୍‌ଏସ୍‌ଏସ୍ ପତ୍ରିକା ପାଞ୍ଚଜନ୍ୟର ସମ୍ପାଦକଙ୍କୁ ସାକ୍ଷାତ୍‌କାର ଦେଇଥିଲେ। ସରକାର ଅଯୋଧ୍ୟା ସମସ୍ୟାର ସମାଧାନ କରିବାରେ ବିଫଳ ହେଲେ କ'ଣ ହେବ ବୋଲି ପତ୍ରିକାର ସମ୍ପାଦକ ଆଡ୍‌ଭାନୀଙ୍କୁ ପ୍ରଶ୍ନ କରିଥିଲେ। ଆଡ୍‌ଭାନୀ କହିଥିଲେ, ୩୦ ଅକ୍ଟୋବରରେ କାରସେବା ଆରମ୍ଭ ହେବା ନିଷ୍ପତ୍ତିକୁ ଭାଜପା ସମର୍ଥନ କରେ। ଯଦି ତାହାକୁ ବନ୍ଦ କରାଯାଏ ତେବେ ଭାଜପା ନେତୃତ୍ୱରେ ଏକ ଗଣ ଆନ୍ଦୋଳନ ହେବ। ଯେତେବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଟେଲିଫୋନ କରି ପଚାରିଲେ, ''ତୁମେ କ'ଣ କହିଛ ?''; ''ସତ କହିବାକୁ ଗଲେ ମୁଁ ଏହି ସାକ୍ଷାତ୍‌କାର ବିଷୟରେ ଭୁଲି ଯାଇଥିଲି'' ବୋଲି ସେ ଲେଖିଛନ୍ତି। 'ଅଯୋଧ୍ୟା ଉପରେ ଆଡ୍‌ଭାନୀ ସ୍ୱାଧୀନ ଭାରତ ଇତିହାସରେ ସବୁଠୁ ବଡ଼ ଜନ ଆନ୍ଦୋଳନ ପାଇଁ ଧମକ ଦେଇଛନ୍ତି' ଶୀର୍ଷକ ଖବର ଏଠାରେ ପ୍ରକାଶ ପାଇଥିବା ତାଙ୍କ ସ୍ତ୍ରୀ କହିଥିଲେ। ଆଡ୍‌ଭାନୀ ଲେଖିଛନ୍ତି, ଆନ୍ଦୋଳନ ଆରମ୍ଭ ହୋଇଯାଇଛି, ଏହା ବନ୍ଦ ହେବ ନାହିଁ କି ପରିବର୍ତ୍ତନ ହେବନାହିଁ। ବାସ୍ତବରେ ତାଙ୍କ ରଥଯାତ୍ରାରେ କ'ଣ ଘଟିଥିଲା ତାହା ଲିପିବଦ୍ଧ ହୋଇ ରହିଛି। ହିଂସାରେ ପ୍ରାୟ ୩,୪୦୦ ଭାରତୀୟଙ୍କର ମୃତ୍ୟୁ ଘଟିଥିଲା ଏବଂ ଧ୍ରୁବୀକରଣ ଭାଜପାକୁ କ୍ଷମତାର ଦ୍ୱାରଦେଶରେ ପହଞ୍ଚାଇ ଦେଇଥିଲା।

Email:aakar.patel@gmail.com

# ଯୁଦ୍ଧ ଓ ଭସ୍ମାସୁର ମଣିଷ



ପ୍ର.ରମେଶ ଚନ୍ଦ୍ର ପରିଡ଼ା

ଆଧୁନିକ ପରିଭାଷାରେ ଯୁଦ୍ଧ ରୂପେ ପରିଚିତ ହେଲା ଭଳି ପ୍ରଥମ ଘଟଣା ଭାବେ ଐତିହାସିକମାନେ ଗ୍ରହଣ କରିଥା'ନ୍ତି ଖ୍ରୀଷ୍ଟଜନ୍ମର ୪୩୧ ବର୍ଷ ପୂର୍ବେ ଘଟିଥିବା 'ପେଲୋପୋନେସିୟାନ୍ ଯୁଦ୍ଧ'କୁ। ଏଥିରେ ତଦାନୀନ୍ତନ ସ୍ପାର୍ଟା ସଭ୍ୟତାର ସୈନିକମାନେ ଏଥେନ୍ସକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରଠାରୁ ଘଟିଥିବା ଯୁଦ୍ଧଗୁଡ଼ିକୁ ତା'ର ସମୟକାଳ ନେଇ ତିନୋଟି ଭାଗରେ ବିଭକ୍ତ କରାଯାଏ। ତନ୍ମଧ୍ୟରୁ ପ୍ରଥମଟି ଅର୍ଥାତ୍ 'ପ୍ରାଚୀନ ଯୁଗ'ର (୫୦୦ ମସିହା ପୂର୍ବରୁ) ୨୨ଟି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ପ୍ରାୟ ୨୬୭ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି 'ମଧ୍ୟଯୁଗୀୟ' (୫୦୦ରୁ ୧୫୦୦ ମସିହା ମଧ୍ୟରେ)ରେ ଘଟିଥିବା ବଡ଼ ବଡ଼ ୨୫ଟି ଯୁଦ୍ଧ ପ୍ରାୟ ୧୨୦୮ ଲକ୍ଷ ଜୀବନ ନେବାକୁ ସମର୍ଥ ହୋଇଥିଲା ବେଳେ 'ଆଧୁନିକ ଯୁଗ' (୧୫୦୦ ମସିହାରୁ ବର୍ତ୍ତମାନ)ରେ ଅଦ୍ୟାବଧି ପଞ୍ଜୀକୃତ ପ୍ରାୟ ୧୬୫ଟି ଯୁଦ୍ଧରେ ମୃତ୍ୟୁସଂଖ୍ୟା ରହିଛି ୭୦୦୦ ଲକ୍ଷରୁ ଅଧିକ। ଏହାବ୍ୟତୀତ ଛୋଟ ଛୋଟ ପ୍ରାୟ ୨୦୦ ଯୁଦ୍ଧରେ ଏହା ୨୫୦୦ ଲକ୍ଷକୁ ଟପିଯାଇଛି। ପୁନଶ୍ଚ ଏସବୁରେ ପରୋକ୍ଷ ମୃତ୍ୟୁ କଥା ବିଚାରକୁ ନିଆଯାଇନାହିଁ। ଅତଏବ କାଳକ୍ରମେ ଏହାର ଧ୍ୱଂସକାରୀ ସାମର୍ଥ୍ୟ ବଢ଼ି ବଢ଼ି ଚାଲିଛି। ଏହା ମଧ୍ୟରେ ରହିଛି ଆମର ଅଙ୍ଗେନିଭା ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (ମୃତ୍ୟୁସଂଖ୍ୟା ଯଥାକ୍ରମେ ପ୍ରାୟ ୧୭୦ ଏବଂ ୮୦୦ ଲକ୍ଷରୁ ଅଧିକ), ଭିଏତ୍‌ନାମ ଯୁଦ୍ଧ (ପ୍ରାୟ ୪୩ ଲକ୍ଷ), ଇରାନ୍-ଇରାକ୍ ଯୁଦ୍ଧ (ପ୍ରାୟ ୧୫ ଲକ୍ଷ) ଏବଂ ଆଫଗାନ୍ ଯୁଦ୍ଧ (୨୫ ଲକ୍ଷରୁ ଅଧିକ)। ପୁନଶ୍ଚ ଏବେ ଚାଲିଛି ରୁଷିଆ-ୟୁକ୍ରେନ୍ ମଧ୍ୟରେ ଏବଂ ଇସ୍ରାଏଲ୍-ହମାସ୍ ମଧ୍ୟରେ ଯୁଦ୍ଧ। ଅଦ୍ୟାବଧି ଏଥିରେ ଯଥାକ୍ରମେ ୩୦/୩୫ ହଜାର ଏବଂ ପ୍ରାୟ ୨୫ ହଜାର ଲୋକଙ୍କର ମୃତ୍ୟୁ ଘଟିବାର ଅନୁମାନ କରାଯାଏ।

ଯୁଦ୍ଧରେ ବିଜୟ ଯାହାର ହେଉନା କାହିଁକି ସେ ଉଭୟ ପକ୍ଷର ଅର୍ଥନୀତି ଉପରେ ପଡ଼ିଥାଏ ଏହାର ଗମ୍ଭୀର ପ୍ରଭାବ: ଯାହାକି ଆକଳନ ଅସମ୍ଭବ। ତେବେ ତାଙ୍କର 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡ୍ୟୁସ୍) ବା 'ଜିଡିପି' ହାନି ବିଚାରକୁ ନେଲେ ଏ ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରେ। ପୁନଶ୍ଚ ପୃଥିବୀର ଅନ୍ୟାନ୍ୟ ଦେଶର ଅର୍ଥନୀତି ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼େ। କେବଳ ୨୦୧୯ ପାଇଁ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଏଣ୍ଡ ପିସ୍' ଦ୍ୱାରା ଯୁଦ୍ଧ ପ୍ରଭାବିତ 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' ସମ୍ପର୍କରେ ପ୍ରଦତ୍ତ ଏକ ସୂଚନାର ଏଥିରେ ଅବତାରଣା କରାଗଲା। ତଦନୁଯାୟୀ ସେବର୍ଷ ଏହା ଯୋଗୁ ବିଶ୍ୱର ତାହା ୮.୫ ଶତାଂଶ ପ୍ରଭାବିତ ହୋଇଥିଲା। ତେବେ ସର୍ବାଧିକ କେତେକ ଦେଶ ପାଇଁ ଏହାଥିଲା ୬୦ ଶତାଂଶ ପାଖାପାଖି, ଯାହାକି ପ୍ରଥମ ୧୦ଟି ଦେଶ ପାଇଁ ହାରାହାରି ୪୧ ଶତାଂଶ। ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ସିରିଆ (୫୯.୧%), ଆଫଗାନିସ୍ତାନ (୫୦.୩%) ଏବଂ ଦକ୍ଷିଣ ସୁଦାନ (୪୬.୩%)। ଅସ୍ତ୍ରଶସ୍ତ୍ର କ୍ରୟ ସମେତ



ସମସ୍ତ ସାମରିକ ବ୍ୟୟ, ସ୍ଥାନାନ୍ତର, ହତ୍ୟା, ଅକାଳ ମୃତ୍ୟୁ, ଅକର୍ମଣ୍ୟ ହେବା, ହିଂସାକାଣ୍ଡ ବୃଦ୍ଧି ଇତ୍ୟାଦି ଏଥିପାଇଁ ଦାୟୀ। ଅନ୍ୟପକ୍ଷରେ, ସର୍ବାଧିକ ଶାନ୍ତିପୂର୍ଣ୍ଣ ଦେଶ ରୂପେ ପରିଗଣିତ ୧୦ଟି ଦେଶରେ ଏହା ହାରାହାରି ମାତ୍ର ୩.୯ ଶତାଂଶ। ଏ ତାଲିକାରେ ରହିଛି ଆଇସ୍‌ଲ୍ୟାଣ୍ଡ (୨.୮%), ଡେନ୍‌ମାର୍କ (୩.୪%), ଜାପାନ (୩.୪%) ଏବଂ ସ୍ୱିଜରଲାଣ୍ଡ (୩.୫%)। ସୂଚନାଯୋଗ୍ୟ, 'ଦି ଇକୋନୋମିକ୍ ଭ୍ୟାଲୁ ଅଫ୍ ପିସ୍-୨୦୨୧' ରିପୋର୍ଟ ଅନୁଯାୟୀ ୨୦୦୧ ନଭେମ୍ବର ୯ରେ ଆମେରିକା ଉପରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ ଏବର୍ଷ (୨୦୨୧) ମଧ୍ୟରେ ସେ ଦେଶ ସାମରିକ କାର୍ଯ୍ୟକଳାପରେ ବ୍ୟୟ କରିଛି ୮ ଟ୍ରିଲିୟନ ଡଲାର। ଏହି ସମୟରେ ବିଶ୍ୱ ପାଇଁ ଏହାଥିଲା ୧୪.୪ ଟ୍ରିଲିୟନ୍ ଡଲାର ଏବଂ ଏଥିରେ ୪.୫ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବେ ଏବଂ ୩.୬ ନିୟୁତ ଲୋକ ପରୋକ୍ଷଭାବେ ପ୍ରାଣ ହରାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ ସମସ୍ତ ଯୁଦ୍ଧ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା ସବୁଠାରୁ ବ୍ୟୟବହୁଳ। ଏଥିରେ ସମୁଦାୟ ପ୍ରାୟ ୪.୧ ଟ୍ରିଲିୟନ ଡଲାର ବ୍ୟୟ ହୋଇଥିବାର ଅନୁମାନ କରାଯାଏ।

ଚାଲନ୍ତୁ ଏବେ ବିଚାରକୁ ନେବା ପରିବେଶ ଓ ପରିସଂସ୍ଥା ଉପରେ ଯୁଦ୍ଧ ଏବଂ ଅନ୍ୟାନ୍ୟ ହିଂସାକାଣ୍ଡର ପ୍ରଭାବ। ଏହା ଘଟାଉଥିବା ଜୀବନହାନି ଏବଂ ଅର୍ଥନୈତିକ ଦୁର୍ଗତିଜନିତ କ୍ଷୟକ୍ଷତି ସମୟ କ୍ରମେ ପୂରଣ ହୋଇଯାଇଥାଏ। ତେବେ ଏହି ତୃତୀୟଟିର ବିପର୍ଯ୍ୟୟ ଥରେ ଗୋଟିଏ ସ୍ତରରୁ ନିମ୍ନଗାମୀ ହୋଇଗଲେ ତାହାର ପୁନରୁଦ୍ଧାର କଷ୍ଟକର କିମ୍ବା ସ୍ଥଳବିଶେଷରେ ଅସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ, ଏହା ମଧ୍ୟ ସେ ଦୁଇଟି ପରିଣାମକୁ ଦୀର୍ଘସ୍ଥାୟୀ ଏବଂ ଗମ୍ଭୀର କରିଚାଲେ। ତେବେ ଏ ପ୍ରଭାବର ଠିକ୍ ମୂଲ୍ୟାୟନ ସମ୍ଭବ ନୁହେଁ।

ପୃଥିବୀର ଅନ୍ୟତମ ସର୍ବପୁରାତନ ତଥା ପ୍ରଭାବଶାଳୀ ଯୁଦ୍ଧ ରୂପେ ଗଣନା କରାଯାଏ ଖ୍ରୀଷ୍ଟପୂର୍ବ ୪୩୧ରେ ଘଟିଥିବା ସ୍ପାର୍ଟା ଓ ଏଥେନ୍ସ ଯୁଦ୍ଧ। ଏଥିରେ ସ୍ପାର୍ଟାର ସୈନ୍ୟମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ ଏଥେନ୍ସର କୃଷିକ୍ଷେତ୍ର ଏବଂ ଅରଣ୍ୟଗୁଡ଼ିକୁ। ସେହିପରି ଖ୍ରୀଷ୍ଟପୂର୍ବ ୧୪୬ରେ ରୋମାନ୍‌ମାନେ କାର୍ଥେଜ୍‌କୁ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ କରିଦେଲା ପରେ ସେଠାର କ୍ଷେତମାନଙ୍କରେ ଲୁଣପକାଇ ଚାଷ କରିଦେଇଥିଲେ, ଯେପରିକି ସେଥିରେ କୌଣସି ଫସଲ ଉଧେଇବ ନାହିଁ। ତେବେ କାଳକ୍ରମେ ଯୁଦ୍ଧର ଘାତକ ସାମର୍ଥ୍ୟ ବୃଦ୍ଧି ସହିତ ତାଳ ଦେଇ ବଢ଼ିଚାଲିଛି ତା'ର ପରିବେଶ ବିଧ୍ୱଂସକାରୀ ପ୍ରଭାବ।

ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ଉପନିବେଶବାଦୀମାନେ ଦକ୍ଷିଣ ଆମେରିକା ଓ ଏସିଆରେ ବ୍ୟାପକ ଅରଣ୍ୟ ବିଧ୍ୱଂସ ସହିତ ପରିବେଶ ତଥା ପରିସଂସ୍ଥାକୁ କ୍ଷତିଗ୍ରସ୍ତ କରିଦେଇଥିଲେ। ପର୍ତ୍ତୁଗିଜ୍‌ମାନଙ୍କ ଦ୍ୱାରା ମରିସସ୍ ଦ୍ୱୀପରେ ଡୋଡୋପକ୍ଷୀଙ୍କ ବଂଶନାଶ ଓ କାଲ୍‌ଭେରିଆ ଜଙ୍ଗଲର ବିଲୋପ ସାଧନ ଏହାର ଏକ କ୍ଷୁଦ୍ର ଉଦାହରଣ। ଭିଏତ୍‌ନାମ ଯୁଦ୍ଧରେ ଆମେରିକାର 'ଏଜେଣ୍ଟ ଅଂରେଜ୍' ମାଧ୍ୟମରେ ଅରଣ୍ୟଗୁଡିକ ଉପରେ ବିଷାକ୍ତ ବାଷ୍ପ ବର୍ଷଣ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର 'ମଷ୍ଟାର୍ଡ ବାଷ୍ପ' ପ୍ରୟୋଗ ଉଭୟ ଜୀବଜଗତ ଏବଂ ଉଦ୍ଭିଦଜଗତ ଉପରେ କି ପ୍ରଳୟଙ୍କରୀ ପ୍ରଭାବ ପକାଇଥିଲା, ତାହା ସମସ୍ତଙ୍କୁ ସୁବିଦିତ। ଏହାର ପରିଣାମ ଏବେ ମଧ୍ୟ ଅନୁଭୂତ ହେଉଛି।

ଏଠାରେ ସୂଚନାଯୋଗ୍ୟ, ୨୦୦୧ଠାରୁ ଆଜି ମଧ୍ୟରେ (୨୦୨୩) କେବଳ ଆମେରିକାର ସାମରିକ କାର୍ଯ୍ୟକଳାପ ହେତୁ ନିର୍ଗମନ ଘଟିଛି ଅଙ୍ଗାରକାମ୍ଳ ବାଷ୍ପ ସମେତ ପ୍ରାୟ ୧.୨ ବିଲିୟନ ଟନ୍ ସବୁଜଗୃହ ବାଷ୍ପ। ସେହିପରି ଏହା ଭିଏତ୍‌ନାମ ଯୁଦ୍ଧ (୧୯୭୫) ଏବଂ ଉପମହାସାଗରୀୟ ଯୁଦ୍ଧ (୧୯୯୦)ରେ ଯଥାକ୍ରମେ ୧୦୯ ଏବଂ ୧୧୦ ସେହି ବାଷ୍ପର ନିର୍ଗମନ ଘଟାଇଛି। ଅନ୍ୟାନ୍ୟ ଦେଶ ଓ ସେମାନେ ଚଳାଇଥିବା ଯୁଦ୍ଧରେ ଏହାର ନିର୍ଦ୍ଦିଷ୍ଟ ଆକଳନ କରାଯାଇ ନ ଥିଲେ ହେଁ ଏଥିରୁ ତାହା ଅନୁମାନ କରିହେବ। ଏହି କାରଣରୁ ବଢ଼ି ବଢ଼ି ଚାଲିଛି ବିଶ୍ୱର ତାପମାତ୍ରା ଏବଂ ଉଜୁଡି ଚାଲିଛି ପରିବେଶ ଓ ପରିସଂସ୍ଥା। ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳତା'ର ନିରାପଦ ମାତ୍ରା ନିୟୁତ ଭାଗ ପ୍ରତି ୪୦୦କୁ ଅତିକ୍ରମ କରି ନିୟୁତ ଭାଗ ପ୍ରତି ୪୧୦-୪୨୦ରେ ପହଞ୍ଚିଯାଉଛି। ପରିଣାମ ସ୍ୱରୂପ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପ ବିପ୍ଳବ ସ୍ତରଠାରୁ ୧.୧୫ରୁ ୧.୨୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ୧.୫ ଡିଗ୍ରୀ ଅତିକ୍ରମ କରିଗଲେ ପରିଣାମ ଭୟାବହ ହେବ। ଯୁଦ୍ଧର ଏ କ୍ଷେତ୍ରକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏ ସମସ୍ତ ଦୃଷ୍ଟିରୁ ବିଚାରକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଯୁଦ୍ଧ ହେଉଛି ମଣିଷ ଜାତିର ସ୍ଥିତି ପ୍ରତି ଏକ ପ୍ରଚଣ୍ଡ ଆହ୍ୱାନ। ସେକଥା ବୁଝିବା ସତ୍ତ୍ୱେ ବି ମଣିଷ ସାଜୁଛି ତାହାର ଖଳନାୟକ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ଆଦର୍ଶ ନେତୃତ୍ୱ



ଡ. ଜୟଦେବ ସାହୁ

ଯେ କୌଣସି ସମାଜ ବା ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ତା'ର ଦୃଢ଼ ଓ ଲୋକ ତାନ୍ତ୍ରିକ ନେତୃତ୍ୱ ଉପରେ ନିର୍ଭର କରେ। ନେତା ଯଦି ଆଦର୍ଶ ଓ ପ୍ରଜାକେନ୍ଦ୍ରିକ ହୁଅନ୍ତି ତେବେ ନାଗରିକମାନେ ସୁଖରେ ଜୀବନଯାପନ କରନ୍ତି। ଲୋକମାନେ ନେତାଙ୍କ ପାଇଁ ନୁହେଁ ବରଂ ନେତାମାନେ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। କ୍ଷମତା ନେତାମାନଙ୍କୁ ଅନ୍ଧ, ରୁକ୍ଷ ଓ ବର୍ବର କରିଦିଏ। ସେମାନେ ନିର୍ବାଚନ ସମୟରେ ପ୍ରଜାଙ୍କୁ ଅନେକ ସ୍ୱପ୍ନ ଦେଖାଇ ନିର୍ବାଚିତ ହୁଅନ୍ତି ଏବଂ ତା'ପରେ ସେମାନଙ୍କୁ ଭୁଲି ଆତ୍ମସର୍ବସ୍ୱ ହୋଇ ପ୍ରଜାର ସ୍ୱାର୍ଥକୁ ଭୁଲି ଯାଆନ୍ତି। ନିର୍ବାଚନ ନଦୀ ପାରି ହେବା ପାଇଁ ସେମାନେ 'ହାତୀ ନେ ଘୋଡ଼ା ନେ ମୋ ପେଁକାଳି ବଜାଇ ଦେ' ନ୍ୟାୟରେ ନାଗରିକଙ୍କଠୁ ଭୋଟ ଭିକ୍ଷା କରନ୍ତି। ତା'ପରେ କିନ୍ତୁ କିପରି ନିଜେ କୋଟି କୋଟି ଟଙ୍କାର ମାଲିକ ହେବେ ସେ ନେଇ ନିଶାରେ ମସ୍‌ଗୁଲ ହୋଇ ଭୋଟଦାତାଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି।

କିନ୍ତୁ ଅନେକ ନେତା ଏବେ ବି ପ୍ରଜାଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି ତାହା ଉପରୋକ୍ତ ଘଟଣାରୁ ସ୍ପଷ୍ଟ। ଏହା ସେବକ ନେତୃତ୍ୱର ଏକ ଉଦାହରଣ। ୧୯୭୦ରେ ରବର୍ଟ କେ ଗ୍ରୀନଲିଫ 'ଦି ସର୍‌ଭେଣ୍ଟ ଏଜ୍ ଲିଡର' ନାମକ ପ୍ରବନ୍ଧ ପ୍ରକାଶ କଲେ ଓ ଏଥିରେ ସେ ସେବକ ନେତୃତ୍ୱ ଉପରେ ବିଶଦ୍ ଆଲୋଚନା କଲେ। ଏପରି ନେତୃତ୍ୱ ଜନତାର ସେବାକୁ ପ୍ରାଥମିକତା ଦେଇଥାଏ। ସେବକ ନେତା ଜନତାର ପଛରେ ରହି ସେମାନଙ୍କୁ ସଶକ୍ତ କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ଖୁସି ହୁଅନ୍ତି। ଏହିଭଳି ନେତୃତ୍ୱର ଜଣେ ମହାନ୍ ଉଦାହରଣ ଦକ୍ଷିଣ ଆଫ୍ରିକାର ତ୍ରାଣକର୍ତ୍ତା ନେଲସନ ମାଣ୍ଡେଲା ତାଙ୍କ ଆତ୍ମଜୀବନୀ ପୁସ୍ତକ ଲଙ୍ଗ ୱାକ ଟୁ ଫ୍ରିଡମ୍‌ରେ ସେବକ ନେତାର ସଂଜ୍ଞା ପ୍ରଦାନ କରିଛନ୍ତି। ସେ କହନ୍ତି, ଜଣେ ନେତା ମେଣ୍ଢା ପାଳକ ଭଳି। ସେ ମେଣ୍ଢା ପଲର ପଛରେ ଥାଇ ମେଣ୍ଢାମାନଙ୍କୁ ରକ୍ଷା କରନ୍ତି ଓ ତାଙ୍କ ଭଲ ପାଇଁ କାର୍ଯ୍ୟ କରନ୍ତି। ଏପରି ନେତା ଜନତାଙ୍କ ଦୁଃଖ ଶୁଣନ୍ତି ଏବଂ ତାଙ୍କ ଦୁଃଖରେ ସମଦୁଃଖୀ ହୁଅନ୍ତି। ନେଲସନ ମାଣ୍ଡେଲା ତାଙ୍କ ବ୍ୟକ୍ତିଗତ ଉନ୍ନତି ପାଇଁ ଅନେକ କଷ୍ଟ ସ୍ୱୀକାର କରି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହୋଇ ନ ଥିଲେ ବରଂ କଳା ଲୋକମାନଙ୍କ ଦୁଃଖର ଅନ୍ତ ପାଇଁ କେବଳ ଥରକ ଲାଗି ସେ ରାଷ୍ଟ୍ରପତି ହୋଇ ସ୍ୱଇଚ୍ଛାରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହୋଇ ନ ଥିଲେ। ଏହା ବିରଳ ତଥା ଆଦର୍ଶ ନେତୃତ୍ୱର ଉଦାହରଣ।

ଭାରତରେ ଜନତା ସେବାଧର୍ମୀ ନେତାର ଅଭାବ ନାହିଁ। ଆଦିମ କାଳରୁ ଭାରତ ବର୍ଷର ନୀତି ହେଉଛି ପରୋପକାର। ସଂସ୍କୃତ ଶ୍ଳୋକ କହେ ପରୋପକାରାୟ ସ୍ୱର୍ଗାୟ। ହିନ୍ଦୁ ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ରାମାୟଣ ଓ ମହାଭାରତ ରାଜା ଏବଂ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ପରୋପକାରୀ ଓ ତ୍ୟାଗୀ ହେବା ପାଇଁ ପରାମର୍ଶ ଦେଇଆସିଛି। ରାଜାମାନଙ୍କୁ ଆଦର୍ଶ ହେବା ପାଇଁ ଭଗବାନ ନିଜେ



ତାଙ୍କ ଅବତାରମାନଙ୍କ ମାଧ୍ୟମରେ କହିଛନ୍ତି।

ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ।
ସ ଯତପ୍ରମାଣମ କୁରୁତେ ଲୋକସ୍ତଦନୁ ବର୍ତ୍ତତେ।

ନେତା ଯେମିତି ଆଚରଣ କରନ୍ତି ତାଙ୍କ ଅନୁଗାମୀମାନେ ସେଭଳି ଆଚରଣରେ ଅଭ୍ୟସ୍ତ ହୋଇଯାନ୍ତି। ତେଣୁ ନେତା ଆଦର୍ଶ ହେଲେ ଜନତା ଆଦର୍ଶ ନିଶ୍ଚିତ ହେବେ। ରାମାୟଣର ମୁଖ୍ୟ ଚରିତ୍ର ରାମଚନ୍ଦ୍ର ଜଣେ ପ୍ରଜା ହିତୈଷୀ ରାଜା ଥିଲେ। ସବୁ ପ୍ରଜାଙ୍କ ହିତ ପାଇଁ ହିଁ ସେ କାର୍ଯ୍ୟ କରୁଥିଲେ। ପ୍ରଜାମାନଙ୍କ ହିସାବରେ ହିଁ ରାଜକାର୍ଯ୍ୟ ପରିଚାଳିତ ହେଉଥିଲା। ଯେତେବେଳେ ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହେଲା ଏବଂ ତାଙ୍କୁ ବଞ୍ଚାଇବାର ପ୍ରୟାସ ଚାଲିଲା, ଶ୍ରୀରାମଚନ୍ଦ୍ର କହିଲେ- ତାଙ୍କ ପାଇଁ ତାଙ୍କ ଭାଇ ଯେତିକି ମୂଲ୍ୟବାନ, ନିହତ ବାନରମାନେ ମଧ୍ୟ ସେତିକି ଦୁର୍ମୂଲ୍ୟ। ତେଣୁ ଲକ୍ଷ୍ମଣଙ୍କ ଜୀବନ ବଞ୍ଚାଇବା ପାଇଁ ଯଦି ଚେଷ୍ଟା କରାଯାଏ ତେବେ ବାନରମାନଙ୍କୁ ମଧ୍ୟ ବଞ୍ଚାଯାଉ। ସୀତାଙ୍କ ଉଦ୍ଧାର ପାଇଁ ସାଧାରଣ ଜନତାଙ୍କ ଜୀବନ ଯେମିତି ଅଯଥା ନ ଯାଏ ସେଥିପାଇଁ ସେ ଯତ୍ନଶୀଳ ଥିଲେ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ସେବକ ନେତୃତ୍ୱର ଆଉ ଏକ ଉଦାହରଣ। ସେ ଓ ତାଙ୍କ ବଡଭାଇ ଅସହାୟ ଲୋକମାନଙ୍କ ରକ୍ଷା ପାଇଁ ସବୁବେଳେ ଚେଷ୍ଟିତ ଥିଲେ, ଦ୍ୱାରିକାର ରାଜା ହିସାବରେ ସେ କେବେ ବି ପ୍ରଜାମାନଙ୍କୁ ଶାସନ କରି ନ ଥିଲେ। ଜରାସନ୍ଧଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ନିଜ ପ୍ରଜାମାନଙ୍କୁ ମଥୁରାରୁ ଦ୍ୱାରିକାକୁ ସ୍ଥାନାନ୍ତର କରିଥିଲେ। ରାଜା କିଭଳି ବ୍ୟଭିଚାରୀ ହେବା କଥା ନୁହେଁ ଏବଂ ରାଜାର ବ୍ୟବହାର କିଭଳି ହେବା ଉଚିତ ସେ ଭଗବଦ୍ ଗୀତାରେ କହିଛନ୍ତି।

ଅର୍ଥଶାସ୍ତ୍ରରେ କୌଟିଲ୍ୟ ରାଜାଙ୍କ କର୍ତ୍ତବ୍ୟ ବର୍ଣ୍ଣନା କରି କହିଛନ୍ତି ଯେ, ପ୍ରଜାର ସୁଖରେ ରାଜାର ସୁଖ, ପ୍ରଜାର ଉନ୍ନତିରେ ରାଜାର ଉନ୍ନତି। ରାଜାଙ୍କୁ ଯାହା ଭଲ ଲାଗେ ତାହା ଠିକ୍ ବୋଲି ନ ଭାବି ପ୍ରଜାଙ୍କୁ ଯାହା ଭଲ ଲାଗେ ତାହା ହିଁ ଠିକ୍ ବୋଲି ରାଜା ବିଚାର କରିବେ। କବି ରବୀନ୍ଦ୍ରନାଥ ଟାଗୋର କହନ୍ତି, ମୁଁ ସୁପ୍ତ ଅବସ୍ଥାରେ ସ୍ୱପ୍ନ ଦେଖିଲି ଯେ ଜୀବନ ସୁଖମୟ, ମୁଁ ଜାଗ୍ରତ ହେଲି ଏବଂ ଦେଖିଲି ଯେ ଜୀବନ ହେଉଛି ସେବା। ମୁଁ ସେବା କଲି ଓ ଦେଖିଲି ଯେ ଜୀବନ ଆନନ୍ଦମୟ। ମହାତ୍ମା ଗାନ୍ଧୀ ଯିଏ କି ଜନତାଙ୍କ ସେବାରେ ବ୍ରତୀ ଥିଲେ, ସେ ଜଣେ ଆଦର୍ଶ ନେତାର ଉଦାହରଣ।

ଖ୍ରୀଷ୍ଟଧର୍ମର ସଂସ୍ଥାପକ ପ୍ରଭୁ ଯିଶୁଖ୍ରୀଷ୍ଟ ଆଦର୍ଶ ନେତୃତ୍ୱର ଆଉ ଜଣେ ଉଦାହରଣ। ସେ କହୁଥିଲେ, ଶାସକର ଧର୍ମ ସେବା କରିବା। କେତେ ଲୋକ ନେତାଙ୍କୁ ସେବା କରନ୍ତି ତାହା ପ୍ରଣିଧାନଯୋଗ୍ୟ ନୁହେଁ, ମାତ୍ର କେତେ ଲୋକଙ୍କ ସେବା ନେତା କରନ୍ତି ତାହା ହିଁ ପ୍ରଣିଧାନଯୋଗ୍ୟ। ସେ କେବଳ ଏହା କହୁ ନ ଥିଲେ, ନିଜେ ମଧ୍ୟ ସେବାକରି ଦେଖେଇ ଦେଉଥିଲେ। ସେ ନିଜେ ଅନୁଗାମୀମାନଙ୍କ ପାଦ ଅତି ଶ୍ରଦ୍ଧାରେ ଧୋଇ ଦେଉଥିଲେ, ଯାହା ସେମାନଙ୍କ ମନୋବଳକୁ ଦ୍ୱିଗୁଣିତ କରୁଥିଲା। ଏପରି ଉଦାହରଣୀୟ ନେତୃତ୍ୱ ପାଇଁ ମହାମନୀଷୀମାନେ ଭଗବାନ ଭାବରେ ପୂଜିତ।

ବର୍ତ୍ତମାନ ଯଦି ନେତାମାନେ ପ୍ରକୃତ ସେବା ମନୋବୃତ୍ତି ନେଇ ଜନଗଣଙ୍କ ସେବା କରନ୍ତି ଏବଂ ନିଜ ସ୍ୱାର୍ଥର ଆହୁତି ଦିଅନ୍ତି ତେବେ ଦେଶ ଓ ଦେଶବାସୀଙ୍କ ମଙ୍ଗଳ ହେବ। ଯେଉଁମାନଙ୍କ ପାଇଁ ସେମାନେ ପଦାସୀନ ସେମାନଙ୍କ ଦୁଃଖ ସୁଖରେ ଛିଡ଼ାହେଲେ ଆଦର୍ଶ ନେତା ହୋଇପାରିବେ ଏବଂ ଭୋଟ ପାଇଁ ବିଭିନ୍ନ ନାଟ କରିବାକୁ ପଡ଼ିବ ନାହିଁ।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
ମୋ:୭୯୭୮୯୯୦୦୧୬

## ଏଇ ଭାରତରେ

ପିତାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ପ୍ରତିଦିନ ମାଗଣାରେ ଅସହାୟ ବରିଷ୍ଠ ନାଗରିକମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି ଗୁଜରାଟର ରାକେଶ ପଞ୍ଚାଲ। ଗୁଜରାଟର ଭାସୋ ଅଞ୍ଚଳର ବିଭିନ୍ନ ଗାଁରେ ଥିବା ଏଭଳି ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିକଟରେ ଟିଫିନରେ ଖାଦ୍ୟ ପହଞ୍ଚାଉଛନ୍ତି। ଏଥିପାଇଁ ସେ 'ଭିସାମୋ ଟିଫିନ ସେବା' ଆରମ୍ଭ କରିଛନ୍ତି ଓ ଏଯାବତ ୨.୫ ଲକ୍ଷ ମିଲ୍ ଯୋଗାଇ ସାରିଲେଣି। ଏହି କାର୍ଯ୍ୟରେ ୧୮ ଜଣ ଲୋକଙ୍କୁ ନିୟୋଜିତ କରିଛନ୍ତି। ରାକେଶ ବିଏସ୍‌ସି ଦ୍ୱିତୀୟ ବର୍ଷରୁ ପଢ଼ା ଛାଡ଼ି ଏକ ଘରୋଇ ନ୍ୟୁଜ ଚ୍ୟାନେଲରେ କାମ କରୁଥିଲେ। ପରେ ସେ ହାଇଦ୍ରାବାଦ, ଦିଲ୍ଲୀ, ଗୁଜରାଟ ଓ ମୁମ୍ବାଇରେ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲରେ କାମ କରିଛନ୍ତି। ପରେ ସେ ଭାସୋ ଫେରି ତାଙ୍କ ପିତାଙ୍କ କନ୍‌ଷ୍ଟ୍ରକ୍‌ଶନ କାମ ବୁଝିଲେ। ସେହି ସମୟରେ ତାଙ୍କ ପିତା ଗରିବଙ୍କୁ ମାଗଣାରେ ଖାଦ୍ୟ ଦେଉଥିଲେ ଓ ଜୀବନ ସାରା ଏହା କରିବାକୁ ଇଚ୍ଛା ବି ରଖିଥିଲେ। ତାଙ୍କର ମୃତ୍ୟୁ ହେବା ପୂର୍ବରୁ ସେ ଏହାକୁ ଚାଲୁ ରଖିବା ଲାଗି ରାକେଶଙ୍କୁ କହିଥିଲେ। ପରେ ରାକେଶ ହସ୍ପିଟାଲ ଯାଇ ୧୫ ଜଣ ରୋଗୀଙ୍କୁ ଖାଦ୍ୟ ଦେଇଥିଲେ। ଏହିଠାରୁ ତାଙ୍କ ସେବା ଆରମ୍ଭ ହୋଇ ଏବେ ଭାସୋ ଅଞ୍ଚଳର ବିଭିନ୍ନ ଗାଁରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜାନୁଆରୀ ୧୯୭୫

- ସରକାରୀ ବାହିନୀର ବିମାନ ଗୁଡିକ ଦ୍ୱାରା ମୁକ୍ତି ସଂଗଠନର ସାମରିକ ଘାଟିଗୁଡିକ ଉପରେ ଆକ୍ରମଣ କରାଯିବା ପରିପ୍ରେକ୍ଷୀରେ ଜାତୀୟ ମୁକ୍ତ ସଙ୍ଗଠନର ୪୪ଜଣ ସୈନ୍ୟ ହୋଆଇ ଜେକ୍ ନିକଟରେର ନିହତ।
- କେନ୍ଦ୍ର ପେଟ୍ରୋଲିୟମ ଓ ରାୟାୟନିକ ବ୍ୟାବାର ମନ୍ତ୍ରୀ ଶ୍ରୀ କେ.ଡି. ମାଲବ୍ୟଙ୍କ ଅଧକ୍ଷତାରେ ଏକ ତୈଳଶିଳ୍ପ ଉନ୍ନୟନ ବେର୍ଡ଼ ଗଠନ।
- ସର୍ବଶ୍ରେଷ୍ଠ ବିବେଚିତ ହଙ୍ଗେରୀୟ ଚଳଚ୍ଚିତ୍ର 'ଡ୍ରିମିଂ ୟୁଥ୍' କୁ 'ସୁବର୍ଣ୍ଣ ମୟୁର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ !
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।
(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 9 |
| | | 2 | | 1 | 6 | 3 | | |
| 4 | | 9 | 5 | | | | | 2 |
| | | | 6 | | 7 | 5 | | |
| 3 | | 8 | | | | 6 | 9 | |
| | | | | | 3 | | | |
| | 9 | | | | | | | |
| | 6 | | | 3 | | | 8 | |
| | | 4 | 2 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 2 | 5 | 6 | 4 | 7 |
| 6 | 2 | 7 | 1 | 4 | 3 | 9 | 8 | 5 |
| 4 | 8 | 5 | 9 | 6 | 7 | 3 | 1 | 2 |
| 7 | 4 | 6 | 5 | 9 | 1 | 8 | 2 | 3 |
| 5 | 3 | 2 | 4 | 8 | 6 | 7 | 9 | 1 |
| 1 | 9 | 8 | 7 | 3 | 2 | 5 | 6 | 4 |
| 2 | 5 | 9 | 6 | 7 | 4 | 1 | 3 | 8 |
| 8 | 7 | 4 | 3 | 1 | 9 | 2 | 5 | 6 |
| 3 | 6 | 1 | 2 | 5 | 8 | 4 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁଞ୍ଜିପତିଙ୍କୁ ଋଣ ଛାଡ଼ି କାହାକୁ ପୋଷୁଛନ୍ତି

ମହାଶୟ,

କେନ୍ଦ୍ର ସରକାର ଦେଶରେ ଥିବା ପୁଞ୍ଜିପତିମାନଙ୍କୁ ହଜାର ହଜାର କୋଟି ଟଙ୍କା ଋଣ ଦେଉଛନ୍ତି। ସୁଧ ଦେଇ ନ ପାରିଲେ ତାଙ୍କୁ ଋଣ ଛାଡ଼ କରିଦିଆଯାଉଛି ଓ ଆତ୍ମଗୋପନ ପାଇଁ ବିଦେଶକୁ ଛାଡ଼ି ଦିଆଯାଉଛି। ଅତୀତରେ ବିଜୟ ମାଲ୍ୟା ଓ ନୀରବ ମୋଦି ପ୍ରମୁଖ କୋଟିପତିଙ୍କୁ ଋଣ ଦେଇ ତାଙ୍କ ଋଣର ସୁଧ ଛାଡ଼ କରି ଅନ୍ୟ ଦେଶକୁ ଚାଲିଯିବାର କୌଶଳ କରିଛନ୍ତି। ଏଭଳି ଦଲାଲ କମ୍ପାନୀମାନଙ୍କୁ ଯେଉଁ ସୁଧ ଛାଡ଼ କରାଯାଉଛି ତାହା ଦେଶର ସ୍ୱାର୍ଥରେ ବାଧା ଆଣୁଛି। ନିଜ ସ୍ୱାର୍ଥ ପାଇଁ ସରକାର ଯେଉଁ ଉଦ୍ୟମ କରୁଛନ୍ତି ତା'ର ଫଳ ସ୍ୱରୂପ ୯ ବର୍ଷ ଭିତରେ ଏକଲକ୍ଷ ହଜାର କୋଟି ଋଣ କରି ଭାରତୀୟଙ୍କ ମୁଣ୍ଡ ଉପରେ ଲଦିଛନ୍ତି। ଖାଲି ମିଛ ଆସ୍ଫାଳନ କରି ମାଛ ତେଲରେ ମାଛ ଭାଜିବା ପରି ସୁଧ ଛାଡ଼ ଟଙ୍କାରେ ଭୋଟ କିଣି ଏକଚ୍ଛତ୍ରବାଦ ଶାସନ କରିବା ଏ ସରକାରଙ୍କର ଉଦ୍ଦେଶ୍ୟ।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଶନିବାର ପୁରୀର ବିଭିନ୍ନ ସାହିଯାତ ଦ୍ୱାରା ସିଂହଦ୍ୱାର ସମ୍ମୁଖରେ ପ୍ରଦର୍ଶିତ ପାରମ୍ପରିକ କଳା ଓ ନୃତ୍ୟ। (ଫଟୋ: ମନୋରଞ୍ଜନ)

# ପରମ୍ପରା ଅନୁଯାୟୀ ଅଙ୍କୁରାରୋପଣ ସମ୍ପନ୍ନ

**ପୁରୀ, ୧୩।୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆସନ୍ତା ୧୭ତାରିଖରେ ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୁତି ଦେବାପରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। କାର୍ଯ୍ୟକ୍ରମର ଆଦ୍ୟପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗଜପତି ମହାରାଜା ବ୍ରାହ୍ମଣବରଣ କରିବା ସହ ଗୁଆ ଟେକା ନୀତି ସମ୍ପନ୍ନ କରିବା ପରେ ବରଣ ହୋଇଥିବା ବ୍ରାହ୍ମଣମାନେ ଯଜ୍ଞବେଦିଠାରେ ଅଙ୍କୁରାରୋପଣ ନୀତି ସମ୍ପନ୍ନ କରିଥିଲେ। ଏହି କ୍ରମରେ ଶନିବାର ଶୁଭବେଳାରେ ବ୍ରାହ୍ମଣମାନଙ୍କ ପକ୍ଷରୁ ଅଙ୍କୁର ପୂଜନ ନୀତି କରାଯାଇଛି। ବ୍ରାହ୍ମଣମାନେ ଯଜ୍ଞମଣ୍ଡପ ନିକଟରେ ଥିବା ସ୍ୱତନ୍ତ୍ର ଗୃହରେ ଏହି ଅଙ୍କୁର ପୂଜନ କରିଛନ୍ତି। ପ୍ରତିଷ୍ଠା ଉତ୍ସବ ପାଇଁ ଯଜ୍ଞ ପୂର୍ବରୁ ଏହି ଅଙ୍କୁରାରୋପଣ ଓ ଅଙ୍କୁର ପୂଜନ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଆରମ୍ଭ ହୋଇଛି ପୂଜାର୍ଚ୍ଚନା। ଶ୍ରୀମନ୍ଦିର ଉତ୍ତର ପୂର୍ବ ଈଶାନ୍ୟ କୋଣ ଯଜ୍ଞ ମଣ୍ଡପ ନିକଟରେ ଥିବା ସ୍ୱତନ୍ତ୍ର ଗୃହରେ ଅଙ୍କୁର ପୂଜନ ଅନୁଷ୍ଠିତ ହୋଇଛି। ଅଙ୍କୁର ପୂଜନ ପରେ ଯଜ୍ଞ ମଣ୍ଡପରେ ମଣ୍ଡଳ କଟା ହୋଇଥିଲା। ସେହିପରି ରବିବାର ମଧ୍ୟ ଅଙ୍କୁର ପୂଜନ, ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ, ଧ୍ୱଜା ସ୍ଥାପନ ଓ ତୋରଣ ସ୍ଥାପନ ଆଦି ନୀତି ସମ୍ପାଦନ କରାଯିବ। ୧୫ ତାରିଖରୁ ଯଜ୍ଞ ଆରମ୍ଭ ହେବ। ୧୭ତାରିଖରେ ପୂର୍ଣ୍ଣାହୁତି ହୋଇ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ତେବେ ନୀତି ସମ୍ପର୍କରେ ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ଗଜପତି ମହାରାଜାଙ୍କ ଇଷ୍ଟ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାରାଜଙ୍କୁ ଚଳନ୍ତି ପ୍ରତିମା ବୋଲି କୁହାଯାଇଥାଏ। ତେଣୁ ମହାପ୍ରଭୁଙ୍କ ଯେକୌଣସି କାର୍ଯ୍ୟ କରାଯାଇଥାଏ ସେଥିରେ ଗଜପତି କର୍ତ୍ତା ଭାବରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଏହି କ୍ରମରେ ଗଜପତି ମହାରାଜା ରାଜଗୁରୁଙ୍କୁ ବରଣ କରିଥିଲେ। ପରେ ରାଜଗୁରୁ ଅନ୍ୟ ୮ଜଣ ବ୍ରାହ୍ମଣଙ୍କୁ ବରଣ କରିଛନ୍ତି। ବରଣ କରିବାପରେ ଶନିବାର ଅଙ୍କୁରାରୋପଣ କରାଯାଇଛି। ଅଙ୍କୁରାରୋପଣରେ ଦେବତାମାନଙ୍କୁ ବରଣ କରାଯାଇଛି। ପରେ ଅନ୍ୟାନ୍ୟ ନୀତି କରାଯାଇ ୧୫ ତାରିଖରୁ ଯଜ୍ଞ ଆରମ୍ଭ ହେବ ବୋଲି ବିଶ୍ୱମ୍ଭର କହିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବକୁ ୯୦୦ ଅତିଥି ଦେଶବିଦେଶରୁ ଆସିବାକୁ ଥିବାରୁ ସେମାନଙ୍କ ସ୍ୱାଗତ ଏବଂ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସଭିଏଁ ପ୍ରତିଷ୍ଠା ଉତ୍ସବର ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ତେବେ ଯେଉଁଠାରେ ଅତିଥିମାନେ ବସିବେ ସେ ସ୍ଥାନକୁ ପରୀକ୍ଷାମୂଳକ ଭାବରେ ନିରୀକ୍ଷଣ କରାଯାଇଛି। ଅତିଥିମାନଙ୍କୁ ଓଡ଼ିଶାର ପାରମ୍ପାରିକ ନୃତ୍ୟ, କଳାରେ ସ୍ୱାଗତ କରାଯିବ। ଶ୍ରୀମାର୍ଗଠାରୁ ଶ୍ରୀମନ୍ଦିର ନିକଟ ପର୍ଯ୍ୟନ୍ତ ୧୧ଟି ପଏଣ୍ଟ କରାଯାଇଛି। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଅପରପକ୍ଷରେ ପରିକ୍ରମା ପ୍ରକଳ୍ପ ମାର୍ଗରେ ୧୮ଟି ପଏଣ୍ଟ କରାଯାଇଛି। ସନ୍ଧ୍ୟାରେ ସେଠାରେ ବଡ଼ ଆକାରରେ କାର୍ଯ୍ୟକ୍ରମ କରାଯିବ। ଭକ୍ତମାନଙ୍କ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭଠାରେ ଏକ ପ୍ରଦର୍ଶନୀ ବ୍ୟବସ୍ଥା କରାଯାଇଛି। ସେଠାରେ ଠାକୁରଙ୍କ ବେଶ ପ୍ରଦର୍ଶନ କରାଯିବ, ଫଳରେ ଭକ୍ତମାନଙ୍କ ମଧ୍ୟରେ ମହାପ୍ରଭୁଙ୍କ ବେଶ ନେଇ ଧାରଣା ଆସିବ। ତିନିଗୋଟି ରଥ ମଧ୍ୟ ରହିବ, ଯାହାକୁ ଭକ୍ତମାନେ ଚାହିଁଲେ ଫଟୋ ଉଠାଇ ନେଇପାରିବେ। ସ୍କାନର ସାହାଯ୍ୟରେ ତଥ୍ୟ ପାଇପାରିବେ। ଶ୍ରୀମନ୍ଦିର ଚାରିପାଖକୁ ଆଲୋକୀକରଣ କରାଯାଇଛି। ପୁରୀବାସୀ ଘରଗୁଡ଼ିକୁ ଆଲୋକୀକରଣ କରନ୍ତୁ। ଦୀପ ଜଳାନ୍ତୁ। ଘର ଆଗରେ ଝୋଟି ପକାନ୍ତୁ, ଯାହାଫଳରେ ପୁରୀବାସୀଙ୍କ ଆତିଥ୍ୟତା ସମ୍ପର୍କରେ ବିଶ୍ୱବାସୀ ଜାଣିପାରିବେ। ଦର୍ଶନ ବ୍ୟବସ୍ଥାରେ କୌଣସି ସମସ୍ୟା ହେବ ନାହିଁ। ତେବେ ଯଜ୍ଞସ୍ଥଳ ନିକଟକୁ କାହାରିକୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି। ଅପରପକ୍ଷରେ ଶନିବାର ବ୍ରାହ୍ମଣଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପାରମ୍ପରିକ ଦରଜୀ ସର୍ଦ୍ଦାର ପ୍ରକାଶ କୁମାର ମହାପାତ୍ର ଶିଳାନ୍ୟାସ ପଥରର ମାପଚୁପ ନେଇଛନ୍ତି। ଶିଳାନ୍ୟାସ ପଥରକୁ ଆବଦ୍ଧ କରିବା ସହ ଲୋକାର୍ପଣ ଉତ୍ସବ ପାଇଁ ଦରଜୀ ସର୍ଦ୍ଦାର କପଡ଼ା ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି।



## ଅଯୋଧ୍ୟାରେ ବାଲୁକା କଳା ନିର୍ମାଣ ପାଇଁ ସୁଦର୍ଶନଙ୍କୁ ନିମନ୍ତ୍ରଣ

**ପୁରୀ, ୧୩।୧ (ଅଜିତ୍ ମହାନ୍ତି)**

ଆନ୍ତର୍ଜାତିକ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ବାଲୁକା କଳା ପ୍ରଦର୍ଶନ କରିବେ। ଏଥିପାଇଁ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟର ସଂସ୍କୃତି ବିଭାଗ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ସୁଦର୍ଶନ ରାମାୟଣ ବିଷୟବସ୍ତୁ ଉପରେ ଏକ ବାଲୁକା କଳା ପ୍ରସ୍ତୁତ କରିବେ। ଏହି ଶୁଭ ଅବସରରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ଆଶୀର୍ବାଦ ବୋଲି ସୁଦର୍ଶନ କହିଛନ୍ତି। ସେ ତାଙ୍କର ୮ ଜଣ ଛାତ୍ରଙ୍କ ସହିତ ଅଯୋଧ୍ୟା ଯାଇ କାର୍ଯ୍ୟକ୍ରମରେ ଯୋଗଦେବା ସହ ବାଲୁକା କଳା ପ୍ରଦର୍ଶନ କରିବେ। ସୁଦର୍ଶନ ବିଶ୍ୱରେ ୬୫ରୁ ଅଧିକ ଅନ୍ତର୍ଜାତୀୟ ବାଲୁକା ଚାମ୍ପିୟନଶିପ ଏବଂ ଉତ୍ସବରେ ଅଂଶଗ୍ରହଣ କରିଛନ୍ତି। ଦେଶ ପାଇଁ ଅନେକ ପୁରସ୍କାର ମଧ୍ୟ ଜିତିଛନ୍ତି। ସେ ସର୍ବଦା ନିଜର ବାଲୁକାକଳା ମାଧ୍ୟମରେ ସାରା ବିଶ୍ୱରେ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରିଆନ୍ତି।

ଧରିତ୍ରୀ DHARITRI Oriya daily

**ଆବଶ୍ୟକ କରୁଛି**

**ଜିଲା ପ୍ରତିନିଧି**

ପୁରୀ ଜିଲା ପାଇଁ ଖବରଦାତା ବା ପ୍ରତିନିଧି ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

ଇ-ମେଲ: recruitment@dharitri.com

# ମହାପ୍ରଭୁଙ୍କ ଦୁଧମେଲାଣ ନୀତି

**ପୁରୀ, ୧୩।୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ମକର ସଂକ୍ରାନ୍ତି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଶନିବାର ଶ୍ରୀମନ୍ଦିରରେ ଦୁଧମେଲାଣ ନୀତି ଅନୁଷ୍ଠିତ ହୋଇଯାଇଛି। ନୀତି ନିମନ୍ତେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ପାଣି ପଡ଼ି ଦକ୍ଷିଣ ଘରେ ଭୋଗ ଅନୁଷ୍ଠିତ ହୋଇଥିଲା। ଭୋଗ ସମ୍ପନ୍ନ ହେବା ପରେ ଦକ୍ଷିଣ ଘରୁ ମହାଜନ ସେବକମାନେ ତାଙ୍କ ହସ୍ତରେ ଶ୍ରୀରାମକୃଷ୍ଣଙ୍କୁ ଧରି ରତ୍ନସିଂହାସନକୁ ବିଜେ କରାଯାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ଏକ ଆଜ୍ଞାମାଳ ଆଣି ରାମକୃଷ୍ଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ଠାକୁରଙ୍କୁ ହସ୍ତରେ ଆଣି ପଣ୍ଡା ଦୁଆର ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲେ। ପରେ ଘଣ୍ଟ, ଛତା ଓ କାହାଳୀ ସହ ମହାଭୋଇ ସେବକ ରୋଷଶାଳା ପରିସରକୁ ଯାଇ ଦୁଧଭାର ନେଇ ଆସିଥିଲେ। ପରେ ଠାକୁରଙ୍କୁ ବିମାନବଡ଼ୁ ସେବକମାନେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଯାଇଥିଲେ। ସେଠାରେ ପୂର୍ବରୁ ଏକ ଗାଈ ବାଛୁରି ରହିଥାନ୍ତି। ତାଙ୍କଠାରୁ ଦୁଧ ଅଣାଯାଇ ଠାକୁରଙ୍କୁ ଦୁଧ ମଣୋହି କରାଯାଇଥିଲା। ପରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ବଲ୍ଲଭ ମଠରେ ସମସ୍ତ ନୀତି ସମ୍ପାଦନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଠାକୁରଙ୍କୁ ମା' ମହାଲକ୍ଷ୍ମୀ ମନ୍ଦିର ପରିସରରେ ପଡ଼ିଥିବା ଖଟଶେଯ ଉପରେ ବିଜେ କରାଯାଇଥିଲା। ସେଠାରେ ଠାକୁରଙ୍କୁ ଦୁଧ ମଣୋହି କରାଯିବା ସହ ବନ୍ଦାପନା ଏବଂ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ।



# ଠିକ୍ ସମୟରେ ସରିଛି ପ୍ରକଳ୍ପ କାର୍ଯ୍ୟ





**ପୁରୀ, ୧୩।୧ (ଅଜିତ୍ ମହାନ୍ତି)**

### ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଯଜ୍ଞ କାର୍ଯ୍ୟ ପାଇଁ ଶନିବାର ଅଙ୍କୁରା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରିକ୍ରମା ପ୍ରକଳ୍ପ ସହ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରୀ ଆସି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଯଜ୍ଞମଣ୍ଡପ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଜେନା ପ୍ରକଳ୍ପକୁ ଅନୁଧ୍ୟାନ କରିଛନ୍ତି। ନିର୍ଦ୍ଧାରିତ ସମୟରେ ପରିକ୍ରମା ପ୍ରକଳ୍ପ ଶେଷ ହୋଇଥିବା ମୁଖ୍ୟ ଶାସନ ସଚିବ କହିଥିବା ବେଳେ ଆସନ୍ତା ୧୭ତାରିଖ ଶୁଭ ଉଦ୍‌ଘାଟନ ପରେ ଅର୍ଥାତ୍ ଦିନ ୩ଟା ପରେ ପ୍ରକଳ୍ପ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ ବୋଲି କହିଛନ୍ତି। ମୁଖ୍ୟ ଶାସନ ସଚିବ ଜେନା ସୂଚନା ଦେଇ କହିଛନ୍ତି, ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। କାଁ ଭାଁ କେଉଁଠି କିଛି ସଫାସଫି ପାଇଁ ରହିଛି ତା ମଧ୍ୟ ସରିଯିବ। ଶ୍ରୀମାର୍ଗ କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବଡ଼ଦାଣ୍ଡରେ ଲାଇଟ୍ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକ୍ଷମ କରୁଛି। ବିଶେଷ କରି ଯେଉଁମାନେ ଏହି ପ୍ରକଳ୍ପ ପାଇଁ ନିଜର ଭିଟାମାଟି ଅର୍ଥାତ ଜମି ତ୍ୟାଗ କରିଛନ୍ତି ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିଥିବାରୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଛତିଶାନିଯୋଗ ଓ ବିଶେଷକରି ପୁରୀବାସୀଙ୍କୁ ମଧ୍ୟ ପ୍ରକଳ୍ପ ପାଇଁ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ପୁରୀବାସୀ ବଡ଼ଦାଣ୍ଡ ସମେତ ଶ୍ରୀସେତୁ ଓ ଶ୍ରୀମାର୍ଗ ରାସ୍ତା ଦେଇ ଶ୍ରୀମନ୍ଦିରକୁ ସହଜରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏହା ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହେବ। ତେବେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନ ଅର୍ଥାତ୍ ୧୭ତାରିଖରେ ଶ୍ରୀସେତୁ ଭକ୍ତଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି। ଭକ୍ତମାନେ ଶ୍ରୀଦାଣ୍ଡ ଓ ବଡ଼ଦାଣ୍ଡ ଦେଇ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିପାରିବେ। ଗାଡ଼ି ପାର୍କିଂ ପାଇଁ ସମଙ୍ଗ, ଶ୍ରୀଜଗନ୍ନାଥ ବଲ୍ଲଭ ଓ ମେଡିକାଲ ଛକ ନିକଟରେ ବ୍ୟବସ୍ଥା କରାଯାଇଛି। ଯେଉଁଠାରେ ଭକ୍ତମାନେ ଗାଡ଼ି ପାର୍କ କରି ବ୍ୟାଟେରି ଗାଡ଼ିରେ ଆସି ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରି ପାର୍କିଂ ସ୍ଥଳକୁ ଫେରିପାରିବେ। ଅପରପକ୍ଷର ଶ୍ରୀମନ୍ଦିର ପରିକ୍ରମା ମାର୍ଗର ସ୍ୱଚ୍ଛତା ଜନସାଧାରଣଙ୍କ ହାତରେ ରହିଛି। ତେଣୁ ଅପରିଷ୍କାର ନ କରି ପରିଷ୍କାର ରଖିବା ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ଉଚିତ୍ ବୋଲି ଜେନା ମତବ୍ୟକ୍ତ କରି କହିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ସମୟରେ ମୁଖ୍ୟ ଶାସନ ସଚିବଙ୍କ ସହ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିଶାଲ ସିଂହଙ୍କ ସମେତ ଟାଟା ଓ ଓବିସିସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଶନିବାର ସକାଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।

**ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା**
**(Skill Development Training for SC Unemployed Youths)**

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଓଡ଼ିଶା ଅନୁସୂଚିତ ଜାତିଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଭୁବନେଶ୍ୱର, ଯୋଗ୍ୟ ଓ ଇଚ୍ଛୁକ ଅନୁସୁଚିତ ଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଆବଶ୍ୟକ ଯୋଗ୍ୟତା:**
(କ) ଆବେଦନକାରୀ ଅନୁସୁଚିତ ଜାତି ବର୍ଗର ହୋଇଥିବେ ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
(ଖ) ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(ଗ) ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ହୋଇନ ଥିବ ।
(ଘ) ଆବେଦନକାରୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ।

**ପାଠ୍ୟକ୍ରମ ଦେୟ:**
ଏହି ତାଲିମ୍ ନେବା ପାଇଁ ଆଗ୍ରହୀ ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ ମାଗଣାରେ ରହିବା ଖାଇବା, ୟୁନିଫର୍ମ ଓ ତାଲିମ୍ ଉପକରଣ ଆଦି ଯୋଗାଇ ଦିଆଯିବ । ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ ପ୍ରଥମେ ନିଜ ଜିଲ୍ଲାରେ ତାଲିମ୍ ଦେବାର ବ୍ୟବସ୍ଥା କରାଯିବ, ଏହି ସୁବିଧା ଉପଲବ୍ଧ ନ ଥିଲେ ସେମାନଙ୍କୁ ନିକଟତମ ଜିଲ୍ଲାରେ ତାଲିମ୍ ଦିଆଯିବାର ବ୍ୟବସ୍ଥା କରାଯିବ।

**ତାଲିମ୍ ପାଠ୍ୟକ୍ରମ:**
CNC Turning,
Food & Beverage Service Associate,
General Duty Assistant,
Industrial Electrician,
Machine Operator - Plastic Processing,
Multi Skill Technician (Electrical),
Self Employed Tailor,
Sewing Machine Operator
Condensed Course in tool & DIE making
CNC Milling

**କିପରି ଆବେଦନ କରିବେ:**
ଇଚ୍ଛୁକ ପ୍ରାର୍ଥୀ ବା ପ୍ରାର୍ଥୀନୀ ଆମ ୱେବସାଇଟ www.stscprayas.com ଜରିଆରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ଉକ୍ତ ଫର୍ମକୁ ଡାଉନଲୋଡ କରି ନିକଟସ୍ଥ DWO କାର୍ଯାଳୟ କିମ୍ବା The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014 କାର୍ଯାଳୟରେ ଦାଖଲ କରିପାରିବେ ।

ଅଧିକ ବିବରଣୀ ପାଇଁ ଆମକୁ ଯୋଗାଯୋଗ କରିବାପାଇଁ
0674-2432107 (OSFDC) /0674-2390780 (Directorate of SCs)ଙ୍କୁ ଯୋଗାଯୋଗ କରନ୍ତୁ ।
*ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବନାହିଁ । କୌଣସି କାରଣ ନ ଦର୍ଶାଇ,
ଯେ କୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

**ଯୋଗାଯୋଗ**
The Odisha Scheduled Caste & Scheduled Tribe Development Finance
Co-operative Corporation Limited (OSFDC), Lewis Road, Bhubaneswar – 751014,
Email-osfdc.odisha@gmail.com

# ପ୍ରତିଷ୍ଠା ହେବ ମିନି ମିଲେଟ୍ କାରଖାନା



କୃଷି ଓଡ଼ିଶାର ଶନିବାର ଦ୍ୱିତୀୟ ଦିବସରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମିଶନ ଶକ୍ତି ବିଭାଗର କମିଶନର ସୁଜାତା ଆର କାର୍ତ୍ତିକେୟନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)**

କୃଷି ଓଡ଼ିଶା-୨୦୨୪ର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଏସ୍‌ଏଚ୍‌ଜି ଉଦ୍ୟୋଗୀଙ୍କ ଭୂମିକା ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୦ ଏସ୍‌ଏଚ୍‌ଜି କୃଷି ଉଦ୍ୟୋଗୀଙ୍କୁ ପୁରସ୍କୃତ ଓ ସମ୍ମାନିତ କରିଥିଲେ। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡିଏଏଫ୍‌ଇ ଓ ଆଇଆର୍‌ଆର୍‌ଆଇ ଭଳି ଅନ୍ତଃ ରାଷ୍ଟ୍ରୀୟ ସଂସ୍ଥା ସହ ମିଶନ ଶକ୍ତି ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଭାଗୀଦାରିତା ଜରିଆରେ ମିଶନ ଶକ୍ତି ମହିଳାମାନେ ଚାଉଳରୁ କୁକିଜ୍, ସ୍ନାକ୍ସ, ମୁସଲି, ପାସ୍ତା, ନୁଡୁଲ୍ସ ପରି ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିପାରିବେ। ଚାଉଳଭିତ୍ତିକ ଖାଦ୍ୟ ଶିଳ୍ପରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ

## 'କୃଷି ଓଡ଼ିଶା'ର ଦ୍ୱିତୀୟ ଦିବସ

ସୁଯୋଗ ବୃଦ୍ଧି, ମହିଳାଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଉଦ୍ୟୋଗଗୁଡ଼ିକର ବିକାଶ ଏହି ବୁଝାମଣାର ମୂଳ ଉଦ୍ଦେଶ୍ୟ। ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଉଦ୍ୟୋଗରେ ଏସ୍‌ଏଚ୍‌ଜି ମା'ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଏକ ମିନି ମିଲେଟ୍ କାରଖାନା ମଧ୍ୟ ପ୍ରତିଷ୍ଠା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଅଧିବେଶନରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିବେଶନରେ ୧୫୦୦ରୁ ଅଧିକ ମହିଳା କୃଷି ଉଦ୍ୟୋଗୀ ସାମିଲ ହୋଇଥିଲେ। ଏହି ଅବସରରେ ଶେଷ ପର୍ଯ୍ୟାୟରେ ମିନି ଚାଉଳ ମିଲ, ଡାଲି ମିଲ, ତେଲ ମିଲ, ରବର ରୋଲ ଶେଲର କମ୍ ପଲିଶର୍ ଭଳି ବିଭିନ୍ନ ପ୍ରକଳ୍ପ ପାଇଁ ଏସ୍‌ଏଚ୍‌ଜିଗୁଡ଼ିକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଥିଲା।



ସନ୍ଧ୍ୟା ଅଧିବେଶନରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜଣେ ସଫଳ ମାଛଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ-ବିକାଶ ନାୟକ)

## 'କୃଷିକ୍ଷେତ୍ରରେ ମହିଳାଙ୍କ ପାରଦର୍ଶିତା ଦୃଷ୍ଟି ଆକର୍ଷଣ କରିଛି'

ରାଜ୍ୟରେ କୃଷି କ୍ଷେତ୍ରରେ ମହିଳାଙ୍କ ପାରଦର୍ଶିତା ଆଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ କୃଷିର ସବୁକ୍ଷେତ୍ରରେ ମହିଳାଙ୍କୁ ସାମିଲ କରାଯାଇ ଆୟବୃଦ୍ଧି ସହ ସ୍ୱାବଲମ୍ବୀ କରାଯାଇପାରିଛି। ଉନ୍ନତ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ଫସଲର ବିବିଧିକରଣ ଦ୍ୱାରା କୃଷି କ୍ଷେତ୍ରରେ ଆଖିଦୃଶିଆ ସଫଳତା ମିଳିଛି ବୋଲି ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଜନତା ମଇଦାନଠାରେ ଚାଲିଥିବା କୃଷି ଓଡ଼ିଶାର ଦ୍ୱିତୀୟ ସନ୍ଧ୍ୟା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ସ୍ୱାଗତ ଭାଷଣ ଓ ଇମେଜର ନିର୍ଦ୍ଦେଶକ ପ୍ରମିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଛଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ମାଲ୍ୟାର୍ପଣ, ବାଣୀବିହାରସ୍ଥିତ ଛାତ୍ରାବାସ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା ୩୦।
- ଆଇନାର ସିଲଭର ଜୁବୁଲି, ଜିକେସିଏମ୍, ପୂର୍ବାହ୍ନ ୧୦ଟା ୩୦।
- କୃଷି ମେଳା ଉଦ୍‌ଯାପନୀ ଉତ୍ସବ, ଜନତା ମଇଦାନ, ଅପରାହ୍ନ ୫ଟା।
- ଉତ୍କଳ ରଜକ ମହାସଂଘ ପକ୍ଷରୁ ନବବର୍ଷର ବନ୍ଧୁମିଳନ ଓ ପିକ୍ନିକ କାର୍ଯ୍ୟକ୍ରମ, ଭୁଆସୁଣି ମନ୍ଦିର, ସାମନ୍ତରାପୁର, ପୂର୍ବାହ୍ନ ୧୧ଟା।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୪ଟା।
- ନ୍ୟାଶନାଲ ଆର୍ଟିଷ୍ଟ କ୍ୟାମ୍ପ ଚିତ୍ରାଞ୍ଜଳି, ଏକାମ୍ର ଅର୍ବାନ ହାଟ, ୟୁନିଟ୍-୩, ଅପରାହ୍ନ ୫ଟା।

**ବାଲିଅନ୍ତା**

- ଭାଗବତ ପଠନ ଓ ପ୍ରବଚନ, ନହରକଣ୍ଟା (ଖ)ସ୍ଥିତ ହନୁମାନଙ୍କ ପୀଠସ୍ଥଳୀ, ମାରୁତି ମଣ୍ଡପ, ରାତି ୭ଟା।


କଣ୍ଢେଇ ଘର ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଶନିବାର ଆୟୋଜିତ ପ୍ରଥମ ଲୋକ ସଂସ୍କୃତି ଉତ୍ସବରେ ପରିବେଷିତ କଣ୍ଢେଇ ନାଚ। (ଫଟୋ- ମୌସମ ନନ୍ଦ)

**ଅଭିଭାବକ-ଶିକ୍ଷକ ବୈଠକ**

## ସ୍କୁଲ ସହ ଯୋଡ଼ିହେଲେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ

**ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)**

ସାରା ରାଜ୍ୟରେ ଶନିବାର ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ ସାମିଲ ହୋଇଥିଲେ। ଶୈକ୍ଷିକ ଅଭିବୃଦ୍ଧି, ବାର୍ଷିକ ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଚାପମୁକ୍ତ ଭାବରେ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଆଣିବା ନିମନ୍ତେ ଅଭିଭାବକଙ୍କୁ ସଚେତନତା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ସମାପ୍ତିସୂଚକ ଆକଳନ ଓ ଅଭିଭାବକଙ୍କ ଭୂମିକା, ପିଲାଙ୍କ ମାନସିକ ଚାପ ଓ ଏହାର ଦୂରୀକରଣ, କ୍ୟାରିୟର କାଉନ୍‌ସେଲିଂ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା, ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ ୨୦୧୨ ଓ ବିଦ୍ୟାଳୟ ସୁରକ୍ଷା ନିୟମାବଳୀ-୨୦୧୬ ଆଦି ଉପରେ ଆଲୋଚନା କରାଯାଇଥିଲା। ଅଭିଭାବକମାନେ ସିଧାସଳଖ ବିଦ୍ୟାଳୟ ସହିତ ଯୋଡ଼ି ହୋଇ ଛାତ୍ରୀଛାତ୍ର ତଥା ବିଦ୍ୟାଳୟ ଉନ୍ନତିକରଣ ପ୍ରକ୍ରିୟାରେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ ଏହି ବୈଠକରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉକ୍ତ ବୈଠକକୁ ଶିକ୍ଷାବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗଦାନ କରି ତଦାରଖ ଓ ପରିଦର୍ଶନ କରିଥିଲେ।

## ବୋମା ଫୁଟି ଗାଈ ପାଟି ଫାଟିଲା

**ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)**

ବାର୍ହା ଶିକାର ପାଇଁ ରଖାଯାଇଥିବା ବୋମା ଖାଇ ଗାଈ ଗୁରୁତର ଆହତ ହୋଇଛି। ଗାଈର ପାଟି ଦୁଇଫାଳ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା ଖୋର୍ଦ୍ଧା ଜିଲା ଫାସିଓଦା ପଞ୍ଚାୟତ ଅନ୍ତର୍ଗତ କୁଶୁପଲ୍ଲା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଶନିବାର କୁଶୁପଲ୍ଲା ଗ୍ରାମର ନାରାୟଣ ଭୋଳ ଏକ ପଡ଼ିଆକୁ ଗାଈ ଚରାଇବା ପାଇଁ ନେଇଥିଲେ। ଗାଈ ଚରୁଥିବା ବେଳେ ସେଠାରେ ଘାସରେ ଲୁଚାଇ ବାର୍ହା ଶିକାର ପାଇଁ ଶିକାରୀ ଖଞ୍ଜିଥିବା



ବୋମାକୁ ଖାଇଦେଇଥିଲା। ଫଳରେ ବୋମାଟି ଫୁଟି ପାଟି ଫାଟିଯାଇଥିଲା। ଖବରପାଇ ସ୍ଥାନୀୟ ଲୋକେ ଗାଈକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ପ୍ରାଣୀବିଭାଗ ଡାକ୍ତର ଓ ସହଯୋଗୀ ପହଞ୍ଚି ଗାଈର ଚିକିତ୍ସା କରିଥିଲେ। ଗାଈର ସ୍ୱାସ୍ଥ୍ୟାବସ୍ଥା

**ବାର୍ହା ଶିକାର ପାଇଁ ରଖାଯାଇଥିଲା**

ସଙ୍କଟାପନ୍ନ ରହିଛି। ଉକ୍ତ ଅଞ୍ଚଳରେ ବେଆଇନ ଭାବେ ବାର୍ହା ଶିକାର ପାଇଁ ବୋମା ଏବଂ କରେଣ୍ଟ ଲଗାଯାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ କିଏ ଏହି ବୋମା ଖଞ୍ଜିଥିଲା, ତାହା ଜଣାପଡ଼ିନାହିଁ। ଏନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, ଫସଲ ଅମଳ ସମୟରେ ବାର୍ହା, ବନ୍ୟଜନ୍ତୁ ବିଲରେ ପଶି ଫସଲ ଖାଉଛନ୍ତି। ଏ ସବୁର ଦମନ ଲାଗି କେହି ଦୁର୍ବୃତ୍ତ ବୋମା ଖଞ୍ଜିଥିବା ଚର୍ଚ୍ଚା ହେଉଛି।

## ଚିକିତ୍ସା ବିଶେଷଜ୍ଞ ରାଧାଗୋବିନ୍ଦ ଦାସଙ୍କ ପରଲୋକ

**ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)**

ବିଶିଷ୍ଟ ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ଓ ପୂର୍ବତନ ଓପୋଲୋଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ରାଧାଗୋବିନ୍ଦ ଦାସଙ୍କ ଶନିବାର ସକାଳ ୮ଟା ୨୫ରେ ତାଙ୍କ ବିଜେବି ନଗରସ୍ଥିତ ବାସଭବନରେ ପରଲୋକ ଘଟିଛି।



ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଓଡ଼ିଶା ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ପଦପଦବୀରେ ରହି ଯୁଗ୍ମ ନିର୍ଦ୍ଦେଶକ ହେବା ସହିତ ଓପୋଲୋଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିଲେ। ଚାକିରି କାଳ ଭିତରେ ପ୍ରାଣୀ ବିଜ୍ଞାନ ଉପରେ ଅନେକ ଗବେଷଣା କରି ବିଭିନ୍ନ ଭାକ୍ସିନ ଉଦ୍ଭାବନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଭାଇ, ପୁତ୍ର, ପୁତ୍ରବଧୂ, ଭଣଜା, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଆମାୟିକ, ସ୍ୱାଭିମାନୀ ଓ ପରୋପକାରୀ ବ୍ୟକ୍ତି ଥିଲେ।

## ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ

**ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ**

**ଭୁବନେଶ୍ୱର, ୧୩।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ଶନିବାର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ରାଜା ମର୍ଦ୍ଦରାଜଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ ଓ ଜନସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ରାମଚନ୍ଦ୍ର ମର୍ଦ୍ଦରାଜ ସର୍ବଦା ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ। ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା।



ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିମାନେ।

ଗଞ୍ଜାମ ଜିଲା ବୋର୍ଡର ସଭାପତି ଭାବେ ସେ ବହୁ ଲୋକହିତକର କାର୍ଯ୍ୟ କରି ଜନତାଙ୍କ ଆସ୍ଥାଭାଜନ ହୋଇପାରିଥିଲେ। ବିଶିଷ୍ଟ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ କହିଲେ, ଜଣେ ପ୍ରଜାବତ୍ସଳ ଓ ଉତ୍ତମ ସଙ୍ଗଠକ ଭାବେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ରାଜ୍ୟ ତଥା ରାଜ୍ୟବାସୀଙ୍କ ନିମନ୍ତେ ଅନେକ କାର୍ଯ୍ୟ କରିଛନ୍ତି। ଜଣେ ସମାଜ ସଂସ୍କାରକ, ସତ୍ୟାନୁରାଗୀ ରାଜା ଭାବେ ସେ ଓଡ଼ିଶାର ଗର୍ବ ଓ ଗୌରବ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ରାଜା ମର୍ଦ୍ଦରାଜ ଦେଓ ସମଗ୍ର ଓଡ଼ିଆ ଜାତି ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି କହିଥିଲେ। ଏହି ଅବସରରେ ପୂଜ୍ୟପୂଜା ସାହିତ୍ୟ ସଂସଦ ଭୁବନେଶ୍ୱର ପକ୍ଷରୁ ଗଞ୍ଜାମର ପ୍ରସିଦ୍ଧ ସଖୀନୃତ୍ୟ ଓ ଭାରତ ଲୀଳା ପରିବେଷଣ ହୋଇଥିଲା। ସଂସଦର ସଂପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**


@ ଯଶୋବନ୍ତ


@ ସୁଧୀର


@ ସଞ୍ଜୟ


@ ସୁମତି


@ ମୃତ୍ୟୁଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପରିଶ୍ରମ, ସମୟାନୁବର୍ତ୍ତିତା ସଫଳତାର ଚାବିକାଠି: ଋତୁପର୍ଣ୍ଣା

**ଭୁବନେଶ୍ୱର, ୧୩।୧ (ଅନୁରାଧା ମହାରଣା)**

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା(ଓଜେଏସ୍) ପରୀକ୍ଷା ୨୦୨୩ରେ ଭୁବନେଶ୍ୱର ଝାରପଡ଼ାସ୍ଥିତ ମହାବୀର ନଗର ବାସିନ୍ଦା ଋତୁପର୍ଣ୍ଣା ଦାଶ କୃତିତ୍ୱ ଅର୍ଜନ କରିଛନ୍ତି। ୫୫ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୨୭ତମ ର୍‍ୟାଙ୍କ୍‌ରେ ଋତୁପର୍ଣ୍ଣା ରହିଛନ୍ତି। ସେ ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁରରୁ ସ୍କୁଲ ଶିକ୍ଷା, କିଟ୍ ସ୍କୁଲ ଅଫ୍ ଲ'ରୁ ଏଲ୍‌ଏଲ୍‌ବି ଓ ଜିନ୍ଦଲ ଗ୍ଲୋବାଲ ସ୍କୁଲ୍‌ରୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ହାସଲ କରିଥିଲେ। ଏହା ଭିତରେ ସେ ଓଜେଏସ୍ ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। କଠିନ ପରିଶ୍ରମ ଓ ସମୟାନୁବର୍ତ୍ତିତା ସଫଳତାର ଚାବିକାଠି ବୋଲି ଋତୁପର୍ଣ୍ଣା କହିଛନ୍ତି। ତେବେ ଏଥିପାଇଁ ବାପା ଲଳାଟେନ୍ଦୁ ଦାଶ, ମାଆ ଦେବଶ୍ରୀ ଦାଶ, ଜେଜେମା, କକା, ଖୁଡ଼ୀ, ମାମୁ ମାଇଁ ଓ ଭଉଣୀଙ୍କ ଆଶୀର୍ବାଦ


ଋତୁପର୍ଣ୍ଣା ଦାଶ

ଏବଂ ପ୍ରୋତ୍ସାହନ ରହିଥିଲା। ଏଥିସହ ଲ' ପାଠପଢ଼ା ଏବଂ ଓଜେଏସ୍ ପ୍ରସ୍ତୁତିରେ ଗୁରୁ ଜଷ୍ଟିସ୍ ୟୁ.ସି. ମିଶ୍ର, ଆଡଭୋକେଟ୍ ଆଶୁତୋଷ ମିଶ୍ର ଏବଂ ଇଂଲିଶ ଶିକ୍ଷାରେ ନିଜକୁ ଦକ୍ଷ କରିବାରେ ଗୁରୁ ଆଦିତ୍ୟ ଜେନାଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି । ସୂଚନାଯୋଗ୍ୟ, ତାଙ୍କ ବାପାଙ୍କର ଭୁବନେଶ୍ୱରରେ ମାଇଁ ଅପ୍‌ଟିକସ୍ ନାମରେ ଏକ ରିଟେଲ ଚେନ୍ ଅପ୍‌ଟିକାଲ ବ୍ୟବସାୟ ରହିଛି।

## ସଂକ୍ଷେପରେ

### ଗୁପ୍‌ଚୁପ୍ ଖାଇବାକୁ ନେଇ ଯୁବତୀଙ୍କ ମଧ୍ୟରେ ମାରପିଟ

ଭୁବନେଶ୍ୱର, ୧୩।୧(ସୂର୍ଯ୍ୟକାନ୍ତ ବେହେରା) – କିଏ ଆଗ ଗୁପ୍‌ଚୁପ୍ ଖାଇବ, ତାହାକୁ ନେଇ କେତେଜଣ ଯୁବତୀଙ୍କ ମଧ୍ୟରେ ହଠାତ୍ ପାଟିତୁଣ୍ଡ ହେବା ସହ କାମୁଡା କାମୁଡି ଓ ଚୁଟି ଝିଙ୍କାଝିଙ୍କି ହୋଇଥିଲା। ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏହି ଘଟଣା ଘଟିଥିଲା। ଏଥିରେ ଏକାଧିକ ଯୁବତୀ ଆହତ ହୋଇଥିଲେ। ଖବର ପାଇ ପିସିଆର ଭ୍ୟାନ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରି ଛାଡ଼ିଥିଲା। ସୂଚନାନୁସାରେ, ଜଗତ୍‌ସିଂହପୁରର ୩ଜଣ ଯୁବତ ଜଣେ ଯୁବକଙ୍କ ସହ ମାଷ୍ଟରକ୍ୟାଣ୍ଟିନ ଛକକୁ ଗୁପ୍‌ଚୁପ୍ ଖାଇବାକୁ ଆସିଥିଲେ। ଏହି ସମୟରେ ଆଉଜଣେ ଯୁବତୀ ସେଠାକୁ ଆସି ଗୁପ୍‌ଚୁପ୍ ପତ୍ର ଧରିଥିଲେ। ଏହାସହ ତାଙ୍କୁ ଆଗ ଗୁପ୍‌ଚୁପ୍ ଦେବାକୁ ବେପାରିଙ୍କୁ କହି ଜିଦ୍ ଧରିଥିଲେ। ଏହାକୁ ନେଇ ଉକ୍ତ ଯୁବତୀଙ୍କ ସହ ଜଗତ୍‌ସିଂହପୁରର ତିନି ଯୁବତୀଙ୍କର ବଚସା ହୋଇଥିଲା। ଯୁବତୀ ଜଣକ ଯୁବକଙ୍କୁ ନେଇ କମେଣ୍ଟ କରିବାରୁ ତିନି ଯୁବତୀ ତାଙ୍କୁ ମାଡ ମାରିଥିଲେ। ଉକ୍ତ ଯୁବତୀ ମଧ୍ୟ ତିନି ଯୁବତୀଙ୍କ ମଧ୍ୟରୁ ଜଣକୁ କାମଡି ଆହତ କରିଦେଇଥିଲେ। ଏହି ସମୟରେ ସେମାନେ ପରସ୍ପରଣ ଚୁଟି ଧରି ମାଡ଼ମରାମରି ହୋଇଥିଲେ। ଏହାକୁ ନେଇ ସେଠାରେ ଏକ ତୁମୁଳକାଣ୍ଡ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେ ଦେଇଥିଲା।

### ନୋସାକା ପରିବର୍ତ୍ତେ ଉସାକା

ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)– ଉତ୍ତର ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ(ନୋସାକା)ର ନାମ ପରିବର୍ତ୍ତନ ହୋଇଛି। ଏହାକୁ ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଉସାକା) ନାମରେ ନାମିତ କରାଯାଇଥିବା ନେଇ ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଗତ ୮ବର୍ଷ ହେବ ଉକ୍ତ ଅନୁଷ୍ଠାନ ନୋସାକା ନାମରେ ଫକୀର ମୋହନ ଜୟନ୍ତୀ ପାଳନ କରି ଆସୁଛି। ଏହି ଅନୁଷ୍ଠାନରେ ରାଜ୍ୟର ଅନ୍ୟ ଜିଲାରୁ ଯୁବପିଢୀ ଯୋଡି ହେବା ପାଇଁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ଶନିବାର ବୈଠକରେ ନାମ ପରିବର୍ତ୍ତନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିପରି ଜାନୁଆରୀ ୧୫ ସକାଳ ୮ଟାରେ ଉତ୍କଳ ବିଶ୍ୱବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବର୍ଷ ଭଳି ଚଳିତବର୍ଷ ଉସାକା ଫକୀରମୋହନ ଜୟନ୍ତୀ ପାଳନ କରିବ ବୋଲି ଡ. ତ୍ରିପାଠୀ ସୂଚନା ଦେଇଥିଲେ। ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଡ. ତ୍ରିପାଠୀ ଅଧ୍ୟକ୍ଷତା କରିଥିବାବେଳେ ସାମ୍ବାଦିକ ଅଶୋକ ସାହୁ, ସଙ୍ଗଠନର ସଭାପତି ସରୋଜ ଦାଶ, ଉପାଧ୍ୟକ୍ଷ ରାମଜୀବନ ଗୋଚ୍ଛାୟତ, କାର୍ଯ୍ୟକାରୀ ସଭାପତି ବେଣୁଧର ବିଶ୍ୱାଳ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଡୋରଷ୍ଟେପ ଯୋଜନାରେ ଦିବ୍ୟାଙ୍ଗଙ୍କୁ ସହଯୋଗ ମିଳୁ

#### ଆଶ୍ରୟର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ କର୍ମଶାଳା

ଭୁବନେଶ୍ୱର, ୧୩।୧(ଶର୍ମିଷ୍ଠା ପାଣିଗ୍ରାହୀ)– ଆଶ୍ରୟ ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ କର୍ମଶାଳା ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଓଏଏସ ଅଧିକାରୀ ସନ୍ନ୍ୟାସୀ ବେହେରା, କବି ପ୍ରତିମାରାଣୀ ମିଶ୍ର, ସମାଜସେବୀ ଲୋକନାଥ ଷଡ଼ଙ୍ଗୀ, ଲେଖକ ସତ୍ୟନାରାୟଣ ମିଶ୍ର, ସଂଗଠକ ଗୋଲଖଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଆଶ୍ରୟ ପ୍ରତିଷ୍ଠାତା ଲୋକନାଥ ଦାଶ ଏଥିରେ ଅଧ୍ୟକ୍ଷତା କରି କହିଲେ, ସାଧାରଣ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ ଦିବ୍ୟାଙ୍ଗମାନେ କମ୍ ନୁହନ୍ତି। ପରସ୍ପର ଭିତରେ ସାହାଯ୍ୟ ସହଯୋଗ ସହିତ ମାନସିକସ୍ତରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ସହଯୋଗର ହାତ ବଢାଇଲେ ସେମାନେ ବେଶ ଆଗକୁ ଯାଇପାରିବେ। ଦିବ୍ୟାଙ୍ଗ ନାମରେ ଜାଲ ପ୍ରମାଣ ପତ୍ରଧାରୀମାନଙ୍କୁ ବନ୍ଦ କରାଯିବା ସହ ପ୍ରକୃତ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯାଇ ଡୋର୍‌ଷ୍ଟେପ ଯୋଜନା ମାଧ୍ୟମରେ ସମସ୍ତ ସାମଗ୍ରୀ ଓ ସହଯୋଗ ମିଳିବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।





ଭୁବନେଶ୍ୱର ଏକାମ୍ର କାନନରେ ଶନିବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀରେ ବିଭିନ୍ନ ପ୍ରଜାତିର ରଙ୍ଗ ବେରଙ୍ଗ ଫୁଲର ସମ୍ଭାର। ଫୁଲରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖମଣ୍ଡଳ ସଦୃଶ ସାଜସଜ୍ଜା ଆକର୍ଷଣ ସାଜିଛି। (ଫଟୋ– ବିକାଶ ନାୟକ)

# ଫୁଲରେ ଝଲସୁଛି ଏକାମ୍ର କାନନ

## ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧(ଅସମାପିକା ସାହୁ)

ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ପକ୍ଷରୁ ଏକାମ୍ର କାନନରେ ଶନିବାର ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ। ରଙ୍ଗ ବେରଙ୍ଗ ଫୁଲରେ ଝଲସୁଛି ଏକାମ୍ର କାନନ। ଲାଲ୍ ଗୋଲାପରୁ ଆରମ୍ଭ କରି କମଳା, ନୀଳ ଓ ହଳଦିଆ ଗୋଲାପର ଆସର ଜମିଛି। ଗୋଲାପର ଭିନ୍ନ ଭିନ୍ନ ରଙ୍ଗକୁ ଆହୁରି ରଙ୍ଗୀନ କରିଦେଇଛି ଫ୍ଲୋରିବୁଣ୍ଡା ଏବଂ ପଲିଆନ୍ଥା ଭଳି ବିଦେଶୀ ଗୋଲାପ। ଏଥିସହ ଗ୍ଲାଡିଓଲି, କାକ୍‌ଟସ, କାନୁନ୍‌ଡୋଲା, କାରିଆଫିସ୍, ଡାଇନାଥସ୍, ଆଷ୍ଟର, ଲିଲିୟମ୍, ସାଲ୍‌ଭିଆ, ଜିନିଆ ଏବଂ ଆନ୍ଥୁରିୟମ୍ ଭଳି ବିଭିନ୍ନ ପ୍ରଜାତିର ଫୁଲ ସମ୍ଭାର ଲୋକଙ୍କ ମନରେ ଖୁସି ଭରିଦେଉଛି।



ପୁଷ୍ପ ପ୍ରଦର୍ଶନୀର ଅନ୍ୟତମ ଆକର୍ଷଣ ପାଲଟିଛି ପ୍ଲାଣ୍ଟ ବଜାର। ଚଳିତ ବର୍ଷ ୩୬ଟି ସଂସ୍ଥା, ୧୯ଟି ନର୍ସରୀ, ୪୪ଟି ଷ୍ଟଲ୍ ଏହି ପ୍ଲାଣ୍ଟ ବଜାରରେ ନର୍ସରୀ ଓ



ବଗିଚା ଉପକରଣ ଇତ୍ୟାଦି ସହ ବିଭିନ୍ନ ଗଛର ଚାରା, ମଞ୍ଜି, କଲମିକରା ଡାଳ ଓ ଭର୍ଟିକାଲ ପ୍ଲାଣ୍ଟ ବିକ୍ରିବଟା କରୁଛନ୍ତି। ଫୁଲଫଳର ଚାରା ସହିତ ବିଭିନ୍ନ ରଙ୍ଗବେରଙ୍ଗର ସେରାମିକ ଫୁଲ କୁଣ୍ଡ, ଫୁଲଦାନି ଇତ୍ୟାଦି ପରିଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ସର୍ବସାଧାରଣଙ୍କ ନିମନ୍ତେ ଦୁଇଦିନ ପାଇଁ ଏହି ପ୍ରଦର୍ଶନୀ ଦେୟମୁକ୍ତ ରହିଥିବାବେଳେ ପ୍ରଥମ ଦିନରେ ପ୍ରାୟ ୧୫ ହଜାର ଦର୍ଶକଙ୍କ ସମାଗମ ହୋଇଥିଲା।

ଲୋକଙ୍କ ମଧ୍ୟରେ ଫୁଲ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ରାଜଧାନୀକୁ ଆହୁରି ସୌନ୍ଦର୍ଯ୍ୟମୟ କରିବାର ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି 'ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ'କୁ ପିସିସିଏଫ୍ ଦେବିଦତ୍ତ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ପନ୍ତ, ପୂର୍ବତନ ପ୍ରିନ୍ସିପାଲ ଚିଫ କଞ୍ଜରଭେଟର ଅଫ୍ ଫରେଷ୍ଟ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷାଝୁଲେ ମେକରେ ଉପସ୍ଥିତ ଥିଲେ। ଅତିଥିମାନେ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ରିସର୍ଚ୍ଚ ଆଣ୍ଡ୍ ଆକ୍ଟିଭିଟି ରିପୋର୍ଟ୍ ୨୦୨୨–୨୩ ସହ ପ୍ଲାଣ୍ଟ ଲଭର୍ସ ଆସୋସିଏଶନର ବାର୍ଷିକ ପତ୍ରିକା 'ସବୁଜିମା ୨୦୨୪' ଉନ୍ମୋଚନ କରିଥିଲେ।



ପୁଷ୍ପ ପ୍ରଦର୍ଶନୀରେ ଅନୁଷ୍ଠିତ ସ୍କୁଲ୍‌ସ୍ତରୀୟ ପ୍ରତିଯୋଗିତାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ 'ସବୁଜ ବିଦ୍ୟାଳୟ ସମ୍ମାନ' ମିଳିଛି। ସ୍କୁଲ୍‌ର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଓ ଲୋକ ସମ୍ପର୍କ ଅଧିକାରୀ କୈଳାସଚନ୍ଦ୍ର ପଟ୍ଟନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ଶନିବାର ଆୟୋଜିତ ଉତ୍ସବରେ ଅତିଥିମାନେ ସାହିତ୍ୟିକା ଓ ଭାଷାବିତ୍ ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପୁସ୍ତକ 'ଭାଷା ବିଜ୍ଞାନ ଓ ଓଡ଼ିଆ ବ୍ୟାକରଣ'କୁ ଉନ୍ମୋଚନ କରୁଛନ୍ତି। (ଫଟୋ– ମୌସମ ନନ୍ଦ)

## 'ଯୁବପିଢ଼ି ବିପ୍ଳବ କଲେ ସାମାଜିକ ଉନ୍ନତି ଘଟିବ'

ଭୁବନେଶ୍ୱର, ୧୩।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ ଛାତ୍ରଗୋଷ୍ଠୀ ପଥଭ୍ରଷ୍ଟ ହେବା ଯୋଗୁ ସାମାଜିକ ବ୍ୟବସ୍ଥାରେ ଅବନତି ଘଟୁଛି। ଯୁବପିଢ଼ି ଆଗକୁ ଆସି ବିପ୍ଳବ କଲେ ଏହାର ସମାଧାନ ହେବା ସହ ସାମାଜିକ ଉନ୍ନତି ଘଟିବ ବୋଲି ଶନିବାର ୟୁଥ ଫର୍ ଭଲ୍ୟୁଣ୍ଟାରି ପକ୍ଷରୁ ଲୋହିଆ ଏକାଡେମୀଠାରେ 'ପରିବର୍ତ୍ତନର ବାହକ : ଯୁବଗୋଷ୍ଠୀ' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସଂଗଠନର ଅଧ୍ୟକ୍ଷ ମୀର୍ ଅହମ୍ମଦ ଅଲ୍ଲୀଙ୍କ ସଂଯୋଜନାରେ ଏହି ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ, ଶିଶୁ ଅଧିକାର ଆୟୋଗର ସଦସ୍ୟା ସସ୍ମିତା ନନ୍ଦ, ଟିଭି ଉପସ୍ଥାପିକା ସୁପ୍ରିୟା ଦାଶ, କମଳା ନେହେରୁ ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ମଧୁସ୍ମିତା ଦାସ, ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ସାମନ୍ତରାୟ ଓ ଗାନ୍ଧୀବାଦୀ ଯୁବନେତା ମାନସ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିନ୍ଦୁଜା ଉପାଧ୍ୟାୟ ଓ ଅନୁପମା ବେହେରା ଓ ତାପସ ଦେଓଙ୍କୁ ସମ୍ମାନିତ କରାଯାଇଥିଲା। ମାନସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍ଧାର ୧୦୫ ମୋବାଇଲ ମାଲିକଙ୍କୁ ହସ୍ତାନ୍ତର

ଭୁବନେଶ୍ୱର, ୧୩।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପୋଲିସ କମିଶନରଙ୍କ କାର୍ଯ୍ୟାଳୟଠାରେ ଶନିବାର ଏକ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ବିଭିନ୍ନ ଥାନା ତଥା ପିଓପିଡି, ଟିମ–୬୦ ଏବଂ ଓସିପିଓ ସେଲ୍‌ର ମିଳିତ ପ୍ରୟାସରେ ଚୋରି/ ଲୁଟ କିମ୍ବା ହଜିଯାଇଥିବା ୧୦୫ଟି ଜବତ ବା ଉଦ୍ଧାର ମୋବାଇଲ ଫୋନ୍‌କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଥିଲେ। ଏହି ମୋବାଇଲଗୁଡ଼ିକ ମଧ୍ୟରୁ ଓସିପିଓ ସେଲ୍ ଦ୍ୱାରା ସର୍ବାଧିକ ୩୫ଟି, ଖଣ୍ଡଗିରି ଥାନା ଦ୍ୱାରା ୨୧ଟି ଏବଂ ଭରତପୁର ଥାନା ଦ୍ୱାରା ୨୦ଟି ମୋବାଇଲ ଫୋନ ଉଦ୍ଧାର ହୋଇଥିଲା। ପ୍ରଥମେ ଏହି ଉଦ୍ଧାର ମୋବାଇଲ ଫୋନ୍‌ଗୁଡିକର ମାଲିକାନା ଯାଞ୍ଚ କରାଯାଇଥିଲା। ପରେ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଯୋଗାଯୋଗ କରାଯାଇ ହସ୍ତାନ୍ତର କରାଯାଇଛି। ମୋବାଇଲ ଫେରି ପାଇବା ପରେ କମିଶନରେଟ ପୋଲିସକୁ ଲୋକେ ଧନ୍ୟବାଦ ଜଣାଇଛନ୍ତି ।

## ରାଜଧାନୀରେ ଯାଞ୍ଚ ହେବ ମାଞ୍ଜାସୂତା

ଭୁବନେଶ୍ୱର, ୧୩।୧(ସୂର୍ଯ୍ୟକାନ୍ତ ବେହେରା)

ଦିନକ ପରେ ମକର ସଂକ୍ରାନ୍ତି। ଏଥିପାଇଁ ବିଭିନ୍ନ ଅଞ୍ଚଳରେ ଗୁଡିଉଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏପରିସ୍ଥିତିରେ ବିପଦ ସାଜିଥିବା ମାଞ୍ଜା ସୂତାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ଅଧିକାଂଶ ପିଲା ମାଞ୍ଜା ସୂତା ବ୍ୟବହାର କରୁଥିବାରୁ ଅନେକ ସମୟରେ ଏହା ଲୋକଙ୍କ ପାଇଁ ବିପଦ ସାଜୁଛି। ତେଣୁ ଏସବୁ ସୂତାର ବିକ୍ରି ଉପରେ ରୋକ ଲଗାଇବାକୁ କମିଶନରେଟ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇଛି। ଜଣେ ଏସିପିଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଖୁବ୍‌ଶୀଘ୍ର ଚଢାଉ ଆରମ୍ଭ କରିବ ବୋଲି ଅତିରିକ୍ତ ଡିସିପି ତରୁଣ ଦାସ କହିଛନ୍ତି। ତାଙ୍କ ସୂଚନାନୁସାରେ, ଲକ୍ଷ୍ମୀସାଗର ଥାନା ଅଞ୍ଚଳର ସୁଜିତ ସେନାପତି ବରମୁଣ୍ଡାରୁ ଘରକୁ ଫେରୁଥିବା ବେଳେ କ୍ୟାପିଟାଲ ହସ୍ପିଟାଲ ଟ୍ରାଫିକ ଛକ ନିକଟରେ ବୁଢିଆଣୀ ଜାଲ ପରି କିଛି ସୂତା ତାଙ୍କ ମୁହଁରେ ଗୁଡାଇ ହୋଇଯାଇଥିଲା। ତାହାକୁ ସେ କାଢୁଥିବାବେଳେ ହାତ, କାନ ଓ ମୁହଁ କଟାଯାଇଥିଲା। ପରେ ଏହା ମାଞ୍ଜାସୂତା ବୋଲି ଜଣାପଡିଥିଲା। ତେବେ ବିଭିନ୍ନ ଅଞ୍ଚଳରେ ଥିବା ଗୁଡି ଦୋକାନ ଯାଞ୍ଚ କରାଯାଇ ସେସବୁ ଜବତ କରାଯିବା ସହ ପିଲାଙ୍କୁ ସଚେତନ କରାଯିବ ବୋଲି ଅତିରିକ୍ତ ଡିସିପି କହିଛନ୍ତି।

## ନନ୍ଦନକାନନରେ ଗାଡ଼ଭାଲୁ ମୃତ

ବାରଙ୍ଗ, ୧୩।୧(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଏକ ଅଣ୍ଡିରା କୁଜିହରିଣର ମୃତ୍ୟୁ ଘଟିବାର ପରଦିନ ଶନିବାର ଏକ ଗାଡ଼ଭାଲୁର ମୃତ୍ୟୁ ଘଟିଛି। ଅନ୍ଧାରୀ ଘର ଭିତରେ ରହୁଥିବା ୫ ବର୍ଷର ଏହି ଅଣ୍ଡିରା ଗାଡ଼ଭାଲୁ ଗତ କିଛିଦିନ ହେବ ଅସୁସ୍ଥ ରହି ଚିକିତ୍ସିତ ହେଉଥିଲା। ଚିକିତ୍ସା ସତ୍ତ୍ୱେ ଗାଡ଼ଭାଲୁଟି ସ୍ୱାସ୍ଥ୍ୟରେ କିଛି ମାତ୍ରାରେ ଉନ୍ନତି ନ ହୋଇ ଆଗଭଳି ଗୋଟିଏ ସ୍ଥାନରେ ଶୋଇ ରହିବା ସହ ଖାଇବା ମଧ୍ୟ କମାଇ ଦେଇଥିଲା। ବାଧ୍ୟ ହୋଇ ଉନ୍ନତମାନର ଚିକିତ୍ସା ପାଇଁ ତାକୁ ବୁଧବାର ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଚିକିତ୍ସାଳୟକୁ ଶନିବାର ସକାଳେ କର୍ମଚାରୀ ଆସିବା ପରେ ଗାଡ଼ଭାଲୁଟି ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ତା'ର ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି।




ଉପାସନା ମ୍ୟୁଜିକ୍ ସର୍କଲ ଭୁବନେଶ୍ୱର ଓ ମ୍ୟୁଜିକ୍ ସିଜ୍‌ଲର୍ସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଶନିବାର ଆୟୋଜିତ ମ୍ୟୁଜିକ୍ ନାଇଟ୍‌ରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ: ମୌସମ ନନ୍ଦ)

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଜନଗଣନା ତଥ୍ୟ ଗବେଷଣା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)

'ନୂଆ–ଓ' କାର୍ଯ୍ୟକ୍ରମ ଏକ ଅଭିନବ ଓ ସୃଜନଶୀଳ ପଦକ୍ଷେପ, ଯାହା ଅଗଣିତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ଦକ୍ଷତା ପାଇଁ ସର୍ବବୃହତ୍ ମଞ୍ଚ ଯୋଗାଇଛି ବୋଲି ଉଚ୍ଚଶିକ୍ଷା ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ନୂଆ–ଓ' ଅନ୍ତର୍ଗତ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି ମଞ୍ଚ ଯୁବପିଢିଙ୍କୁ ଶକ୍ତିଶାଳୀ ଓ ଦକ୍ଷ ମାନବ ସମ୍ବଳ ବିକାଶରେ ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଦୀର୍ଘମିଆଦି କାର୍ଯ୍ୟକ୍ରମ ବୋଲି କହିବା ସହ ଅସ୍ତିବାଚକ ଦୃଷ୍ଟିଭଙ୍ଗୀ ନେଇ ପୁସ୍ତକ ପଠନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଜନଗଣନା ତଥ୍ୟ ଗବେଷଣା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରଥମ ଓ ସ୍ୱାଧୀନୋତ୍ତର ଓଡ଼ିଶାରେ ଏକ ନୂତନ ଦିଗ ଉନ୍ମୋଚନ କରିଛି ବୋଲି ମତ ଦେଇଥିଲେ। ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଓଡ଼ିଆ ଅସ୍ମିତା ଓ ଭାବକୁ ବିଶ୍ୱସ୍ତରରେ ପରିଚୟ କରାଇବା ପାଇଁ ସରକାର ଉଦ୍ୟମ କରୁଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀମୟୀ ମିଶ୍ର ଯୋଗଦେଇ ଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଶୁଭକାମନା କରିଥିଲେ। ନୂଆ–ଓ ନୂଆ ଡିଜି ଫେଷ୍ଟରେ ଛାତ୍ରୀମାନେ ଭାଗନେଇ ପୁରସ୍କାର ଜିତିବା ସହ ସାଇବର ଅପରାଧ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। କୁଳପତି ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି ଏପରି କାର୍ଯ୍ୟକ୍ରମ ଏବେ ଜନ ଆନ୍ଦୋଳନରେ ପରିଣତ ହୋଇଥିବା କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଓ ଜନଗଣନା ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ଜନଗଣନା ତଥ୍ୟ ଗବେଷଣା କେନ୍ଦ୍ରକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଡ. ସଂଘମିତ୍ର ଭଞ୍ଜ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

### 'ନୂଆ–ଓ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ




୧୩।୧।୨୦୨୪

| | |
|---|---|
| ୪,୯୨,୩୩୭ ଟଙ୍କା | |
| ସୁନା | ୨୩.୭୫୦ ଗ୍ରାମ୍ |
| ରୁପା | ୪୭.୬୦୦ ଗ୍ରାମ୍ |

# ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବି କାଠି

**ନିମାପଡ଼ା,୧୩।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):**

ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା ଆଉ ବିକାଶର ଚାବି କାଠି। ଛାତ୍ର ଜୀବନରୁ ଦୃଢ଼ ଇଚ୍ଛା ଶକ୍ତି ଥିଲେ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳମୟ ହେବ। ନିମାପଡ଼ା ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ ଯୋଗଦେଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। ୨ ଦିନ ଧରି ଚାଲିଥିବା ବାର୍ଷିକୋତ୍ସବର ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟ ପକ୍ଷରୁ ୧୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ଦାସ, ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାଳୟର ନିର୍ଦ୍ଦେଶକ ଦେବବ୍ରତ ଦାଶ, ମଙ୍ଗଳା ବିଦ୍ୟାଳୟ ଉପାଧ୍ୟକ୍ଷା ଏଲୋରା ପ୍ରିୟଦର୍ଶିନୀ ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ, ସୂର୍ଯ୍ୟକାନ୍ତ ବରାଳ, ଚିତ୍ତରଞ୍ଜନ ଜେନା, ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଚିନ୍ତାମଣି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିବା ସହିତ ଏହାର ମୂଳ ଲକ୍ଷ୍ୟ ସ୍ୱାସ୍ଥ୍ୟ,ଶିକ୍ଷା, ଆତ୍ମନିର୍ଭରଶୀଳତା ଉପରେ ଆଲୋକପାତ କରିଥିଲେ। ଅମିଶା ମଲ୍ଲିକ, ଶୁଭଶ୍ରୀ ବିଶ୍ୱାଳ, କଳ୍ପନା ପ୍ରଧାନ, ଏଲୋରା ପ୍ରିୟଦର୍ଶିନୀ ପ୍ରମୁଖ ଉତ୍ସବ ପରିଚାଳନା ତଥା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଚିନ୍ତାମଣୀ ବରାଳ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।



ନିମାପଡ଼ା ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# ରଥ ଭୋଇ ସେବକ

**ପୁରୀ,୧୩।୧ (ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ସ୍ୱତ୍ୱଲିପିର ୯୭ ନମ୍ବର ସେବାରେ ଭୋଇମାନଙ୍କ ସେବାରେ ରଥ ଭୋଇମାନଙ୍କ ବିବରଣୀ ଉଲ୍ଲେଖ ରହିଛି। ରଥ ଭୋଇମାନେ ଶୁଦ୍ର ସେବକ। ତେବେ ଅକ୍ଷୟ ତୃତୀୟାରେ ଏହି ସେବକମାନେ ଶାଢ଼ି ବନ୍ଧାଇଥାନ୍ତି। ପ୍ରତି ରଥ ପାଇଁ ଦୁଇଜଣ ଲେଖାଏଁ ରଥ ଭୋଇ ମୁଖ୍ୟ ରୂପେ ଶାଢ଼ି ବାନ୍ଧିଥାନ୍ତି। ରଥ ଭୋଇମାନେ ରଥଖଳାରେ କାଠ ବୁହାଇବାଠୁ ଆରମ୍ଭ କରି କଣ୍ଠା ବାଡ଼େଇବା, କାଠ ଖଞ୍ଜାଖଞ୍ଜି କାମ କରିଥାନ୍ତି। ଏହାବ୍ୟତୀତ ଛାମୁଣ୍ଡିଆ ନିର୍ମାଣ, ରଥ ଟଣା ବେଳେ ରଥର ବ୍ରେକ୍ ଓ ଦଉଡ଼ି ଧରିବା, ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ାଇ ରଖାଯାଇଥିବା ଚାପ ଡଙ୍ଗା ନନ୍ଦା ଓ ଭଦ୍ରାଙ୍କୁ ବାହାର କରିବା, ଦୋଳପୂର୍ଣ୍ଣିମାରେ ଦୋଳବେଦୀରେ ଚାନ୍ଦୁଆ ବାନ୍ଧିବା, ଦୋଳବେଦୀ ଖୋଲାରେ ଓଡ଼ିଆ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ରାଶି ତେଲ ବୋଳିବା, ରଥ ବାହୁଡ଼ି ଆସିବା ପରେ ରଥ ଭାଙ୍ଗିବା, କଣ୍ଠା, ଗାଡ଼ ଖୋଲିବା, ସିଙ୍ଗଡ଼ା ବାଡ଼େଇବା, ସାରଥୀ ଉଠାଇବା, ଚାରମାଳ ବାନ୍ଧିବା ଆଦି କାର୍ଯ୍ୟ କରିଥାନ୍ତି।

# ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବିଜ୍ଞାନମେଳା

**ପିପିଲି,୧୩।୧ (ଦୁର୍ଗାମାଧବ ମିଶ୍ର):**

ପିପିଲିସ୍ଥିତ ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିପିଲି କଲେଜ ବିଜ୍ଞାନ ବିଭାଗ ପ୍ରଫେସର ସତ୍ୟନାରାୟଣ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଜବାହର ବିଦ୍ୟାପୀଠର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ଦାଶ, ବିଦ୍ୟାଳୟ ସମ୍ପାଦକ ଜି.ବି. ସାହୁ, ଅଧ୍ୟକ୍ଷ ଏସ୍.କେ. ବାରିକ୍ ଯୋଗଦେଇ ବିଜ୍ଞାନ ହିଁ ନୂତନ ଦିଗ୍‌ଦର୍ଶନ ବୋଲି ମତ ରଖିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେଗୁଡ଼ିକ ମଧ୍ୟରେ ସ୍ମାର୍ଟ ଭିଲେଜ୍, ଆଧୁନିକ ଏଟିଏମ୍, ସୌର ମଡେଲ୍, ବର୍ଷାଜଳ ସଂରକ୍ଷଣ, ଭୂତଳ ଜଳ ସଂରକ୍ଷଣ ଆଦି ସ୍ଥାନ ପାଇଥିଲା।


ବିଜ୍ଞାନ ମେଳାରେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

## ଗ୍ରାମୀଣ ନ୍ୟାୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧାନ କଲେ ଜିଲାଜଜ୍

**ଅସ୍ତରଙ୍ଗ,୧୩।୧ (ପ୍ରଦୀପ୍ତ ଦୀକ୍ଷିତ):**

ଅସ୍ତରଙ୍ଗ ଅଞ୍ଚଳର ନୂତନ ଗ୍ରାମୀଣ ନ୍ୟାୟାଳୟ ଖୁବ୍‌ଶୀଘ୍ର ଖୋଲିବ। ଏନେଇ ଶନିବାର ମଧ୍ୟାହ୍ନରେ ପୁରୀ ଜିଲାଜଜ୍ ଅଜନ୍ତା ଷଡ଼ଙ୍ଗୀ ଅସ୍ଥାୟୀ ଗ୍ରାମୀଣ ନ୍ୟାୟାଳୟ ଗୃହର ସ୍ଥିତି ଅନୁଧାନ କରିଛନ୍ତି। ଏଥିସହ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଗ୍ରାମୀଣ ନ୍ୟାୟାଳୟ ଖୋଲିବା ଫଳରେ ଗ୍ରାମାଞ୍ଚଳର ସାଧାରଣ ଲୋକ ସହଜ ଓ ସୁବିଧା ଲୋକଙ୍କୁ ନ୍ୟାୟ ମିଳିବାରେ ସହଜ ହେବ। ଏହି ପରିଦର୍ଶନ ସମୟରେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଲିୟାର ସିଂ, ବଜାର କମିଟି ସଭାପତି ତଥା ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା ଉପସ୍ଥିତ ଥିଲେ।

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

**ଅସ୍ତରଙ୍ଗ,୧୩।୧ (ପ୍ରଦୀପ୍ତ ଦୀକ୍ଷିତ):**

ଅସ୍ତରଙ୍ଗ ଥାନା ଅଧୀନ କୁଳସାହି ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ସକାଳୁ ପୋଲିସ ଜବତ କରିଛି। ମୃତକ ହେଲେ ଗାରୋଇ ଗ୍ରାମର କୁମର ବିଶ୍ୱାଳ (୫୧)। ଏନେଇ ପୋଲିସ ୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ତାଳଦା ଦେବୀ ନଦୀକୂଳରେ ହେଉଥିବା ଯାତ୍ରା ଦେଖିବାକୁ କୁମର ଶୁକ୍ରବାର ରାତ୍ର ୯ଟାରେ ଯାଇଥିଲେ। ପରଦିନ ସକାଳ ୫ଟା ସମୟରେ ସେ ଚାଲି ଚାଲି ଘରକୁ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିବାରୁ କୁମରଙ୍କ ମୃତ୍ୟୁ ହୋଇଥିବା ଭାଇ ରବୀନ୍ଦ୍ର ବିଶ୍ୱାଳ ଶୁଣିବାକୁ ପାଇଥିଲେ। ଏହାପରେ ସେ ଥାନାରେ ଅଭିଯୋଗ କରିଥିଲେ।

## ସଂଗ୍ରାମୀ କ୍ଷିତୀଶ ବିଶ୍ୱାଳଙ୍କ ସ୍ମୃତିସଭା

**କଣାସ,୧୩।୧ (ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଅଧୀନ ସିରେଇ ଗ୍ରାମପଞ୍ଚାୟତର ତିପୁରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମ୍ୟୁନିଷ୍ଟ ନେତା କ୍ଷିତୀଶ ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା ଶୁକ୍ରବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ସ୍ୱର୍ଗତ କ୍ଷିତୀଶ ବିଶ୍ୱାଳଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ସ୍ମୃତି ସଭାରେ ସିପିଆଇ(ଏମ୍‌ଏଲ୍)ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଶୋକ ପ୍ରଧାନ, ବିଭୂତି ପଟ୍ଟନାୟକ, ଭାଗୀରଥି ମହାପାତ୍ର, ଅପର୍ତ୍ତି ମହାପାତ୍ର, କିଷାନ ପଟ୍ଟନାୟକ, ନମିତା ବିଶ୍ୱାଳ, ଯାମିନୀକାନ୍ତ ନାୟକ ପ୍ରମୁଖ ସ୍ମୃତିଚାରଣ ସଭାରେ ଯୋଗଦେଇଥିଲେ।

# ଓଡ଼ିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ କର୍ମଶାଳା



ଓଡ଼ିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ପୁରୀ,୧୩।୧ (ଅଜିତ୍ ମହାନ୍ତି):**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ସୁଧାର ମିଳିତ ଆନୁକୂଲ୍ୟରେ ଭାରତ ସେବାଶ୍ରମ ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ସାମ୍ପ୍ରଦାୟିକତା ସଦ୍‌ଭାବନା, ରାଷ୍ଟ୍ରୀୟ ଏକତା, ଅଖଣ୍ଡତା, ସୌହାର୍ଦ୍ଦ୍ୟ, ଶାନ୍ତି, ସ୍ନେହର ଭାବ ସୃଷ୍ଟି କରିବା ସହ ସାମ୍ପ୍ରଦାୟିକତା ଓ ଆଞ୍ଚଳିକତା ଭାବର ଊର୍ଦ୍ଧ୍ୱରେ ରହି ନିଜକୁ କିପରି ଦେଶର ଏକ ସୁନାଗରିକ ଭାବରେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ କଳାକାରମାନେ ଓଡ଼ିଶୀ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ବ୍ୟବହାରିକତା ତଥା ଓଡ଼ିଶୀ ନୃତ୍ୟରେ ବ୍ୟବହୃତ ହେଉଥିବା ଶାସ୍ତ୍ରୀୟ ଓ ପାରମ୍ପରିକ କୌଶଳ ବିଷୟରେ ଏହି ପ୍ରଶିକ୍ଷଣ କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ଅଭିନୟ ମାଧ୍ୟମରେ ମଙ୍ଗଳାଚରଣ, ବଟୁ ନୃତ୍ୟ, ପଲ୍ଲବୀ, ଅଭିନୟ, ମୋକ୍ଷ ସମ୍ବନ୍ଧରେ ଓଡ଼ିଶୀ ନୃତ୍ୟ ଭାବ ରସକୁ ଅତି ନିପୁଣ ଭାବରେ ପ୍ରଶିକ୍ଷିତ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରଥ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଦିଲୀପ ପଲ୍ଲାଭରୀ, ଶିକ୍ଷୟିତ୍ରୀ ମୀନାକ୍ଷୀ ମିଶ୍ର, ଦେବାଶିଷ ପଟ୍ଟନାୟକ, ଜଳନ୍ଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଓଡ଼ିଶୀ ନୃତ୍ୟ ଅଭିନୟ କର୍ମଶାଳାକୁ ସୁଧାର ଅଧ୍ୟକ୍ଷ ସଞ୍ଜୟ ମିଶ୍ର ପରିଚାଳନା କରିଥିଲେ।

# ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଚୋରି ଉଦ୍ୟମ ବିଫଳ

**ସାକ୍ଷୀଗୋପାଳ,୧୩।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ଥାନା ଅଧୀନ ସାରଙ୍ଗଯୋଡ଼ି ବଜାରସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଏନେଇ ବ୍ୟାଙ୍କ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ପୋଲିସ ୨୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ବିଦ୍ୟୁତ୍ ସରବରାହ ନ ଥିବା ସୁଯୋଗରେ ଦୁର୍ବୃତ୍ତ ଗେଟ୍ ତାଲା ଓ କବାଟକୁ ଶାବଳରେ ଭାଙ୍ଗି ବ୍ୟାଙ୍କ ଲକର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସେ ସମୟରେ ବ୍ୟାଙ୍କ ସାଇରନ ବାଜିବାରୁ ସ୍ଥାନୀୟ ଲୋକେ ଉଠିପଡ଼ିଥିଲେ। ଧରାପଡ଼ିବା ଭୟରେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ଏମ୍. ହରିନାଥଙ୍କୁ ଜଣାଇଥିଲେ। ମ୍ୟାନେଜର ବ୍ୟାଙ୍କକୁ ଆସି ବ୍ୟାଙ୍କ କବାଟ ଭଙ୍ଗାଯାଇଛି। କିନ୍ତୁ ବ୍ୟାଙ୍କରୁ କିଛି ଲୁଟ୍ ହୋଇ ନ ଥିବା ଜାଣିଥିଲେ।

# ଜନ୍ମେଜୟ ଟେଲିଫୋନ ଆଡ୍‌ଭାଇଜରି ରାଜ୍ୟ କମିଟି ସଦସ୍ୟ

**ପିପିଲି,୧୩।୧ (ପ୍ରଭାତ ମହାପାତ୍ର):**

ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରଣାଳୟଙ୍କ ସୁପାରିସ କ୍ରମେ ରାଜ୍ୟ ଟେଲିଫୋନ ଆଡଭାଇଜରି କମିଟି (ଟିଏସି) ମେମ୍ବର ଭାବରେ ପିପିଲିର ଯୁବନେତା ତଥା ସାମାଜିକ କର୍ମୀ ଜନ୍ମେଜୟ ଜେନାଙ୍କୁ ନୂଆ ଦାୟିତ୍ୱ ମିଳିଛି। ପ୍ରକାଶଥାଉ କି, ଜେନା ପୂର୍ବରୁ ଭାଜପାର ବିଭିନ୍ନ ପଦପଦବୀରେ ରହି ଦାୟିତ୍ୱ ନିର୍ବାହ କରି ଆସିଛନ୍ତି। ଏହି ନୂତନ ଦାୟିତ୍ୱ ପାଇଲା ପରେ ଟେଲିଫୋନ ସେବାର ଉନ୍ନତି ପାଇଁ କାର୍ଯ୍ୟ କରିବାର ପ୍ରୟାସ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ସେଥିପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଦୂରସଞ୍ଚାର ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସରକାର ସଞ୍ଚାର ବିଭାଗ ନିଯୁକ୍ତିପତ୍ରରେ ନୂଆ ଦାୟିତ୍ୱ ମିଳିବା ପରେ ଭୁବନେଶ୍ୱର ଟେଲିଫୋନ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ପ୍ରିନ୍ସିପାଲ ଜେନେରାଲ ମ୍ୟାନେଜର ଇନ୍ଦ୍ର ଗୋବିନ୍ଦ ସୋରେନଙ୍କୁ ଭେଟି କିଭଳି ଟେଲିଫୋନ ସେବା ସମସ୍ତ ଗାଁ ଗହଳିରେ ପହଞ୍ଚିବ ସେ ବିଷୟରେ ଆଲୋଚନା କରିଥିଲେ।

# ଓରକଳ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ


ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛନ୍ତି ।

**ପିପିଲି,୧୩।୧ (ଦୁର୍ଗାମାଧବ ମିଶ୍ର):**

ଓରକଳ ପଞ୍ଚାୟତର ଘରୁ ଘରୁ ଜୟ ଜଗନ୍ନାଥ ଅର୍ପଣ ରଥ ଜରିଆରେ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ପଞ୍ଚାୟତର ଧାନପୁର ଗ୍ରାମରୁ ଏହି ରଥ ବାହାରି ସମଲପୁର, ଉଜାଣିପଡ଼ା, ଓରକଳ, ଗୁରୁସାହି, ଗୋବର୍ଦ୍ଧନପୁର, ସୁଲତାନ ନଗର, ଗାଁପଡ଼ା ଗ୍ରାମରେ ଶନିବାର ଅର୍ପଣ ରଥ ପହଞ୍ଚିଥିଲା। ଲୋକେ ରଥକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅର୍ପଣ ରଥ ସହିତ ଘର ଘର ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ଦାଶ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ନାଏବ ସରପଞ୍ଚ ଅମିତ ସ୍ୱାଇଁ, ଜିଆର୍‌ଏସ୍ ପଙ୍କଜିନୀ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଠାକୁର ନିଗମାନନ୍ଦଙ୍କ ୩୧ତମ ବାର୍ଷିକୋତ୍ସବ

**ଚାରିଛକ,୧୩।୧ (ଶିଶିର ସ୍ୱାଇଁ):**

ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଠାକୁର ନିଗମାନନ୍ଦଙ୍କ ୩୧ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବାର୍ଷିକୋତ୍ସବରେ ପ୍ରଥମାର୍ଦ୍ଧ ପୂଜା କରାଯାଇଥିବାବେଳେ ପୂର୍ବାହ୍ନରେ ଶ୍ରୀଶ୍ରୀ ଠାକୁର ମହାରାଜାଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନାମ କୀର୍ତ୍ତନ ଓ ଠାକୁରଙ୍କ ନୀତିନିୟମ ଭାବନା ଉପରେ ଆସିଥିବା ଗୁରୁ ଭାଇ ମାନେ ବକ୍ତବ୍ୟ ଦେଇଥିଲେ। ଉକ୍ତ ଉତ୍ସବରେ ଗୋପୀନାଥ ସାହୁ ସଭା ପରିଚାଳନା କରିଥିବାବେଳେ ସୌମ୍ୟ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣରଶ୍ମି ସାହୁ, ପୂର୍ବତନ ଅଧ୍ୟକ୍ଷା ପ୍ରାପ୍ତନ କଲ୍ୟାଣୀ ପଟ୍ଟନାୟକ, ଅଧ୍ୟାପିକା ପୁଷ୍ପମିତ୍ର ପଟ୍ଟନାୟକ, ପ୍ରାପ୍ତନ ଅଧ୍ୟକ୍ଷ ପ୍ରଭାତ ମିଶ୍ର, ପୁଷ୍ପଲତା ଦତ୍ତ, ସୁବାସ ଚନ୍ଦ୍ର ଜେନା, ସଂସ୍କୃତ ଅଧ୍ୟାପକ ଜୀବନ ଦାଶ, ଉମାକାନ୍ତ ସ୍ୱାଇଁ ସହିତ ନିମାପଡ଼ା, ବାହାରଣା, ଯୋଗେଶ୍ୱରପୁର, ଚାରିଛକ ସଂଘର ଗୁରୁ ଭାଇ ଗୁରୁମାଙ୍କ ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ଯୋଗଦେଇଥିଲେ।

# ସାକ୍ଷୀଗୋପାଳଙ୍କ ଲୀଳାମୃତ ଆଲୋଚନା


ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଭାବଗତ ସତ୍‌ସଙ୍ଗରେ ଯୋଗ ଦେଇଥିବା ସାଧୁ ।

**ସାକ୍ଷୀଗୋପାଳ,୧୩।୧ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍):**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀ ଭାଗବତ ସତ୍‌ସଙ୍ଗ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୋପାଳ ଏକାଦଶୀ କମିଟି ପକ୍ଷରୁ ଆୟୋଜିତ ପ୍ରଥମ ବର୍ଷ ମହୋତ୍ସବରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ବୃନ୍ଦାବନରୁ କାଞ୍ଚି ଆଗମନ, ସତ୍ୟବାଦୀରେ ଆସ୍ଥାନ ଏବଂ ଶ୍ରୀରାଧାଙ୍କ ଆବିର୍ଭାବ ସମ୍ପର୍କରେ ସାରଗର୍ଭକ ଆଲୋଚନା ସହିତ ହରିକଥା ଶ୍ରବଣରେ ଉପସ୍ଥିତ ଶ୍ରୋତାମଣ୍ଡଳୀ ବିଭୋର ହୋଇଥିବା ଦେଖିବାକୁ ମିଳିଥିଲା। ବୃନ୍ଦାବନରୁ ଆସିଥିବା ଶ୍ରୀ ଦୀନବନ୍ଧୁ ଦାସ ମହାରାଜ ଓ ଶ୍ରୀ ପରମାନନ୍ଦ ମହାରାଜ ପ୍ରବଚନ, ଭଜନ କୀର୍ତ୍ତନ କରିଥିଲେ। ଏକାଦଶୀ ପାଳିଆ କମିଟି ସଦସ୍ୟ ଓ ମନ୍ଦିର ସେବାୟତବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ପରେ ସାଧୁସନ୍ଥ, ସେବାୟତ ଓ ଶ୍ରଦ୍ଧାଳୁ ମହାପ୍ରସାଦ ସେବନ କରିଥିଲେ। ଲୋକନାଥ ବାରିକ୍ ପରିଚାଳନା କରିଥିବାବେଳେ ରବୀନ୍ଦ୍ରନାଥ ଷଡ଼ଙ୍ଗୀ ଏହାର ସଂଯୋଜନା କରିଥିଲେ।

# ଏକତା ଦ୍ୱାରା ସବୁ ସମସ୍ୟାର ସମାଧାନ ହୋଇପାରିବ

**ଗୋପ,୧୩।୧ (ଭାରତୀ ଭୂଷଣ ଉପାଧ୍ୟାୟ):**

ଆମମାନଙ୍କ ମଧ୍ୟରେ ଥିବା ଶତ୍ରୁତାକୁ ପଛରେ ପକାଇ ଏକତାର ଡୋରିକୁ ମଜଭୁତ କରିପାରିଲେ, ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ଗୋପ ବ୍ଲକ ଅଧୀନ ଦେସ୍ଥଳି ପଞ୍ଚାୟତ ଓଟରସ୍ଥିତ ପତିତପାବନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁଶାନ୍ତ ନାୟକ ଯୋଗଦେଇ ଏହା କହିଥିଲେ। ଗୋପ, ଗୋପ ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ପାଢ଼ୀ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ଓଷ୍ଟାର ଜିଲା ସଭାପତି ରାଜକିଶୋର ଜେନା, ଶିକ୍ଷାବିତ୍ ଯୁବରାଜ ବିଶ୍ୱାଳ, ଜମେଶ୍ୱର ସ୍ୱାଇଁ, ରବୀନ୍ଦ୍ର ବାହିନୀପତି, ପ୍ରସନ୍ନ କର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ଓ ଶିକ୍ଷକର ଭୂମିକା ଆଜିର ସମାଜ ଲାଗି କେତେ ଆବଶ୍ୟକତା ରହିଛି ସେ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ସମିତି ପକ୍ଷରୁ ନବନିର୍ବାଚିତ ଓଷ୍ଟାର ସମ୍ପାଦକ ବିଭୁଦତ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସମନ୍ୱିତ ସମିତି ସଭାପତି ଶିବଦତ୍ତ ନାୟକ ଉପସ୍ଥିତ ରହି ଗୁଣାତ୍ମକ ଶିକ୍ଷା କ'ଣ ତା'ର କାର୍ଯ୍ୟକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ୩୦ ବିଜେଡି ପରିବାର ଭାଜପାରେ ମିଶିଲେ

**ନିମାପଡ଼ା,୧୩।୧ (ବିଚିତ୍ରାନନ୍ଦ ସାହୁ):**


ଅତିଥିମାନଙ୍କ ଗହଣରେ ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନେ।

ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ସମାରୋହ ଭାଜପା ଗ୍ରାମୀଣ ମଣ୍ଡଳ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ କଳଙ୍କିତ, ଅହଂକାରୀ, ଦୁର୍ନୀତିଗ୍ରସ୍ତ ଶାସନର ପତନ ହେବ, ଭାଜପା ବିପୁଳ ଭୋଟରେ ବିଜୟ ହାସଲ କରି ବିଜୟର ଧ୍ୱଜା ଉଡ଼ାଇବ ବୋଲି ନାୟକ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ଯୁବନେତା ଶୁଭ୍ରଜିତ୍ ବାରିକ୍, ସନ୍ତୋଷ ରଥ, ଗୁଡୁ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇ ବୁଥ୍‌ସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକ ଅଧୀନ ଗୋପୀନାଥପୁର ଗ୍ରାମପଞ୍ଚାୟତର ୩୦ ବିଜେଡି ପରିବାର ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସରୋଜ ରାୟ, ସନ୍ତୋଷ ବେହେରା, ପରମେଶ୍ୱର ବରାଳ, ସୁଦାମ ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ନୂତନ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦକ୍ଷ ଶାସନ, ବରିଷ୍ଠ ନେତା ଦିଲୀପ ନାୟକଙ୍କ ଦୃଢ଼ ନେତୃତ୍ୱରେ ଆସ୍ଥା ପ୍ରକଟ କରି ନୂତନ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ନେତୃବୃନ୍ଦ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଡେଲାଙ୍ଗ,୧୩।୧ (ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଡେଲାଙ୍ଗ ହାଟ ବଜାର ସନ୍ନିକଟ ଗୁନୁପୁଟ ଗ୍ରାମର କାଳିଆ ପ୍ରଧାନ(୩୨)। ପୋଲିସ ତାଙ୍କଠାରୁ ୧୩ ଗ୍ରାମର ବ୍ରାଉନସୁଗାର ଓ ୧୧ଶହ ୩୦ଟଙ୍କା ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ଆନୁମାନିକ ୧ଲକ୍ଷ ୩୦ ହଜାର ହେବ ବୋଲି ପୋଲିସ କହଛି। ଏନେଇ ୧୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଡେଲାଙ୍ଗ ହାଟସ୍ଥିତ ଲୁଣାସେତୁଠାରେ ବ୍ରାଉନସୁଗାର ବିକ୍ରୟ କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଡେଲାଙ୍ଗଥାନା ଆଇଆଇସି ଦେବାଶିଷ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍.ଆଇ ଲିଜା ମଲ୍ଲିକ, କେଳୁଚରଣ ଜେନା, ଏଏସ୍‌ଆଇ ଗୋପବନ୍ଧୁ ରାଉତ ପ୍ରମୁଖ କାଳିଆଙ୍କୁ ଗିରଫ କରିଥିଲେ।

# କୋଣାର୍କରେ ଚନ୍ଦ୍ରଭାଗା କବିତା ଉତ୍ସବ

**କୋଣାର୍କ,୧୩।୧ (ଜ୍ୟୋତିରାଜ ମହାନ୍ତି):**



ଚନ୍ଦ୍ରଭାଗା କବିତା ଉତ୍ସବରେ ମଞ୍ଚାସୀନ ଅତିଥି ।

ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଶନିବାର ୧୦ମ ଚନ୍ଦ୍ରଭାଗା କବିତା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ନଲେଜ ସୋସାଇଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ କବୟିତ୍ରୀ, କବି ଯୋଗଦେଇଥିଲେ। ଉତ୍ସବକୁ କବି ଓ ଲେଖକ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାଶ, ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ସୁପ୍ରିୟା ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସାରା ବିଶ୍ୱ ଓ ଭାରତରେ କବିତାର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ଏଥିରେ ଇଂଲିଶ, ଓଡ଼ିଆ କବିତା, ଭାରତୀୟ କବିତା, ଆଦିବାସୀ କବିତା, ପ୍ରେମ କବିତା, ସମସାମୟିକ ଓଡ଼ିଆ କବିତା ଆଦି ସ୍ଥାନ ପାଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ଶେଷ ସାମୟିକ ପତ୍ରିକା 'ଚନ୍ଦ୍ରଭାଗା' ଉନ୍ମୋଚିତ ହୋଇଥିଲା। କବି ଆଶୁତୋଷ ପରିଡ଼ା, ପବିତ୍ରମୋହନ ଦାଶ, ସବିତା ସିଂ, ଚିରଶ୍ରୀ ଇନ୍ଦ୍ର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ, ସବିତା ସିଂ ସଞ୍ଚାଳନ କରିଥିଲେ।

## ସଂକ୍ଷେପରେ

### ୱାର୍ଡରେ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

**କଟକ,୧୩ା୧(କାର୍ତ୍ତିକ ସାହୁ)**

ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୦ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲି ଶନିବାର ଲୋକଙ୍କ ସମସ୍ୟା ବୁଝିଛନ୍ତି। ବିଶେଷକରି ରାସ୍ତାଘାଟ, ପରିମଳ, ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ସେ ଲୋକଙ୍କୁ ପଚାରି ବୁଝିଥିଲେ। ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳର କଂଗ୍ରେସ କର୍ମୀମାନେ ନିୟମିତ ଲୋକଙ୍କ ସଂସ୍ପର୍ଶରେ ଆସି ମୌଳିକ ସେବା ଯୋଗାଇଦେବାରେ ସହଯୋଗ କରିବାକୁ ପରାମର୍ଶ ଦେବା ସହ ବିଧାୟକ ଉନ୍ନୟନ ପାଣ୍ଠିରୁ ହେଉଥିବା କାର୍ଯ୍ୟର ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମବଲ୍ଲଭ ଦ୍ୱିବେଦୀ, ସୋମନାଥ ଦଳେଇ, ଚନ୍ଦନ ସେଠୀ, ଡ. ସନ୍ତୋଷ ବଳ, ସୋନୁ ଆଚାର୍ଯ୍ୟ, ମହିଆ ବାରିକ, ଶରତ ସେଠୀ, ପ୍ରକାଶ ବାରିକ, ବିଶ୍ୱନାଥ ଘୋଷ, ପୂର୍ଣ୍ଣିମା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆମାଜନ୍ ଅଧିକାରୀଙ୍କ ଡ୍ରିମ୍‌ସ ପରିଦର୍ଶନ

**କଟକ,୧୩ା୧ (କାର୍ତ୍ତିକ ସାହୁ)**

ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଅନ୍‌ଲାଇନ ଶପିଂ ଉଦ୍ୟୋଗ ଆମାଜନ୍‌ରେ କାର୍ଯ୍ୟରତ ବରିଷ୍ଠ ଓଡ଼ିଆ ଅଧିକାରୀ ଇଂ. ଦୀପ୍ତିମାନ୍ ମିଶ୍ର ସପରିବାର ଶନିବାର ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ଉଇଙ୍ଗ ସମେତ ମେଡିକାଲ କଲେଜ, ୪୦୦ ଶଯ୍ୟା ବିଶିଷ୍ଟ ପଦ୍ମିନୀ କେୟାର ମଲ୍ଟି ସ୍ପେଶାଲିଟି ହସ୍ପିଟାଲ, କେନ୍ଦ୍ରୀୟ ପାଠାଗାର-ଜ୍ଞାନ ଉଦ୍ୟାନ, କ୍ରିକେଟ ଷ୍ଟାଡିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ସବୁଜିମାମୟ ପରିବେଶ ଦେଖି ଖୁସିବ୍ୟକ୍ତ କରିଥିଲେ। ୨୦୦୧ରୁ ୨୦୦୫ ଯାଏ ଡ୍ରିମ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗରେ ଅଧ୍ୟାପନା କରୁଥିବା ଇଂ. ମିଶ୍ର ବିଗତ ଦିନର ସ୍ମୃତି ମନେପକାଇ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ପଦାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ। ପତ୍ନୀ ମିତାଲି ମଧୁସ୍ମିତା ମିଶ୍ର ଓ କନ୍ୟା ଦିଶା ମିଶ୍ର ମଧ ଏଠାକାର ଶୈକ୍ଷିକ ବାତାବରଣ, ଉନ୍ନତ ଭିତ୍ତିଭୂମି ଦେଖି ଆନନ୍ଦିତ ହୋଇଥିଲେ। ଇଂ. ମିଶ୍ର ଯୁକ୍ତରାଷ୍ଟ୍ର ଆମେରିକା ଡେନ୍‌ଭର କଲରାଡୋସ୍ଥିତ ଆମାଜନ୍ କାର୍ଯ୍ୟାଳୟରେ ଅବସ୍ଥାପିତ ଅଛନ୍ତି।

### ଜାତୀୟ ଯୁବ ଦିବସ

**କଟକ,୧୩ା୧ (କାର୍ତ୍ତିକ ସାହୁ)**

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରି ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ସମାଜ ପ୍ରତି ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କଟକ ସଦର,୧୩ା୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂଆ-ଓ କାର୍ଯ୍ୟକ୍ରମ ଶନିବାର କଲେଜ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ମୁଖ୍ୟବକ୍ତା ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ବୈଷ୍ଣବ ଚରଣ ପରିଡ଼ା, ସମ୍ମାନିତ ଅତିଥି ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ କିଶୋର କୁମାର ମିଶ୍ର, ଅଧ୍ୟକ୍ଷ ପ୍ରଣତି ପଟ୍ଟନାୟକ, ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାହୁ, ଡ. ସ୍ମିତା ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରାରମ୍ଭିକ ଭାଷଣ, ଡ. ନମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା, ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦ୍ଦେବ ବିବରଣୀ ପାଠ, ଅଧ୍ୟାପକ ଡ. ଅମିୟ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଏସ୍. ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଅଡୁଆ କଲାଣି ମାଞ୍ଜାସୂତା

## ଦିନକ ପରେ ମକର ସଂକ୍ରାନ୍ତି

**କଟକ,୧୩ା୧(କାର୍ତ୍ତିକ ସାହୁ)**



ଓଡ଼ିଆ ସଂସ୍କୃତିର ମହାନ୍ ପର୍ବ ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଆସିଛି। ଏହି ଉପଲକ୍ଷେ ବଜାରରେ ବିକ୍ରି ହେଉଥିବା ରଙ୍ଗବେରଙ୍ଗର ଗୁଡ଼ି ଯୁବବର୍ଗଙ୍କୁ ଆକୃଷ୍ଟ କରୁଛି। କାହା ଗୁଡ଼ି କେତେ ଉଚ୍ଚକୁ ଯିବ ତାହାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା। ଗୁଡ଼ି ଉଡ଼ାଇବାବେଳେ ଅନ୍ୟ ଜଣଙ୍କର ଗୁଡ଼ିକୁ ଯଦି କାଟିଦିଆଯାଇପାରେ ତା'ହେଲେ ସିଏ ନେବ ଜିତାପଟ। ଏହି ପ୍ରତିଦ୍ୱନ୍ଦ୍ୱିତାରେ ମୁଖ୍ୟ କାର୍ପଟଦାର ହେଲା ଗୁଡ଼ି ଉଡ଼ାରେ ବ୍ୟବହୃତ ମାଞ୍ଜାସୂତା। ପ୍ରତିବର୍ଷ ମାଞ୍ଜାସୂତା ଲାଗି ଲୋକଙ୍କ ବେକ ଓ ଅନ୍ୟାନ୍ୟ ଅଙ୍ଗ କଟି ଯାଉଥିବାବେଳେ ପ୍ରାଣହାନିର ଆଶଙ୍କା ରହିଛି। ତେବେ ଦିନକ ପରେ ରାଜ୍ୟରେ ମକର ପର୍ବ ପାଳନ କରାଯିବ। କଟକ ସହରରେ କମିଶନରେଟ ପୋଲିସକୁ ଅଡୁଆ କଲାଣି ମାଞ୍ଜାସୂତା। ଗତ ଗୁରୁବାର ମାଞ୍ଜାସୂତା ଲାଗି ଦୁଇଜଣ ବାଇକ ଆରୋହୀ ଆହତ ହୋଇଛନ୍ତି। ଏହାପରେ କମିଶନରେଟ ପୋଲିସ ପଦକ୍ଷେପ ନେବା ଆରମ୍ଭ କରିଛି। ମାଞ୍ଜାସୂତା ଗୋଦାମରେ ଚଢ଼ାଉ କରାଯିବା ସହ ଡାକବାଜି ଯନ୍ତ୍ରରେ ସତର୍କ କରାଯାଉଛି। ଚଢ଼ାଉ ସତ୍ତ୍ୱେ ମାଞ୍ଜାସୂତା ଜବତ କରାଯାଇପାରୁ ନାହିଁ। ଫଳରେ ପୋଲିସ ଏବେ ଅଧିକ ତତ୍ପରତା ଦେଖାଇଛି। ସୂଚନା ଅନୁସାରେ, ପ୍ରତିବର୍ଷ ମାଞ୍ଜାସୂତାଜନିତ ଅଘଟଣ ଘଟୁଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ଫଳରେ ନିରୀହ ଲୋକଙ୍କ ଜୀବନ ସଙ୍କଟରେ ପଡୁଛି। ଏଥର ବି ଅନୁରୂପ ଘଟଣା ଘଟିସାରିଲାଣି। ମାଞ୍ଜାସୂତା ଲାଗି ମର୍କତନଗର ସେକ୍ଟର-୧୦ ଅଞ୍ଚଳର ପ୍ରମୋଦ ସାମନ୍ତରାୟ ଓ ବିରିବାଟୀ ଅଞ୍ଚଳର ଭୋଳାଶଙ୍କର ପରିଡ଼ାଙ୍କ ଗଳା କଟି ଯାଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରୁଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନାହିଁ। ଗତ ୨ ଦିନ ଧରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ପୁରୀଘାଟ ଥାନା ପୋଲିସ ନନ୍ଦିସାହି, କେଉଟ ସାହି, ଚୌଧୁରୀ ବଜାର, ମଠସାହି ଅଞ୍ଚଳରେ ଥିବା ପ୍ରାୟ ୯ଟି ମାଞ୍ଜାସୂତା ଗୋଦାମରେ ଚଢ଼ାଉ କରିଥିଲା। କିନ୍ତୁ କୌଣସି ଗୋଦାମରୁ ମାଞ୍ଜାସୂତା ମିଳି ନ ଥିଲା। କେବଳ ଗୁଡି ଥିବା ଦେଖିବାକୁ ମିଳିଥିଲା। ଲାଲବାଗ ଥାନା ପୋଲିସ ନୟାସଡ଼କ ଅଞ୍ଚଳର କେତେକ ଗୋଦାମରେ ଚଢ଼ାଉ କରିଥିଲା। ବିଡ଼ାନାସୀ ଥାନା ପୋଲିସ କନିକା ଛକ, ସେଲ୍‌ଟର ଛକ, ତୁଳସୀପୁର ପଞ୍ଚମୁଖୀ ହନୁମାନ ଛକ, ବିଡ଼ାନାସୀ ବନ୍ଧ ଛକ ଅଞ୍ଚଳରେ ଥିବା ମାଞ୍ଜାସୂତା ଦୋକାନରେ ଚଢ଼ାଉ କରିଥିଲା। ସେଠାରେ ବି କୌଣସି ସୂତା ମିଳି ନ ଥିଲା। ଜଗତପୁର, ଚୌଦ୍ୱାର, କଟକ ସଦର ଥାନା ଅଞ୍ଚଳର କେତୋଟି ଖୁଚୁରା ଦୋକାନରେ ଚଢ଼ାଉବେଳେ କିଛି ମାଞ୍ଜାସୂତା ଜବତ କରାଯାଇଛି। ପୋଲିସ ଚଢ଼ାଉ ସୂଚନା ପାଇ ଗୋଦାମ ମାଲିକମାନେ ଆଗୁଆ ମାଞ୍ଜାସୂତା ଗାଏବ କରିଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ମାଞ୍ଜାସୂତା ବିକ୍ରି ରୋକିବା ନିମନ୍ତେ କଟକ ସହରାଞ୍ଚଳର ସବୁ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଚଢ଼ାଉ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଉଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗୁଡ଼ି ନ ଉଡ଼ାଇବା ଓ ମାଞ୍ଜାସୂତା ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରିକି ନିୟମ ଖିଲାପକାରୀଙ୍କୁ ଗିରଫ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି। ଏଥିସହ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ମାଞ୍ଜାସୂତା ଜବତ କରାଯାଉଛି ବୋଲି ସେ କହିଛନ୍ତି।

## ଡକାୟତି ଯୋଜନା, ୨ ଗିରଫ

**ଖୁଣ୍ଟୁଣୀ, ୧୩ା୧(ସଚ୍ଚିଦାନନ୍ଦ ପଣ୍ଡା)**

ଡକାୟତି ଯୋଜନାବେଳେ ଖୁଣ୍ଟୁଣୀ ପୋଲିସ ଦୁଇଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ବାଲିମି ଥାନା ଅଧୀନ ଆସୋରୋଡା ଗ୍ରାମର ଆଶିଷ ସାହୁ ଓ କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ଦାଢ଼ାପାଟଣା ଗ୍ରାମର ଗୋବିନ୍ଦ ରାଉତ। ସେମାନେ ବ୍ୟବହାର କରୁଥିବା ଏକ ପଲ୍‌ସର୍ ବାଇକ ଓ ଦୁଇଟି ଲୁହାରଡ୍ ପୋଲିସ ଜବତ କରିଛି। ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଶୁକ୍ରବାର ରାତିରେ ଜାତୀୟ ରାଜପଥ ଉପରେ ପାଟ୍ରୋଲିଂ କରୁଥିବାବେଳେ କୃଷ୍ଣଶ୍ୟାମପୁର ଗ୍ରାମ ନିକଟ ଏକ ପଡିଆରେ ନିଆଁ ଜଳୁଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେ ତୁରନ୍ତ ତାଙ୍କ ସହଯୋଗୀ ଏଏସ୍‌ଆଇ ଶେଷଦେବ ରାଜ ଓ କନଷ୍ଟେବଲ୍‌ଙ୍କ ସହିତ ଭ୍ୟାନ୍‌ରେ ସେଠାକୁ ଯାଇଥିଲେ। ପୋଲିସ ଭ୍ୟାନ୍ ଦେଖି ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ପଳାଇ ଯାଇଥିଲେ। ହେଲେ ଆଶିଷ ଓ ଗୋବିନ୍ଦ ନିଶାସକ୍ତ ଅବସ୍ଥାରେ ଥିବାବେଳେ ପୋଲିସ ସେମାନଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରାବେଳେ ସେମାନେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଜବତ ବାଇକ୍ ତାଳଚେର ଅଞ୍ଚଳରୁ ଚୋରି କରିଥିବା ସେମାନେ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧/୨୪) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଖୁଣ୍ଟିଆ କହିଛନ୍ତି।



ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିବାବେଳେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ସହ ବିଭିନ୍ନ ବେଶଧାରୀ।



ନୂଆପଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ୨ ବଖରା ଜଳିଗଲା

**କଟକ ସଦର,୧୩ା୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ପଞ୍ଚାୟତର ଦାମୋଦରପୁର-୨ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଜଗବନ୍ଧୁ ନାୟକଙ୍କର ୨ବଖରା ଜଳିଯାଇଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ବିରିଡ଼ିରୁ ଆସିଥିବା ଦମକଳ ଗାଡ଼ି କନ୍ଦରପୁର ଲେଭଲ କ୍ରସିଂ ନିକଟରେ ପ୍ରାୟ ୨୦ ମିନିଟ ଧରି ଅଟକି ରହିଥିଲା। କାରଣ ଫାଟକ ବନ୍ଦ ଥିଲା। ତେଣୁ ଅଗ୍ନିକାଣ୍ଡ ସ୍ଥଳରେ ଗାଡ଼ି ବିଳମ୍ବରେ ପହଞ୍ଚିଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

## ଧାନମଣ୍ଡି ଉଦ୍‌ଘାଟିତ

**କଟକ ସଦର,୧୩ା୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସେବା ସମବାୟ ସମିତିର ଧାନମଣ୍ଡି ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ରାଜୀବ କୁମାର ବେଉରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୫ ଜଣ ଚାଷୀଙ୍କଠାରୁ ୫୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଧୀରେନ କୁମାର ଦାଶ, କାଳିନ୍ଦୀ ସ୍ୱାଇଁ, ଶିବ ପ୍ରସାଦ ପ୍ରଧାନ, ପ୍ରମୋଦ ରାଉତ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ସ୍ୱାଇଁ, ହୃଷୀକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସବୁଠି ଭକ୍ତିମୟ ପରିବେଶ

**ଚୌଦ୍ୱାର/କଟକ ସଦର/ ବାଙ୍କୀ,୧୩ା୧(ଆଶୁତୋଷ ଦାସ/ ସୁଶାନ୍ତ କୁମାର ଜେନା/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଚୌଦ୍ୱାର ପୌରପାଳିକା ଅଧୀନ ବିଭିନ୍ନ ୱାର୍ଡ ଏବଂ ଗ୍ରାମରେ ଶୁକ୍ରବାର ଓ ଶନିବାର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଶୁକ୍ରବାର ସକାଳେ ଗାନ୍ଧୀଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ନିକଟରୁ ଦୁଇଟି ରଥ ପରିକ୍ରମା ପାଇଁ ବାହାରିଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଯୋଗଦେଇଥିଲେ। ସଂକୀର୍ତ୍ତନ, ଶଙ୍ଖଧ୍ୱନି ଓ ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହିଳାମାନେ ରଥକୁ ସ୍ୱାଗତ କରିବା ସହ ଗୁଆ, ଅରୁଆ ଚାଉଳ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ଚୌଦ୍ୱାର, ମୁଣ୍ଡମାଳ, ଓଟିଏମ୍ କଲୋନୀ ଅଞ୍ଚଳରେ ରଥ ପରିକ୍ରମା କରିଥିଲା। ସେହିପରି ଶନିବାର ପୌରପାଳିକାର ୯, ୧୧, ୧୨, ୧୩, ୧୫, ୧୭ ଓ ୧୮ ନମ୍ବର ୱାର୍ଡ଼ରେ ରଥ ପରିକ୍ରମା କରିଥିଲା। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା। ଏହି ରଥ ୩ ଦିନ ଧରି ଶଗଡ଼ିପାଟଣା, ଛାଞ୍ଚପଡ଼ା, ମୃଗାକୂଳ, ବାରଦା ଓ ବରୀମୁଣ୍ଡା ଗ୍ରାମର ପ୍ରତ୍ୟେକ ଘର ପରିକ୍ରମା କରି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଥିଲା। ଏହି କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଥିଲା। ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସରପଞ୍ଚ ନିରୋଜା ନଳିନୀ ଦାସ, ସମିତି ସଭ୍ୟା ସଙ୍ଗୀତା ବାରିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ପଞ୍ଚାୟତ ବିଜେଡି ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟମାନେ ବିଭିନ୍ନ ସ୍ଥାନରେ ରଥକୁ ସ୍ୱାଗତ କରିଥିଲେ।

ବାଙ୍କୀର ୱାର୍ଡ ନଂ-୩ ଓ ୪ ଶିଶୁଆ ଗ୍ରାମରେ ଓ ୱାର୍ଡ-୫ ବେଦପୁର ଗ୍ରାମରେ ଅର୍ପଣ ରଥ ପରିକ୍ରମା କରିଛି। ଏହି ସମୟରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶିଶୁଆ ଗ୍ରାମରେ ପହଞ୍ଚି ଭକ୍ତଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ସେହିପରି ବେଦପୁର ଗ୍ରାମରେ ଅର୍ପଣ ରଥ ପରିକ୍ରମାବେଳେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମର ରଣା, କାଉନସିଲର ସନାତନ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପିଲାମାନେ ଭଲ ପାଠ ପଢ଼ନ୍ତୁ

**କଟକ,୧୩ା୧(କାର୍ତ୍ତିକ ସାହୁ)**

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

ନୂଆପଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଭୂ-ବିଜ୍ଞାନୀ ରୁଦ୍ରନାରାୟଣ ପଶାୟତ ଯୋଗଦେଇ ପିଲାମାନେ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ରୁଚିର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ସୁକୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଓ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ତିଳୋତ୍ତମା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଝରଣା ଓଝା, ସନ୍ଧ୍ୟା ରାୟ, ଶୁଭଶ୍ରୀ ରାଉତ, ସବ୍ୟସାଚୀ ନାୟକ ଓ ଦିଲୀପ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ୨ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**ଚୌଦ୍ୱାର,୧୩ା୧(ଆଶୁତୋଷ ଦାସ)**

୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟ ଧୂମାବତୀ ଛକଠାରୁ ନୂଆପାଟଣା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ୨୩ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ବାଣୀପଦା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, କୟଳପଡ଼ା ସରପଞ୍ଚ ଶୈଳବାଳା ନାୟକ, କାଉନସିଲର ଅଜୟ କୁମାର ବେହେରା, ତୀର୍ଥାନନ୍ଦ ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବୁଢ଼ାଲିଙ୍ଗଠାରୁ କୁଜିବର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ବିଧାୟକ ବିଶ୍ୱାଳ ଶିଳାନ୍ୟାସ କରିଥିଲେ। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, କାଉନସିଲର ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ଆଶୁତୋଷ ଦାସ, ଅର୍ଜୁନ ପଣ୍ଡା, ବିମଳ କୁମାର ବେଉରା, ସଞ୍ଜୀବ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ।



ରାସ୍ତା ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

## 'ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ ରଖନ୍ତୁ ଛାତ୍ରୀଛାତ୍ର'

**କଟକ,୧୩ା୧(କାର୍ତ୍ତିକ ସାହୁ)**

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନଟବର ଶତପଥୀ ଯୋଗଦେଇ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବ୍ୟଙ୍ଗକବି ଜ୍ଞାନ ହୋତା ଯୋଗଦେଇ ଜଗନ୍ନାଥ ସଂସ୍କୃତି ତଥା ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଧିକାରୀ ଡ. ସରୋଜ କୁମାର ଦାଶ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ନୋଡାଲ ଅଧିକାରୀ ନୀହାର ରଞ୍ଜନ ରଥ ସ୍ୱାଗତ ଭାଷଣ, ଅଧ୍ୟାପିକା କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକ ଭାବେ ନୃତ୍ୟଗୁରୁ ଅଜୟ କୁମାର ମହାନ୍ତି ଓ ଅନିମା ଜେନା କାର୍ଯ୍ୟ କରିଥିଲେ। ଅଧ୍ୟାପିକା ଅମ୍ରିତା ଲେଙ୍କା, ସ୍ମୃତିରଞ୍ଜନ ସ୍ୱାଇଁ, ଆକାଶ କୁମାର ସାମଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ରୁଦ୍ରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଖ୍ରୀଷ୍ଟ କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରଫେସର ଡ. ନଟବର ଶତପଥୀ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ବିକାଶ ଚନ୍ଦ୍ର ରାଉତ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. କୃତୀବାସ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା, ଅଧ୍ୟାପକ ଡ. ଦୈତାରୀ ଶୁକ୍ଳ ଅତିଥି ପରିଚୟ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଭିଜାମାଟିର ସ୍ୱର୍ଗ ପ୍ରଦର୍ଶିତ ହୋଇଥିଲା। ପରିଚାଳନା ସମିତିର ସମସ୍ତ ସଭ୍ୟ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ରଘୁନାଥଜୀଉ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ୨୦୦ କୁଇଣ୍ଟାଲ୍ ଧାନ ସଂଗ୍ରହ

ବାଙ୍କୀ, ୧୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍ଏସି ଅନ୍ତର୍ଗତ ଶିମିଳିପୁର ସେବାସମବାୟ ସମିତିରେ ଶନିବାର ଧାନମଣ୍ଡି ଖୋଲାଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଶିମିଳିପୁର ସେବାସମବାୟ ସମିତି ସଭାପତି ବିଷ୍ଣୁପ୍ରସାଦ ସାମଲଙ୍କ ତତ୍ତ୍ୱାବଧାନରେ ଏହି ମଣ୍ଡିରେ ଚାଷୀମାନଙ୍କଠାରୁ ୨୦୦ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି। ସେବା ସମବାୟ ସମିତି ସମ୍ପାଦକ ଫକୀର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ଗୋବର୍ଦ୍ଧନ ନାୟକ, ବୈକୁଣ୍ଠ ନାୟକ, ଶରତ ନାୟକ, ଶରତ ଦଳେଇ , ଗୁରୁପ୍ରସାଦ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବଡ଼ମ୍ବା, ୧୩।୧ (ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ରତାପାଟସ୍ଥିତ ବ୍ରିଗେଡ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ଅଧକ୍ଷା ସରୋଜିନୀ ସାହୁ ଓ ସମ୍ପାଦକ ଅଭିମନ୍ୟୁ ବେହେରା କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରିନର୍ସରୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲମ୍ବା ଡିଆଁ, ଉଚ୍ଚ ଡିଆଁ, ଦୌଡ଼, ଗଣିତ ଖେଳ, ମିୟୁଜିକ ଚେୟାର, ବସ୍ତା ଡିଆଁ, ବାଟି ଚାମଚ ଓ ଦଉଡି ଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା।

# ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ହୋଇଛି ଶୈକ୍ଷିକ ବାତାବରଣ

## ୮୦ ରୂପାନ୍ତରିତ ବିଦ୍ୟାଳୟକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ନିଶ୍ଚିନ୍ତକୋଇଲି/ତିଗିରିଆ/ମାହାଙ୍ଗା, ୧୩।୧ (ଅଶୋକ କୁମାର ମହାପାତ୍ର/ ଜାଫର ଖାଁ/ ଯଯାତି ସିଂହ)






ନିଶ୍ଚିନ୍ତକୋଇଲି କାଳରାବାଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

କଟକ ଜିଲାର ୮୦ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଶନିବାର ଲୋକାର୍ପଣ କରିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହାକୁ ଆଭାସି ମାଧ୍ୟମରେ ସଂଯୋଜନା କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ଗ୍ରାମପଞ୍ଚାୟତ କାଳରାବାଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ନରହରି ସେଠୀ ସଭାପତିତ୍ୱ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇ ରୂପାନ୍ତରିତ ବିଦ୍ୟାଳୟ ଉପରେ ସଂକ୍ଷିପ୍ତ ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ,ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ବଡ଼ମ୍ବା ବିଧାୟକ ଦେବିପ୍ରସାଦ ମିଶ୍ର, କଟକ ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସମୟ ଥିଲା ସରକାରୀ ସ୍କୁଲକୁ ପିଲାମାନେ ଅଣଦେଖା କରି ବେସରକାରୀ ସ୍କୁଲରେ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟଗୁଡିକୁ ୫-ଟି ରୂପାନ୍ତରଣ କରି ବେସରକାରୀ ସ୍କୁଲ ଭଳି ଅତ୍ୟାଧୁନିକ ଭିତ୍ତିଭୂମି ସାଙ୍ଗକୁ ଶୈକ୍ଷିକ ବାତାବରଣ ସୃଷ୍ଟି କରିଛନ୍ତି। ଛାତ୍ରବୃତ୍ତି ଠାରୁ ଆରମ୍ଭ କରି ରୂପାନ୍ତରଣ ବିଦ୍ୟାଳୟଗୁଡ଼ିକରେ ଉନ୍ନତମାନର ଲାବ, ଲାଇବ୍ରେରି, ଖେଳ ପଡ଼ିଆ ଓ ବିଜ୍ଞାନାଗାର କରାଯାଇଛି। ପିଲାମାନେ ଏବେ ନିଜ ସରକାରୀ ସ୍କୁଲକୁ ନେଇ ଗର୍ବ କରିବା ଆରମ୍ଭ କରିଛନ୍ତି ବୋଲି ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଏମ୍‌ପି ସାମନ୍ତ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ନୂତନ ପିଢିକୁ ସଙ୍ଗଠିତ ଓ ମେଧାବୀ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କଟକ ସଦର ବିଧାୟକ ବେହେରା ଶିକ୍ଷାର ମୂଲ୍ୟବୋଧ,ବିଦ୍ୟାଳୟର ପରିବେଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବଡମ୍ବା ବ୍ଲକର ୧୧,ନିଶ୍ଚିନ୍ତକୋଇଲି ବ୍ଲକ ୧୩, ମାହାଙ୍ଗା ବ୍ଲକ ୧୧, ସାଲେପୁର ୯, ନିଆଳି ୩ , କଣ୍ଟାପଡା ୬, ଆଠଗଡ଼ ୮,ତିଗିରିଆ ୨, ଟାଙ୍ଗୀ-ଚୌଦ୍ୱାର ୪, ନରସିଂହପୁର ୫ , ଡମପଡ଼ା ୨,କଟକ ସଦର ୩, ବାରଙ୍ଗ ୨, ବାଙ୍କୀର ୨ଟି ରୂପାନ୍ତରିତ ବିଦ୍ୟାଳୟକୁ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ବିଡିଓ ଧର୍ମରଞ୍ଜନ ପଣ୍ଡା,ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀ ମହାପାତ୍ର, ଯନ୍ତ୍ରୀ ଅନାମ ବିଶ୍ୱାଳ, ଜିଲା ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ନନ୍ଦ,ସାମାଜିକ କର୍ମୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲାର ପ୍ରଶାସନିକ ଅଧିକାରୀ, ଶିକ୍ଷକ ଓ ଜିଲାସ୍ତରୀୟ ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ।

ତିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ଦଧିବାମନଜୀଉ ବିଦ୍ୟାପୀଠ ଓ ବିନ୍ଧାଣିମାସ୍ଥିତ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରିତ ବିଦ୍ୟାଳୟର ଲୋକାର୍ପଣ ଉତ୍ସବ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଦଧିବାମନ ଜୀଉ ବିଦ୍ୟାପୀଠରେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଓ ବିନ୍ଧାଣିମା ଉଚ୍ଚ ବିଦ୍ୟାଳୟରେ ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଉପସ୍ଥିତ ଥିଲେ। ସେହିପରି ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତସ୍ଥିତ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ମାଳିହତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନିହାଣଙ୍କ ତତ୍ତ୍ୱାବଧାନରେ ଅତିଥିଭାବେ ସରପଞ୍ଚ ରାଜକିଶୋର ବଳ, ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ନୃସିଂହ ସାହୁ ,ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ର,ପୂର୍ବତନ ଶିକ୍ଷକ ନରେନ୍ଦ୍ର ତ୍ରିପାଠୀ,ଧନେଶ୍ୱର ସେନାପତି ପ୍ରମୁଖ ଯୋଗଦେଇଥିଲେ।

## କ୍ରୀଡ଼ା ମନକୁ ସତେଜ ରଖେ

ସାଲେପୁର, ୧୩।୧ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଛାଣିପୁର ପଞ୍ଚାୟତ ଅନ୍ତର୍ଗତ ବିଶ୍ୱଭାରତୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ପ୍ରଫୁଲ୍ଲ ମିଶ୍ର ଯୋଗଦେଇ କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ସତେଜ ରହିଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଲଳିତ ମୋହନ ମହାନ୍ତି, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ପୂର୍ବତନ ଶିକ୍ଷକ ଶିବରାମ ନାୟକ, ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ଷଡ଼ଙ୍ଗୀ, ସିଆରସିସି ଭରତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ ହୋଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ହାଇସ୍କୁଲର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଧ୍ୟ ଇଂଲିଶ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ସେଠି, ଶିକ୍ଷକ ସୁଲଭ ଚରଣ ସେଠି, ହୃଷିକେଶ ଷଡ଼ଙ୍ଗୀ, ଜ୍ୟୋତ୍ସ୍ନାରାଣୀ ବାରିକ, ବିଦ୍ୟୁଲତା ମାହୁନ୍ତ, ସୁକଦେବ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଭୁ କଲ୍ୟାଣ ସ୍ୱାଇଁଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

# ବେଦାନ୍ତ, ଯୋଗ ସମ୍ବଳିତ ହିନ୍ଦୁ ଦର୍ଶନ ଉପରେ ଗୁରୁତ୍ୱ



ବଡ଼ମ୍ବାଠାରେ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ର।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ବଡ଼ମ୍ବା/ ତିଗିରିଆ, ୧୩।୧ (ମାୟାଧର ମଲ୍ଲିକ/ଜାଫର ଖାଁ)

ବଡ଼ମ୍ବାସ୍ଥିତ ପ୍ରାଣ ଯୋଗ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ୨ ଦିନିଆ ଜନ୍ମଦିବସ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ପୌରୋହିତ୍ୟ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ପ୍ରବୀଣା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମାଣିଆ ବନ୍ଧ କଲେଜ ଇଂଲିଶ୍ ଅଧାପକ ଖଗେଶର ମହାପାତ୍ର , ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦିଲୀପ କୁମାର ସାମନ୍ତ ଯୋଗ ଦେଇ ବେଦାନ୍ତ ଓ ଯୋଗ ସମ୍ବଳିତ ହିନ୍ଦୁ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ରଚିତ ବ୍ୟକ୍ତିତ୍ୱ ବିକାଶ ବହି ବଣ୍ଟନ କରାଯାଇଥିଲା। ପ୍ରତିଷ୍ଠାନ ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଦେଇ, ଶିକ୍ଷାବିତ ପ୍ରବୋଧ ସାମଲ, ବଡମ୍ବା ସହକାରୀ ପୋଷ୍ଟ ମାଷ୍ଟର ଶୁଭ ଦର୍ଶନ ସାହୁ, ରାମଚନ୍ଦ୍ର ଲେଙ୍କା, ଡାକ୍ତର ସୁଧୀର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନପୁରୁଷୋତ୍ତମ ମହାବିଦ୍ୟାଳୟରେ ଶନିବାର ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରାଧାପକ ବିଜୟ କୁମାର ବେହେରା,ସୁଧୀର ଚନ୍ଦ୍ର ନାଥ ଓ ଅଧାପକ ବିଜୟ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ନାବାଳକ ମୃତ: ରାସ୍ତାରୋକୋ

ନରସିଂହପୁର , ୧୩।୧ (ନିରଞ୍ଜନ ଦେବକୁମାର )

ନରସିଂହପୁର ବ୍ଲକ ରଣସିଂହପୁର ପଞ୍ଚାୟତ ଅନ୍ତର୍ଗତ ବାଘୁଆପାଳ ଗ୍ରାମରେ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଶନିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିପୁ ଦେହୁରୀଙ୍କ ପୁଅ ସମୀର ଦେହୁରୀ(୬)। ଏନେଇ ଉତ୍ତ୍ୟକ୍ତ ଲୋକେ ଓ ସମ୍ପର୍କୀୟମାନେ ଅନୁଗୋଳ-ନରସିଂହପୁର ରାସ୍ତାକୁ ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଫଳରେ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ସମୀର ସକାଳେ ଘର ଆଗରେ ଥିବା ପୋଖରୀକୁ ଗାଧୋଇବାକୁ ବାହାରିଥିଲେ। ସେ ରାସ୍ତା ପାର ହେଉଥିବା ବେଳେ ନରସିଂହପୁରରୁ ଅନୁଗୋଳ ଆଡକୁ ଯାଉଥିବା ଏକ ପିକ୍‌ଅପ ଭ୍ୟାନ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସମୀର ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସମୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହାପରେ ଉତ୍ତ୍ୟକ୍ତ ଲୋକେ ଓ ଆତ୍ମୀୟସ୍ୱଜନମାନେ ବାଘୁଆପାଳ ରାସ୍ତା ଉପରେ ମୃତଦେହ ରଖି ପ୍ରତିବାଦ କରିଥିଲେ। ଏଥିସହ ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଅନୁଗୋଳ-ନରସିଂହପୁର ଉଭୟ ପଟରୁ ବହୁ ଗାଡ଼ି ଅଟକି ରହିଥିଲା। ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଆଠଗଡ଼ ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଓ ନରସିଂହପୁର ତହସିଲଦାର ମନୋଜ କୁମାର ମାଝି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାପରେ ରାସ୍ତା ଅବରୋଧ ହଟିଥିଲା। ମୃତ ଶିଶୁର ପରିବାର ନରସିଂହପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ. ୭ /୨୪) ରୁଜୁ କରାଯାଇ ଅନୁସନ୍ଧାନ କରାଯାଉଛି ବୋଲି ଥାନା ଅଧିକାରୀ ବିକ୍ରମ କେଶରୀ ଜେନା ସୂଚନା ଦେଇଛନ୍ତି।

# ବିଜ୍ଞାନ ମେଳା, ପୁଷ୍ପ ଚିତ୍ରକଳା ପ୍ରଦର୍ଶନୀ

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ସାଲେପୁର, ୧୩।୧ (ଅରବିନ୍ଦ ଭୂୟାଁ)

ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବିଜ୍ଞାନ ମେଳା ଓ ପୁଷ୍ପ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରିଥିଲେ। ମୁଖ୍ୟବକ୍ତା ରୂପେ ସାଲେପୁର ବିଇଓ ଜଗବନ୍ଧୁ ଶତପଥୀ ଯୋଗଦେଇ ପ୍ରକଳ୍ପଗୁଡିକ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଚାରକ ଭାବେ ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ବାସୁଦେବପୁରର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ଦାଶ, ପୂର୍ବତନ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ରାଉତରାୟ, ବାଳମୁକୁନ୍ଦ ଦାସ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବାରିକ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ହରିହର ମଲ୍ଲିକ, ସମ୍ପାଦକ ଅକ୍ଷୟ କୁମାର ଦାଶ, ସହସମ୍ପାଦକ ଚିରଞ୍ଜନ ଶତପଥୀ, ଉପସଭାପତି ପ୍ରଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ଗୋପବନ୍ଧୁ ଭୂୟାଁ, ଅଶ୍ୱିନୀ କୁମାର ଦାସ, ଅନୁଷ୍ଠାନର ଅଧକ୍ଷା ସବିତା କିରଣ କର, ବରିଷ୍ଠ ବିଜ୍ଞାନ ଶିକ୍ଷକ ତ୍ରୈଲୋକ୍ୟ ନାଥ ଭୂୟାଁ, ଅରୋମିରା ଭୂୟାଁ, ଅକ୍ଷୟ କୁମାର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ଚଳମାନ ଦୂରଭାଷର ଉପଯୋଗିତା, ପ୍ରଭାବକୁ ନେଇ ଆଲୋଚନା




ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି ଓ ଅନ୍ୟମାନେ।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ

ସାଲେପୁର, ୧୩।୧ (ଅରବିନ୍ଦ ଭୂୟାଁ)

ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧାପକ, ଛାତ୍ରୀଛାତ୍ରମାନଙ୍କ ପାଇଁ ଚଳମାନ ଦୂରଭାଷର ଶିକ୍ଷାର ପ୍ରଭାବ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହ ପ୍ରାଧାପକ ଡ. ଅଶୋକ ତରାଇ, ମୁଖ୍ୟବକ୍ତା ଭାବେ ହାଲ୍‌ଟନ୍ ସ୍କୁଲ ପେନ୍‌ସିଲଭାନିଆ ବିଶ୍ୱ ବିଦ୍ୟାଳୟର ସହ ପ୍ରାଧାପକ ଡ. ଆଲ୍ପ ସୁଙ୍ଗୁ ଯୋଗଦେଇ ଚଳମାନ ଦୂରଭାଷର ଉପଯୋଗିତା ଏବଂ ଏହାର ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ। ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡ. ସଙ୍ଗୀତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦର୍ଶନ ବିଭାଗର ମୁଖ୍ୟ ଡ. ମନୀଷା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ପ୍ରଶାସନିକ ଅଧିକାରୀ ଡ. ପ୍ରଦ୍ୟୁମ୍ନ ଚୌଧୁରୀ, ଆଲୋକ ଚନ୍ଦ୍ର ମହାନ୍ତି, ଜୟବନ୍ଦନ ଜେନା, ସମାଜବିଜ୍ଞାନ ମୁଖ୍ୟ କଳିକା ଆଚାର୍ଯ୍ୟ, ଡ. ସ୍ୱାତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧାପିକାଅଧାପକମାନେ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ କରାଇ ଥିଲେ। ଗବେଷଣା ସାହାଯ୍ୟକାରୀ ଶ୍ରଦ୍ଧାସୁମନ ମହାରଣା ଏବଂ ସବନମ୍ ପରୱିନ୍ ଉପସ୍ଥିତ ରହିଥିଲେ।

# ବିନ୍ଦାସ୍ ଏକାଦଶ ଟିକିଲିପଡ଼ା ଚାମ୍ପିୟନ

## କନ୍ତପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବଡ଼ମ୍ବା, ୧୩।୧ (ମାୟାଧର ମଲ୍ଲିକ)



ଟ୍ରଫି ସହ ବିଜୟୀ ଦଳର ଖେଳାଳି ଓ ଅନ୍ୟମାନେ।

ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ରିକେଟ କ୍ଲବ, କନ୍ତପଡ଼ା ଆନୁକୂଲ୍ୟରେ କନ୍ତପଡ଼ା ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଯାଇଛି। ଫାଇନାଲ ମ୍ୟାଚ ଡିସିସି ଚୌଦ୍ୱାର (କଟକ) ଓ ବିନ୍ଦାସ ଏକାଦଶ ଟିକିଲିପଡ଼ା (ନୟାଗଡ଼) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିନ୍ଦାସ ଏକାଦଶ ଦଳ ଚାମ୍ପିୟନ ହୋଇଥିବାବେଳେ ଡିସିସି ଦଳ ରନର୍ସ ଅପ ହୋଇଥିଲା। ଅମ୍ପାୟର ଭାବେ ସୌମ୍ୟକାନ୍ତ ବାରିକ ଓ ପ୍ରଦ୍ୟୁମ୍ନ କୁମାର ଦଳବେହେରା ମ୍ୟାଚ ପରିଚାଳନା କରିଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଓ ସାମାଜିକ କର୍ମୀ ଇନ୍ଦ୍ରମଣି ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ ଓ ସମ୍ମାନିତ ଅତିଥି ଭାବେ ବନମାଳିପୁର ସମିତିସଭ୍ୟ ଚିନ୍ତାମଣି ସାମଲ, ଶଙ୍ଖାମେରୀ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି, ସମିତିସଭ୍ୟାଙ୍କ ପ୍ରତିନିଧି ଦିଲୀପ ପଙ୍ଗାରୀ, ନାଏବ ସରପଞ୍ଚ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ କପ୍ ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ବ୍ୟାଟ୍ସମ୍ୟାନ ଓ ବେଷ୍ଟ ବୋଲର ଭାବେ ଟିକିଲିପଡ଼ା ଦଳର କବି, ହାପି ଓ ତପୁଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚୌଦ୍ୱାର ଦଳର ମଳୟଙ୍କୁ ଫାଇନାଲ ଗେମ ଚେଞ୍ଜର ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଦଳର ସଭାପତି ବଟକୃଷ୍ଣ ମହାନ୍ତି, ଉପସଭାପତି ରବୀନ୍ଦ୍ର କୁମାର ରାଉତ ଓ ଚିତ୍ତରଞ୍ଜନ ନାୟକ ଉପସ୍ଥିତ ଥିଲେ।

# ଡମଣଗାଡ଼ିଆ କ୍ରିକେଟ ଟିମ୍ ଚାମ୍ପିୟନ

## ସୁଲୋଚନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବଡ଼ମ୍ବା, ୧୩।୧ (ମାୟାଧର ମଲ୍ଲିକ)



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ବ୍ରାହ୍ମଣୀ ଦେଇ କ୍ରିକେଟ୍ କ୍ଲବ ଜାନିସାହି ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ସୁଲୋଚନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ହୋଇଯାଇଛି। ଖେଳରେ ଡମଣଗାଡ଼ିଆ କ୍ରିକେଟ ଟିମ୍ ବଡ଼ମ୍ବା ସହ ଜଗତ୍‌ସିଂହପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଜଗତ୍‌ସିଂହପୁର କ୍ରିକେଟ ଟିମ୍ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଡମଣଗାଡ଼ିଆ କ୍ରିକେଟ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୭୭ ରନ କରିଥିଲା। ଜବାବରେ ଜଗତ୍‌ସିଂହପୁର କ୍ରିକେଟ ଟିମ୍ ୨୦ ଓଭରରେ ୮ ୱିକେଟ ହରାଇ ୨୨୮ ରନ କରିଥିଲା। ଫଳରେ ଡମଣଗାଡ଼ିଆ କ୍ରିକେଟ ଟିମ୍ ୫୯ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବିଜେତା ଟିମ୍‌ର ବିକାଶ ରାଉତ ୫୨ରନ କରି ୨ଟି ଉଇକେଟ ନେଇ ମ୍ୟାନ ଅପ ଦି ମ୍ୟାଚ ହୋଇଥିବା ବେଳେ ଟିମ୍‌ର ସୁନୀଲ ସାହୁ ମ୍ୟାନ ଅପ ଦି ସିରିଜ ହୋଇଥିଲେ। ଖେଳକୁ ଅମ୍ପାୟର ରାଜୀବ ସେଣ ଓ ସାଗର ଗୋଛି ପରିଚାଳନା କରିଥିଲେ। ସାମାଜିକ କର୍ମୀ ସନ୍ତୋଷ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ଜେନା, ମନୋଜ ପଣ୍ଡା, ଦିବ୍ୟ ପ୍ରତାପ ସାଇଁ ସମ୍ମାନିତ ଅତିଥି ହୋଇ ରନର୍ସ ଟିମ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ରହିମ ଦଳେଇ, କ୍ଷେତ୍ରବାସୀ ଜେନା, କୁନା ରାଉତ, ଭାଷ୍ୟକାର ମନୁଆ ପଣ୍ଡା, ଜିଲୁ ପଣ୍ଡା ସ୍କୋରର ହୋଇ ସମସ୍ତ ଖେଳରେ ସହଯୋଗ କରିଥିଲେ।

**ଜାତୀୟ ଯୁବ ଦିବସ ପାଳିତ**

କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଉପଦେଷ୍ଟା ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ମଧୁସୂଦନ ସାହୁ, ଅଧ୍ୟାପିକା ଚନ୍ଦନା ନାୟକ, ଉନ୍ନତି ପ୍ରଧାନ, ଗୋପାଳକୃଷ୍ଣ ଚଟ୍ଟୋପାଧ୍ୟାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ କୁମାର ଦଳାଇ, ଗ୍ରନ୍ଥପାଳ ରମାନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ଲିଃ.ରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ, ମିଲର ଶିବାନୀ ଫୁଡ୍ ପ୍ରଡକ୍ଟସ ପକ୍ଷରୁ ରବୀନ୍ଦ୍ର ସୁବୁଦ୍ଧି ଓ ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରଣ କମିଟି କର୍ମଚାରୀଙ୍କ ଉପସ୍ଥିତିରେ ପୂଜକଙ୍କ ଦ୍ୱାରା ପୂଜାପାଠ କରାଯାଇ ଧାନ ଉଠାଣ ଆରମ୍ଭ କରାଯାଇଥିଲା। ସମିତି ସମ୍ପାଦକ ବାଙ୍କନିଧି ମହାରଣାଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ମଣ୍ଡିପରିଚାଳନା କରିଥିବା ବେଳେ ଚାଷୀ ଭଗବାନ୍ ମହାରଣା, ମାଗୁଣି ସ୍ୱାଇଁ, ରମାମଣି ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ସଂଭାଗ କ୍ରୀଡ଼ା ଉତ୍ସବ

ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)

ଶିକ୍ଷା ବିକାଶ ସମିତି, ଓଡ଼ିଶା ପୂର୍ବ ସଂଭାଗର ସଂଭାଗ କ୍ରୀଡା-୨୪ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋର୍ଦ୍ଧାଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କ୍ରୀଡା ମହାକୁମ୍ଭରେ ନୟାଗଡ, ଜଗତ୍‌ସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ସ୍ଥିରତା, ଶାରୀରିକ ସୁସ୍ଥତା ଏବଂ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। କ୍ରୀଡା ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ଏହା ଶୃଙ୍ଖଳା, ସମୟାନୁବର୍ତ୍ତିତା, ପ୍ରତିଯୋଗିତା ମୂଳକ ମନୋଭାବ ଓ ଭାଇଚାରା ଭାବ ସୃଷ୍ଟି କରିଥାଏ ବୋଲି ମହାପାତ୍ର କହିଥିଲେ। ଶିକ୍ଷାବିତ କୁଳମଣି ମିଶ୍ର, ସମ୍ଭାଗ ସଂଯୋଜକ, ଶିରିଶ କୁମାର ହାତୀ, ଅର୍ଚ୍ଚନା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

### ପୁରୁଣା ସ୍ମୃତି ମନେପକାଇଲେ

ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)

ଗଡ଼ବାଣୀକିଲୋ ହାଇସ୍କୁଲ ୧୯୭୩ ବ୍ୟାଚର ବନ୍ଧୁମିଳନ ଉତ୍ସବ ରାଜସୁନାଖଳା ନିକଟ କୋଟଗଡ଼ ଡ୍ୟାମ ଅନନ୍ତ ଗୁମ୍ଫା ଆଶ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ଲକ୍ଷ୍ମୀଧର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୯ଜଣ ସହପାଠୀ ସାମିଲ ହୋଇ ଗୁରୁପୂଜନ କରିଥିଲେ। ହାଇସ୍କୁଲର ପୂର୍ବତନ ଶିକ୍ଷକ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ପଣ୍ଡିତ ବଳଭଦ୍ର ଷଡ଼ଙ୍ଗୀ, ସତ୍ୟବାଦୀ ସାହୁ ପ୍ରମୁଖ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବ୍ୟାଚର ଛାତ୍ରୀଛାତ୍ରମାନେ ଭାବବିନିମୟ କରିବା ସହ ପୁରୁଣା ସ୍ମୃତି ମନେପକାଇଥିଲେ। ଐତିହାସିକ ବଳିୟାରସିଂହ ଗଡ଼ବାଣୀକିଲୋ ହାଇସ୍କୁଲର ଇତିହାସ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହ ବନ୍ଧୁମିଳନକୁ ନେଇ ଏକ କବିତା ପାଠ କରିଥିଲେ। ସାରଙ୍ଗଧର ବଡ଼ଜେନା, ରବୀନ୍ଦ୍ର ସାମନ୍ତରାୟ, ବସନ୍ତ ସାହୁ, ଦୀନବନ୍ଧୁ ସାମନ୍ତରାୟ, ବନମାଳି ସାହୁ, ଗୋପବନ୍ଧୁ ରଥ, ଦିବାକର ମଲ୍ଲିକ, ରାମଚନ୍ଦ୍ର ମହାପାତ୍ର, ସଚ୍ଚିନ୍ଦ୍ରନାଥ ବଳିୟାରସିଂହ ପରିଚାଳନା କରିଥିଲେ। ବେଲେଶ୍ୱର ସାହୁ ସ୍ୱାଗତ ଭାଷଣ ଓ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ନିର୍ମାଣ କାର୍ଯ୍ୟରେ ଅନିୟମିତତା

## ପୁରୁଣା କୋଠାରେ ପକାଯାଉଛି ଛାତ

■ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)




ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଏବଂ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା କରିଛନ୍ତି। ପୁରୁଣା ସଂସ୍କୃତିର ପ୍ରଚାର ପ୍ରସାର, ବିଭିନ୍ନ ଧାର୍ମିକସ୍ଥଳୀରେ ମୂଳଭିତ୍ତିକୁ ସୁଦୃଢ଼ କରିବା ସହ ଡିଜିଟାଲ ଭିତ୍ତିଭୂମିର ବିକାଶ ପାଇଁ ଉକ୍ତ ଯୋଜନା ମାଧ୍ୟମରେ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ତେବେ ଏହି ଅର୍ଥ କିଭଳି ବିନିଯୋଗ ହେଉଛି କିମ୍ବା ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁଛି କି ନାହିଁ ତାହାର ତଦାରଖ କେହି କରୁ ନ ଥିବା ଜଣାପଡ଼ିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଧାର୍ମିକ ପୀଠର ଘର କାର୍ଯ୍ୟରେ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ପାଟପୁର ଶାସନ ପଞ୍ଚାୟତ ଅନ୍ତର୍ଗତ ଖାରଡ଼ପଲ୍ଲୀ ଗ୍ରାମରୁ ଆସିଛି। ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ରଘୁନାଥ ଦେବ ଗୋଷ୍ଠୀକେନ୍ଦ୍ର ନିର୍ମାଣ ନାମରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଆସିଛି। କିନ୍ତୁ ସେଠାରେ ଥିବା ୮୦ବର୍ଷ ତଳର କୋଠା ଘରକୁ ନ ଭାଙ୍ଗି ଘରର ପୁରୁଣା ଇଟା କାନ୍ଥ ଉପରେ ଛାତ ପକାଯାଉଛି। ଯାହାକୁ ଗ୍ରାମବାସୀ ବିରୋଧ କରିବା ସହ ପିଲାର ଉଠାଇ ବିମଦେଇ ନୂତନଭାବେ ଛାତ ପକାଇବାକୁ ଦାବି କରିଛନ୍ତି। ଏନେଇ କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଲଗାଯାଇଥିବା ଫଳକରେ ନୂତନ ଘର ପାଇଁ ଅନୁଦାନ ଆସିଥିବା ବେଳେ କ'ଣ ପାଇଁ ୮୦ବର୍ଷର ପୁରୁଣା ଘରର ଦୁର୍ବଳ କାନ୍ଥ ଉପରେ ଛାତ ପକାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଶରତ ଚନ୍ଦ୍ର ମଲିକ ଓ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଆସିଥିବା ଅନିୟମିତତା ଅଭିଯୋଗକୁ ବିଡିଓ ମଲ୍ଲିକ ଖଣ୍ଡନ କରିଛନ୍ତି।

# ଧାନ ଉଠାଇଲାନି ମିଲର୍ସ, ଉଜାଗର ରହିଲେ ଚାଷୀ



ଚାଷୀମାନେ ଧାନବସ୍ତାକୁ ଜଗି ରହିଛନ୍ତି।

ଜଟଣୀ, ୧୩।୧ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲାରେ ମିଲର୍ସମାନେ ବିଳମ୍ବରେ ପଞ୍ଜୀକରଣ କରିବା ଯୋଗୁ ଧାନମଣ୍ଡି ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ହୋଇପାରିନାହିଁ। ଅନ୍ୟପଟେ ଯେଉଁଠାରେ ମଣ୍ଡି ଖୋଲିଛି, ସେଠାରେ ମିଲର୍ସଙ୍କ ମନମାନି ଚାଲୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହିକ୍ରମରେ ଶନିବାର ଜଟଣୀ ବ୍ଲକର ଛଣଘର ସୋସାଇଟି ଅଧୀନ କନ୍ତିଆ ପଞ୍ଚାୟତରେ କଟ୍‌ନିଛଟ୍‌ନିକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି ପରିସ୍ଥିତି ହୋଇଥିଲା ଯେ, ମିଲର୍ସ ମଣ୍ଡିରୁ ଧାନ ନ ଉଠାଇ ପଳାଇଥିଲେ। ଫଳରେ ଚାଷୀମାନେ ଧାନ ଧରି ରାତିସାରା ଉଜାଗର ରହିଥିଲେ। ସୂଚନା ମୁତାବକ, ୩୦ଜଣ ଚାଷୀ ପ୍ରାୟ ୫୦୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଉକ୍ତ ମଣ୍ଡିକୁ ଆଣିଥିଲେ। ମିଲର୍ସ ପ୍ରତି ବସ୍ତା ପିଛା ୬କେଜି ଲେଖାଏ ଧାନ କାଟିବା ପାଇଁ କହିବାରୁ ଚାଷୀ ଅରାଜି ହୋଇଥିଲେ। ଫଳରେ ଦୀର୍ଘ ସମୟ ଧରି ମିଲର୍ସ ଏବଂ ଚାଷୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥାନୀୟ ସରପଞ୍ଚ ମଣ୍ଡିରେ ପହଞ୍ଚି କମ୍ ପରିମାଣର ଧାନ କାଟିବା ପାଇଁ କହିଥିଲେ। ହେଲେ ମିଲର୍ସ ନିଜ ଜିଦରେ ଅଟଳ ରହିବା ସହ ମଣ୍ଡିରୁ ଧାନ ନ ଉଠାଇ ପଳାଇଥିଲେ। ଫଳରେ ଚାଷୀମାନେ ଶୀତରେ ରାତିସାରା ଧାନ ବସ୍ତାକୁ ଜଗି ରହିଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ପହଞ୍ଚି ଚାଷୀମାନଙ୍କୁ ସମର୍ଥନ ଜଣାଇଛନ୍ତି। ଯଦି ମିଲର୍ସ ୬କେଜି ଲେଖାଏ ଧାନ କାଟିବାକୁ ବାଧ୍ୟ କରେ ରବିବାର ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# 'କୃତିତ୍ୱର ପରିଚୟ ଦିଏ ପୁରସ୍କାର'

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସଭାରେ ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥି, ସରପଞ୍ଚ ଜଳଧର ମହାନ୍ତି ମୁଖ୍ୟବକ୍ତା, ସମିତିସଭ୍ୟା ବିନୋଦିନୀ ଦତ୍ତ, ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା, ଚିଲିକା ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା )ର ସମ୍ପାଦକ କୁନା ମହନ୍ତ, ପରିବେଶବିତ୍ ଧନେଶ୍ୱର ବିଧାର, ଭଏସ୍ ମିଡିଆ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର, ସାମାଜିକ କର୍ମୀ ଶ୍ରୀଧର ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶ୍ରୋତାଲିନୀ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱର୍ଣ୍ଣଲତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ, କନିଷ୍ଠ, ଉପକନିଷ୍ଠ ଓ ଶିଶୁ ଦଳର ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ପୃଥକ୍ ଭାବେ ୧୦୦, ୨୦୦, ୪୦୦ ମିଟର ଦୌଡ଼, ଆଳୁଚାମଚ ଦୌଡ଼, ଶଟ୍‌ପୁଟ୍, ଡିସ୍କସ୍ ଥ୍ରୋ, ନିଡିଲ ରେସ, ବେଙ୍ଗଡିଆଁ, ଲମ୍ଫଡ଼ିଆଁ, ମ୍ୟୁଜିକ୍ ଚେୟାର ଆଦି ୩୮ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା, ସ୍ନେହଲତା ପାଇକରାୟ ଏବଂ ସମ୍ବିତ୍ କେଦାର କର ସହଯୋଗ କରିଥିଲେ। ପ୍ରତ୍ୟେକ କ୍ରୀଡ଼ାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଟିକେଟ କରି ଟ୍ରେନ୍‌ରେ ଯାତ୍ରା ପାଇଁ ସଚେତନତା

ନିରାକାରପୁର, ୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନରେ ଶନିବାର ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିନା ଟିକେଟରେ ଯାତ୍ରା ଏକ ଦଣ୍ଡନୀୟ ଅପରାଧ ବୋଲି ବାର୍ତ୍ତା ଦିଆଯିବା ସହ ଟିକେଟ କରି ଟ୍ରେନ୍‌ରେ ଯାତ୍ରା କରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହାଦ୍ୱାରା ବିଭାଗର ରାଜକୋଷ ଅଭିବୃଦ୍ଧି ହେବା ସହ ସ୍ଥାନୀୟ ଷ୍ଟେଶନର ବିକାଶରେ ସହାୟକ ହୋଇପାରିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଅଞ୍ଚଳବାସୀଙ୍କ ଗମନାଗମନର ସୁବିଧା ପାଇଁ କେତେକ ଏକ୍ସପ୍ରେସ୍ ଟ୍ରେନ୍ ଉକ୍ତ ଷ୍ଟେଶନରେ ଅଟକୁଥିବା ବେଳେ ଆଗାମୀ ଦିନରେ ଯେପରି ଅଧିକ ଟ୍ରେନ୍ ଏଠାରେ ରହଣି କରିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ସଚେତନ କାର୍ଯ୍ୟକ୍ରମରେ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟିର ବିପିନ କୁମାର ଜୟସିଂ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଶ୍ରୀପ୍ରସାଦ ଦାସ, ପ୍ରକାଶ ବଳିୟାରସିଂ, ଲଛମନ ନାୟକ, ରମାକାନ୍ତ ଦାଶ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ରଜନୀ ପରିଡ଼ା, ବିପିନ ରାଉତରାୟ, ବାପି ମହାରଣାଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ସାମିଲ ଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ନିରାକାରପୁର, ୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ସାମାଜିକ କର୍ମୀ ଶୁଭମ୍ ଦାଶ ଅତିଥିଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ନୀହାର ରଞ୍ଜନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିନୋଦ ବିହାରୀ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ୪ଟି ବିଭାଗର ୪୯ ଇଭେଣ୍ଟରେ ମୋଟ ୮୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ପ୍ରିୟଦର୍ଶିନୀ ଛୋଟରାୟ, ଆଦିତ୍ୟ ନାରାୟଣ ରଣବୀର, ଉପବରିଷ୍ଠରେ ପ୍ରିୟଙ୍କା ମହାପାତ୍ର, କନିଷ୍ଠ ବିଭାଗରେ ଦୁର୍ଗାପ୍ରସାଦ ସାମନ୍ତସିଂହାର ଚଳିତବର୍ଷର ଚାମ୍ପିୟନ ହୋଇଛନ୍ତି। ଅନୁଷ୍ଠାନ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି ଧନ୍ୟବାଦ ଦେଇଥିଲେ। ପବିତ୍ର ରାଉତରାୟ, ଗୋପାଳ ଚନ୍ଦ୍ର ବେହେରା, ମନୋରଞ୍ଜନ ଦାସ, ସର୍ବେଶ୍ୱର ବେହେରା, ଆଦିତ୍ୟ ସାମନ୍ତସିଂହାର, ସଞ୍ଜୟ କୁମାର ସେଠୀ, ଜିତେନ୍ଦ୍ର ପୃଷ୍ଟି, ରଶ୍ମିପ୍ରଭା ପୁରୋହିତ, କବିତା ପ୍ରଧାନ, ସାଧନା ମହାପାତ୍ର, ସୁମିତ୍ରା ସେନାପତି, ବୀଣାପାଣି ଦାଶ ପ୍ରମୁଖ ସହଯୋଗ କରିଥିଲେ।

# କାଙ୍କଣଶିଖରୀରେ 'ଶ୍ରୀଜଗନ୍ନାଥ ଐତିହ୍ୟ ଓ ଚେତନା' ଆଲୋଚନାଚକ୍ର

ଗମ୍ଭାରୀମୁଣ୍ଡା, ୧୩।୧ (ଦିଲୀପ ସ୍ୱାଇଁ)



କାଙ୍କଣଶିଖରୀରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅବସରରେ ଶନିବାର ପ୍ରଥମ ଅଧିବେଶନରେ 'ଶ୍ରୀଜଗନ୍ନାଥ ଐତିହ୍ୟ ଓ ଚେତନା' ଶୀର୍ଷକ ଆଲୋଚନାଚକ୍ର ଏବଂ ଦ୍ୱିତୀୟ ଅଧିବେଶନରେ 'କବିତାରେ ଶ୍ରୀଜଗନ୍ନାଥ' ଶୀର୍ଷକ କବିତା ପାଠୋତ୍ସବ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଉଭୟ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ସଭାପତି ଡ. ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଧିବେଶନ ସଞ୍ଚାଳନରେ ପ୍ରଦୋଷ କୁମାର ଦାସ ସହଯୋଗ କରିଥିଲେ। ଦକ୍ଷ ପ୍ରଜାପତି ଓ ମା' ଭଗବତୀ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଅତିଥି ପରିଚୟ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଅତିଥିଭାବେ ଖୋର୍ଦ୍ଧା ଜିଲାର ବନଖଣ୍ଡ ଅଧିକାରୀ ଅମ୍ଲାନ୍ କୁମାର ନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପଦ୍ମପାଦ ଦାସ, ଚାନ୍ଦକିଶୋର ତ୍ରିପାଠୀ, ସଂଗ୍ରାମ କେଶରୀ ସାହୁ, ସର୍ବେଶ୍ୱର ଷଡ଼ଙ୍ଗୀ, ବଟକୃଷ୍ଣ ପଣ୍ଡା, ବନବିହାରୀ ବେହେରା, ସାଧୁ ଚରଣ ବେହେରା, ପ୍ରମୋଦ ଦାସ ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଚିଲିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ବାଳମୁକୁନ୍ଦ ଦାସଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଶାଣୀଙ୍କ ସମେତ ହିମାଂଶୁ ଶେଖର ମହାପାତ୍ର, ଝରଣା ରାଣୀ ରଥ, ବିଭୁଧେନ୍ଦୁ କେଶରୀ ଭୋଳ, ଆନନ୍ଦ ଚନ୍ଦ୍ର ସେନାପତି, ଭାଗୀରଥି ସ୍ୱାଇଁ, ପ୍ରହ୍ଲାଦ ବେହେରା, ରମେଶ ଚନ୍ଦ୍ର ମହାପାତ୍ର, ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

### 'ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହୁଏ କ୍ରୀଡ଼ା'

ଟାଙ୍ଗୀ, ୧୩।୧ (ରଘୁନାଥ ସାହୁ)

ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ସାମନ୍ତରାୟଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ, ମୁଖ୍ୟବକ୍ତା ଭୋବନି ସାହୁ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସରପଞ୍ଚ ସୋନାଲିକା ସାହୁ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ଅଜୟ ନାୟକ, ଟଙ୍କଧର ମହାପାତ୍ର, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ସାହୁ, ସିଆର୍‌ସିସି ବିଜୟ ମାନସିଂହ, ବଳଭଦ୍ର ସେଠୀ ଯୋଗଦେଇ ପାଠପଢ଼ା ସହିତ ଖେଳକୁଦ କଲେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ଦେଈ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୋଳଗୋବିନ୍ଦ ବରିଶଲ ଧନ୍ୟବାଦ ଦେଇଥିଲେ।

# ମଙ୍ଗଳାଯୋଡ଼ି କ୍ରିକେଟ୍ ଟୁର୍ନାମେଣ୍ଟ: ନାଚୁଣୀ ଚାମ୍ପିୟନ

ଟାଙ୍ଗୀ, ୧୩।୧ (ରଘୁନାଥ ସାହୁ)

ମଙ୍ଗଳାଯୋଡ଼ି କ୍ରିକେଟ୍ ଟୁର୍ନାମେଣ୍ଟରେ ନାଚୁଣୀ ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ନାଚୁଣୀ ଓ ଚମ୍ପାଗଡ଼ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଚମ୍ପାଗଡ଼ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ନାଚୁଣୀ ଟିମ୍ ୯ ଓଭରରେ ୬୧ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, କିଶୋର ବରାଳ, ପୂର୍ବତନ ସମିତିସଭ୍ୟ ଦିବାକର ମଲ୍ଲିକ, ଶିବ ମାଝି, ପ୍ରମୋଦ ବେହେରା, ଗୀତାଞ୍ଜଳି ସାହୁ, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମିଠୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ହାପି ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହେବା ସହ ସମ୍ମାନିତ କରାଯାଇଥିଲା। ଆୟୋଜକ ଟିମ୍‌ର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## ତ୍ରିନାଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# କୁଶୁପଲ୍ଲୀ ଚାମ୍ପିୟନ

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଓ ଚେକ୍ ଗ୍ରହଣ କରୁଛନ୍ତି।

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ସହଜପୁର ଗ୍ରାମର ତରୁଣ ସଂଗ୍ରାମୀ ଯୁବକସଂଘ ଆନୁକୂଲ୍ୟରେ ଚାଲିଥିବା ତ୍ରିନାଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କୁଶୁପଲ୍ଲୀ ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ଖଣ୍ଡପଡ଼ା କ୍ରିକେଟ୍ କ୍ଲବ ଓ କୁଶୁପଲ୍ଲୀ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁଶୁପଲ୍ଲୀ ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡପଡ଼ା କ୍ଲବ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା। ଫଳରେ କୁଶୁପଲ୍ଲୀ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, କେସିସିବି ନିର୍ଦ୍ଦେଶକ ପ୍ରକାଶ ରାଉତରାୟ, ସୁବାସ ରାୟଗୁରୁ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ମହିଳା ବିଜେଡି ବ୍ଲକ ସଭାନେତ୍ରୀ ପ୍ରଭାତୀ ରାଉତରାୟ, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଫତେସିଂହ, ଶିବାଜୀ ମଙ୍ଗରାଜ, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୬ ହଜାର ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ମ୍ୟାନ୍ ଅଫ୍ ଦି ଫାଇନାଲ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ଅନ୍ୟାନ୍ୟ ପୁରସ୍କାର ଖେଳାଳିଙ୍କୁ ପ୍ରଦାନ କରାଯାଇଥିଲା। ଆୟୋଜକ ସଂଘ ପକ୍ଷରୁ ବିକାଶ ପଣ୍ଡା, ମୃତ୍ୟୁଞ୍ଜୟ ରାୟ, ସୁଶାନ୍ତ ପ୍ରଧାନ, ରାଜେଶ ପାଇକରାୟ, ବୁଟୁ, ରାଜା, ରାକେଶ, ବାପୁନି ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଟାଇବ୍ରେକରରେ ରଘୁନାଥ କ୍ଲବ ବିଜୟୀ

ଗମ୍ଭାରୀମୁଣ୍ଡା, ୧୩।୧ (ଦିଲୀପ ସ୍ୱାଇଁ)

କ୍ରୀଡ଼ାବିତ୍ ସ୍ୱର୍ଗତ ପ୍ରଶାନ୍ତ କୁମାର ସାହୁଙ୍କ ସ୍ମୃତିରେ ନାଚୁଣୀର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଗୋଦାବରୀଶ ସରକାରୀ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍ ଶନିବାର ଟାଙ୍ଗୀର ରଘୁନାଥ କ୍ଲବ ଓ ବଉଳାବନ୍ଧର ବେଲେଶ୍ୱରୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ରଘୁନାଥ କ୍ଲବ ଗୋଟିଏ ଗୋଲ ଦେଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ବେଲେଶ୍ୱରୀ କ୍ଲବ ଗୋଟିଏ ଗୋଲ ଦେଇଥିଲା। ଅବଶିଷ୍ଟ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଟାଙ୍ଗୀର ରଘୁନାଥ କ୍ଲବ ବିଜୟୀ ହୋଇଛି। ପ୍ରଶାନ୍ତ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନ୍ସରେ ବିପିନ ସାମନ୍ତରାୟ ଓ ଅନିଲ ସାମନ୍ତରାୟ ସହଯୋଗ କରିଥିଲେ। ଅତିଥିଭାବେ ଡା. ଭବାନୀ ପ୍ରସାଦ ନନ୍ଦ ଓ ସରୋଜ କୁମାର ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୟଙ୍ଗଷ୍ଟାର କ୍ଲବର ସମସ୍ତ ସଭ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

**ବାଲିପାଟଣା, ୧୩।୧ (ଅଭିମନ୍ୟୁ ନାୟକ):** ଗାରେଡ଼ିପାଞ୍ଚଣ ପଞ୍ଚାୟତର ଶିଶୁଅନନ୍ତ ପୀଠରୁ ଶନିବାର ଅର୍ପଣ ରଥ ବାହାରି ଗ୍ରାମ ପରିକ୍ରମା କରିଥିଲା। ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା ଗୁଆ, ଚାଉଳ ପ୍ରଦାନ କରି ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ନାମ ସଂକୀର୍ତ୍ତନ ଧ୍ୱନୀରେ ଗାଁ ଦାଣ୍ଡ କମ୍ପି ଉଠିଥିଲା। ସୁନୀଲ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ରଥ ବାଲିପାଟଣାରୁ ବାହାରି କିଆଜୋରୀ, ବିଶ୍ୱନାଥପୁର, ମମଦଲା, ଚମ୍ପାବସ୍ତ, ଫକିରାପଡା ଗାରେଡିପାଞ୍ଚଣ ପରିକ୍ରମା କରିଥିଲା। ପରିକ୍ରମା ପ୍ରକଳ୍ପ ଉତ୍ସବ କାର୍ଯ୍ୟକ୍ରମକୁ ପୁରପଲ୍ଲୀରେ ପହଞ୍ଚାଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଏହାର ଲକ୍ଷ୍ୟ ବୋଲି ଉପାଧ୍ୟକ୍ଷା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### କାର୍‌ରେ ନିଆଁ, ଲୋକେ ଭୟଭୀତ




**ପୁରୁଣା ଭୁବନେଶ୍ୱର, ୧୩।୧: (ସୁବାସ ଚନ୍ଦ୍ର ପ୍ରଧାନ):** ଶ୍ରୀଲିଙ୍ଗରାଜ ମନ୍ଦିର ପୂର୍ବ-ଦକ୍ଷିଣ କୋଣ ପାର୍କିଂସ୍ଥଳରେ ଶନିବାର ଅପରାହ୍ନରେ ଏକ କାର୍ (ଓଆର୍‌୦୨ବିବି୦୦୧୧)ରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ସେଠାରେ ଥିବା ପର୍ଯ୍ୟଟକ ଓ ଉପସ୍ଥିତ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ସୂଚନା ମୁତାବକ, କେତେଜଣ ପର୍ଯ୍ୟଟକ ଉକ୍ତ କାରରେ ଲିଙ୍ଗରାଜ ମନ୍ଦିରକୁ ଆସିଥିଲେ। ପାର୍କିଂସ୍ଥଳରେ କାରକୁ ପାର୍କିଂ କରି ମନ୍ଦିରକୁ ଯାଇଥିଲେ। ଏହି ସମୟରେ ହଠାତ୍ କାର୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। କାରରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଦୋକାନୀ, ଉପସ୍ଥିତ ସେବାୟତ ଓ ଅନ୍ୟମାନେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ।

### ଟିକେଟ କରି ଟ୍ରେନ୍‌ରେ ଯାତ୍ରା ପାଇଁ ସଚେତନତା

**ନିରାକାରପୁର, ୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନରେ ଶନିବାର ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିନା ଟିକେଟରେ ଯାତ୍ରା ଏକ ଦଣ୍ଡନୀୟ ଅପରାଧ ବୋଲି ବାର୍ତ୍ତା ଦିଆଯିବା ସହ ଟିକେଟ କରି ଟ୍ରେନ୍‌ରେ ଯାତ୍ରା କରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହାଦ୍ୱାରା ବିଭାଗର ରାଜକୋଷ ଅଭିବୃଦ୍ଧି ହେବା ସହ ସ୍ଥାନୀୟ ଷ୍ଟେଶନର ବିକାଶରେ ସହାୟକ ହୋଇପାରିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଅଞ୍ଚଳବାସୀଙ୍କ ଗମନାଗମନର ସୁବିଧା ପାଇଁ କେତେକ ଏକ୍ସପ୍ରେସ୍ ଟ୍ରେନ୍ ଉକ୍ତ ଷ୍ଟେଶନରେ ଅଟକୁଥିବା ବେଳେ ଆଗାମୀ ଦିନରେ ଯେପରି ଅଧିକ ଟ୍ରେନ୍ ଏଠାରେ ରହଣି କରିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।




ବିଏମ୍‌ସି ଅଧୀନ ୨୯ ନଂ. ୱାର୍ଡର ଭାଜପା କର୍ପୋରେଟର ଅପରୂପ ନାରାୟଣ ରାଉତଙ୍କ ଗିରଫଦାରିକୁ ବିରୋଧ ସହ ପୋଲିସ ଅମାନୁଷିକ ଭାବେ ମାଡ଼ ମାରିଥିବା ଅଭିଯୋଗ କରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସତ୍‌ସଙ୍ଗ ବିହାର ଛକରେ ୧୬ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିବା ଗାଡିମୋଟର। (ଫଟୋ- ବିକାଶ ନାୟକ)

# ଜାତୀୟ ରାଜପଥ ଅବରୋଧ କଲେ ଭାଜପା କର୍ମୀ

**ଭୁବନେଶ୍ୱର, ୧୩।୧ (ସୂର୍ଯ୍ୟକାନ୍ତ ବେହେରା)**

### ଗିରଫ କର୍ପୋରେଟରଙ୍କୁ ଅମାନୁଷିକ ମାଡ଼ ଅଭିଯୋଗ

ରାସ୍ତା କାମରେ ବାଧା ଦେବା ସହ ମହିଳା ଏଏସ୍‌ଆଇଙ୍କୁ ଧକ୍କା ମାରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଭୁବନେଶ୍ୱର ମହାନଗର ନିଗମ ଅଧୀନ ୨୯ ନଂ. ୱାର୍ଡର ଭାଜପା କର୍ପୋରେଟର ଅପରୂପ ନାରାୟଣ ରାଉତ ଓରଫ ଜୀବନଙ୍କୁ ଶୁକ୍ରବାର ଗିରଫ କରିଥିଲା। ତେବେ ଏହାକୁ ବିରୋଧ କରିଛି ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା। ଗିରଫଦାରି ପ୍ରତିବାଦ ସହ ଜୀବନଙ୍କୁ ପୋଲିସ ଅମାନୁଷିକ ଭାବେ ମାଡ଼ ମାରିଥିବା ଅଭିଯୋଗ ଆଣି ଭାଜପାର କାର୍ଯ୍ୟକର୍ତ୍ତା ଓ କର୍ମୀ ସତ୍‌ସଙ୍ଗ ବିହାର ଛକ ନିକଟରେ ଜାତୀୟ ରାଜପଥ-୧୬କୁ ପ୍ରାୟ ୨ ଘଣ୍ଟା ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ସହ ଆମ୍ବୁଲାନ୍ସ ଅଟକି ରହିଥିଲା। ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ଭାଜପା ପ୍ରତିନିଧି ମଣ୍ଡଳୀ ସହ ଅତିରିକ୍ତ ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ହୋଇଥିଲା। ଜୀବନଙ୍କୁ ମାଡ଼ ମାରିଥିବା ପୋଲିସ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ପକ୍ଷରୁ ୪୮ ଘଣ୍ଟା ସମୟ ଦିଆଯାଇଥିଲା। ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିବା ସହ ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ କହିଛନ୍ତି, ରାଜନୈତିକ ଆକ୍ରୋଶ ରଖି ପୋଲିସ ସରକାରୀ ଦଳର ଗୁଣ୍ଡା ସାଜିଛି। ଯଦି ଜୀବନ ଭୁଲ୍ କରିଥିଲେ, ତେବେ ତାଙ୍କୁ ଗିରଫ କରି ଥାନାକୁ ନେଇ କୋର୍ଟ ଚାଲାଣ କରିଥାନ୍ତା। ଜଣେ ଜନପ୍ରତିନିଧିଙ୍କୁ ଅମାନୁଷିକ ଭାବରେ ବାଡ଼େଇବା ସହ ଅସଭ୍ୟ ଭାଷାରେ ଗାଳି କରିବାର ଅଧିକାର ପୋଲିସର ନାହିଁ। ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ଆହୁରି ଶାଣିତ କରାଯିବ ବୋଲି ସିଂ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ମଧୁସ୍ମିତା ପ୍ରଧାନ, ଯଶୋଧାରା ପ୍ରଧାନ, ଧରିତ୍ରୀ ଜେନା, ଗୀତାଞ୍ଜଳି ସାହୁ, ସୁଚିତ୍ରା ପାତ୍ର, ଭାଜପା ନେତା ହିମାଂଶୁ ଶେଖର ଛୋଟରାୟ, ଦିଲୀପ ବେହେରା, ସୁଭାଷିନୀ ପୃଷ୍ଟି, ଧୀରେନ ପାତ୍ର, ମନୋରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ, ସୋୟନ୍ତୁ ପଟ୍ଟନାୟକ, ଜଗନ୍ନାଥ ବେହେରା ପ୍ରମୁଖ ସାମିଲ ଥିଲେ।

ଗୁରୁବାର ରାତିରେ ହାଇଟେକ୍ ଛକ ନିକଟ ଜାତୀୟ ରାଜପଥରେ ମରାମତି କାମ ଚାଲୁଥିଲା। ଏହି ସମୟରେ ଜୀବନ ଅନ୍ୟମାନଙ୍କ ସହ ସେଠାରେ ପହଞ୍ଚି ଶ୍ରମିକଙ୍କୁ ଗାଳିଗୁଲଜ କରିବା ସହ ରାସ୍ତା କାମରେ ବାଧା ଦେଉଥିବା ଖବର ପାଇବା ପରେ ମଞ୍ଚେଶ୍ୱର ଥାନା ପାଟ୍ରୋଲିଂ ଟିମ୍ ସହ ଏଏସ୍‌ଆଇ ଅଞ୍ଜନା ଘଟଣାସ୍ଥଳକୁ ଯାଇଥିଲେ। ଜୀବନ ସେଠାରେ ଇଞ୍ଜିନିୟର, କଣ୍ଟ୍ରାକ୍ଟର ଓ ଶ୍ରମିକଙ୍କ ସମେତ ଏନ୍‌ଏଚ୍ ଅଧିକାରୀଙ୍କୁ ଗାଳିଗୁଲଜ କରୁଥିବା ଦେଖି ସେ ବାରଣ କରିଥିଲେ। ଏଥିସହ ରାସ୍ତା କାମ ପୁନଃ ଚାଲୁରଖିବାକୁ ଚେଷ୍ଟା କରୁଥିବା ବେଳେ ଜୀବନ ତାଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ଦେଇଥିବା ନେଇ ଏଏସ୍‌ଆଇ ଅଞ୍ଜନା ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏନେଇ ଏକ ମାମଲା (ନଂ.୯/୨୦୨୪) ରୁଜୁ ସହ କର୍ପୋରେଟର ଜୀବନଙ୍କୁ ଗିରଫ କରାଯାଇଥିଲା।

# ବିଦ୍ୟାର୍ଥୀଙ୍କ ମନୋବଳ ବଢ଼ାଉଛି 'ନୂଆ-ଓ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ଯୁବ ସମାଜ ହେଉଛି ରାଷ୍ଟ୍ରର ଶକ୍ତି। ଛାତ୍ରୀଛାତ୍ର ଦେଶ ପ୍ରଗତିର ମେରୁଦଣ୍ଡ। ରାଜ୍ୟର ନେତୃତ୍ୱ ଏବଂ ଓଡ଼ିଶା ବିକାଶର ଦାୟିତ୍ୱ ଯୁବପିଢ଼ିଙ୍କ ହାତରେ ନ୍ୟସ୍ତ ଅଛି। ତେଣୁ ବିଦ୍ୟାର୍ଥୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ତଥା ସେମାନଙ୍କ ମନୋବଳ ବଢାଇବା ନୂଆ-ଓ', ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା କହିଛନ୍ତି। ଶନିବାର ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଡ. ବେହେରା ଏହା କହିଥିଲେ। ମହାବିଦ୍ୟାଳୟ ଗଭର୍ନିଂବଡ଼ି ସଭାପତି ସୁନୀଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍.ଏନ୍.ଏମ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଯୋଗଦେଇ କହିଲେ, ସରକାରଙ୍କ ଏହି ଅଭିନବ ପ୍ରୟାସ ମାଧ୍ୟମରେ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଏହା ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସଶକ୍ତ କରୁଛି ବୋଲି ସେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦେବଯାନୀ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ କ୍ୟାଲେଣ୍ଡର ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିସହ ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା ଆଦି ପ୍ରତିଯୋଗିତା ସହ ରକ୍ତଦାନ ଶିବିର, ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସମର୍ପଣ' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ଦର୍ଶନ ବିଭାଗର ଅଧ୍ୟାପିକା ଡ. ମୃଣ୍ମୟୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସ୍ମିତା ବିଶ୍ୱାଳ, ଶାଶ୍ୱତି ସ୍ୱାଗତିକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ସତ୍ୟସାଇ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।




ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ-୧୧ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଶନିବାର ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଉଛି।

### ଯୁବକଙ୍କ ମୃତଦେହ ଜବତ

**ଅସ୍ତରଙ୍ଗ, ୧୩।୧ (ପ୍ରଦୀପ୍ତ ଦୀକ୍ଷିତ)**

ଅସ୍ତରଙ୍ଗ ଥାନା ଅଧୀନ କୁଳସାହି ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ସକାଳୁ ପୋଲିସ ଜବତ କରିଛି। ମୃତକ ହେଲେ ଗାରୋଇ ଗ୍ରାମର କୁମର ବିଶ୍ୱାଳ (୫୧)। ଏନେଇ ପୋଲିସ ୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଳଦା ଦେବୀ ନଦୀକୂଳରେ ହେଉଥିବା ଯାତ୍ରା ଦେଖିବାକୁ କୁମର ଶୁକ୍ରବାର ରାତ୍ର ୯ଟାରେ ଯାଇଥିଲେ। ପରଦିନ ସକାଳ ୫ଟା ସମୟରେ ସେ ଚାଲି ଚାଲି ଘରକୁ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିବାରୁ କୁମରଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

# ଆମାଜନ୍ ଅଧିକାରୀଙ୍କ ଟ୍ରିମ୍‌ସ ପରିଦର୍ଶନ

**କଟକ, ୧୩।୧ (କାର୍ତ୍ତିକ ସାହୁ)**

ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଅନ୍‌ଲାଇନ ଶପିଂ ଉଦ୍ୟୋଗ ଆମାଜନ୍‌ରେ କାର୍ଯ୍ୟରତ ବରିଷ୍ଠ ଓଡ଼ିଆ ଅଧିକାରୀ ଇଂ. ଦୀପ୍ତିମାନ୍ ମିଶ୍ର ସପରିବାର ଶନିବାର ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ଉଇଙ୍ଗ ସମେତ ମେଡିକାଲ କଲେଜ, ୪୦୦ ଶଯ୍ୟା ବିଶିଷ୍ଟ ପଦ୍ମିନୀ କେୟାର ମଲ୍ଟିସ୍ପେଶାଲିଟି ହସ୍ପିଟାଲ, କେନ୍ଦ୍ରୀୟ ପାଠାଗାର-ଜ୍ଞାନ ଉଦ୍ୟାନ, କ୍ରିକେଟ ଷ୍ଟାଡିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ସବୁଜିମାମୟ ପରିବେଶ ଦେଖି ଖୁସିବ୍ୟକ୍ତ କରିଥିଲେ। ୨୦୦୧ରୁ ୨୦୦୫ ଯାଏ ଟ୍ରିମ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗରେ ଅଧ୍ୟାପନା କରୁଥିବା ଇଂ. ମିଶ୍ର ବିଗତ ଦିନର ସ୍ମୃତି ମନେପକାଇ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ପଦାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ। ପତ୍ନୀ ମିତାଲି ମଧୁସ୍ମିତା ମିଶ୍ର ଓ କନ୍ୟା ଦିଶା ମିଶ୍ର ମଧ୍ୟ ଏଠାକାର ଶୈକ୍ଷିକ ବାତାବରଣ, ଉନ୍ନତ ଭିତ୍ତିଭୂମି ଦେଖି ଆନନ୍ଦିତ ହୋଇଥିଲେ। ଇଂ. ମିଶ୍ର ଯୁକ୍ତରାଷ୍ଟ୍ର ଆମେରିକା ଡେନ୍‌ଭର କଲରାଡୋସ୍ଥିତ ଆମାଜନ୍ କାର୍ଯ୍ୟାଳୟରେ ଅବସ୍ଥାପିତ ଅଛନ୍ତି।

# 'ପଦ୍ମନାଭଙ୍କ ବଳିଦାନରେ ଏ ଜାତି ଅନୁପ୍ରାଣିତ'



**ଭୁବନେଶ୍ୱର, ୧୩।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବଡ଼ଗଡ଼ ଗ୍ରାମବାସୀ ଏବଂ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦ ପକ୍ଷରୁ ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ଦୁର୍ଦ୍ଧର୍ଷ ସେନାପତି ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୧ତମ ବଳିଦାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପୈତୃକ ଗ୍ରାମ ବଡ଼ଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପ୍ରତାପ ଜେନା, କର୍ପୋରେଟର ଅଜିତ୍ ବେହେରା, ଜିତେନ୍ଦ୍ର ମାର୍ଥା, ବ୍ରଜବନ୍ଧୁ ପରିଡ଼ା, ଯତୀନ୍ଦ୍ର ମୋହନ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ ପଦ୍ମନାଭ ଛୋଟରାୟ ବ୍ରିଟିଶ କବଳରୁ ଖୋର୍ଦ୍ଧା ମାଟିର ସୁରକ୍ଷା ପାଇଁ ସଂଘର୍ଷ ଆରମ୍ଭ କରିଥିଲେ। ବକ୍ସି ଜଗବନ୍ଧୁଙ୍କ ଅତ୍ୟନ୍ତ ପ୍ରିୟ ସେନାପତି ଭାବରେ ବ୍ରିଟିଶ ଶକ୍ତିକୁ ଥରହର କରିଥିଲେ। ପରବର୍ତ୍ତୀ ଅବସ୍ଥାରେ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ସେ ବ୍ରିଟିଶ ହାତରେ ଧରାପଡ଼ି ଅବିଚାରିତ ଭାବରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାଙ୍କ ତ୍ୟାଗ ଓ ବଳିଦାନ ଏ ଜାତିକୁ ଦେଶପ୍ରେମରେ ଅନୁପ୍ରାଣିତ କରିଆସୁଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶାନ୍ତ ବେହେରା ଓ ଯୁବ ପ୍ରତିଭା ରଶ୍ମିତା ଭୋଇଙ୍କୁ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧୀକ୍ଷକ ଅଶ୍ୱିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଓଟିଭି ଫୋର୍‌ସାଇଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ଯୋଗଗୁରୁ ବାବା ରାମଦେବଙ୍କୁ ଓଟିଭିର ସହପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶିକା ଜଗି ମଙ୍ଗତ ପଣ୍ଡା ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ୍। (ଫଟୋ- ବିକାଶ ନାୟକ)

# ବଡ଼ଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପୁରୁଣା ଭୁବନେଶ୍ୱର, ୧୩।୧ (ସୁବାସ ଚନ୍ଦ୍ର ପ୍ରଧାନ)**

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ.୪୪ ଓ ୫୭ରେ ଶନିବାର ବିଜୁ ଜନତା ଦଳ (ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ବଡ଼ଗଡ଼ ବ୍ରିଟ୍ ନେତାଜୀ କ୍ଲବଠାରୁ ପଦଯାତ୍ରାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ବଡଗଡ ବ୍ରିଟ କଲୋନୀ, ପାଣ୍ଡବ ନଗର, ଇ.ଏ. କଲୋନୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ସେହିପରି ଅପରାହ୍ନରେ ବଡଗଡ ଗ୍ରାମରେ ମଧ୍ୟ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରେ ଜନସାଧାରଣ କିପରି ଉପକୃତ ହେଉଛନ୍ତି ଏନେଇ ମନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ପରେ ଓଡ଼ିଶା କୃଷି ଉନ୍ନୟନ ନିଗମ ଦ୍ୱାରା ନୀଳକଣ୍ଠ ମନ୍ଦିରରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟଜଳ ମେଶିନ ଉଦ୍‌ଘାଟିତ ହୋଇଥିଲା। ଅନ୍ୟନମାନଙ୍କ ମଧ୍ୟରେ କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ, କର୍ପୋରେଟର ସନ୍ତୋଷ ସିଂ, ଅଜିତ୍ ବେହେରା, କେ. ଶାନ୍ତି, ଶିବପ୍ରସାଦ ବେହେରା, ପୂର୍ବତନ କର୍ପୋରେଟର ପ୍ରତାପ ଜେନା, ଅଶୋକ ସିଂ, ପୁଷ୍ପା ଦାସ, ସମରେଶ ବେଉରା, ୱାର୍ଡ ସଭାପତି ଯତୀନ୍ଦ୍ର ମୋହନ ଛୋଟରାୟ, ରାଶବିହାରି ନରେନ୍ଦ୍ର, ବୁଢ଼ା ପରିଡ଼ା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ବିଜୟ ଗୋଛାୟତ, ସତ୍ୟ ଶ୍ରୀଚନ୍ଦନ, ଶିବ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟମାନେ।

# ପଞ୍ଚଧ୍ୱନି ନାଟ୍ୟ ପରିଷଦକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର, ୧୩।୧ (ଶର୍ମିଷ୍ଠା ପାଣିଗ୍ରାହୀ)**

### ଲୋକ ନାଟକ ପ୍ରତିଯୋଗିତା

କଲ୍‌ଚରାଲ ଏକାଡେମୀ ପକ୍ଷରୁ ରାଉରକେଲାର ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ଲୋକ ନାଟକ ପ୍ରତିଯୋଗିତାରେ ଭୁବନେଶ୍ୱରର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଛି। ପରିଷଦ ପକ୍ଷରୁ ପରିବେଷିତ ନାଟକ 'ପଶାପାଲି'କୁ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ମିଳିଥିବାବେଳେ ଏହାକୁ ଲେଖିଥିବା ପଞ୍ଚାନନ ଦାଶଙ୍କୁ ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର, କରୁଣାକର ସାମଲଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଓ ବିରଞ୍ଚି କୁମାର ଦାଶଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି। ଏଥିସହ ଭୀଷ୍ମ ନାରାୟଣ ସ୍ୱାଇଁଙ୍କୁ ଶ୍ରେଷ୍ଠ ମଞ୍ଚଶିଳ୍ପୀ ପୁରସ୍କାର ଓ ସୁଶ୍ରୀ ମମତା କବିଙ୍କୁ ୩ୟ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପୁରସ୍କାର ଦିଆଯାଇଛି। ଏହି ନାଟକରେ ପ୍ରକାଶ ମହାରଣା, ମଳୟ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ରଘୁନାଥ ବେହେରା, ବୃନ୍ଦାବନ ପରିଡ଼ା, ରାଜେଶ ମଲ୍ଲିଆ, ଜ୍ୟୋତିରଞ୍ଜନ ରାୟ, ବିବେକ ଲାଲ, ଅଜୟ ଜେନା ଓ ଅନନ୍ୟା ମହାପାତ୍ର ପ୍ରମୁଖ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ଅଭୀଭୂତ କରିଥିଲା। ନାଟକର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ଥିଲେ ଦେବୀଦତ୍ତ ଦାଶ, ଆଲୋକ ସଂପାତ କରିଥିଲେ ରାକେଶ ଶତପଥୀ ଓ ମଞ୍ଚ ପରିଚାଳନା ଦାୟିତ୍ୱରେ ପାର୍ଥସାରଥି ମହାନ୍ତି ଥିଲେ। ଏହି ଲୋକ ନାଟକ ମହୋତ୍ସବ ଜାନୁଆରୀ ୪ରୁ ୧୦ ତାରିଖ ଯାଏ ଚାଲିଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୬ଟି ନାଟ୍ୟଦଳ ଅଂଶ ଗ୍ରହଣ କରିଥିଲେ। ଗଣତନ୍ତ୍ର ବନାମ ପଞ୍ଚାୟତ ନିର୍ବାଚନ ଉପରେ ପର୍ଯ୍ୟବସିତ 'ପଶାପାଲି' ନାଟକଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା ବୋଲି ପଞ୍ଚଧ୍ୱନିର ଅଧ୍ୟକ୍ଷ ପଞ୍ଚାନନ ଦାଶ ଜଣାଇଛନ୍ତି।



ଲୋକ ନାଟକ ପ୍ରତିଯୋଗିତାରେ ପୁରସ୍କୃତ ନାଟକ 'ପଶାପାଲି'ର ଏକ ଦୃଶ୍ୟ।

# ରକ୍ତଭଣ୍ଡାରରେ ରକ୍ତ ଅଭାବ

- ଏମ୍‌କେସିଜିରେ ନେଗେଟିଭ ଗ୍ରୁପ୍ ଖାଲି
- ପ୍ଲାଟ୍‌ଲେଟ ବି ମିଳୁନି, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୧୩ା୧(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ପରିସରରେ ଥିବା ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଛି। ସ୍ଥିତି ଏଭଳି ହୋଇଛି ଯେ ନେଗେଟିଭ ଗ୍ରୁପ ପୂରା ଖାଲି ହୋଇଯାଇଛି। ଫଳରେ ଜରୁରୀ ପରିସ୍ଥିତିରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତ ଦିନରେ ଏଭଳି ରକ୍ତ ଅଭାବ ଲୋକଙ୍କୁ ଚକିତ କରିଛି। ରକ୍ତଭଣ୍ଡାରରେ ମୋଟ ରକ୍ତ ୟୁନିଟ ସଂଖ୍ୟା ୧୦୦ ମଧ୍ୟରେ ସୀମିତ ରହିଛି। ଫଳରେ ରୋଗୀ ଠିକ୍ ସମୟରେ ରକ୍ତ ନ ପାଇ ହନ୍ତସନ୍ତ ହେଉଛନ୍ତି। ପୂର୍ବରୁ ଶିବିର ଜରିଆରେ ଯେଭଳି ରକ୍ତ ସଂଗ୍ରହ ହେଉଥିଲା, ସେଥିରେ ହ୍ରାସ ଘଟିଥିବାରୁ ରକ୍ତ ଅଭାବ ସମସ୍ୟା ଦେଖାଦେଉଛି ବୋଲି ଜଣେ ଅଧିକାରୀ କହିଛନ୍ତି। ଏବେ ସମସ୍ତଙ୍କ ପାଇଁ ରକ୍ତ ମାଗଣାରେ ପ୍ରଦାନ କରାଯାଉଛି। ଯେଉଁମାନେ ରକ୍ତ ନେଉଛନ୍ତି, ସେମାନଙ୍କର ସମ୍ପର୍କୀୟଙ୍କୁ ଗୋଟିଏ ୟୁନିଟ ରକ୍ତଦାନ କରିବାକୁ କୁହାଯାଉଛି। ଯେଉଁମାନେ ରକ୍ତଦାତା



ଯୋଗାଡ କରିପାରୁ ନାହାନ୍ତି, ସେମାନଙ୍କ ମଧ୍ୟରେ ରକ୍ତ ପ୍ରଦାନ କରାଯାଉଛି। ସେପଟେ ପ୍ରତିମାସରେ ୫ଶହରୁ ଊର୍ଦ୍ଧ୍ୱ ଥାଲାସେମିଆ, ସିକିଲସେଲ ଓ ହେମୋଫିଲିଆ ରୋଗୀ ମଧ୍ୟ ରକ୍ତଭଣ୍ଡାରରୁ ରକ୍ତ ନେଇଥାନ୍ତି। ରକ୍ତଭଣ୍ଡାରରେ ଅଭାବ ପରିଲକ୍ଷିତ ହେଲେ ଏହି ରୋଗୀମାନେ ମଧ୍ୟ ଠିକ ସମୟରେ ରକ୍ତ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଶନିବାର ରେକର୍ଡ ଅନୁସାରେ ଏମକେସିଜି ରକ୍ତଭଣ୍ଡାରରେ ମୋଟ ଶହେ ୟୁନିଟ ରକ୍ତ ଗଚ୍ଛିତ ରହିଛି। ଏ- ପଜିଟିଭ ରକ୍ତ ୨୩ ୟୁନିଟ ରହିଥିବା ବେଳେ ବି- ପଜିଟିଭ ୧୩ ୟୁନିଟ, ଏବି- ପଜିଟିଭ ୧ୟୁନିଟ ଓ ଓ-ପଜିଟିଭ ୩୯ ୟୁନିଟ ରହିଛି। ସେହିପରି ଏ- ନେଗେଟିଭ ଏବଂ ଓ -ନେଗେଟିଭ ଗ୍ରୁପ ରକ୍ତ ଖାଲି ରହିଛି। ସେହିପରି ବି-ନେଗେଟିଭ ଓ ଏବି -ନେଗେଟିଭ ମଧ୍ୟ ଖାଲି ରହିଥିବା ରକ୍ତ ଭଣ୍ଡାର କର୍ତ୍ତୃପକ୍ଷଙ୍କ ତରଫରୁ ଜାରି ହୋଇଥିବା ତଥ୍ୟରୁ ଜଣାପଡିଛି। ଅନ୍ୟପଟେ ରକ୍ତଭଣ୍ଡାରରେ ପ୍ଲାଟଲେଟ ମଧ୍ୟ ଅଭାବ ରହିଛି। ସାଧାରଣତଃ ଖରାଦିନ ଆସିଲେ ରକ୍ତ ଅଭାବ ସମସ୍ୟା ଦେଖା ଦେଇଥାଏ। ଖରାଦିନରେ ଶିବିର ସଂଖ୍ୟା କମିବାରୁ ଏଭଳି ସମସ୍ୟା ହୋଇଥାଏ। ଏବେ ଜାନୁଆରୀରୁ ରକ୍ତ ଅଭାବ ସମସ୍ୟା ଦେଖାଦେଲାଣି। ଖରା ବଢ଼ିଲେ ଶିବିର ସଂଖ୍ୟା ଆହୁରି ହ୍ରାସ ପାଇବ। ତେଣୁ ବିଭିନ୍ନ ସମୟରେ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରି ରକ୍ତ ଅଭାବ ପୂରଣ କରିବାକୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ ଏମକେସିଜି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ଯେ, ରୋଗୀଙ୍କ ଆବଶ୍ୟକତା ଅନୁସାରେ ରକ୍ତ ଦିଆଯାଉଛି। ବର୍ତ୍ତମାନ ବିଭିନ୍ନ ବର୍ଗର ୭୬ ୟୁନିଟ ରକ୍ତ ଗଚ୍ଛିତ ରହିଛି। ଜରୁରୀ ସମୟରେ ଯଦି ନେଗେଟିଭ ଗ୍ରୁପ ରକ୍ତ ଆବଶ୍ୟକ ପଡ଼େ ତେବେ ରକ୍ତଭଣ୍ଡାର ତରଫରୁ ସ୍ୱେଚ୍ଛାସେବୀଙ୍କୁ ଯୋଗାଯୋଗ କରି ରକ୍ତ ଯୋଗାଡ଼ କରାଯାଇଥାଏ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ୨ ବାଇକ୍ ମୁହାଁମୁହିଁ: ୩ ମୃତ

ଠାକୁରମୁଣ୍ଡା,୧୩ା୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ଅଧୀନ ବୁଢ଼ାମରା ନେହେରୁବନ୍ଧ ଗ୍ରାମ୍ୟ ରାସ୍ତାରେ ଶନିବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଘାଗରବେଡ଼ା ଥାନା ଅନ୍ତର୍ଗତ ବୁଢ଼ାମରା ଗ୍ରାମର ସୁବ୍ରତ ମହାକୁଡ଼, ଆଲୋକ ହୋ ଏବଂ ରାଇକଳା ଗ୍ରାମର ଜନ୍ମେଜୟ ବେହେରା। ବୁଢ଼ାମରା ଗ୍ରାମର ବିକି ହୋ ଏବଂ ରାଇକଳା ଗ୍ରାମର ଜିତୁ ବେହେରା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କେନ୍ଦୁଝର ଜିଲା ଚମ୍ପୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଜୁଆଖେଳରୁ ବୃଦ୍ଧଙ୍କୁ ହତ୍ୟା ସନ୍ଦେହ

ବଲାଙ୍ଗୀର, ୧୩ା୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୁଇଁତଲା ଥାନା ଛତାପିପଲ ଗାଁର ଏକ ପୋଖରୀରୁ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କରିବା ପରେ ଦୁଇଦିନ ତଳେ ନିଖୋଜ ହୋଇଥିବା ଗାଁର କାଲୁ ଦୀପ(୬୦)ଙ୍କର ବୋଲି ଜଣାପଡିଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜୁଆଖେଳରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଗୁରୁବାର ପୋଖରୀ ହିଡରେ କାଲୁଙ୍କ ସହ ୪/୫ ଜଣ କୁଆଡ଼େ ଜୁଆଖେଳ ଖେଳୁଥିଲେ। ଏହା ପରଠାରୁ ସେ କୁଆଡେ ନିଖୋଜ ହୋଇଯାଇଥିଲେ। କାଲୁଙ୍କ ସହ ଜୁଆ ଖେଳୁଥିଲେ ଦୁଇଜଣ ବ୍ୟକ୍ତି ଗୁରୁବାର ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ କାଲୁ କୁଆଡେ ଗଲେ ବୋଲି ପଚାରିଥିବା ପରିବାର ଲୋକେ କହିବା ସହ ଜୁଆଖେଳକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି।

## ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ସୋନପୁର,୧୩ା୧
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ୨ ଜଣ ଦାଦନ ଶ୍ରମିକଙ୍କ ଅକାଳ ମୃତ୍ୟୁ ହୋଇଛି । ଲଛିପୁର ଥାନା ଲୁପୁରସିଂହା ଗ୍ରାମର ସର୍ବେଶ୍ୱର ଘିବିଲା(୪୫)ଙ୍କ ଚେନ୍ନାଇ ରେଲୱେ ଷ୍ଟେଶନର ଇରୋଡ ଜଙ୍କ୍‌ଶନରେ ଗୁରୁବାର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ନିକଟରୁ ସୂଚନା ମିଳିଛି । ଟ୍ରେନ୍‌ରେ କଟି ସର୍ବେଶ୍ୱରଙ୍କ ମୃତ୍ୟୁ ହୋଇଛି କିମ୍ବା ଅନ୍ୟ କାରଣରୁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନି। ତେବେ ମୃତଦେହକୁ ନିଜ ଘରକୁ ଆଣିବା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୃତକଙ୍କ ଘରେ ପହଞ୍ଚି ୧୫ ହଜାର ଏବଂ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ୧୫ ହଜାର ଟଙ୍କାର ସହାୟତା ଦେଇଛନ୍ତି। ସେହିପରି ବୀରମହାରାଜପୁର ବ୍ଲକ ଗରିଆମୁଣ୍ଡାର ଅଚ୍ୟୁତ ନାଏକ(୨୫)ଙ୍କ ବେଙ୍ଗାଲୁରୁର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଓଡ଼ିଶା ମୋ ପରିବାର ସହାୟତାରେ ଅଚ୍ୟୁତଙ୍କ ମୃତଦେହ ଭୁବନେଶ୍ୱର ପର୍ଯ୍ୟନ୍ତ ଅଣାଯାଇଥିଲା। ଜିଲା ଶ୍ରମ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ ମୃତଦେହକୁ ଶନିବାର ଗରିଆମୁଣ୍ଡାକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି ।

## ବିନା ଅସ୍ତ୍ରୋପଚାରରେ ୩ ସନ୍ତାନ ଜନ୍ମ

ଜଗନ୍ନାଥ ପ୍ରସାଦ, ୧୩ା୧
(ବିଭୁ ପ୍ରସାଦ ପଟ୍ଟନାୟକ)

ଏକକାଳୀନ ୩ଟି କନ୍ୟା ସନ୍ତାନକୁ ଜନ୍ମଦେଲେ ମହିଳା । ଶୁକ୍ରବାର ରାତି ପ୍ରାୟ ୮.୩୦ ସମୟରେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ନୟାଗଡ ଜିଲା ଓଡଗାଁ ବ୍ଲକ ନାଉରିଆଗଡ଼ ଗ୍ରାମର ସୁଶାନ୍ତ ନାୟକଙ୍କ ପତ୍ନୀ ସୌଭାଗ୍ନି ନାୟକଙ୍କର ତିନୋଟି କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି। ଉଭୟ ମାଆ ଏବଂ ତିନି ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ସୌଭାଗ୍ନିଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ଜଗନ୍ନାଥ ପ୍ରସାଦ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦିପ୍ତିମୟୀ ସାହୁ ଓ ଷ୍ଟାଫ ନର୍ସ ମଙ୍ଗଲି କାଲୋଙ୍କ ସହଯୋଗରେ ପ୍ରସବ କରାଯାଇଥିଲା। ବର୍ତ୍ତମାନ ତିନି ସନ୍ତାନ ଓ ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଛି। ପରିବାର ଲୋକେ ଖୁସି ଥିବାବେଳେ ଡାକ୍ତରଖାନାର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଅଙ୍ଗନୱାଡ଼ି କର୍ମୀଙ୍କୁ ବଳାତ୍କାର ପରେ ହତ୍ୟା

ଗୋପାଳପୁର,୧୩ା୧
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଅଟୋନଗର ଅଞ୍ଚଳରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ବୈଶାଳି ପାଣ୍ଡେ (୨୬)। ତେବେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ମା'। ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ବୀରଭଦ୍ରପୁର ଗ୍ରାମର ବୈଶାଳି ପାଣ୍ଡେଙ୍କ ସହିତ ରାୟଗଡ଼ା ଅଞ୍ଚଳର ସଙ୍କେତ ସେନାପତିଙ୍କ ଦେଢ଼ ବର୍ଷ ତଳେ ଫେସବୁକ୍‌ରେ ବନ୍ଧୁତା ଆରମ୍ଭ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ବୈଶାଳି ଅଙ୍ଗନବାଡି କର୍ମୀ ଥିବାବେଳେ ସଙ୍କେତ କଟକସ୍ଥିତ ଜେକେ ଟାୟର କମ୍ପାନୀରେ ଏରିଆ ମ୍ୟାନେଜର ରୂପେ କାର୍ଯ୍ୟ କରୁଥିଲେ । ଶୁକ୍ରବାର ଅପରାହ୍ନରେ ବୈଶାଳି ଟ୍ରେନ୍ ଯୋଗେ ବ୍ରହ୍ମପୁର ଆସିଥିଲେ । ପରେ ଅଟୋନଗରରେ ଥିବା ହୋଟେଲ 'ନିର୍ମଳା ପ୍ଲାଜା'ର ରୁମ ନଂ ୨୦୫ରେ ସେ ଓ ସଙ୍କେତ ରହିଥିଲେ। ସନ୍ଧ୍ୟାରେ ଉଭୟ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସେଠାରେ ଅସୁସ୍ଥ ଅନୁଭବ କରିବାରୁ ହୋଟେଲକୁ ଫେରିଆସିଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ବୈଶାଳୀ ଅଚେତ ହୋଇ ଗୁରୁତର ହୋଇପଡିଥିଲେ। ସଙ୍କେତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବୈଶାଳୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଶୁକ୍ରବାର ସଙ୍କେତ ଜନ୍ମଦିନ ପାଳନ ପାଇଁ ଭୁବନେଶ୍ୱର ଯାଉଥିବା ନେଇ ବୈଶାଳୀ ତାଙ୍କ ମା'ଙ୍କୁ ଜଣାଇଥିଲେ। ଶନିବାର ବୈଶାଳୀଙ୍କ ମା' ତାଙ୍କ ଝିଅକୁ ବଳାତ୍କାର କରି ହତ୍ୟା କରିଥିବା ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୨୩/୨୪ ପ୍ରକାରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଙ୍କେତଙ୍କୁ ବ୍ରହ୍ମପୁର ଏସ୍‌ପି ଥାନାରେ ପହଞ୍ଚି ପଚରାଉଚରା କରୁଛନ୍ତି।



ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦୀପ ଗଙ୍ଗା ଓ ସାଗର ସଙ୍ଗମ ସ୍ଥଳରେ ଶନିବାର ୪୫ ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ସମବେତ ହୋଇଛନ୍ତି। ୧୫ ଓ ୧୬ ତାରିଖରେ ମକରବୁଡ଼ ଦେବାଲାଗି ଓଡ଼ିଶାରୁ ଲକ୍ଷାଧିକ ପୁଣ୍ୟାର୍ଥୀ ଆସୁଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗ ରାଜ୍ୟପାଳ ସିବି ଆନନ୍ଦ ବୋଷ ଗୁରୁବାର ଗଙ୍ଗାସାଗରକୁ ଆସି କପିଳ ମୁନି ମନ୍ଦିରରେ ପୂଜାର୍ଚ୍ଚନା କରି ଫେରିଥିବା ବେଳେ ଶନିବାର ପୁରୀ ଗୋବର୍ଦ୍ଧନ ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଗଙ୍ଗାସାଗରରେ ବୁଡ଼ ଲାଗି ପହଞ୍ଚିଛନ୍ତି। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ଗଙ୍ଗାସାଗରରେ ସାଧୁ ସନ୍ନ୍ୟାସୀମାନେ ସମୁଦ୍ର ଆଳତି କରୁଛନ୍ତି।

## ମେଡିକାଲ ଛାତ୍ରଙ୍କଠାରୁ ୨୩ ଲକ୍ଷ ନେଇଗଲେ ସାଇବର ଠକ

ବ୍ରହ୍ମପୁର, ୧୩ା୧( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ପିଜି ଛାତ୍ର ନିଶାନ୍ତ ନାୟକ ସାଇବର ଠକେଇର ଶିକାର ହୋଇଛନ୍ତି। ଠକ ଅନଲାଇନ୍ ନିଯୁକ୍ତିର ଥୋପ ପକାଇ ୨୩ଲକ୍ଷ ଟଙ୍କା ଲୁଟି ନେଇଥିବା ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଶାନ୍ତଙ୍କ ପାଖକୁ ଡିସେମ୍ବର ୬ରେ ଏକ ଅଜଣା ନମ୍ବରରୁ ହ୍ୱାଟସଆପ ମେସେଜ ଆସିଥିଲା। ଅନଲାଇନ୍ ନିଯୁକ୍ତି ପାଇଁ ଏକ ଟେଲିଗ୍ରାମ ଆଇଡିରେ ଯୋଗାଯୋଗ କରି ଅଗ୍ରୀମ ଟଙ୍କା ପାଇବାକୁ ସେଥିରେ ଦର୍ଶାଯାଇଥିଲା। ନିଶାନ୍ତ ସେହି ଆଇଡିରେ ଯୋଗାଯୋଗ କରିବାରୁ ଜଣେ ମହିଳା ତାଙ୍କର ବାୟୋ ଡାଟା ଏବଂ ବ୍ୟାଙ୍କ ଡିଟେଲ ମାଗି ନେଇଥିଲେ। ପୁଣି ଗତ ୨୮ତାରିଖରେ ସେହି ମହିଳା ଯୋଗାଯୋଗ କରି ଆଉ ଏକ ଟେଲିଗ୍ରାମ ଗ୍ରୁପରେ ଯୋଡ଼ିହେବାକୁ କହିଥିଲେ। ଅନ୍‌ଲାଇନ୍‌ରେ ଇନ୍‌ଭେଷ୍ଟ କରିବା ପାଇଁ ୨ ଥର ୧,୦୦୦ ଟଙ୍କା ଲେଖାଏ ପଠାଇବାକୁ ନିର୍ଦ୍ଦେଶ ଆସିଲା। ୨ମିନିଟ ପରେ ତାଙ୍କ ପାଖକୁ ଏକ ପେମେଣ୍ଟ ଆଇଡି ପଠାଇ ସେଥିରେ ୧୪୧୦ଟଙ୍କା ଆସିଥିଲା। ତାପରେ ଲକ୍ଷେ ଟଙ୍କା ଇନଭେଷ୍ଟ କଲେ ମୂଳ ସହ ୩୦%ଫେରସ୍ତ ଆସିବ ବୋଲି ନିର୍ଦ୍ଦେଶ ଆସିଲା। ଟଙ୍କା ପଠାଇବାର ୨ମିନିଟ ପରେ ଠକ ଜଣକ ଫୋନ କରି ଟଙ୍କା ଲଗାଣରେ କିଛି ତ୍ରୁଟି ଯୋଗୁଁ ଆକାଉଣ୍ଟ ଫ୍ରିଜ ହୋଇଯାଇଛି, ଅନ୍‌ଫ୍ରିଜ କରିବା ପାଇଁ ୩ଲକ୍ଷ ଟଙ୍କା ପଠେଇବାକୁ ହେବ ବୋଲି କହିଥିଲେ। ଏଭଳି ବାହାନା କରି ସାଇବର ଠକ ଗ୍ୟାଙ୍ଗ ମୋଟ ୨୩ଲକ୍ଷ ଟଙ୍କା ଆକାଉଣ୍ଟରୁ ନେଇଯାଇଥିଲେ। ଶେଷରେ ଠକାମୀର ଶିକାର ହୋଇଥିବା ଜାଣିପାରି ନିଶାନ୍ତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

## 'ଧୈର୍ଯ୍ୟର ମାଇଲଖୁଣ୍ଟ ଥିଲେ ଦ୍ୱାରିକା ମୋହନ'

ତାଳଚେର, ୧୩ା୧ (ମନୋଜ ନନ୍ଦ)/
ଢେଙ୍କାନାଳ (ରତନ ନାୟାର)

ଢେଙ୍କାନାଳସ୍ଥିତ ଦତ୍ତାତ୍ରେୟ ଆଶ୍ରମରେ ଶନିବାର ସାଇ ଆଶ୍ରମର ପ୍ରତିଷ୍ଠାତା ତଥା ବର୍ଷୀୟାନ ଶ୍ରମିକ ନେତା ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଚ୍ଚିଦାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ, ଉତ୍କଳ ଭୂଷଣ ରାଉତରାୟ, ପ୍ରମୋଦ ନନ୍ଦ, ରାଜକିଶୋର ଦାସ, ଡା. ଜ୍ଞାନଗୁରୁ ଦାଶ, ଦେବୀ ମିଶ୍ର, ବିଧାନ ଚନ୍ଦ୍ର ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ପଙ୍କଜ ଲୋଚନ ପତି, କିଶନ ବିଶ୍ୱାଳ, ପ୍ରସନ୍ନ ତ୍ରିପାଠୀ, ପ୍ରମୋଦ ମହାପାତ୍ର, ମନୋରଞ୍ଜନ ପଟ୍ଟନାୟକ, ସରୋଜ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସମାଜକୁ ଆଗକୁ ନେବାକୁ ସ୍ୱର୍ଗତ ମିଶ୍ର ସର୍ବଦା ଉଦ୍ୟମ ଜାରି ରଖିଥିଲେ। ସେ ଜଣେ କର୍ମବୀର ଓ ଧୈର୍ଯ୍ୟର ମାଇଲ ଖୁଣ୍ଟ ଥିଲେ। ତାଳଚେର ମାଟିର ଏହି ଗର୍ବ ଓ ଗୌରବଙ୍କ କାର୍ଯ୍ୟଶୈଳୀ ଓ ଚିନ୍ତାଧାରାକୁ ଅନୁସରଣ କରି ଜୀବନରେ କିଛି ଭଲ କରିପାରିଲେ ତାହା ସ୍ୱର୍ଗତ ମିଶ୍ରଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ଶ୍ରମିକ ନେତା ଦ୍ୱାରିକା ମୋହନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ପୁଅକୁ ଚାହିଁ ବସିଛନ୍ତି ମା'

**୭ ବର୍ଷ ପରେ ମିଳିଛି ବିମାନ ଭଗ୍ନାବଶେଷ**

ବ୍ରହ୍ମପୁର,୧୩ା୧(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୬ ଜୁଲାଇ ୨୨ତାରିଖରେ ଇଣ୍ଡିଆନ ଏୟାର ଫୋର୍ସର ଏଏନ-୩୨ ମିମାନ ଚେନାଇରୁ ୨୯ ଯବାନଙ୍କୁ ନେଇ ପୋର୍ଟବ୍ଲେୟର ଅଭିମୁଖେ ଉଡ଼ାଣବେଳେ ବଙ୍ଗୋପସାଗରରେ ନିଖୋଜ ହୋଇଯାଇଥିଲା। ସାଢେ ୭ ବର୍ଷ ପରେ ଚେନ୍ନାଇଠାରୁ ୩୧୦ କିମି ଦୂରରୁ ବିମାନର ଭଗ୍ନାବଶେଷ ମିଳିଛି। ନିଖୋଜ ଯବାନଙ୍କ ମଧ୍ୟରେ ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଅନନ୍ତେଇ ପଞ୍ଚାୟତ ସୁକୁଣ୍ଡା ଗ୍ରାମର ଚରଣ ମହାରଣା (୨୭) ଅଛନ୍ତି। ଶନିବାର ନିଖୋଜ ଯବାନ ଚରଣଙ୍କ ମା' ବିଷ୍ଣୁ ମହାରଣା ଓ ବାପା ସୁଦାମ ମହାରଣା କହିଛନ୍ତି, ପୁଅ ଜୀବିତ ଅଛି। ତାଙ୍କୁ ଖୋଜି ଆଣିବାକୁ କାନ୍ଦି କାନ୍ଦି କହିଛନ୍ତି ଚରଣଙ୍କ ମା'। ଚରଣ ଘରର ଏକ ମାତ୍ର ଚାକିରିଆ। ଘରେ ଏବେ ବୃଦ୍ଧ ବାପା, ମା ଓ ସାନ ଭଉଣୀ ସସ୍ମିତା ମହାରଣା ବେସାହାରା ଭାବେ ଜୀବନ କାଟୁଛନ୍ତି। ପୁଅର ସନ୍ଧାନ ମିଳିନଥିବାରୁ ଏଯାବତ ଅନ୍ତ୍ୟେଷ୍ଟିକ୍ରିୟା କରିନାହୁଁ ବୋଲି କହିଛନ୍ତି।



ଚରଣଙ୍କ ମା' ବିଷ୍ଣୁ ମହାରଣା ଓ ସୁଦାମ ମହାରଣା

## ମକରରେ ବିସର୍ଜନ ନିଅନ୍ତି ଟୁସୁମଣୀ

**କୁଡ୍ମୀ ସମ୍ପ୍ରଦାୟର ନିଆରା ପର୍ବ ଟୁସୁପୂଜା**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/
ଚମ୍ପୁଆ(ମହେଶ୍ୱର ଦାସ),୧୩ା୧

ମକର ସଂକ୍ରାନ୍ତିରେ ସମସ୍ତେ ପୂଜାପାଠ କରିବା ସହ ନୂଆ ଲୁଗା ପିନ୍ଧି ପିଠାପଣା ଖାଇ ମେଳା ବୁଲିଥାନ୍ତି। ମାତ୍ର କୁଡ୍ମୀ ସମ୍ପ୍ରଦାୟର ମହିଳାମାନେ ମକର ପର୍ବରେ ପାରମ୍ପରିକ ଟୁସୁ(ମାଟିରେ ତିଆରି ଦେବୀ ମୂର୍ତ୍ତି)ଙ୍କୁ ପୂଜାର୍ଚ୍ଚନା କରି ଏକ ଭିନ୍ନ ପର୍ବ ପାଳନ କରିଥାନ୍ତି। ଜଣେ ପରାକ୍ରମୀ ରାଜାଙ୍କଠାରୁ ନିଜର ସତିତ୍ୱ ଓ ସମ୍ପ୍ରଦାୟର ସ୍ୱାଭିମାନକୁ ରକ୍ଷା କରିବା ପାଇଁ ଟୁସୁମଣୀ (ଟୁସୁ) ନଦୀ ଗର୍ଭକୁ ଡେଇଁ ବଳିଦାନ ଦେଇଥିବାରୁ କୁଡ୍ମୀ ସମ୍ପ୍ରଦାୟ ଲୋକେ ତାଙ୍କୁ ଦେବୀ ରୂପେ ପୂଜା କରିଥାନ୍ତି। ଏହା ହେଉଛି ତ୍ୟାଗ ଓ ବଳିଦାନର ପର୍ବ ବୋଲି କୁଡ୍ମୀ ସମ୍ପ୍ରଦାୟର ବରିଷ୍ଠ ବ୍ୟକ୍ତି ହରେକୃଷ୍ଣ ମହାନ୍ତ କହିଛନ୍ତି। ମୋଗଲ ରାଜୁତି ସମୟରେ



ଟୁସୁମଣୀଙ୍କ ମୃଣ୍ମୟ ମୂର୍ତ୍ତି।

ସମ୍ରାଟ ଆଲ୍ଲାଉଦିନ ଖିଲିଜ୍, ରାଣୀ ପଦ୍ମାବତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବିବାହ କରିବାକୁ ମନ ବଳାଇଥିଲେ। ତେବେ ବିଫଳ ହେବାରୁ ତାଙ୍କ ପାଇଁ ପଦ୍ମାବତୀଙ୍କ ଠାରୁ ଅତୀବ ସୁନ୍ଦରୀ ଯୁବତୀ ଖୋଜିବାକୁ ଆଦେଶ କରିଥିଲେ। ରାଜାଙ୍କ ଆଦେଶ ପରେ ପାତ୍ରମନ୍ତ୍ରୀମାନେ ରାଣୀ ଖୋଜି କୁଡ୍ମୀ ସମ୍ପ୍ରଦାୟର ଅତୀବ ସୁନ୍ଦରୀ ଝିଅ ଟୁସୁମଣୀଙ୍କୁ ବଳପୂର୍ବକ ଉଠାଇ ଆଣିଥିଲେ। ତାଙ୍କୁ ଘୋଡ଼ାରେ ବସାଇ ରାଜବାଟି ନେଉଥିବା ସମୟରେ ରାସ୍ତାରେ ନଦୀ ପାରହେବା ସମୟରେ ନଦୀ ଗର୍ଭକୁ ଡେଇଁ ପ୍ରାଣବଳି ଦେଇଥିଲେ ବୋଲି ବୀରତ୍ୱ ଗାଥା ରହିଛି। ସେହିଦିନ ମକର ସଂକ୍ରାନ୍ତି ଥିବାରୁ କୁଡ୍ମୀ ସମ୍ପ୍ରଦାୟର ମହିଳାମାନେ ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ସହ ଏକ ଶୋଭାଯାତ୍ରାରେ ଗ୍ରାମ ଓ ସହର ପରିକ୍ରମା କରି ଆଖପାଖ ଜଳାଶୟରେ ବିସର୍ଜନ କରିଥାନ୍ତି। ମକର ସଂକ୍ରାନ୍ତିର ୭ ଦିନ ପୂର୍ବରୁ ଟୁସୁଦେବୀଙ୍କ ମୃଣ୍ମୟ ମୂର୍ତ୍ତି ଆଣି ପୂଜାର୍ଚ୍ଚନା କରାଯାଇଥାଏ। ଦେବୀଙ୍କୁ ମକର ଦିନ ସୁସଜ୍ଜିତ ମେଢ଼/ପାଲିଙ୍କିରେ ବସାଇ ଗୀତଗାଇ ଘର ଘର ବୁଲାଇଥାନ୍ତି। ଗ୍ରାମ ମନ୍ଦିର ପରିକ୍ରମା କରି ପାଖ ପୋଖରୀ, ନଦୀ, ନାଳରେ ବିସର୍ଜନ କରିଥାନ୍ତି। ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କୁଡ୍ମୀ ସମ୍ପ୍ରଦାୟ ଗ୍ରାମଗୁଡ଼ିକରେ ଟୁସୁ ପର୍ବ ପାଳିତ ହୋଇଥାଏ। ସଦର ବ୍ଲକ୍‌ର ରଘୁନାଥପୁର ପଞ୍ଚାୟତ ବ୍ୟତୀତ ହରିଚନ୍ଦନପୁର ବ୍ଲକ୍‌ର ବଳାଣୀପଶି ଆଦି ଅଞ୍ଚଳରେ ଟୁସୁ ପର୍ବ ଧୁମଧାମରେ ପାଳିତ ହୋଇଥାଏ।

# ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ ଜାମ୍

## ୨୫୦ ଏକର ପରିବ୍ୟାପ୍ତ ପ୍ଲାଣ୍ଟରେ ୧୦୦୦ କୋଟିର ନିବେଶ

ଭୁବନେଶ୍ୱର,୧୩।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଆଡଭାନ୍ସଡ ମ୍ୟାଟେରିଆଲ୍ସ (ଜାମ୍) ତାମିଲନାଡୁରେ ପ୍ରାୟ ୧୦୦୦ କୋଟି ଟଙ୍କା ନିବେଶ କରିବ ବୋଲି ଚେନ୍ନାଇଠାରେ ଆୟୋଜିତ ୨ଦିନିଆ ବୈଶ୍ୱିକ ନିବେଶକ ସମ୍ମିଳନୀରେ କମ୍ପାନୀ ବିସ୍ତୃତ ଭାବେ ଘୋଷଣା କରିଛି। ଏପରିକି କମ୍ପାନୀ ଦକ୍ଷିଣ ଭାରତରେ ପ୍ରଥମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ପାଇଁ ତାମିଲନାଡୁ ସରକାରଙ୍କ ସହ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ବିଶେଷ ୨୫୦ ଏକର ପରିବ୍ୟାପ୍ତ ଜମିରେ କମ୍ପାନୀ ଉକ୍ତ କାରଖାନା (ଅତ୍ୟାଧୁନିକ ପ୍ଲାଣ୍ଟ) ତ୍ରିଚିଠାରେ ସ୍ଥାପନ ହେବ ଏବଂ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ଜାମ୍ ଉକ୍ତ କାରଖାନା (ପ୍ଲାଣ୍ଟ) ରେ ଅଭିନବ କମ୍ପୋଜିଟ୍ ସାମଗ୍ରୀ ଉତ୍ପାଦନ କରିବ। ସାରା ଭାରତରେ କମ୍ପାନୀର ଏହା ୪ର୍ଥ ପ୍ଲାଣ୍ଟ ହୋଇଥିବାବେଳେ ଉପରୋକ୍ତ ଏମ୍ଓୟୁ ଅନୁଯାୟୀ ତାମିଲନାଡୁ ସରକାର ଆବଶ୍ୟକ ଭିତ୍ତିଭୂମି ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜାମ୍ର ନିର୍ଦ୍ଦେଶକ, ସି.ପି.ଅଗ୍ରୱାଲ ଏବଂ ତାମିଲନାଡୁ ସରକାରଙ୍କ ଗାଇଡାନ୍ସ, ଶିଳ୍ପ, ନିବେଶ ପ୍ରୋତ୍ସାହନ ଓ ବାଣିଜ୍ୟ ବିଭାଗର ଏମ୍ଡି ତଥା ସିଇଓ ଭି.ବିଷ୍ଣୁ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ,ରାଜ୍ୟ ଶିଳ୍ପମନ୍ତ୍ରୀ ଡ. ଟି.ଆର୍.ବି. ରାଜା, ମୁଖ୍ୟ ଶାସନ ସଚିବ ଶିବ ଦାସ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜାମ୍ର ନିର୍ଦ୍ଦେଶକ ସି.ପି.ଅଗ୍ରୱାଲ କହିଛନ୍ତି, ଦକ୍ଷିଣ ଭାରତରେ ଆମର ଗ୍ରାହକ ସେବା ଅଭିଜ୍ଞତାକୁ ବୃଦ୍ଧି କରିବାରେ ଉକ୍ତ ବୁଝାମଣାର ପ୍ରମୁଖ ଭୂମିକା ରହିଛି। ଏପରିକି ତାମିଲନାଡୁର ସୁଦୃଢ଼ ଭିତ୍ତିଭୂମି, ଅଧିକ ବାଣିଜ୍ୟ ସୁଯୋଗ ପାଇଁ ତ୍ରିଚିର ବନ୍ଦରଠାରୁ କମ୍ ଦୂରତା ଏବଂ ଭିତ୍ତିଭୂମି ଓ ଏରୋସ୍ପେସ୍ କ୍ଷେତ୍ରରେ ଥିବା ଇକୋସିଷ୍ଟମ ଆମର ପ୍ରତିବଦ୍ଧତାକୁ ଆହୁରି ଭଲ ଭାବେ ବିସ୍ତାର କରିବାକୁ ସକ୍ଷମ କରିବ।

ବିଶେଷକରି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ନିରନ୍ତର ବିକାଶ ଏବଂ ବୈଷୟିକ ଜ୍ଞାନକୌଶଳର ବିକାଶ ଉପରେ ଆମେ ଗୁରୁତ୍ୱ ଦେଉଛୁ।



ସେହିଭଳି ତାମିଲନାଡୁ ସରକାରଙ୍କ ବାଣିଜ୍ୟ ବିଭାଗର ଏମ୍ଡି ତଥା ସିଇଓ ଭି. ବିଷ୍ଣୁ କହିଛନ୍ତି, ଆମ ଲକ୍ଷ୍ୟକୁ ବୁଝିଥିବାରୁ ମୁଁ ନିବେଶକ, ଚିନ୍ତାନାୟକ, ନୀତି ନିର୍ମାତା ଏବଂ ବୁଦ୍ଧିଜୀବୀଙ୍କ ନିକଟରେ କୃତଜ୍ଞ। ଏପରିକି ତାମିଲନାଡୁ ବୈଶ୍ୱିକ ନିବେଶକ ସମ୍ମିଳନୀ-୨୦୨୪ର ସଫଳତାରେ ଆମ ବେଶ୍ ଉତ୍ସାହିତ ଥିଲାବେଳେ ଆମର ଉଦ୍ଦେଶ୍ୟ ଓ ଦୂରଦୃଷ୍ଟି ପ୍ରତିଫଳିତ ହୋଇଛି। ବିଶେଷ କରି ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡରରେ ଭିତ୍ତିଭୂମି ଏବଂ ଏରୋସ୍ପେସରେ ଅଧିକ ଶିଳ୍ପ ଏବଂ ଜାମ ମଧ୍ୟ ଏହା ଉପରେ ଧ୍ୟାନ ଦେଉଛି। ଦକ୍ଷିଣ ଭାରତର ବାକି ଅଞ୍ଚଳ ସହ ତାମିଲନାଡୁର କେନ୍ଦ୍ରୀୟ ସଂଯୋଗକୁ ଦୃଷ୍ଟିରେ ରଖି ଜାମ ସହିତ ଉକ୍ତ ବୁଝାମଣା ସହରର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ପ୍ରସ୍ତୁତ ରହିଛି।

ବୈଶ୍ୱିକସ୍ତରରେ କମ୍ପୋଜିଟଗୁଡିକ ସେମାନଙ୍କର ବିଭିନ୍ନ ସୁବିଧା ଯେପରିକି ୩ଗୁଣ ହାଲୁକା,୨ଗୁଣ ଶକ୍ତିଶାଳୀ, କ୍ଷୟ-ପ୍ରତିରୋଧକ ଏବଂ ଅଣ-ପରିବାହୀ ଇତ୍ୟାଦି ଯୋଗୁ ଆଦୃତ ହେଉଛି।

# ଆଇଏଆଇରେ ବେଦାନ୍ତ ସାମିଲ

ଭୁବନେଶ୍ୱର,୧୩।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ) ରେ ସାମିଲ ହୋଇଛି। ଏପରିକି ବିଶ୍ୱର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀଙ୍କ ମଧ୍ୟରେ ବେଦାନ୍ତ ଆଲୁମିନିୟମ ଆଇଏଆଇର ନୂତନ ସଦସ୍ୟତା ଲାଭ କରିଛି। ସେହିଭଳି କମ୍ପାନୀ ଧାତୁ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଭାରତର ବୃହତ୍ତମ ଉତ୍ପାଦକ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୨.୨୯ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି, ଯାହା ବିଶ୍ୱସ୍ତରରେ ଆଲୁମିନିୟମର ପ୍ରାୟ ୬୦% ବୋଲି କୁହାଯାଉଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥିରତାକୁ ଆଗେଇ ନେବା ପାଇଁ ଆମେ ଅନ୍ତର୍ଜାତୀୟ ଆଇଏଆଇରେ ଯୋଗଦାନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅନ୍ୱେଷଣ କ୍ଷେତ୍ରରେ



ଜନ୍ ସ୍ଲାଭେନ୍

ଆମର କାର୍ଯ୍ୟକଳାପକୁ ବଢ଼ାଇବା ପାଇଁ ଅତ୍ୟାଧୁନିକ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଆମେ ବିଶ୍ୱାସ କରୁ ଏବଂ ଜଣେ ସଦସ୍ୟ ଭାବେ ଆମେ ଆଇଏଆଇ ଓ ଅନ୍ୟାନ୍ୟ ଶିଳ୍ପପତିମାନଙ୍କ ସହ ସହଯୋଗ କରିବା ସହିତ ସମଗ୍ର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳା ପାଇଁ ଏକ ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ ଏବଂ ସହଯୋଗ କରିବୁ। ଏହି ସହଭାଗିତା ପାଇଁ ଆମେ ବେଶ୍ ଉତ୍ସାହିତ ଏବଂ ଏକତ୍ର ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବାକୁ ଅପେକ୍ଷା କରିଛୁ।

# ହାଜିରାଠାରେ ବିଶ୍ୱର ସର୍ବୋଚ୍ଚ ଇସ୍ପାତ କାରଖାନା କରିବ ଆର୍ସେଲର ମିତ୍ତଲ

ଭୁବନେଶ୍ୱର,୧୩।୧

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ଆର୍ସେଲର ମିତ୍ତଲ ଗୁଜରାଟର ହାଜିରାଠାରେ ବିଶ୍ୱର ସର୍ବୋଚ୍ଚ ଇସ୍ପାତ କାରଖାନା ( ବିଶ୍ୱର ଏକକ ବୃହତମ ଇସ୍ପାତ ଉତ୍ପାଦନ କାରଖାନା) ନିର୍ମାଣ କରିବ ବୋଲି ୧୦ମ ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ଶିଖର ସମ୍ମିଳନୀ-୨୦୨୪ରେ ଆର୍ସେଲେର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀ ମିତ୍ତଲ ଘୋଷଣା କରିଛନ୍ତି। ଏହା ସହିତ ଇସ୍ପାତ ଏବଂ ଖଣି କମ୍ପାନୀ ଆର୍ସେଲର ମିତ୍ତଲ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛି।

ଏ ସମ୍ପର୍କରେ ଆର୍ସେଲର ମିତ୍ତଲର ଚେୟାରମ୍ୟାନ ଲକ୍ଷ୍ମୀ ମିତ୍ତଲ କହିଛନ୍ତି, ଆତ୍ମନିର୍ଭରଶୀଳତା ଦିଗରେ ଯେକୌଣସି ଦେଶର ଯାତ୍ରା ପାଇଁ ଇସ୍ପାତ ହେଉଛି



ଲକ୍ଷ୍ମୀ ମିତ୍ତଲ

ଅନ୍ୟତମ ପ୍ରମୁଖ ଯୋଗଦାନକାରୀ ଉପାଦାନ। ଆତ୍ମନିର୍ଭର ଭାରତରେ ଷ୍ଟିଲର ଯୋଗଦାନ ଯଥା ଭିତ୍ତିଭୂମି, ସହରୀକରଣ, ନବୀକରଣ ଯୋଗ୍ୟ, ଅଟୋମୋବାଇଲ୍ ସହିତ ବୈଦ୍ୟୁତିକ ଯାନ, ପ୍ରତିରକ୍ଷା ଏବଂ ରେଳବାଇ ଭଳି ବିଭିନ୍ନ ପ୍ରୟୋଗକୁ ସମର୍ଥନ କରିଥାଏ।

# ଜାତୀୟ ନେଫ୍ରୋଲୋଜିକାଲ କେୟାର ରିଭ୍ୟୁ କୋର୍ସ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୧
(ଅନୁରାଧା ମହାରଣା)

ନେଫ୍ରୋଲୋଜିକାଲ କେୟାର ସୋସାଇଟି ଓ ଉତ୍କଳ ହସ୍ପିଟାଲ ସହଯୋଗରେ ଦ୍ୱିତୀୟ ନେଫ୍ରୋଲୋଜିକାଲ କେୟାର ରିଭ୍ୟୁ କୋର୍ସ- ୨୦୨୪ ଭୁବନେଶ୍ୱରସ୍ଥିତ ହୋଟେଲ ସୂର୍ଯ୍ୟାଂଶରେ ଜାନୁଆରୀ ୧୩ ଏବଂ ୧୪ରେ ଅନୁଷ୍ଠିତ ହେଉଅଛି। ଆଇସିୟୁରେ ପ୍ରାୟ ୭୦ ପ୍ରତିଶତ ରୋଗୀଙ୍କର କିଡ୍‌ନୀ ଫେଲ୍ୟୁଅର ହୁଏ, ଯାହାକୁ ଆକ୍ୟୁଟ୍ କିଡ୍‌ନୀ ଇଞ୍ଜୁରି ବୋଲି କୁହାଯାଏ। ଏହି କ୍ଷେତ୍ରରେ ବୃକ୍କ ବିଭାଗ ଓ କ୍ରିଟିକାଲ କେୟାରର ମିଳିତ ଉଦ୍ୟମରେ ରୋଗୀମାନଙ୍କର ଚିକିତ୍ସା କରାଯାଇଥାଏ। ଏହି କର୍ମଶାଳାରେ କ୍ରିଟିକାଲ କେୟାର ଏବଂ ନେଫ୍ରୋଲୋଜି କେୟାର ବିଭାଗର ସମଗ୍ର ଦେଶରୁ ୧୫୦ ଜଣ ଡାକ୍ତର ଅଂଶ ଗ୍ରହଣ କରିଛନ୍ତି । ଅର୍ଗାନାଇଜିଂ କମିଟିର ସଭାପତି ଡ. ବିଶ୍ୱବିକାଶ ମହାନ୍ତି, ସେକ୍ରେଟାରି ଡ. ଲଲାଟ ବରୁଣ ପାତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନକରି ଉତ୍କଳ ହସ୍ପିଟାଲର ଡିନ୍ ଡା. ପ୍ରଫୁଲ୍ଲ କୁମାର ଦାସ, ମ୍ୟାନେଜିଂ ଡାଇରେକ୍ଟର ଡା. ପ୍ରଜ୍ଞାନ ରଞ୍ଜନ ଘଡାଇ ଏବଂ ମେଡିକାଲ ଡାଇରେକ୍ଟର ଡା. ରଞ୍ଜନ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ।

# କିଆ ସୋନେଟ୍‌ର ଅନାବରଣ ଉତ୍ସବ

ଭୁବନେଶ୍ୱର,୧୩।୧

କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ସୋନେଟ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ସେଣ୍ଟ୍ରାଲ କିଆ ଭୁବନେଶ୍ୱର ପାହାଲ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ କୁମାର ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ





ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଗାଡ଼ିଟିର ବିଶେଷତ୍ୱକୁ ପରଖିବା ପାଇଁ ଗ୍ରାହକମାନଙ୍କୁ ଟେଷ୍ଟ ଡ୍ରାଇଭ୍ ନିମନ୍ତେ ସଂସ୍ଥାର ମାଲିକ ବିଶାଲ୍ ଧାୱନ୍ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମଗ୍ର ଓଡ଼ିଶାରେ ସେଣ୍ଟ୍ରାଲ କିଆର ୬ ଟି ଶୋ'ରୁମ୍ ରହିଥିବାବେଳେ ଆଜି ପର୍ଯ୍ୟନ୍ତ ସେଣ୍ଟ୍ରାଲ କିଆ ୧୨,୦୦୦ ଗାଡ଼ି ଓଡ଼ିଶାରେ ବିକ୍ରି କରିଛି। ଗତ ୪ ବର୍ଷ ମଧ୍ୟରେ କିଆ ଦ୍ୱାରା ନିର୍ମିତ ସୋନେଟ୍ ଗାଡ଼ିର ପ୍ରାୟ ୩.୫ ଲକ୍ଷ ଗ୍ରାହକ ଅଛନ୍ତି। ଏପରିକି ଅଲ ନ୍ୟୁ କିଆ ସୋନେଟ୍ ଆଡଭାନ୍ସ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ହୋଇଛି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଏକ ନୂତନ ଅଭିଯାନ 'ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି (ଜିଇଟି) ପ୍ରୋଗ୍ରାମ ୨୦୨୪' କାର୍ଯ୍ୟକ୍ରମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପେଟ୍ରୋକେମିକାଲ୍ସଠାରୁ ଆରମ୍ଭକରି ନୂତନ ଶକ୍ତି ପର୍ଯ୍ୟନ୍ତ ସମସ୍ତ ବିଭାଗରେ କମ୍ପାନୀ ସ୍ନାତକ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି କରିବାକୁ ଲକ୍ଷ୍ୟ ରଖିଛି। ଆର୍ଆଇଏଲ୍ର ୱେବ୍‌ସାଇଟ୍‌ରେ ଉପଲବ୍ଧ ସୂଚନା ଅନୁଯାୟୀ ଜିଇଟି ପ୍ରୋଗ୍ରାମ ୨୦୨୪ କାର୍ଯ୍ୟକ୍ରମ ନାମରେ ରିଲାଏନ୍ସ ଦେଶର ବିଭିନ୍ନ ସ୍ଥାନରୁ ଯୁବ ଇଞ୍ଜିନିୟରମାନଙ୍କ ପାଇଁ ପ୍ରବେଶ ସ୍ତରରେ ନିଯୁକ୍ତି ଅଭିଯାନ ଆରମ୍ଭ କରିଛି।

ବିଶେଷକରି ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ବୈଷୟିକ ଭୂମିକାରେ ଯୁବ ତଥା ଉଚ୍ଚ କ୍ଷମତାସମ୍ପନ୍ନ ଇଞ୍ଜିନିୟରିଂ ପ୍ରତିଭା ନିଯୁକ୍ତ କରିବା। ଚଳିତ ବର୍ଷ ଆବେଦନ ପ୍ରକ୍ରିୟା ପ୍ରଥମ ଥର ପାଇଁ ଅନ୍‌ଲାଇନ ମାଧ୍ୟମରେ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ଅବଧି ୨୦୨୪ ଜାନୁଆରୀ ୧୯ ରେ ଶେଷ ହେଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ପକ୍ଷରୁ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନଗୁଡିକର କେମିକାଲ (ରସାୟନ), ଇଲେକ୍ଟ୍ରିକାଲ, ମେକାନିକାଲ (ଯାନ୍ତ୍ରିକ) ଓ ଇନ୍‌ଷ୍ଟ୍ରୁମେଶନ ଇଞ୍ଜିନିୟରିଂ ଭଳି ବିଭିନ୍ନ ବିଭାଗର ୨୦୨୪ ବ୍ୟାଚ୍ ବି.ଟେକ୍ ଏବଂ ବିଇ ସ୍ନାତକମାନଙ୍କଠାରୁ ଅନ୍‌ଲାଇନ ଆବେଦନ ଆହ୍ୱାନ କରାଯାଇଛି। ଏପରିକି ମନୋନୀତ ଛାତ୍ରୀଛାତ୍ରମାନେ ୨୦୨୪ ଫେବୃଆରୀ ୫ରୁ ୮ ତାରିଖ ମଧ୍ୟରେ ଅନ୍‌ଲାଇନ ମୂଲ୍ୟାଙ୍କନ (ଜ୍ଞାନଗତ ପରୀକ୍ଷା ଏବଂ ବିଷୟବସ୍ତୁ)ରେ ସାମିଲ ହେବେ। ଏଥିରେ ସଫଳ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ସାକ୍ଷାତ୍କାର ୨୦୨୪ ଫେବୃଆରୀ ୨୩ରୁ ମାର୍ଚ୍ଚ ୧ ତାରିଖ ମଧ୍ୟରେ ନିଆଯିବାକୁ ଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ଶେଷରେ ଚୟନ ପ୍ରକ୍ରିୟା ଶେଷ ହେବ ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ମନୋରଞ୍ଜନ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର କମିଶନର

## ୪ ରାଜ୍ୟ ଆୟକର ବିଭାଗ ଦାୟିତ୍ୱରେ ପାଣିଗ୍ରାହୀ

ଭୁବନେଶ୍ୱର,୧୩।୧

ବରିଷ୍ଠ ରାଜସ୍ୱ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ବିହାରର ପ୍ରଧାନ ମୁଖ୍ୟ ଆୟକର କମିଶନର ସହ ପଶ୍ଚିମବଙ୍ଗ ଏବଂ ସିକିମର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ମନୋରଞ୍ଜନଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ର ପ୍ରତ୍ୟକ୍ଷ କର ବୋର୍ଡର ବିଜ୍ଞପ୍ତି ନଂ.୧୪ ଅନୁଯାୟୀ ମନୋରଞ୍ଜନଙ୍କୁ ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପଶ୍ଚିମବଙ୍ଗ ଏବଂ ସିକିମର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏବେ ସେ ମୁମ୍ବାଇରେ କାର୍ଯ୍ୟରତ ଅଛନ୍ତି। ଗତ ୨ ବର୍ଷ ହେଲା ସେ ମୁମ୍ବାଇର ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ୨୦୨୪ ନିର୍ବାଚନ ପୂର୍ବରୁ ମନୋରଞ୍ଜନଙ୍କୁ ୪ ରାଜ୍ୟର ଆୟକର





ମନୋରଞ୍ଜନ ପାଣିଗ୍ରାହୀ

ମୁଖ୍ୟ ଭାବେ ନିଯୁକ୍ତି ଦେବା ଏକ ବଡ ପଦକ୍ଷେପ ସହ ଅନେକ ଗୁରୁତ୍ୱ ବହନ କରୁଛି ବୋଲି ଆଶା କରାଯାଉଛି।

ଉଲ୍ଲେଖଯୋଗ୍ୟ, ମନୋରଞ୍ଜନ ୧୯୯୮ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପୂର୍ବରୁ ସେ ଅନେକ ରାଜ୍ୟରେ ବଡ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ଓଡ଼ିଶା ସରକାରଙ୍କ ଅଧୀନରେ ଗତ ୫ ବର୍ଷ ଧରି ସଂସ୍କୃତ ବିଭାଗର ସଚିବ ଭାବେ ଦକ୍ଷତାର ସହ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଛନ୍ତି। ସେହିଭଳି ପୂର୍ବରୁ ମଧ୍ୟ ସେ କଲିକତାରେ ବରିଷ୍ଠ ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏପରିକି ସେ କଲିକତା ଉତ୍କଳ ଶିକ୍ଷା ସଂସଦର ସଭାପତି ଓ ଉପସଭାପତି ଥିଲେ। ମନୋରଞ୍ଜନ ଜଣେ ଦକ୍ଷ ସାହିତ୍ୟିକ ହୋଇଥିବା ବେଳେ ସାହିତ୍ୟ ଓ ସଂସ୍କୃତିପ୍ରେମୀଭାବେ ଓଡ଼ିଶାରେ ବେଶ୍ ପରିଚିତ।

# ଜିନ୍ଦଲକୁ ୧୦ ପାର ଏକ୍ସଲେନ୍ସ ଆୱାର୍ଡ୍ସ

ଭୁବନେଶ୍ୱର,୧୩।୧

ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ଯାଜପୁର ୟୁନିଟ୍‌କୁ ନିକଟରେ ଦଶ (୧୦) ପାର ଏକ୍ସଲେନ୍ସ ଆୱାର୍ଡ୍ସ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, କ୍ୱାଲିଟି ସର୍କଲ ଫୋରମ୍ ଅଫ ଇଣ୍ଡିଆ ଦ୍ୱାରା ମହାରାଷ୍ଟ୍ରର ନାଗପୁରଠାରେ ଆୟୋଜିତ ୪ଦିନିଆ ଜାତୀୟ ସମ୍ମିଳନୀ '୩୭ ତମ ନ୍ୟାଶନାଲ କନ୍‌ଭେନସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟ (ଏନ୍‌ସିକ୍ୟୁସି-୨୦୨୩) ରେ ଉପରୋକ୍ତ ପୁରସ୍କାର ଜେଏସ୍‌ଏଲ୍‌ର ଯାଜପୁର ୟୁନିଟ୍ (ପ୍ଲାଣ୍ଟ)କୁ ଦିଆଯାଇଛି। ଏପରିକି ଏହି ପୁରସ୍କାରଗୁଡିକ କମ୍ପାନୀର ଗୁଣାତ୍ମକ ପରିଚାଳନା ଅଭ୍ୟାସ ଓ ଉତ୍କର୍ଷ ଏବଂ ନୂତନତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଶେଷକରି ଉକ୍ତ ବାର୍ଷିକ କାର୍ଯ୍ୟକ୍ରମର ୩୭ ତମ ସଂସ୍କରଣରେ ୬୦୦ରୁ ଉର୍ଦ୍ଧ୍ୱ ଶିଳ୍ପସଂସ୍ଥାର ଗୁଣବତ୍ତାକୁ ନେଇ ପ୍ରତିଷ୍ଠାନ ନାନା ପ୍ରକାର ସଫଳତା କାହାଣୀ ପ୍ରଦର୍ଶିତ ଓ ଆଲୋକପାତ କରିଥିଲା। ସେହିଭଳି ଜିନ୍ଦଲ ଷ୍ଟେନ୍‌ଲେସରୁ ଅଂଶଗ୍ରହଣ କରିଥିବା ୧୦ଟି କ୍ୱାଲିଟି ସର୍କଲ ଦଳ ୧୦ଟି ପାର ଏକ୍ସଲେନ୍ସ ପୁରସ୍କାର ବ୍ୟତୀତ ଗୁଣାତ୍ମକ ସର୍କଲ୍ ଦଳ ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ମଧ୍ୟ ୪ଟି ସାନ୍ତ୍ୱନାମୂଳକ ପୁରସ୍କାର ଅର୍ଜନ କରିଥିଲାବେଳେ ମୂଲ୍ୟାଙ୍କନ ମାନଦଣ୍ଡରେ କେସ୍ ଷ୍ଟଡିଜ୍, ପ୍ରୋଜେକ୍ଟ ଜ୍ଞାନ ପରୀକ୍ଷା ଏବଂ ବିଷୟ-ନିର୍ଦ୍ଦିଷ୍ଟ ଉପସ୍ଥାପନାଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଉକ୍ତ ଦଳଗୁଡିକ କେସ୍ ଷ୍ଟଡିଜ୍ ଦାଖଲ ସହ ୫ଏସ, କାଇଜେନ୍, ଲିନ୍ କ୍ୱାଲିଟି ସର୍କଲ୍ ଇତ୍ୟାଦି ସହିତ ନିରନ୍ତର ଉନ୍ନତି ଏବଂ ଦକ୍ଷତା ପାଇଁ ସଂଗଠନରେ ବ୍ୟବହୃତ ବିଭିନ୍ନ ଧାରଣା ଉପରେ ମତ ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ଆମ ଦଳର ଚମତ୍କାର ପ୍ରଦର୍ଶନ କେବଳ ପୁରସ୍କାର ଅର୍ଜନ କରିନାହିଁ ବରଂ ଆମ ପ୍ଲାଣ୍ଟ ପାଇଁ ଏକ ଶକ୍ତିଶାଳୀ ପ୍ରେରଣା ସାଜିଛି। ଉକ୍ତ ପୁରସ୍କାରଗୁଡିକ ଉଚ୍ଚ କାର୍ଯ୍ୟଦକ୍ଷତାର ସଂସ୍କୃତି ପ୍ରତିପାଦନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ କରିଛି।

# 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧

ଟାଟା ପାୱାରର ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ ସମ୍ପର୍କରେ କରାଯାଇଛି। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ କମ୍ପାନୀର ଏହି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ୮ରୁ ୧୨ବର୍ଷ ଏବଂ ୧୩ରୁ ୧୬ବର୍ଷର ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଜାଗ୍ରତ କରିବା ଲକ୍ଷ୍ୟ ରଖି ପିଲାମାନଙ୍କୁ ଚିତ୍ରକଳା, ସ୍କେଚ୍ ଏବଂ କବିତା, ପ୍ରବନ୍ଧ ଓ କାହାଣୀ ଭଳି ସାହିତ୍ୟିକ ଲେଖା ପଠାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ସହ ଖାପଖାଉଛି, ଯାହା ଶିକ୍ଷା ଓ ସଂସ୍କୃତି ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ଏପରିକି ଛାତ୍ରୀଛାତ୍ରମାନେ ସେମାନଙ୍କ ଭିଡିଓ ଆବେଦନକୁ କବିତା, ପ୍ରବନ୍ଧ ଓ କାହାଣୀ ମାଧ୍ୟମରେ ପଠାଇପାରିବେ। ସେହିଭଳି ୮ରୁ ୧୨ ଏବଂ ୧୩ରୁ ୧୬ ବର୍ଷ ବୟସ ବର୍ଗରେ ପ୍ରଥମ ପୁରସ୍କାର ଭାବେ ଟ୍ରଫି, ସ୍ୱର୍ଣ୍ଣ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯାଉଥିବାବେଳେ ୨ୟ ପୁରସ୍କାରରେ ରୌପ୍ୟ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ଏବଂ ୩ୟ ପୁରସ୍କାରରେ ତାମ୍ର ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ସେହିପରି ଚୟନ କରାଯାଇଥିବା ଅନ୍ୟ ଶ୍ରେଷ୍ଠ ୨୦ଜଣଙ୍କୁ ୨୦୦୦ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ଉକ୍ତ ପ୍ରତିଯୋଗିତାରେ ସାମିଲ ସମସ୍ତ ଆବେଦନକାରୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ଦିଆଯିବ। ଅପରପକ୍ଷରେ ପ୍ରତିଯୋଗୀମାନେ ସେମାନଙ୍କ ଆବେଦନକୁ ସିଧାସଳଖ 'ମାଇଁ ଓଡ଼ିଶା ଇଣ୍ଡିଆଜ୍ ପ୍ରାଇଡ୍' ପ୍ରତିଯୋଗିତାରେ ନିଜର ନାମ, ବୟସ, ଫୋନ୍ ନମ୍ବରକୁ ଫାଇଲ୍ ନାମ ଭାବେ ଲେଖି (ଉଦାହରଣ ତୁହିନ ମହାପାତ୍ର-୦୯-୯୮୧୮****) ଲେଖି ପଠାଇପାରିବେ। ଅନ୍ୟଥା ସେମାନେ ନିଜ ଆବେଦନକୁ ଅଂଶଗ୍ରହଣର ବର୍ଗ,ନାମ, ବୟସ, ମୋବାଇଲ୍ ନମ୍ବର ଓ ସହର ନାମ ଲେଖି photocontest.tpodisha@tatapower.comରେ ଇମେଲ୍ କରିପାରିବେ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଆବେଦନଗୁଡ଼ିକୁ ଅନୁଶୀଳନ କରିବେ। ଏପରିକି ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ବିଜେତାମାନଙ୍କ ନାମ ଘୋଷଣା କରାଯିବ। ଏହା ଜରିଆରେ ପ୍ରାର୍ଥୀମାନଙ୍କ କଳାତ୍ମକ ଯୋଗଦାନକୁ ମାନ୍ୟତା ଏବଂ ପ୍ରଶଂସା କରିବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ, (ସର୍ତ୍ତାବଳୀ: ଅଧିସୂଚନା) ପ୍ରତିଯୋଗିତାରେ ଦାଖଲ ହୋଇଥିବା ଆବେଦନଗୁଡ଼ିକକୁ ନିଜ ଅନୁସାରେ ବ୍ୟବହାର କରିବାର ଅଧିକାର ଟାଟା ପାୱାର ପାଖରେ ରହିବ। ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନର ଅଂଶ ଭାବେ ଟାଟା ପାୱାର ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଭଳି ଚାରିଟି ଡିସ୍‌କମ୍‌ର ପରିଚାଳନା କରୁଛି।

# ମମତାପଲରେ ୪ଜି ଟାୱାର ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୧୩।୧

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ୟୁନିଟ୍ ପକ୍ଷରୁ ଶନିବାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ବ୍ଲକର ମମତାପଲ ଗ୍ରାମରେ ୪ଜି ଟାୱାରର ଭିତ୍ତିପ୍ରସ୍ତର ହୋଇଯାଇଛି। ଏପରିକି ଓଡ଼ିଶାରେ ସ୍କିପର ଲିମିଟେଡ୍ ଜରିଆରେ ୪ଜି ଟାୱାର ସାଚୁରେଶନ ପ୍ରୋଜେକ୍ଟ (ସଂତୃପ୍ତୀକରଣ ପ୍ରକଳ୍ପ) କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଉଭୟ ବିଏସ୍‌ଏନ୍‌ଏଲ୍ ତଥା ସ୍କିପର ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସ୍କିପର ଲିମିଟେଡ୍‌ର ନିର୍ଦ୍ଦେଶକ ସରନ୍ ବଂଶଲ କହିଛନ୍ତି, ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ଉପସ୍ଥିତି ପାଇଁ



ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାମାଞ୍ଚଳ କ୍ଷେତ୍ରରେ ମୋବାଇଲ ସଂଯୋଗୀକରଣ, ଯୋଗାଣ ତଥା ଏ ଦିଗରେ ସରକାରଙ୍କର ଦୂରଦୃଷ୍ଟିକୁ ଆହୁରି ପ୍ରଶସ୍ତ କରିବା ସହିତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଏବଂ ତତ୍‌ସହିତ ଆମର ଯତ୍‌କିଞ୍ଚିତ୍ ଅଂଶଗ୍ରହଣ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଜରିଆରେ ଗ୍ରାମାଞ୍ଚଳ କ୍ଷେତ୍ରର ଯୁବବର୍ଗଙ୍କ ମଧ୍ୟରେ ନିୟୋଜନ ପ୍ରକ୍ରିୟାକୁ ପ୍ରୋତ୍ସାହନ କରିବା ପାଇଁ ଏହି ୪ଜି ସାଚୁରେଶନ ପ୍ରୋଜେକ୍ଟ (ସଂତୃପ୍ତୀକରଣ ପ୍ରକଳ୍ପ) ବିଭିନ୍ନ ପ୍ରକାର ଇ-ଗଭର୍ନାନ୍ସ ସେବା, ବ୍ୟାଙ୍କିଙ୍ଗ୍ ସେବା, ଟେଲି ମେଡିସିନ ତଥା ଟେଲି ଶିକ୍ଷା ଭଳି ବିଭିନ୍ନ ସେବାକୁ ତ୍ୱରାନ୍ୱିତ କରିପାରିବ। ସେହିପରି ସ୍କିପର ଲିମିଟେଡ୍‌କୁ ୨୦୨୨ ଡିସେମ୍ବରରେ ବିଏସ୍‌ଏନ୍‌ଏଲ୍ ଭୂପୃଷ୍ଠ ସଂଲଗ୍ନ ଟେଲିକମ୍ ଟାୱାରର ଯୋଗାଣ ତଥା ଖନନ କାର୍ଯ୍ୟ,ସେବା ପ୍ରଦାନକାରୀ (ଏଲ୍‌ଏଏସ୍‌ପି) ଭାବେ ଚୟନ କରିଥିଲା। ଉଲ୍ଲେଖଯୋଗ୍ୟ,ସ୍କିପର ଲିମିଟେଡ୍ ହେଉଛି, ଶକ୍ତି ସଞ୍ଚାରଣ ଓ ବଣ୍ଟନ ସରଞ୍ଜାମ ତଥା ଯୋଗାଯୋଗ ଏବଂ ରେଳବାଇ ସରଞ୍ଜାମ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ନିର୍ମାଣ ପ୍ରତିଷ୍ଠାନ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରଞ୍ଜନ
ପରିବାରବର୍ଗ


ସମୀକ୍ଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା’

**ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ**

**ଯାଜପୁର, ୧୩।୧ (ହର୍ଷବର୍ଦ୍ଧନ ବେହେରା)**

ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା। ଯାଜପୁର ରୋଡ୍ ଯଯାତି କୋର୍ଟୟାର୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀର ଶନିବାର ଦ୍ୱିତୀୟ ଦିବସର ପେନାଲ ଆଲୋଚନାରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଥମ ଅଧିବେଶନରେ ଷ୍ଟ୍ରାଟେଜିକ୍ ସ୍ପେଶାଲିଷ୍ଟ ତାରା ପୁଲେ, ୱାର୍ଲ୍ଡ କ୍ରାଫ୍ଟ କାଉନସିଲରର ପ୍ରେସିଡେଣ୍ଟ ଜୁଡ୍ ଭେନ୍ ଡେର୍ ମେରୱେ, ଅର୍ବାନ ଡିଜାଇନର ଆଡାମ୍ ସ୍କଟ୍ ଓ ୟୁସିସିଏନ୍‌ର ଅଧ୍ୟକ୍ଷ ବିୟୁଙ୍ଗ ହୁ ଜଙ୍ଗ୍ ଭାଗନେଇ ଶିଳ୍ପ ଗଠନରେ ସୃଜନଶୀଳତାର ପ୍ରମୁଖ ଭୂମିକା ଉପରେ ଆଲୋଚନା କରିଛନ୍ତି। ପ୍ୟାନେଲିଷ୍ଟମାନେ ସୃଜନଶୀଳତା ଏବଂ ସହରୀ ସ୍ଥାଣୁତା ମଧ୍ୟରେ ସାଂସ୍କୃତିକ ପରିଚୟ ଏବଂ ଭବିଷ୍ୟତର କଳ୍ପନା ଦିଗରେ ମତପ୍ରକାଶ କରିଛନ୍ତି।



ଦ୍ୱିତୀୟ ଅଧିବେଶନରେ ପଥର ଶିଳ୍ପୀ ମହେଶ୍ୱର ଓଝା, ଗୋଲ୍‌ଡେନ୍ ଗ୍ରାସ୍ ଶିଳ୍ପୀ ଝରଣା ସାହୁ ଓ ଦୀପ୍ତିରାଣୀ ବେହେରା, ହସ୍ତତନ୍ତର ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରୀକାନ୍ତ ଦାସ, ଗୋଲ୍‌ଡେନ୍ ଗ୍ରାସ୍‌ର ପ୍ରଫୁଲ୍ଲ କୁମାର ମହାରଣା ଓ କ୍ରାଫ୍ଟ କନସଲଣ୍ଟାଣ୍ଟ କାବ୍ୟା ସକ୍ସେନା ଭାଗନେଇଛନ୍ତି। ଏହି ଅବସରରେ ହସ୍ତତନ୍ତ ଶିଳ୍ପୀ ଶ୍ରୀକାନ୍ତ କହିଛନ୍ତି, ସନ୍ତାନ ଯେତେବେଳେ ଜନ୍ମ ହୁଏ, ତାହାକୁ ଖାଦ୍ୟ ବଦଳରେ ପ୍ରଥମେ ବସ୍ତ୍ର ଯୋଗାଇ ଦିଆଯାଏ। ସେହିପରି ଜଣେ ବ୍ୟକ୍ତି ଅଫିସ ଯିବା ଆଗରୁ ବସ୍ତ୍ର ଖୋଜିଥାଏ। ତେଣୁ ସମାଜରେ ଖାଦ୍ୟ ଅପେକ୍ଷା ବସ୍ତ୍ର ପ୍ରଥମେ ନିହାତି ଦରକାର। ଏହି କ୍ରମରେ ହସ୍ତତନ୍ତ କାରିଗରମାନଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତଦନୁସାରେ ହସ୍ତତନ୍ତ କାରିଗରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ହୋଇପାରିବ ବୋଲି ସେ କହିଛନ୍ତି। ତୃତୀୟ ଅଧିବେଶନରେ ନାଇସ୍ ଅନୁଷ୍ଠାନର ସିଇଓ କାଞ୍ଚନ କେଭି, ତମଲାର ସହ-ପ୍ରତିଷ୍ଠାତା ବିନୟ ପ୍ରଶାନ୍ତ, ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିଃର ଚିଫ୍ ସପ୍ଲାଏ ଚେନ୍ ଅଫିସର ଆର. ସ୍ୱାମୀନାଥନ, କ୍ରାଫ୍ଟ ଭେନଚର ସିଇଓ କୁନାଳ ଆର୍. ସଚଦେବ ଓ ଇକ୍‌ତାରାର ଫାଉଣ୍ଡର ଅନିନ୍ଦିତା ଦାସ ଭାଗନେଇ କହିଛନ୍ତି ଯେ, ଯାହା ସାଂସ୍କୃତିକ ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଅର୍ଥନୀତିକୁ ମଧ୍ୟ ଜାଳେଣି ଯୋଗାଇଥାଏ, ସେହି ଶିଳ୍ପର ଭବିଷ୍ୟତ ବହୁ ଉଜ୍ଜ୍ୱଳ। ୪ର୍ଥ ଅଧିବେଶନରେ ସୁଇଡେନ୍‌ର ଡିଏଜି ହାର୍ଟମେନ୍, ଥାଇଲାଣ୍ଡର ଆଜିରପା ପ୍ରଡିଟ୍, ବିଶ୍ୱବ୍ୟାଙ୍କର ମାନସୀ ସଚଦେବ, କ୍ରିଏଟିଭ ନଲେଜ ଫାଉଣ୍ଡେଶନର ଜୋସେଫ ବାଗିନି ଓ ଜର୍ମାନୀର ଲିସା ନରୋକି ଭାଗନେଇ ହିତାଧିକାରୀଙ୍କ ଭୂମିକା ଏବଂ ୟୁନେସ୍କୋ କ୍ରିଏଟିଭ ସିଟି ନେଟ୍‌ୱର୍କ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ୫ମ ଅଧିବେଶନରେ କ୍ରାଫ୍ଟ କ୍ଲାଇମେଟ୍‌ର ସୁରୁଚି ଖୁବଚନ୍ଦାନୀ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମାର୍କେଟିଂ ଲିଡ୍ ତେଜସ୍ୱିନୀ ୟାଲୱାର, କାବ୍ୟା ସକ୍ସେନା ଓ ଗୁଜରାଟ ଆଦିବାସୀ ଏକାଡେମୀର ନିର୍ଦ୍ଦେଶକ ମଦନ ମୀନା ଉପସ୍ଥିତ ରହି ଭାରତୀୟ ଶିଳ୍ପ ଇକୋସିଷ୍ଟମ୍‌ର ସମ୍ଭାବନାକୁ ଆଲୋକିତ କରେ ବୋଲି ବକ୍ତବ୍ୟ ଦେଇଛନ୍ତି।

## ମାଟି ତଳୁ ବୃଦ୍ଧାଙ୍କ ମୃତଦେହ ଜବତ

**ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜଲା କିଶୋରନଗର ଥାନା ଘୋଷର ଗ୍ରାମର ପଙ୍କଜିନୀ ପ୍ରଧାନ(୭୫)ଙ୍କ ମୃତଦେହ ଶନିବାର କିଶୋରନଗର ପୋଲିସ ମାଟିତଳୁ ଜବତ କରିଛି। ଏ ନେଇ ନମ୍ବର ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।


**ସମୀକ୍ଷାର ଜନ୍ମଦିନ ଶୁଭେଚ୍ଛା**



“ବାପ ପରି ଝିଅ ବସେ ଦୋଳି
ମା’ ପରି ଝିଅ ବିକେ କୋଳି”
ମୋ ପରି ଝିଅ ତୁ। ସ୍ୱାମୀ, ପୁଅ ଓ ପରିବାର ସହିତ ସୁଖ, ଶାନ୍ତି ଓ ପ୍ରଗତି ତୋର ବର୍ତ୍ତମାନ ଓ ଭବିଷ୍ୟତରେ ପ୍ରତିଫଳିତ ହେବା ପାଇଁ ଜଗନ୍ନାଥଙ୍କୁ ଆମେ ସମସ୍ତେ ପ୍ରାର୍ଥନା କରୁଛୁ।
ଧ-୨୨୬୫


## କାଠଯୋଡ଼ିରେ ବୁଲୁଛି କୁମ୍ଭୀର

**ବାରଙ୍ଗ, ୧୩।୧ (ଲିଙ୍ଗରାଜ ରାଉତ):** କାଠଯୋଡ଼ି ନଦୀରେ ୧୦ ଫୁଟର ଏକ କୁମ୍ଭୀର ଶନିବାର ସକାଳେ ଦେଖିବାକୁ ମିଳିଛି। ନଦୀର ନରାଜ ବ୍ୟାରେଜ୍ ପାଖକୁ ସ୍ଥାନୀୟ ଗାଁର କେତେଜଣ ଯୁବକ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ କୁମ୍ଭୀର କୂଳରୁ ନଦୀ ଭିତରକୁ ଯାଉଥିବା ଦେଖିବାକୁ ପାଇଥିଲେ। ଫଳରେ ଯୁବକମାନେ ନ ଗାଧୋଇ ଭୟରେ ସେଠାରୁ ପଳାଇ ଆସିଥିଲେ। ଏହି ଖବର ପ୍ରଘଟ ହେବାପରେ ନରାଜ ଗ୍ରାମର ଲୋକ କୁମ୍ଭୀରକୁ ଦେଖିବାକୁ ବ୍ୟାରେଜ ପାଖକୁ ଯାଇ ଭିଡିଓ କରିଥିଲେ। କୁମ୍ଭୀରଟି କେଉଁଆଡୁ ଆସିଛି ତାହା ଜଣାପଡ଼ି ନାହିଁ। ଖବରପାଇ ଡମପଡ଼ା ବନ ବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।

## ଭିତରକନିକାରେ ବର୍ଷକରେ ବଢ଼ିଛନ୍ତି ୧୮ କୁମ୍ଭୀର

**କେନ୍ଦ୍ରାପଡ଼ା, ୧୩।୧ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଅଞ୍ଚଳରେ ବଉଳା କୁମ୍ଭୀର ଗଣନା ଶନିବାର ଶେଷ ହୋଇଛି। ୨୦୨୩ ଗଣନାରେ ୧୭୯୩ଟି କୁମ୍ଭୀର ଥିବା ବେଳେ ଚଳିତବର୍ଷ ଅଧିକ ୧୮ଟି ଗଣତି ପରିସରକୁ ଆସିଛି। ମୋଟ ୧୮୧୧ଟି କୁମ୍ଭୀର ମଧ୍ୟରୁ ୮ ଫୁଟ୍‌ରୁ ଅଧିକ ଲମ୍ବର ୩୪୮ଟି, ୬ରୁ ୬ ଫୁଟ୍ ମଧ୍ୟରେ ୧୬୭ଟି, ୩ରୁ ୬ ଫୁଟ୍ ମଧ୍ୟରେ ୩୨୭ଟି, ୨ରୁ ୩ ଫୁଟ୍ ମଧ୍ୟରେ ୩୮୭ଟି ଓ ୨ ଫୁଟ୍‌ରୁ କମ୍ ଲମ୍ବର ୫୮୨ଟି କୁମ୍ଭୀର ରହିଥିବା ଚଳିତବର୍ଷ ଗଣନା ଫଳାଫଳରୁ ସୂଚନା ମିଳିଛି। ଏହି ଗଣନା ପାଇଁ ଗତ ୫ ତାରିଖରୁ ଶନିବାର ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରହିଥିଲା। ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ଗଣନା କାର୍ଯ୍ୟରେ ୨୨ ଟିମ୍ ସାମିଲ ହୋଇଥିଲେ। ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସଂରକ୍ଷିତ ଅଞ୍ଚଳ, ମହାନଦୀ ଅବବାହିକା ଓ ଆଖପାଖ ନଦୀ ନାଳକୁ ୫୧ଟି ଭାଗରେ ବିଭକ୍ତ କରାଯାଇ କୁମ୍ଭୀର ଗଣନା ହୋଇଥିଲା। ଛୋଟ କୁମ୍ଭୀର ଗତବର୍ଷଠାରୁ ଚଳିତବର୍ଷ ଅଧିକ ରହିଛନ୍ତି।


ଭିତରକନିକାରେ ବଉଳା କୁମ୍ଭୀର


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in C.S.S.D TECHNIQUES (Hospital Sterilization Technology) Eligibility : +3 Science | Duration : 1 Year

Advance Diploma in OPERATION THEATRE TECHNOLOGY (OT Techniques) Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949

## BRIDE WANTED

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

## GROOM WANTED

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Beautiful Khandayat Girls 1991, 5’2” Serving OAS/1994 5’2” Serving OJS “SUNASANSAR”. 9937512659, 8249969649. D-75295


REAL ESTATE

**SALE**

2BHK and 3BHK flat on prime location at Chakeisihani @75 and 85lakhs. 7008711445, 6372801963. D-2250

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30’ ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

4800sqft. ଘରବାରି କୁରୁମପଡ଼ା ଡାପଙ୍ଗ ରେଳ ଷ୍ଟେସନରୁ 3K.M. Rs.-270/-, 9437282937, 8260968367. D-2244

**2600sqft. Gharabari yellow zone plot sale at Uttara Chhak, Infront of CIFA, Price 2300/- per sqft. Bank Finance available. 9438220432/ 8144658008.** D-2249

3900sqft. land with 5000sqft. construction 3 Storeyed building for sale near AMRI Hospital, Bhubaneswar. Price- 3Crore. no mediator please. Contact No.- 7377777979. D-2255




Spa Kerala body Massage best Therapist @699/- Bhubaneswar. kajal-9337672475. D-2252

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits with expert therapist. 9938843929. D-75184

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 999 Bapujinagar. 8018429809. D-75189


FOR RENT

**3BR Apartment in Kharvela Nagar, Unit-3, Bhubaneswar. Senior Officers from Central & State Govt./Public Sector/Multinational Companies and Banks may contact: 9861447371 (Between 10.30AM- 5.30PM).** D-75510


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272

## LOST

I Sujay Kumar Giri, Father Late Gouri Shankar Giri, At- Aruha, P.O-Salikotha, Jaleswar, Balasore, declare that Khata No-173/82, Dalil No-1815 Named on Managobinda Biswal, Mouza- Dharastak, Nayabazar, Jaleswar the Dalil was missing on dt. 08.01.24 while I travel from Nayabazar to Station bazar. So If anyone found kindly contact to Advocate Bimal Sen. Mob. No-7978375542. D-2267

## AFFIDAVIT

I, Akshyaya Kumar Pradhan, S/o- Durga Charan Pradhan, At- Kathakhunta, P.O.- Kokalaba, Via- Narasinghpur, Dist.- Cuttack, PIN- 754032 I was Service in Defence and Retired. My Service document has mentioned Nivedita Pradhan and her Date of Birth is 18.11.1974. But her original Date of Birth is 24.06.1972 and name is Nibedita Pradhan, her Aadhaar No. is- xxxxxxxx2991. D-2257

By virtue of an affidavit sworn before the Notary Public, Sonepur, dated 12.01.24, I, Shibanee Urma, W/o-Himanshu Barik, Village-Luhurapali, P.O.- Rengali, P.S.- Dunguripali, Dist.- Subarnapur, Odisha declare that I have changed my surname from Shibanee Barik to Shibanee Urma. Henceforth, I shall be known as Shibanee Urma for all purposes. D-2262

My parental surname is Swarnalata Sahu and consequent upon my marriage with Sukanta Kumar Padhi, my surname was changed from Swarnalata Sahu to Swarnalata Padhi, W/o- Late Sukanta Kumar Padhi, Goutam Nagar, 1st lane, PO/ Dist.- Rayagada. I executed this declaration as an affidavit before the Executive Magistrate, Rayagada vide DR No.597 dated 08.12.2023 for all purposes. D-2266

By virtue of an affidavit sworn before the Notary, Titilagarh, I, Snigdha Somya Meher, D/o- Santosh Meher, At/P.O/P.S.-Titilagarh, Dist.- Bolangir, Odisha, PIN- 767033 declare that by this affidavit No.- 1381 dt. 09.12.2023 now onwards I shall be known as Snigdha Somya Rani Meher for all future purposes. D-2269

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**✓ବିକ୍ରମ ପରିଡ଼ା**
ମାଧବ, ନିଆଳି
ଆବିର୍ଭାବ- ୨୯।୧୧।୧୯୪୫
ତିରୋଧାନ- ୩୦।୧୨।୨୦୧୯
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟିକରି ଦେଇଛି। ଆଜି ମଧ୍ୟ ଲାଗୁଛି କି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ । ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ: ଲକି, ନାତି: ରିଙ୍କୁ, ଲିକୁ, ଗୁଡୁ, କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୬୮

**ଏକାଦଶ ଶ୍ରାଦ୍ଧ ବାର୍ଷିକୀ**



**✓ଶ୍ରୀମତୀ ମମତା ଦାଶ/ରଥ**
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୬୩
ତିରୋଧାନ:୧୬.୦୧.୨୦୧୩
ତୁମକୁ ଚିଠି-ତା୮.୮.୧୯୮୮
ଚିଠିର ଶୂନ୍ୟତାକୁ ଭରିଦିଅ
ତୁମ ହୃଦୟ ଭାଷାରେ
ମନକୁ ଭିଜାଇ ଦିଅ
ସ୍ନିଗ୍ଧ ବସନ୍ତରେ (ମମତା)
ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ
ପୁତ୍ର-ଡଃ ଅନିରୁଦ୍ଧ, ବୋହୁ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯଶ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ
ଧ-୭୫୪୧୬

**ଏକାଦଶାହ ଉପଲକ୍ଷେ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ବସନ୍ତ କୁମାରୀ ଦାସ**
ଆବିର୍ଭାବ : ୨୦/୧୦/୧୯୩୩
ତିରୋଧାନ : ୦୪/୦୧/୨୦୨୪
ସ୍ୱାମୀ ✓କ୍ଷେତ୍ରମୋହନ ଦାସ
ଚାଷୀଖଣ୍ଡ, ବାଇଶିମୌଜା, ଜଗତସିଂହପୁର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ :- ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୭୧୫୭୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ସରସ୍ୱତୀ ମହାନ୍ତି**
ସ୍ୱାମୀ: ✓କୃଷ୍ଣଚନ୍ଦ୍ର ମହାନ୍ତି
ଜଗଦା, ରାଉରକେଲା
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୦୪।୦୧।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ, କୁଟୁମ୍ବ ଓ ବନ୍ଧୁ ପ୍ରିୟଜନ ।
ଧ-୨୨୪୭

# ଭାଜପାରେ ୩ ଗୋଷ୍ଠୀ

## ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ



ନିମାପଡ଼ା, ୧୩।୧
(ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଯଦି ଭାଜପା କଥା ଦେଖାଯାଏ, ଏଠାରେ ତିନି ଗୋଷ୍ଠୀ ସକ୍ରିୟ ଥିବା ଦୃଷ୍ଟିଗୋଚର ହେଉଛି। ଦଳର ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ ନାୟକଙ୍କ ସମର୍ଥକମାନେ ନିଜ ନେତାଙ୍କ ଟିକେଟ ପାଇବା ନେଇ ଆଶାବାଦୀ ଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ନିର୍ବାଚନମଣ୍ଡଳୀରୁ ଲଢ଼ିବା ସକାଶେ ତାଙ୍କ ସମର୍ଥକମାନେ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରଭାତୀ ଓ ଦିଲୀପ ନିର୍ବାଚନ ମଣ୍ଡଳୀରେ ସମାନ୍ତରାଳ ସଙ୍ଗଠନ ଚଳାଇ ରଖିଛନ୍ତି। ସେମାନଙ୍କ ରାଜନୈତିକ କ୍ୟାରିୟରକୁ ଦେଖିଲେ, ପ୍ରଭାତୀ ୨୦୦୯ରେ ନିମାପଡ଼ାରୁ ପ୍ରଥମଥର ପାଇଁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୬,୮୨୦ ଖଣ୍ଡ ଭୋଟ ପାଇଥିଲେ। ପରେ ୨୦୧୪ ଓ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଯଥାକ୍ରମେ ୫୭,୩୨୦ ଏବଂ ୫୯,୧୫୨ ଭୋଟ ପାଇ ୨ୟ ସ୍ଥାନରେ ରହିଥିଲେ। ହେଲେ ଦିଲୀପ ନାୟକ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଏହା ପରେ ସେ କଂଗ୍ରେସ ଛାଡ଼ି ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିଲେ। ଏବେ ପ୍ରଭାତୀ ଓ ଦିଲୀପଙ୍କ ସହିତ ଆହୁରି ୩ ଜଣଙ୍କ ନାମ ଆଲୋଚନାକୁ ଆସିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ସେମାନେ ହେଉଛନ୍ତି ପ୍ରଭାତୀଙ୍କ ସ୍ୱାମୀ ଇଂ ଶ୍ୟାମସୁନ୍ଦର ନାୟକ, ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଶ୍ୟାମସୁନ୍ଦର ଚାକିରିରୁ ଅବସର ନେବାପରେ ବର୍ତ୍ତମାନ ଦଳୀୟ କାର୍ଯ୍ୟକ୍ରମରେ ନିଜକୁ ପୂର୍ଣ୍ଣମାତ୍ରାରେ ସାମିଲ କରିଛନ୍ତି। ସରପଞ୍ଚ ଦେବାଶିଷ ନିର୍ବାଚନମଣ୍ଡଳୀ ବୁଲିବା ସହିତ ଦଳୀୟ କର୍ମୀ ମହଲରେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ରେ ଲାଗିପଡ଼ିଛନ୍ତି । ଆଗକୁ ଯଦି ଦଳରେ ଏଭଳି ସ୍ଥିତି ଲାଗି ରହେ, ତେବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦଳ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଅପରାଜିତାଙ୍କ ଶାଶୁଘର ପଡ଼ୋଶୀ କାକଟପୁର । ମନେପଡ଼େ ତାଙ୍କ କୋଣାର୍କ ଗସ୍ତ ସମୟରେ ନିମାପଡ଼ା ଭାଜପାର ବାରଣ ସତ୍ତ୍ୱେ ଦଳର ଅନେକ ମହିଳା, ଯୁବ ଏବଂ ଛାତ୍ର ସଙ୍ଗଠନ କର୍ମକର୍ତ୍ତା ତାଙ୍କ ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ। ଦଳ ମଧ୍ୟରେ ଚାଲିଥିବା ବିଶୃଙ୍ଖଳାକୁ ଦେଖି ଏଠାରୁ ଅପରାଜିତାଙ୍କୁ ପ୍ରାର୍ଥୀ କରିବା ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ବିଶ୍ୱାସ, ଅପରାଜିତା ନିମାପଡ଼ାରେ ବିଜେଡିକୁ ଭଲ ଭାବେ ଟକ୍କର ଦେଇପାରିବେ । ତେବେ ରାଜନୈତିକ ବାତାବରଣକୁ ଅନିଶା କଲେ ଅପରାଜିତା ଭୁବନେଶ୍ୱରରୁ ପୁନଶ୍ଚ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହେବାର ଆଶା ରଖିଥିବା ତାଙ୍କର ଏବର କାର୍ଯ୍ୟକ୍ରମକୁ ଦେଖିଲେ ବୁଝାପଡୁଛି।

ପ୍ରଭାତୀ ପରିଡ଼ା ଗତ ଦୁଇଟି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ଶାସକ ବିଜେଡିକୁ ମୁକାବିଲା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଅନେକ ସମୟରେ ବିଜେଡି ଶାସନ ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ଆସିଥିବାରୁ ବ୍ଲକ ଓ ତହସିଲ ସମ୍ମୁଖରେ ପ୍ରଭାତୀଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ଏବଂ ଧାରଣା ଭାଜପା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି । ୧୧ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ବିଜେଡି ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ନେଇ ସେତେବେଳେ ରାଜ୍ୟ ରାଜନୀତି ଉଠିଥିଲା ପଡ଼ିଥିଲା। ସେହି ସମୟରେ ନିମାପଡ଼ାରେ ବିଜେଡିକୁ ହରଡ଼ଘଣାରେ ପକାଇବାରେ ପ୍ରଭାତୀ ସଫଳ ହୋଇଥିଲେ। ଅନ୍ୟପକ୍ଷରେ ଦିଲୀପ ପଛରେ ପଡ଼ିଯାଇଥିଲେ। ଦୁର୍ବଳ ରଣକୌଶଳ ଓ ସମନ୍ୱୟ ଅଭାବ ଯୋଗୁ ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦିଲୀପ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ ବୋଲି ନିର୍ବାଚନମଣ୍ଡଳୀରେ ଟୁପୁରଟାପର ଚାଲିଛି। ତଥାପି ଦିଲୀପ ଆଶାବାଦୀ ଅଛନ୍ତି ।

କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ପାସ୍ କରିଥିବାରୁ ଅନେକେ ଆଶା କରୁଛନ୍ତି ଭାଜପା ପୂର୍ବାପେକ୍ଷା ମହିଳାଙ୍କୁ ଅଧିକ ଆସନ ଦେଇପାରେ। ସେହି ଦୃଷ୍ଟିକୋଣରୁ ଦେଖିଲେ ନିମାପଡ଼ାରେ ମହିଳା ପ୍ରାର୍ଥୀ ଅଗ୍ରାଧିକାର ପାଇଲେ ପ୍ରଭାତୀ ଭାରି ପଡ଼ିପାରନ୍ତି। ଅନ୍ୟପଟରେ ଗତମାସରେ ନିମାପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ । ଏହା ଶେଷ ହେବା ପରେ ନିମାପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ କୋର୍ କମିଟି ବୈଠକ ହେବାରଥିଲା । ଶେଷ ମୁହୂର୍ତ୍ତରେ ସାମଲ ସମୟ ନାହିଁ କହି ତାହାକୁ ବାତିଲ କରିଦେଇଥିଲେ। ହେଲେ ସଭାସ୍ଥଳରୁ ସେ ସିଧା ପ୍ରଭାତୀଙ୍କ ବାସଭବନକୁ ଯାଇ ୨ଘଣ୍ଟା ଆଲୋଚନା କରିବା ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ନିମାପଡ଼ାରେ କାହାକୁ ଦଳୀୟ ଟିକେଟ ମିଳିବ ସେ ନେଇ ପଚରାଯିବାରୁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ତାହା ନିର୍ଭର କରିବ ଏବଂ ଏଠାରେ ଦଳ ଏକଜୁଟ ହୋଇ କାର୍ଯ୍ୟ କରୁଛି ବୋଲି ସାମଲ କହିଥିଲେ। ଏସବୁକୁ ଦେଖିଲେ ନିମାପଡ଼ାରେ ଭାଜପା କାହାମୁଣ୍ଡରେ 'ଶିରପା' ବାନ୍ଧୁଛି ତାହାକୁ ଅପେକ୍ଷା।

# ଭୋଟରଙ୍କୁ ଆକୃଷ୍ଟ ଲାଗି କଲ୍ ସେଣ୍ଟର

ରାୟଗଡ଼ା, ୧୩।୧ (ଆଶିଷ ରଞ୍ଜନ ପଣ୍ଡା)

## ଜନତାଙ୍କ ମତାମତ ନେଇ ପ୍ରାର୍ଥୀ ଚୟନ ପ୍ରୟାସ

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଡିଜିଟାଲ ମିଡିଆ ସମେତ କଲ୍ ସେଣ୍ଟର ବ୍ୟବହାର କରୁଥିବା ସାଧାରଣରେ ଆଲୋଚନା ଜୋର ଧରିଛି । ନିଜ ଦଳର ପ୍ରଚାରପ୍ରସାର ପାଇଁ ରାଜନୈତିକ ଦଳଗୁଡ଼ିକ କଲ୍ ସେଣ୍ଟର ପଦ୍ଧତିକୁ ଆପଣାଇଛନ୍ତି। ଭାଜପାର ରାଜ୍ୟ ଓ ଜିଲା କାର୍ଯ୍ୟାଳୟରୁ କଲ୍ ସେଣ୍ଟରଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ ବିଜେଡିର ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । କଂଗ୍ରେସ ଅଭିନବ ପଦକ୍ଷେପ ନେଇ ଏହାକୁ ତ୍ୱରାନ୍ୱିତ କରିବାକୁ ଯୋଜନା କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାୟଗଡ଼ା ଭାଜପା ଜିଲା କାର୍ଯ୍ୟାଳୟରେ ରହିଛି ଏକ କଲ୍ ସେଣ୍ଟର । ଏଥିରେ ନିଯୁକ୍ତି ପାଇଥିବା ଯୁବତୀଯୁବକ ଦଳର ବିଭିନ୍ନ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିବା ସହ ଏହାକୁ ଭାଇରାଲ କରୁଛନ୍ତି। କଲ୍ ସେଣ୍ଟରକୁ ମାଧ୍ୟମ କରି ଭାଜପା ଜନସାଧାରଣଙ୍କ ନିକଟତର ହେଉଛି। ଏଥିସହ କଲ୍ ସେଣ୍ଟରରୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ନିକଟକୁ ଯାଉଛି ଫୋନ୍ କଲ୍ । ସେମାନେ ଉକ୍ତ ଯୋଜନାଗୁଡ଼ିକର ଲାଭ ଠିକ୍ ସମୟରେ ପାଇଛନ୍ତି ନା ନାହିଁ ଏବଂ ଏଥିରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ଆଦି ପଚରା ଯାଉଥିବା ଶୁଣିବାକୁ ମିଳିଛି । ଏଥିସହିତ ଆଗାମୀ ନିର୍ବାଚନରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାରେ କେଉଁ ଦଳକୁ ଭୋଟ ଦେବା ପାଇଁ ଜନସାଧାରଣ ଇଚ୍ଛୁକ ସେ ନେଇ ମଧ୍ୟ ଜନତାଙ୍କ ମତାମତ ନିଆଯାଉଛି ବୋଲି ଫୋନ୍ ପାଇଥିବା କେତେ ଜଣ ହିତାଧିକାରୀ କହିଛନ୍ତି। ସେହିପରି ବିଜେଡି କଲ୍ ସେଣ୍ଟରରୁ ଜନସାଧାରଣଙ୍କୁ ଯୋଗାଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ବିଷମ କଟକ ନିର୍ବାଚନମଣ୍ଡଳୀର ଅନିଲ କୁମାର ଜାଡ଼ି କହିଛନ୍ତି, ତାଙ୍କୁ ଆସିଥିବା ଫୋନ୍‌ରେ ସେ ବିଧାନସଭା ନିର୍ବାଚନରେ ବିଜେଡିର ଜଗନ୍ନାଥ ସାରକା, ଭାଜପାର ଶିବଶଙ୍କର ଉଲାକା, କଂଗ୍ରେସର ନୀଳମାଧବ ହିକ୍କା ନା ନୀଳମାଧବ ଉଲାକାଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ପଚରାଯାଇଥିଲା। ସେହିପରି ରାୟଗଡ଼ାରେ ନୀହାର ରଞ୍ଜନ ପଣ୍ଡାଙ୍କୁ ପଚରାଯାଇଥିଲା ସେ କାହାକୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ଏବଂ ଓଡ଼ିଶାରେ କେଉଁ ରାଜନୈତିକ ଦଳ ଶାସନକୁ ଆସିଲେ ଭଲ ହେବ ବୋଲି ଭାବୁଛନ୍ତି ? କୋରାପୁଟରେ କଂଗ୍ରେସର ସପ୍ତଗିରି ଉଲାକା, ଝିନ୍ନ ହିକ୍କା ଓ କୌଶଲ୍ୟା ହିକ୍କାଙ୍କ ମଧ୍ୟରୁ ପସନ୍ଦ ଲାଗି କୁହାଗଲେ କାହାକୁ ବାଛିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମିଳିଛି କି ନାହିଁ ଏବଂ ଆଗାମୀ ନିର୍ବାଚନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଜନତା କାହାକୁ ଚାହୁଁଛନ୍ତି ବୋଲି କଲ୍ ସେଣ୍ଟରଗୁଡ଼ିକରୁ ଫୋନ୍ ଆସୁଥିବା ଶୁଣିବାକୁ ମିଳୁଛି । ସେହିଭଳି ୨୦୧୯ ନିର୍ବାଚନରେ କାହାକୁ ଭୋଟ ଦେଇଥିଲେ ଏବଂ ଆଗାମୀ ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ମଧ୍ୟ ପଚରାଯାଇଥିବା କେତେଜଣ ସୂଚନା ଦେଇଛନ୍ତି ।

ସେପଟେ ଜାନୁଆରୀ ୬ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସର ନୂତନ ପ୍ରଭାରୀ ଅଜୟ କୁମାର କର୍ମୀଙ୍କୁ ସମ୍ବୋଧିତ କରି ସମ୍ମିଳନୀରେ କହିଥିଲେ, ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବା ପାଇଁ ବୁଥ୍‌ସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବା ସହିତ ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ବାଧ୍ୟତାମୂଳକ କରାଯାଇଛି । ଏହି ତଥ୍ୟ ମିଳିବା ପରେ କଲ୍ ସେଣ୍ଟରରୁ ସେମାନଙ୍କୁ ଫୋନ୍‌ରେ ସମ୍ପର୍କ କରାଯାଇ ସତ୍ୟାସତ୍ୟ ଅନୁସନ୍ଧାନ ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ପାଇଁ ମତାମତ ସଂଗ୍ରହ କରାଯିବ ବୋଲି ଅଜୟ କୁମାର କର୍ମୀଙ୍କୁ କହିଥିଲେ।

ମୋଟାମୋଟି କହିଲେ ସ୍ଥାନୀୟ ଅଞ୍ଚଳର ଜନତାଙ୍କ ମତାମତ ନେଇ ଦଳ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରୟାସ କରୁଥିବା ଆଲୋଚନା ହେଉଛି।

# ରାଜ୍ୟ ପ୍ରଭାରୀଙ୍କୁ ଭେଟିଲେ ଗିରିଧରଙ୍କ ପରିବାର

## ରାୟଗଡ଼ା କଂଗ୍ରେସ ରାଜନୀତି ଚଳଚଞ୍ଚଳ

### ବିଜୟଙ୍କ ପାଇଁ କଣ୍ଟା ହୋଇପାରନ୍ତି ଗମାଙ୍ଗ

ଗୁଣପୁର, ୧୩।୧
(ପ୍ରଦୀପ କୁମାର ପାଢ଼ୀ)



ନୂଆଦିଲ୍ଲୀରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ସହ ଡ.ଗିରିଧରଙ୍କ ପରିବାର ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପରିବାର ଏବେ କଂଗ୍ରେସ ଶରଣରେ ପଶିଲା ଭଳି ସ୍ଥିତିରେ । ଗିରିଧରଙ୍କ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ହେମା ଗମାଙ୍ଗ ଏବଂ ତାଙ୍କ ପୁଅ ଶିଶିର ଗମାଙ୍ଗ ଶନିବାର ନୂଆଦିଲ୍ଲୀଠାରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟିଛନ୍ତି। ଏହି ଘଟଣା ରାୟଗଡ଼ା କଂଗ୍ରେସ ରାଜନୀତିକୁ ଚଳଚଞ୍ଚଳ କରିଛି। ଗିରିଧରଙ୍କ ପରିବାର କଂଗ୍ରେସରେ ମିଶିବା ପଥ ସୁଗମ ହେଉଥିବାବେଳେ ଜିଲା ସଭାପତି ତଥା ଗିରିଧରଙ୍କ ଭାଇ ବିଜୟ ଗମାଙ୍ଗଙ୍କ ପାଇଁ ସେମାନେ କଣ୍ଟା ସାଜିପାରନ୍ତି ବୋଲି ଆଲୋଚନା ହେଉଛି।

ଗିରିଧର ଗମାଙ୍ଗ କଂଗ୍ରେସ ଛାଡ଼ି ଭାଜପାରେ ମିଶିବା ଓ ପରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ପୁଣି ତାଙ୍କ ପୁରୁଣା ଦଳକୁ ଫେରିବା ପାଇଁ ମନ ବଳାଇଛନ୍ତି। ସେହିପରି ତାଙ୍କ ସ୍ତ୍ରୀ କଂଗ୍ରେସ ଛାଡ଼ିବା ପରେ ବିଜେଡିରେ ସାମିଲ ହୋଇ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପରେ ବରିଷ୍ଠ ନେତାଙ୍କ ବିରୋଧରେ ବିଷୋଦ୍‌ଗାର କରି ବିଜେଡି ଛାଡ଼ିବା ସହ ଭାଜପାକୁ ସମର୍ଥନ ଜଣାଇଥିଲେ। ଶେଷରେ ସେ ମଧ୍ୟ ବିଆର୍‌ଏସ୍ ଏବଂ ବର୍ତ୍ତମାନ କଂଗ୍ରେସରେ ସାମିଲ ହେବା ପାଇଁ ଲାଗିପଡ଼ିଛନ୍ତି। ସେହିଭଳି ତାଙ୍କ ପୁଅ ଶିଶିର ଗମାଙ୍ଗ କଂଗ୍ରେସ ଛାଡ଼ିବା ପରେ ଭାଜପାର ରାଜ୍ୟ ସମ୍ପାଦକ ହୋଇଥିଲେ। ପରେ ସେ ୨୦୧୯ରେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଭାଜପାରେ ମଧ୍ୟ ସେ ବେଶି ଦିନ ତିଷ୍ଠି ପାରି ନ ଥିଲେ। ଶିଶିର ବିଆର୍‌ଏସ୍‌ରେ ମିଶିଥିଲେ । ଏବେ ସେହି ଦଳ ସହ ମୋହ ତୁଟାଇ ପୁଣି ଥରେ କଂଗ୍ରେସକୁ ଆପଣେଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ଗତ ୭ ତାରିଖରେ ହେମା ଗମାଙ୍ଗ ଏବଂ ତାଙ୍କ ପରିବାର କଂଗ୍ରେସରେ ସାମିଲ ହେବା ନେଇ ଚର୍ଚ୍ଚା ଚାଲିଥିଲ। ହେଲେ ସେମିତି କିଛି ହୋଇପାରି ନ ଥିଲା।

କିଛିଦିନର ନୀରବତା ପରେ ପୁଣି ଥରେ ଗମାଙ୍ଗ ପରିବାର ସକ୍ରିୟ ହୋଇଉଠିବା ଜିଲା ରାଜନୀତିକୁ ସରଗରମ କରିଛି। ସବୁ ଠିକ୍‌ଠାକ୍ ଘଟି ଯଦି ଗିରିଧରଙ୍କ ପରିବାର କଂଗ୍ରେସରେ ସାମିଲ ହୁଅନ୍ତି, ତେବେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ଚିନ୍ତା ଆହୁରି ବଢ଼ିଯିବ। ସେମାନଙ୍କ ମିଶ୍ରଣ ବିଜୟଙ୍କ ପାଇଁ କଣ୍ଟା ହୋଇପାରେ ବୋଲି ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ରାଜନୈତିକ ଘଟଣାକ୍ରମ ମଧ୍ୟରେ ସେମାନେ ଯଦି ଦଳରେ ସାମିଲ ହୁଅନ୍ତି ତେବେ ଦଳ ନ ଛାଡ଼ି କଂଗ୍ରେସରେ ରହି କାର୍ଯ୍ୟ କରୁଥିବା ବିଜୟଙ୍କ ସ୍ଥିତି କ'ଣ ହେବ ସେ ନେଇ ଆଲୋଚନା ହେଲାଣି। ବିଜୟଙ୍କ ଭବିଷ୍ୟତ ଓ ରଣନୀତି କ'ଣ ରହୁଛି ତାହା ଏବେ ଦେଖିବାକୁ ବାକି ରହିଲା। ଏନେଇ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ସହ ଯୋଗାଯୋଗ କରାଯିବାରୁ ଗିରିଧରଙ୍କ ପରିବାର ଦଳରେ ମିଶିବା ଖବର ତାଙ୍କ ନିକଟରେ ନାହିଁ, କିମ୍ବା ଆନୁଷ୍ଠାନିକ ଭାବେ କିଛି ଜଣାପଡ଼ି ନାହିଁ। ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରତିକ୍ରିୟା ଦେବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି।

# ଭତ୍ତା ବଣ୍ଟନ ବେଳେ ଉତ୍ତେଜନା

ଯୋଡ଼ା, ୧୩।୧ (ମାନସ ମହାନ୍ତି)

## ନିର୍ବାଚନ ପୂର୍ବରୁ ପତିଆରା ଜାହିର ଉଦ୍ୟମ

କେନ୍ଦୁଝର ଜିଲା ବାମେବାରି ଅଞ୍ଚଳରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହେଲାଣି। ଅଞ୍ଚଳରେ ପୂର୍ବରୁ ନିଜସ୍ୱ ନାମରେ ଭତ୍ତା ବାଣ୍ଟି ରାଜ୍ୟରେ ଚର୍ଚ୍ଚାରେ ଥିବା ଜଣେ ପୂର୍ବତନ ବିଧାୟକ ପୁନଃ ଭତ୍ତା ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଶନିବାର ହାଣ୍ଡିଭଙ୍ଗା, ଜାମୁପାଣି ଅଞ୍ଚଳରେ ସମ୍ପୃକ୍ତ ରାଜନେତା ଭତ୍ତା ବଣ୍ଟନ କରି ପତିଆର ଜାହିର କରିବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଜଣେ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ସମ୍ପୃକ୍ତ ଅଞ୍ଚଳରେ ନିଜସ୍ୱ ଭତ୍ତା ବାଣ୍ଟୁଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ବଣ୍ଟନ ପରେ ଟଙ୍କା ସରିଯାଇଥିଲା। ଏହି ସମୟରେ ଟଙ୍କା ପାଇ ନ ଥିବା ଲୋକେ ଭତ୍ତା ଟଙ୍କା ଦେବାକୁ ଦାବି କରିଥିଲେ। ଫଳରେ ଭତ୍ତା ବାଣ୍ଟୁଥିବା ପୂର୍ବତନ ବିଧାୟକଙ୍କ ସମର୍ଥକ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଭତ୍ତା ପାଇଥିବା ଲୋକ ଏବଂ ଭତ୍ତା ପାଇ ନ ଥିବା ଲୋକଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ନିର୍ବାଚନ ଆଗରୁ ଭତ୍ତା ବଣ୍ଟନ ଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ହିଂସାତ୍ମକ ସ୍ଥିତି ଉପୁଜିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ବାମେବାରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ସାହୁ କହିଛନ୍ତି, ଘଟଣାଟି ଦୁର୍ଗମ ଅଞ୍ଚଳରେ ଘଟିଛି, ଉକ୍ତ ଅଞ୍ଚଳ ସହିତ ଯୋଗାଯୋଗ ପାଇଁ ଚେଷ୍ଟା ଚାଲିଛି। ପରବର୍ତ୍ତୀ ସମୟରେ ଏଥିପ୍ରତି ନଜର ରଖିବେ।

# ବିଜେଡିରେ ଭାଜପା ନେତା



ସୁନ୍ଦରଗଡ଼ର ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ନିଜ ସମର୍ଥକଙ୍କ ସହ ଶନିବାର ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ବିଜେଡିରେ ସାମିଲ ହୋଇଛନ୍ତି।

ସୁନ୍ଦରଗଡ, ୧୩।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଯୁବନେତା, ପୂର୍ବତନ କାଉନସିଲର ତଥା ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ଶନିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ସ୍ଥିତ ଶଙ୍ଖ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓ ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ତାଙ୍କ ସମର୍ଥକ ପୂର୍ବତନ ଜିଲା ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ବୈକୁଣ୍ଠ ବନଛୋର, ମହେଶ ତନ୍ତୀ, ଅବନୀ ମିଶ୍ର, ନାଜିର ଅଲି ଶେଖ୍, ମହମ୍ମଦ ଆୟୁବ ପ୍ରମୁଖ ଶଙ୍ଖ ଧରିଛନ୍ତି। ସୁନ୍ଦରଗଡ ସହର ଓ ବିଭିନ୍ନ ବ୍ଲକରେ ଥିବା ସମସ୍ୟାର ସମାଧାନ ପାଇଁ ଲଢ଼େଇ କରି ଆସୁଥିବା ଏହି ଟିମ୍ ବିଜେଡିରେ ସାମିଲ ହେବାପରେ ଦଳ ଆହୁରି ଦୃଢ ହେବ ବୋଲି ପୂର୍ବତନ ବିଧାୟକ ଯୋଗେଶ ଆଶା ପ୍ରକଟ କରିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ

# କଶ୍ମୀରରେ ଆତଙ୍କବାଦ ବଢ଼ାଇବାକୁ ପାକ୍‌ର ଯୋଜନା

ନୂଆଦିଲ୍ଲୀ, ୧୩।୧



## ଅପରେଶନ 'ସର୍ବଶକ୍ତି' ଆରମ୍ଭ କଲା ସେନା

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ାଇବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଥିବାବେଳେ ଏହାକୁ ରୋକିବା ଲାଗି ଭାରତୀୟ ସେନା ଅପରେଶନ 'ସର୍ବଶକ୍ତି' ଆରମ୍ଭ କରିଛି। ଏହି ଅଭିଯାନରେ ସେନା ପିର୍ ପଞ୍ଜାଲ ପର୍ବତମାଳାର ଉଭୟ ପାର୍ଶ୍ୱରେ ରହିଥିବା ଆତଙ୍କବାଦୀଙ୍କୁ ଟାର୍ଗେଟ କରିବ। ପାକିସ୍ତାନୀ ପ୍ରକ୍ସି ଆତଙ୍କବାଦୀ ଗୋଷ୍ଠୀ ପିର୍ ପଞ୍ଜାଲର ଦକ୍ଷିଣ ପାର୍ଶ୍ୱ ବିଶେଷ କରି ରାଜୌରୀ ପୁଞ୍ଛ ସେକ୍ଟରରେ ଆତଙ୍କବାଦ ବଢ଼ାଇବାକୁ ଉଦ୍ୟମ କରୁଛି। ଗତ କିଛି ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାୟ ୨୦ ଜଣ ଯବାନଙ୍କ ଜୀବନ ଗଲାଣି। ଗତ ମାସ ୨୧ରେ ଡେରା କି ଗଲି ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୪ ଯବାନ ଶହୀଦ ହୋଇଥିଲେ। ପାକିସ୍ତାନର ଆତଙ୍କବାଦ ଯୋଜନାକୁ ପଣ୍ଡ କରିବା ପାଇଁ ଜମ୍ମୁ-କଶ୍ମୀର ପୋଲିସ, ସିଆର୍‌ପିଏଫ୍, ସ୍ପେଶାଲ ଅପରେଶନ ଗ୍ରୁପ୍ ଓ ଗୋଇନ୍ଦା ସଂସ୍ଥା ଏକାଠି କାମ କରୁଛନ୍ତି।

# କଲମ୍ବିଆରେ ଭୂସ୍ଖଳନ: ୩୩ ମୃତ

ବୋଗୋଟା, ୧୩।୧

କଲମ୍ବିଆର ଉତ୍ତରପଶ୍ଚିମ ଭାଗରେ ଥିବା ଚୋକୋରେ ଭୂସ୍ଖଳନ ଘଟି ୩୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛୋଟପିଲା ବୋଲି ଦେଶର ଉପରାଷ୍ଟ୍ରପତି ଫ୍ରାନ୍ସିଆ ମର୍କୁଜ୍ ସୂଚନା ଦେଇଛନ୍ତି। ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ଲଗାଣ ବର୍ଷା ପରେ ଭୂସ୍ଖଳନ ହୋଇଥିଲା। ଫଳରେ ମେଡେଲିନ୍ ଏବଂ କ୍ୱିବ୍‌ଡୋ ସହରକୁ ସଂଯୋଗ କରୁଥିବା ରାସ୍ତା କ୍ଷତିଗ୍ରସ୍ତ ହୋଇଛି।

# ୧୦୦ ଦିନରେ ଇସ୍ରାଏଲ୍-ହମାସ ଯୁଦ୍ଧ

ରାଫାହ(ଗାଜା ଷ୍ଟ୍ରିପ୍), ୧୩।୧

## ଭୟାବହତା ବଖାଣିଲେ ଡାକ୍ତର



ଡା. ସୁହେବ୍ ଅଲହାମ୍ସ

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ୧୦୦ ଦିନ ବିତିଛି। ଏହି ଯୁଦ୍ଧରେ ୨୩,୪୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ଗାଜା ଲୋକସଂଖ୍ୟାରେ ୮୫ ପ୍ରତିଶତ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ଯେଉଁମାନେ ଗାଜାରେ ରହିଛନ୍ତି ସେମାନେ ଖାଦ୍ୟ, ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ସବୁବେଳେ ଆତଙ୍କ ମଧ୍ୟରେ ରହିଛନ୍ତି।

ଗାଜାର ଜଣେ ଡାକ୍ତର ଯୁଦ୍ଧର ଭୟାବହତା ସମ୍ପର୍କରେ ନିଜର ଅନୁଭୂତି ଜଣାଇଛନ୍ତି। ଆକ୍ରମଣରେ ଆହତ ଲୋକମାନଙ୍କ ଚିକିତ୍ସାରେ ଡା. ସୁହେବ୍ ଅଲହାମ୍ସ ଏତେ ବ୍ୟସ୍ତ ରହୁଛନ୍ତି ଯେ, ତାଙ୍କୁ ରାତିରେ ଶୋଇବା ପାଇଁ କ୍ୱଚିତ୍ ସମୟ ମିଳୁଛି। ସେ ଅସ୍ତ୍ରୋପଚାର ପ୍ରକୋଷ୍ଠରେ କୌଣସି ପ୍ରକାରେ ବିଶ୍ରାମ ନେବାକୁ ଉଦ୍ୟମ କରିଥାନ୍ତି। ନିଦୁଆ ଅବସ୍ଥାରେ ତାଙ୍କୁ ରୋଗୀ ଦେଖିବାକୁ ପଡ଼ିଥାଏ। ହସ୍ପିଟାଲ ପରିସରରେ ମଧ୍ୟ ସେଲ୍ ମାଡ଼ ଜାରି ରହିଥାଏ। କୁଏତି ହସ୍ପିଟାଲ ଭିତରୁ ଛୋଟ ପିଲାମାନଙ୍କ ଆର୍ତ୍ତ ଚିତ୍କାର ତାଙ୍କୁ ବ୍ୟଥିତ କରିଥାଏ ବୋଲି ଅଲହାମ୍ସ କହିଛନ୍ତି। ଶିଶୁମାନେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଥିବାବେଳେ ସେମାନଙ୍କ ନିକଟରେ ମାଆବାପା ନ ଥାନ୍ତି। କୁଏତ୍ ସରକାରଙ୍କ ସହାୟତାରେ ଚାଲିଥିବା ତାଙ୍କ ହସ୍ପିଟାଲରେ ମାତ୍ର ୪ଟି ଇଣ୍ଟେନ୍‌ସିଭ କେୟାର ୟୁନିଟ ଥିବାବେଳେ ସେଠାରେ ପ୍ରତିଦିନ ୧,୫୦୦ ଆହତଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଉଛି। ସେମାନଙ୍କ ମଧ୍ୟରେ ଅନ୍ୟୂନ ୫୦ ଜଣ ପହଞ୍ଚିବା ବେଳକୁ ପ୍ରାଣ ହରାଇସାରିଥାନ୍ତି ବୋଲି ଡାକ୍ତର ଅଲହାମ୍ସ କହିଛନ୍ତି।

# ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ଟି୨୦

ଇନ୍ଦୋର, ୧୩।୧

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଭ୍ରମଣକାରୀ ଆଫ୍‌ଗାନିସ୍ତାନ ଓ ଭାରତ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ମୋହାଲିଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ ଜିତି ଘରୋଇ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ଲାଭ କରିଛି। ରବିବାର ମ୍ୟାଚ ଜିତି ଭାରତ ସିରିଜକୁ ଆଗୁଆ କବ୍‌ଜା କରି ନେବାକୁ ଚାହିଁବ। ଅନ୍ୟପକ୍ଷରେ ଆଗକୁ ଟି୨୦ ବିଶ୍ୱକପ୍ ରହିଥିବାରୁ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲଙ୍କ ଭଳି ଖେଳାଳି। କାରଣ ଜୁନ୍‌ରେ ବିଶ୍ୱକପ୍ ପୂର୍ବରୁ ଭାରତର ଏହା ହେଉଛି ଶେଷ ଟି୨୦ ସିରିଜ। ଗତବର୍ଷ ରାୟପୁରଠାରେ ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟି୨୦ରେ ଇଶାନ କିଶନଙ୍କୁ ଅତିକ୍ରମ କରି ଜିତେଶ ବର୍ତ୍ତମାନ ଭାରତର ଉଇକେଟକିପର ବ୍ୟାଟର ହୋଇପାରିଛନ୍ତି। ମହାରାଷ୍ଟ୍ରର ଏହି ବ୍ୟାଟର ଦୁଇଥର ୩୦ରୁ ଅଧିକ ରନ ସଂଗ୍ରହ କରିପାରିଛନ୍ତି। କିନ୍ତୁ ତିଷ୍ଠି ରହିବାକୁ ହେଲେ ତାଙ୍କୁ ଏକ ବଡ଼ ସ୍କୋର ସହ ସ୍ଥିର ପ୍ରଦର୍ଶନ କରିବାକୁ ପଡ଼ିବ। ତିଳକ ବର୍ମାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି। ଏହି ବାମହାତୀ ଖେଳାଳିଙ୍କ ଅନ୍ତର୍ଜାତୀୟ ଟି୨୦ ଆରମ୍ଭ ଉତ୍ସାହଜନକ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ସେ ୩୯, ୫୧ ଓ ୪୯ ରନ୍ କରିଛନ୍ତି। କିନ୍ତୁ ଏହାପରଠାରୁ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେ ତାଙ୍କ ପରବର୍ତ୍ତୀ ୧୩ଟି ଇନିଂସରେ ମାତ୍ର ଥରେ ଏକ ଅର୍ଦ୍ଧଶତକ ହାସଲ କରିପାରିଛନ୍ତି। ତାଙ୍କୁ ପାର୍ଟଟାଇମ୍ ଅଫ୍ ସ୍ପିନର ଭାବେ ବ୍ୟବହାର କରାଯାଇପାରିବ। ପ୍ରଥମ ଗେମ୍‌ରୁ ଓହରିଯାଇଥିବା ଷ୍ଟାର ବ୍ୟାଟର ବିରାଟ କୋହଲି ଦ୍ୱିତୀୟ ମ୍ୟାଚ ପାଇଁ ଉପଲବ୍ଧ ହେଉଥିବାରୁ ଚୂଡ଼ାନ୍ତ ଏକାଦଶରେ ବର୍ମା ତାଙ୍କ ସ୍ଥାନ ବଜାୟ ରଖିପାରୁଛନ୍ତି କି ନା ତାହା ଲକ୍ଷ୍ୟ କରିବାର କଥା। ଇନ୍ଦୋର ପିଚ୍ ସାଧାରଣତଃ ବ୍ୟାଟରମାନଙ୍କୁ ସୁହାଇ ଥାଏ। ଜିତେଶ ଓ ବର୍ମା ଏଥରୁ ଫାଇଦା ଉଠାଇବାକୁ ଚେଷ୍ଟା କରିପାରନ୍ତି। ଅକ୍ଷର ଓ ସୁନ୍ଦରଙ୍କୁ ସେମାନଙ୍କ ବୋଲିଂ ଦକ୍ଷତା ପ୍ରତିପାଦନ କରିବାକୁ ପଡ଼ିବ। ଅବଶ୍ୟ ଅକ୍ଷର ମୋହାଲିଠାରେ ଗତ ମ୍ୟାଚରେ ଭଲ ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଆଫ୍‌ଗାନିସ୍ତାନ ଦଳକୁ ହେୟଜ୍ଞାନ କରିବା ବୋକାମି ହେବ। ଦିନେ ଦିନେ ସେମାନେ ଭଲ ଖେଳି ବିପକ୍ଷ ଦଳକୁ ସଂକଟରେ ପକାଇଥାନ୍ତି। ଅନ୍ୟପକ୍ଷରେ ଆଫ୍‌ଗାନିସ୍ତାନ ଦଳରେ ରହିଥିବା ଯୁବ ରହମାନୁଲ୍ଲା ଗୁରବାଜ, ଅଜମାତୁଲ୍ଲା ଓମାରଜାଇ ଏବଂ ଅଭିଜ୍ଞ ମହମ୍ମଦ ନବିଙ୍କ ଭଳି ବ୍ୟାଟର ଯେକୌଣସି ବୋଲିଂ ୟୁନିଟ୍‌କୁ ଧ୍ୱସ୍ତ କରିବାର ସାମର୍ଥ୍ୟ ରହିଛି। ଷ୍ଟାର ସ୍ପିନର ରଶିଦ ଖାନ୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ଆଫ୍‌ଗାନିସ୍ତାନ ପାଇଁ ମୁଜିବୁର ରହମାନ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ପ୍ରଥମ ମ୍ୟାଚରେ ସେ ନବୀନ-ଉଲ୍ ହକ୍ ଓ ଫଜାଲାକ ଫାରୁକିଙ୍କ ତୁଳନାରେ ଲାଇନ୍ ଲେନ୍ଥ ରଖି ଉତ୍ତମ ବୋଲିଂ କରିଛନ୍ତି। ପିଚ୍ ଯଦି ବ୍ୟାଟରଙ୍କୁ ସୁହାଏ ତେବେ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିପାରେ।



ନେଟ୍ ସେସନ ଅବସରରେ ବିରାଟ କୋହଲି ଓ ରୋହିତ ଶର୍ମା।

## ସାତ୍ତ୍ୱିକ-ଚିରାଗ ଫାଇନାଲରେ



ବିଜୟ ପରେ ଉଲ୍ଲସିତ ସାତ୍ତ୍ୱିକ-ଚିରାଗ।

**ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ**

କୁଆଲାଲମ୍ପୁର, ୧୩।୧ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଥିବା ବିଶ୍ୱର ୨ ନମ୍ବର ଏହି ଭାରତୀୟ ଯୋଡ଼ି କୋରିଆର କାଙ୍ଗ୍ ମିନ୍ ହ୍ୟୁକ୍ ଓ ସିଓ ସିଅଙ୍ଗ ଜାଇଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରିଛନ୍ତି। ଏହି ସେମିଫାଇନାଲ ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା। ସାତ୍ତ୍ୱିକ-ଚିରାଗ ଶୁକ୍ରବାର କ୍ୱାର୍ଟରଫାଇନାଲରେ ଚାଇନାର ରେନ୍ ଜିଆଙ୍ଗ ଓ ହି ଜି ଟିଙ୍ଗ୍‌ଙ୍କ ବିପକ୍ଷରେ ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ସାତ୍ତ୍ୱିକ-ଚିରାଗ ଗତବର୍ଷ ସବୁଠାରୁ ସଫଳ ଭାରତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେମାନେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବ୍ୟତୀତ ଏସିଆନ ଚାମ୍ପିୟନଶିପ୍ ଟାଇଟଲ, ଇଣ୍ଡୋନେସିଆ ସୁପର ୧୦୦୦, କୋରିଆ ସୁପର ୫୦୦ ଓ ସୁଇସ୍ ଓପନ ସୁପର ୩୦୦ ଜିତିବାରେ ସମର୍ଥ ହୋଇଛନ୍ତି। ଗତବର୍ଷ ନଭେମ୍ବରରେ ସେମାନେ ଆହୁରି ମଧ୍ୟ ଚାଇନା ମାଷ୍ଟର୍ସ ସୁପର ୭୫୦ ଫାଇନାଲରେ ପ୍ରବେଶ କରିଛନ୍ତି।

## କିଟ୍ ମହିଳା ଭଲିବଲ ଦଳକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୩।୧ (ବିଜୟ ରଣା)

ଅଲ ଇଣ୍ଡିଆ ଇଷ୍ଟର ଜୋନ୍ ଭଲିବଲ (ମହିଳା) ଚାମ୍ପିୟନଶିପ୍‌ରେ କିଟ୍ ମହିଳା ଭଲିବଲ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କିଟ୍ ପରିସରରେ ଅବସ୍ଥିତ ବିଜୁ ପଟ୍ଟନାୟକ ମଲ୍‌ଟିପରପୋଜ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଏହି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ ବ୍ରୋଞ୍ଜ ପଦକ ପାଇଁ ମୁକାବିଲାରେ କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର ୩-୨ ସେଟ୍‌ରେ ପଞ୍ଜାବୀ ୟୁନିଭର୍ସିଟି, ପଟିଆଲାକୁ ପରାସ୍ତ କରିଛି। ଏହାଦ୍ୱାରା ଦଳ ଓଡ଼ିଶାର ପ୍ରଥମ ୟୁନିଭର୍ସିଟି ଦଳ ଭାବେ ଅଲ୍ ଇଣ୍ଡିଆ ଇଣ୍ଟର ୟୁନିଭର୍ସିଟି ଭଲିବଲ (ମହିଳା) ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛି। ଫାଇନାଲରେ କୋଟାୟାମର ମହାତ୍ମାଗାନ୍ଧୀ ୟୁନଭର୍ସିଟି କୋଲକାତା ଆଦାମାସ ୟୁନିଭର୍ସିଟିକୁ ୩-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନର ସିନିୟର ଉପ ସଭାପତି ତଥା ବିଶିଷ୍ଟ କ୍ରୀଡ଼ା ପ୍ରୋତ୍ସାହକ ବିଜୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ଓ ଯୋଗ ବିଭାଗର ମହାନିର୍ଦ୍ଦେଶକ ତଥା ଓଡ଼ିଶା ଭଲିବଲ୍ ଆସୋସିଏଶନ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ପୂର୍ବତନ ଭାରତୀୟ ଜୁନିୟର ଆଥଲେଟିକ୍ ଟିମ୍‌ର ପୂର୍ବତନ ଜାତୀୟ କୋଚ୍ ସଞ୍ଜୟ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।




ଟ୍ରଫି ସହ ଇଷ୍ଟର ଜୋନ୍ ଭଲିବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜେତା କିଟ୍ ମହିଳା ଦଳ।

## ରାଜ୍ୟସ୍ତରୀୟ ମିନି ଗଲ୍ଫ ଚାମ୍ପିୟନଶିପ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୧୩।୧ (ସରୋଜ ଜେନା)

ରାଜ୍ୟସ୍ତରୀୟ ମିନି ଗଲ୍ଫ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଭୁବନେଶ୍ୱର ସ୍ଥିତ ଗୌରୀ କଲେଜ୍‌ରେ ଉଦ୍‌ଘାଟିତ ହୋଇଛି। ଦୁଇ ଦିନିଆ ଟୁର୍ନାମେଣ୍ଟଟି ରବିବାର ଉଦ୍‌ଯାପିତ ହେବ। ୨୦ ଜିଲାର ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ନାମେଣ୍ଟର ପ୍ରଦର୍ଶନ ଆଧାରରେ ଖେଳାଳି ମାନଙ୍କୁ ଜାତୀୟ ମିନି ଗଲ୍ଫ ଚାମ୍ପିୟନଶିପ୍ ପାଇଁ ମନୋନୀତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ମିନି ଗଲ୍ଫ ଆସୋସିଏଶନ ସଭାପତି ଡ. ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ବରିଷ୍ଠ ଉପ ସଭାପତି ପ୍ରସନଜିତ ପତି, କୋଷାଧ୍ୟକ୍ଷ ସୌମ୍ୟାଶ୍ରୀ ବେହେରା ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିନିଗଲ୍ଫ ଫେଡେରେଶନ ଅଫ ଇଣ୍ଡିଆର ମହାସଚିବ ସୁରଜ ଯୋଟିକାର ଓ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଚୌହାନ ଉପସ୍ଥିତ ଥିଲେ।

## କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

କଟକ, ୧୩।୧ (କାର୍ତ୍ତିକ ସାହୁ)

କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ବାରବାଟୀ ଷ୍ଟାଡିୟମ ହର୍ଷଗେଟ୍ ହଲ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି। ଉଭୟ ସିନିୟର ଓ ଜୁନିୟର ବର୍ଗରେ ମୋଟ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ସିନିୟର ବର୍ଗରେ ୩୦ ଜଣଙ୍କ ମଧ୍ୟରେ ଇଣ୍ଟର ନ୍ୟାଶନାଲ୍ ମାଷ୍ଟର ରାକେଶ କୁମାର ଜେନା ଟପ୍‌ସିଡ୍ ମାନ୍ୟତା ପାଇଥିବାବେଳେ ଜୁନିୟର ବର୍ଗରେ ୧୨୦ଜଣଙ୍କ ମଧ୍ୟରେ ଲଳିତ ରଞ୍ଜନ ସାହୁ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି।

କଟକ ଜିଲା ଚେସ୍ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ସଭ୍ୟ ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସମ୍ପାଦକ ଅଜୟ କୁମାର ନାୟକ, ରଘୁନନ୍ଦନ ସାସମଲ, ରାଜେନ୍ଦ୍ର କୁମାର ସେଠୀ, ସୂର୍ଯ୍ୟକାନ୍ତ ବିଶୋଇ, ସତ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ଆର୍ବିଟର ନିହାର ରଞ୍ଜନ ସାସମଲ ଓ ତାପସ କୁମାର ମହାନ୍ତି ଏବଂ ଜାତୀୟ ଆର୍ବିଟର ସସ୍ମିତା ନାୟକ ଓ ପିଙ୍କି ମହାପାତ୍ର ପରିଚାଳନା କରୁଛନ୍ତି।

ଚତୁର୍ଥ ରାଉଣ୍ଡରେ ସାଇ ସୌରଭଙ୍କୁ ଲଳିତ ରଞ୍ଜନ ସାହୁ, ଅଭିଜିତ ସିଂଙ୍କୁ ଶ୍ରଦ୍ଧା ସ୍ମରଣିକା, ଅନନ୍ତ ଜିତ୍‌ଙ୍କୁ ବିଶ୍ୱପ୍ରିତ୍, ଶାୟନସଂଙ୍କୁ ଶ୍ରୀହର୍ଷ ମହାନ୍ତି, ଅର୍ନଭ୍ ମଲ୍ଲିକଙ୍କୁ ସଂକଳ୍ପ ଶ୍ରୀକୁମାର, ବେଦାନ୍ତଙ୍କୁ ଅଦ୍ୱିକ୍ ଆଦିତ୍ୟ, ଚର୍ଚ୍ଚିତ ସ୍ୱାଇଁଙ୍କୁ ଜ୍ଞାନଜ୍ୟୋତି ସିଂ ପରାସ୍ତ କରିଛନ୍ତି। ଏଥିସହ ରୋହିତ କୁମାର-ଶ୍ରେୟାଂଶ ଦାସ ଏବଂ ସାଇ ସତ୍ୟପ୍ରଜ୍ଞ - ଇ. ରାଗିଣିଙ୍କ ମଧ୍ୟରେ ମ୍ୟାଚ୍ ଡ୍ର ରହିଥିଲା। ସିନିୟର ବର୍ଗରେ ପ୍ରଥମ ବୋର୍ଡରେ ହର୍ଷିତ ରଞ୍ଜନ ସାହୁ- ଆଇ.ଏମ୍. ରାକେଶ କୁମାର ଜେନାଙ୍କ ମଧ୍ୟରେ ମ୍ୟାଚ୍ ଡ୍ର ରହିଥିଲା। ସାଇଶକ୍ତି ପଣ୍ଡାଙ୍କୁ ପ୍ରତ୍ୟୁଷ୍ ନାୟକ, ସୌମ୍ୟରଞ୍ଜନ ସାହୁଙ୍କୁ ନାରାୟଣ ସ୍ୱାଇଁ, ସନ୍ଦୀପା ପ୍ରିୟଦର୍ଶିନୀଙ୍କୁ ଅଂଶୁମାନ ସାମଲ, ଏସ୍. କେ ସଇଦ୍‌ଙ୍କୁ ରବୀନ୍ଦ୍ର କୁମାର ଓଝା, ଜୟଲକ୍ଷ୍ମୀ ସାହୁଙ୍କୁ ପ୍ରତ୍ୟାଶା ଜେନା, ଆଦିତ୍ୟ ପଟ୍ଟନାୟକଙ୍କୁ ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ସାଇ ଆତ୍ରେର ମହାପାତ୍ରଙ୍କୁ ସୁଧୀର କୁମାର ମହାନ୍ତି ପରାସ୍ତ କରିଥିଲେ। ୪ ରାଉଣ୍ଡ ଶେଷ ସୁଦ୍ଧା ପ୍ରତ୍ୟୁଷ ନାୟକ ୪ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ଜୁନିୟର ବର୍ଗରେ ଲଳିତ ରଞ୍ଜନ ସାହୁ, ବିଶ୍ୱପ୍ରିତ୍ ରାୟ, ଶ୍ରଦ୍ଧା ସ୍ମରଣିକା ନନ୍ଦ ଏବଂ ସଂକଳ୍ପ ଶ୍ରୀକୁମାର ସିଂ ୪ ପଏଣ୍ଟ ସହ ମିଳିତ ଭାବେ ପ୍ରଥମ ସ୍ଥାନରେ ଅଛନ୍ତି। ରବିବାର ଅବଶିଷ୍ଟ ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ବିବେକ କୁମାର ତିବରୱାଲ ଜଣାଇଛନ୍ତି।



କଟକ ଜିଲା ଚେସ୍ ଚାମ୍ପିୟନଶିପ୍‌ର ପ୍ରଥମ ଦିନ ଖେଳାଯାଉଥିବା ମ୍ୟାଚ୍।

## ପ୍ରୋ କବାଡ଼ି ଲିଗ୍: ପିଙ୍କ ପାନ୍ଥର୍ସ ବିଜୟୀ

ଜୟପୁର, ୧୩।୧ (ପି.ଟି.)

ପ୍ରୋ କବାଡି ଲିଗ୍‌ରେ ପୁନେରୀ ପଲଟନର ୮ ମ୍ୟାଚ୍ ବିଜୟଧାରାରେ ରୋକ ଲଗାଇଛି ଜୟପୁର ପିଙ୍କ ପାନ୍ଥର୍ସ। ଶନିବାର ଖେଳା ଯାଇଥିବା ମ୍ୟାଚରେ ଦଳ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌କୁ ୩୬-୩୪ରେ ଜିତି ନେଇଛି। ପୁନେରୀ ପଲଟନ ପ୍ରଥମାର୍ଦ୍ଧ ସୁଦ୍ଧା ୨୦-୧୧ରେ ଆଗୁଆ ରହିଥିଲା। ତେବେ ଅର୍ଜୁନ ଦେଶୱାଲଙ୍କ ୧୬ ପଏଣ୍ଟ ବଳରେ ଦଳ ମ୍ୟାଚ୍‌କୁ ଜିତି ନେଇଥିଲା।

## ଶୁଟର ବିଜୟବୀରଙ୍କୁ ଅଲିମ୍ପିକ କୋଟା

ଜାକର୍ତ୍ତା, ୧୩।୧ (ପି.ଟି.)

ଭାରତୀୟ ଶୁଟର ବିଜୟବୀର ସିଦ୍ଧୁ ଏଠାରେ ଚାଲିଥିବା ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ ପୁରୁଷ ୨୫ ମିଟର ରାପିଡ୍-ଫାୟାର ଇଭେଣ୍ଟରେ ଏକ ରୌପ୍ୟ ପଦକ ଜିତିଛନ୍ତି। ଏଥିସହିତ ସେ ଦେଶ ପାଇଁ ୧୭ତମ କୋଟା ହାସଲ କରିଛନ୍ତି। ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଟିମ୍ ବ୍ରୋଞ୍ଜ ଜିତିଥିବା ଏହି ଶୁଟର ବର୍ତ୍ତମାନ ତାଙ୍କ ସିନିୟର ଟିମ୍‌ମେଟ୍ ଅନିଶ ଭାନୱାଲାଙ୍କ ସହ ଯୋଗ ଦେଇଛନ୍ତି। ଭାନୱାଲା ପୂର୍ବରୁ ଗତବର୍ଷ କୋରିଆର ଚାଙ୍ଗଓପନଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ସହ ଏହି ଇଭେଣ୍ଟରେ ପ୍ୟାରିସ କୋଟା ହାସଲ କରି ସାରିଛନ୍ତି। ପ୍ୟାରିସ ଗେମ୍ସ ପାଇଁ କୋଟା ହାସଲ କରିବା ଲାଗି ବିଜୟବୀରଙ୍କୁ ପଦକ ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥିଲା। ୫୭୭ ଅଙ୍କ ସ୍କୋର ସହ ଚତୁର୍ଥ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବା ପରଠାରୁ କୋଟା ହାସଲ କରିସାରିଛନ୍ତି। ଶନିବାର ୬ ଫାଇନାଲିଷ୍ଟଙ୍କ ମଧ୍ୟରୁ ୪ଜଣ କୋଟା ପାଇଁ ଯୋଗ୍ୟ। ଚଣ୍ଡିଗଡ଼ର ବିଜୟବୀର ଏଲିମିନେଶନ ରାଉଣ୍ଡରେ ୨୮ ଶଟ୍ ସହ ରୌପ୍ୟ ଜିତିଥିବା ବେଳେ କାଜାଖସ୍ତାନର ନିକିତା ଚିରୟୁକିନ୍ ୩୨ ଶଟ୍ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ରାପିଡ୍-ଫାୟର ଶୁଟିଂରେ ଅଲିମ୍ପିକ୍ସ ପାଇଁ ଏକ ସଙ୍ଗେ ଦୁଇଜଣ ଯୋଗ୍ୟତା ହାସଲ କରିବା ଏହା ପ୍ରଥମ ଦୃଷ୍ଟାନ୍ତ।

## ୟୁଏସ୍‌ଏଠାରୁ ହାରିଲା ଭାରତ

**ଏଫ୍‌ଆଇଏଚ୍ ମହିଳା ଅଲିମ୍ପିକ୍ କ୍ୱାଲିଫାୟର**

ରାଞ୍ଚି, ୧୩।୧ (ପି.ଟି.)

ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ମହିଳା ଅଲିମ୍ପିକ କ୍ୱାଲିଫାୟର୍ସ ଟୁର୍ନାମେଣ୍ଟରେ ଭାରତ ଏହାର ଉଦ୍‌ଘାଟନୀ ମ୍ୟାଚରେ ପରାଜିତ ହୋଇଛି। ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ୧-୦ ଗୋଲ୍‌ରେ ଭାରତକୁ ହରାଇ ଦେଇଛି। ବିଶ୍ୱର ୨୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ୭ ପେନାଲ୍ଟି କର୍ନର ସମେତ ଅନେକ ଗୋଲ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆମେରିକୀୟ ଡିଫେନ୍ସକୁ ଭେଦ କରିପାରି ନ ଥିଲା। ପୁଲ୍ 'ବି'ର ଏହି ମ୍ୟାଚରେ ୨୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ୟୁଏସ୍‌ଏ ୧୬ତମ ମିନିଟ୍‌ରେ ଆବିଗେଲ୍ ତାମରଙ୍କ ଜରିଆରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଶନିବାର ଏହି ପରାଜୟ ଦ୍ୱାରା ଭାରତର ପ୍ୟାରିସ ଅଲିମ୍ପିକ ଯୋଗ୍ୟତା ହାସଲ ପଥ କଷ୍ଟସାଧ୍ୟ ହୋଇ ପଡ଼ିଛି। କାରଣ ଭାରତ ଏହାର ପରବର୍ତ୍ତୀ ମ୍ୟାଚଗୁଡ଼ିକ ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବ। ଭାରତ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବାକୁ ଥିବା ବେଳେ ଇଟାଲୀ ବିପକ୍ଷରେ ୟୁଏସ୍‌ଏ ଖେଳିବ। ଶନିବାର ଅନୁଷ୍ଠିତ ଅନ୍ୟ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର ମ୍ୟାଚଗୁଡ଼ିକ ମଧ୍ୟରେ ଜାପାନ ୨-୦ ଗୋଲ୍‌ରେ ଏବଂ ଜର୍ମାନୀ ୩-୦ରେ ଚିଲିକୁ ପରାସ୍ତ କରିଥିବା ବେଳେ ଫ୍ରାନ୍‌ସିସ୍ ଡାଭିସ୍‌ଙ୍କ ଡବଲ ଗୋଲ୍ ବଳରେ ଇଟାଲୀ ବିପକ୍ଷରେ ନ୍ୟୁଜିଲାଣ୍ଡ ୩-୦ ଗୋଲରେ ବିଜୟ ହାସଲ କରିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକା ସ୍କୋପ୍‌ମାନ କହିଛନ୍ତି, ଏହି ମ୍ୟାଚରେ ତାଙ୍କ ଦଳ ସେମାନଙ୍କ ପୂର୍ଣ୍ଣ ଶକ୍ତି ସାମର୍ଥ୍ୟ ଅନୁସାରେ ଖେଳିନାହାନ୍ତି।



ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅଳ୍ପ ବିଦ୍ୟା ଭୟଙ୍କରୀ

**ଆଜିକାଲି ଘରେ ବସି ଖୁବ୍ ସହଜରେ ଇଣ୍ଟରନେଟ୍‌ରୁ ମିଳିପାରୁଛି ପ୍ରତ୍ୟେକ ବିଷୟରେ ସୂଚନା। ଯାହା ମଧ୍ୟରୁ କେତେକ ସୂଚନାରେ ରହୁଛି ଅଧା ସତ୍ୟ। ହେଲେ ଇଣ୍ଟରନେଟ୍‌ର ତଥ୍ୟକୁ ଅନ୍ଧଭାବେ ବିଶ୍ୱାସ କରୁଥିବା ଜନସାଧାରଣ ଏହି ସୂଚନାକୁ ହିଁ ସତ ବୋଲି ମାନି ନେଉଛନ୍ତି। ଫଳରେ ସମାଜରେ ଅନେକ ଭୁଲ୍ ତଥ୍ୟ ପ୍ରଚାରିତ ହେଉଛି।**



ବର୍ତ୍ତମାନ ସମସ୍ତଙ୍କ ପାଖରେ ସମୟର ଅଭାବ। ଧୈର୍ଯ୍ୟର ସହିତ କୌଣସି କଥା ଶୁଣିବା, ପଢ଼ିବା ପାଇଁ ଯେମିତି କେହି ବି ପ୍ରସ୍ତୁତ ନାହାନ୍ତି। ସମସ୍ତଙ୍କୁ ଦରକାର ତତ୍‌କ୍ଷଣାତ୍ ସୂଚନା, ଆଉ ଯାହା ଘରେ ବସି ଖୁବ୍ ସହଜରେ ମିଳିଯାଉଛି ଇଣ୍ଟରନେଟ୍‌ରୁ। ହେଲେ ଏଥିରେ ମିଳୁଥିବା ପ୍ରତ୍ୟେକଟି ତଥ୍ୟ ଯେ ସମ୍ପୂର୍ଣ୍ଣ ଠିକ୍ ତା' କହିବା କଷ୍ଟ। କାରଣ ଇଣ୍ଟରନେଟ୍‌ରେ ବର୍ତ୍ତମାନ ବହୁ ସଂଖ୍ୟାରେ ଏଭଳି ୱେବ୍‌ସାଇଟ୍, ଚ୍ୟାନେଲ୍ ରହିଛି ; ଯେଉଁମାନେ ବିନା ଯାଞ୍ଚରେ ଖବର ପରିବେଷଣ କରୁଛନ୍ତି। ସେମାନଙ୍କ ଦ୍ୱାରା ମିଳୁଥିବା ଖବରରେ ଅନେକ ସମୟରେ ଅଧା ସତ୍ୟ ରହୁଥିବା ବେଳେ କେତେକ ଭୁଲ୍ ବି ରହୁଛି। ଫଳରେ ସମାଜରେ ନା କେବଳ ଅନେକ ଭୁଲ୍ କଥା ପ୍ରଚାରିତ ହେଉଛି ବରଂ ଏଥିପାଇଁ ଅନେକ ସମସ୍ୟା ମଧ୍ୟ ଉପୁଜୁଛି। ତେବେ ଏଭଳି ପରିସ୍ଥିତି କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଅବଶ୍ୟକ...

**ହଠାତ୍ କରନ୍ତୁନି ବିଶ୍ୱାସ:** ସମୟ ଅଭାବରୁ ହେଉ ଅବା ଧୈର୍ଯ୍ୟ କମ୍ ହୋଇଥିବାରୁ ଅନେକେ ଅଧା କଥା ଶୁଣିଥାଆନ୍ତି। ଆଉ କେବେକେବେ ସାଙ୍ଗସାଥୀ, ପରିବାର କିମ୍ବା ପଡ଼ୋଶୀଙ୍କ ସହ କଥା ହେବା ବେଳେ ଏହି ଅଧା ସୂଚନା ଦେଇଥାଆନ୍ତି। ଫଳରେ ଅଧା ସତ୍ୟ କିମ୍ବା ଭୁଲ୍ ତଥ୍ୟ ପ୍ରଚାରିତ ହୁଏ। ହେଲେ ଇଣ୍ଟରନେଟ୍‌ର ବ୍ୟବହୃତଙ୍କ ସଂଖ୍ୟା ଖୁବ୍ ଅଧିକ ହୋଇଥିବାରୁ ଏଥିରେ ଏଭଳି କୌଣସି ଭୁଲ୍ ତଥ୍ୟ ବି ଅଧିକଙ୍କ ପାଖରେ ସହଜରେ ପହଞ୍ଚିଯାଏ। ତା'ଛଡ଼ା ନିଜ ଚ୍ୟାନେଲ୍‌ରୁ ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଆଳରେ ବି କେତେଜଣ ଏଭଳି କରୁଥିବାର ଦେଖିବାକୁ ମିଳୁଛି। ତେଣୁ ହଠାତ୍ କୌଣସି ତଥ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ସତ ଜାଣିବା ପାଇଁ ଏକାଧିକ ରେଜିଷ୍ଟର୍ଡ ନ୍ୟୁଜ୍ ସାଇଟ୍ କିମ୍ବା ଚ୍ୟାନେଲ୍‌ରୁ ତଥ୍ୟ ସଂଗ୍ରହ କରନ୍ତୁ।

**ସ୍ୱାସ୍ଥ୍ୟ ସୂଚନା ପ୍ରତି ସତର୍କ ରୁହନ୍ତୁ:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସୌନ୍ଦର୍ଯ୍ୟଜନିତ ସମସ୍ୟାର ଘରୋଇ ଉପଚାର ଉପଲବ୍ଧ। ଏହାକୁ ବିଶ୍ୱାସ କରି ଅନେକେ ତତ୍‌କ୍ଷଣାତ୍ ନିଜ ଉପଚାର ଆରମ୍ଭ କରିଦିଅନ୍ତି। କେବେକେବେ ଏହାର ସାଇଡ୍ ଇଫେକ୍ଟ ବା ପାର୍ଶ୍ୱ ପ୍ରତିକ୍ରିୟା ଜଟିଳ ରୂପ ନେଇଥାଏ। ଏହାର ଅର୍ଥ ନୁହେଁ ଯେ, ଇଣ୍ଟରନେଟ୍‌ରେ ସମସ୍ତ ତଥ୍ୟ ଭୁଲ୍, ହେଲେ କେତେକ ସାଇଟ୍‌ରେ ଏପରି ତଥ୍ୟ ଆସିଥାଏ। ତେଣୁ କୌଣସି ଅଜଣା ସାଇଟ୍‌ରୁ ଏଭଳି ତଥ୍ୟ ଦେଖିଲେ ତୁରନ୍ତ ବିଶ୍ୱାସ ନ କରି ଡାକ୍ତର କିମ୍ବା କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

**ବଢ଼ୁଛି ଅପପ୍ରଚାର:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓର ଟ୍ରେଣ୍ଡ ଚାଲିଛି। ଯେଉଁଥିରେ ଅଧିକାଂଶ ଭିଡିଓ ଭୁଲ୍ ଅବା ପ୍ରାୟୋଜିତ। ତେଣୁ ଏଭଳି ଭିଡିଓ ବିଶେଷକରି କୌଣସି ବ୍ୟକ୍ତି ବିଶେଷ କିମ୍ବା ସମ୍ବେଦନଶୀଳ ଘଟଣାକୁ ନେଇ ଭିଡିଓ ଆପଣଙ୍କ ପାଖକୁ ଆସିଲେ ତୁରନ୍ତ ଅନ୍ୟମାନଙ୍କୁ ଫରୱାର୍ଡ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସମାଜରେ ଭୁଲ୍ ତଥ୍ୟର ଅପପ୍ରଚାର ହୋଇଥାଏ। ଆବଶ୍ୟକ ସ୍ଥଳେ ଜଣେ ସଚେତନ ନାଗରୀକ ଭାବେ ଏଭଳି ଆଇଡିକୁ ବ୍ଲକ୍ କରିଦିଅନ୍ତୁ, ଯେପରି ପୁନର୍ବାର ଏଭଳି ଭୁଲ୍ ଭିଡିଓ ନ ଆସେ ଏବଂ ଅନ୍ୟମାନଙ୍କୁ ଏଭଳି ପୋଷ୍ଟ ସେୟାର ନ କରିବାକୁ ପରାମର୍ଶ ଦିଅନ୍ତୁ।







## ଏମାନେ କ'ଣ କୁହନ୍ତି



ପ୍ରିୟଙ୍କା

**ପ୍ରିୟଙ୍କା ମନ୍ତ୍ରୀ** (ଛାତ୍ରୀ, କେନ୍ଦ୍ରାପଡ଼ା)– ନିଜ ୱେବ୍‌ସାଇଟ୍, ଚ୍ୟାନେଲ୍ ଅବା ସଂସ୍ଥାର ଲାଭ ପାଇଁ ଜନସାଧାରଣଙ୍କୁ ବୋକା ବନାଇବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ସମାଜରେ ଅନେକ ବ୍ୟକ୍ତିବିଶେଷ ଠକାମିର ଶିକାର ହେଉଛନ୍ତି। ଉଦାହରଣ ସ୍ୱରୂପ, ନବକଳେବର ସମୟରେ ଏକ ଶାଳଗ୍ରାମ ଫଟୋକୁ ବ୍ରହ୍ମଦାରୁ ଭାବେ ପ୍ରଚାର କରାଯାଇଥିଲା। ବିଶ୍ୱାସରେ ଲୋକ ଏହାକୁ ଦେଖିବା ସହ ଅନ୍ୟକୁ ଫରୱାର୍ଡ କରିଥିଲେ। ଫଳରେ ଏହି ଭୁଲ୍ ତଥ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଅଧିକ ଭ୍ୟୁ ମିଳିଲା ସତ, ହେଲେ ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚିଲା। ସେହିପରି ଭ୍ୟୁ ବଢ଼ାଇବା ଲାଗି ଅନେକ ସମୟରେ କାଜଲ୍–ଅଜୟ ହୁଅନ୍ତୁ ଅବା ଐଶ୍ୱର୍ଯ୍ୟା– ଅଭିଷେକଙ୍କ ଭଳି ବଲିଉଡ୍‌ର ଚର୍ଚ୍ଚିତ ଦମ୍ପତିଙ୍କ ବିବାହ ବିଚ୍ଛେଦକୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି। ତେଣୁ ଏସବୁ ଖବର ସଂସ୍ଥା ଉପରେ ସରକାରୀ ଅଙ୍କୁଶ ଲାଗିବା ନିହାତି ଆବଶ୍ୟକ।



ସୁଧାଂଶୁ

**ସୁଧାଂଶୁ ଶେଖର ସାମଲ** (କଟକ)–ଆଜିକାଲି ଇଣ୍ଟରନେଟ୍‌ରେ ଅନେକ ଫେକ୍ ନ୍ୟୁଜ୍ ଆସୁଛି। ସତ କ'ଣ ମିଛ କ'ଣ ଜାଣିବା ଲୋକଙ୍କ ପାଇଁ ଅସୁବିଧା ହେଉଛି। ଏମିତିରେ ମୁଁ ଏଣୁ ତେଣୁ ଚ୍ୟାନେଲ୍ ବଦଳରେ ସବୁବେଳେ ପ୍ରତିଷ୍ଠିତ ନ୍ୟୁଜ୍ ଚ୍ୟାନେଲ୍ ଗୁଡିକର ଖବର ଉପରେ ଧ୍ୟାନ ଦିଏ। ଆଉ ମୋ ପାଖକୁ ଆସୁଥିବା କୌଣସି ପୋଷ୍ଟ, ଭିଡିଓ କିମ୍ବା ଖବର ଫେକ୍ ଜଣିପାରିଲେ ଅନ୍ୟମାନଙ୍କୁ ଏନେଇ ସତର୍କ କରେ ଏବଂ ଏହି ପୋଷ୍ଟକୁ ଫରୱାର୍ଡ ନ କରିବାକୁ ଅନୁରୋଧ କରେ। ମୋ ମତରେ ଯଦି ଏଭଳି ସଂସ୍ଥା, ବ୍ୟକ୍ତିବିଶେଷଙ୍କ ପାଇଁ ଖବର ପ୍ରସାରଣକୁ ନେଇ ଗାଇଡ୍ ଲାଇନ୍ ଏବଂ ଭୁଲ୍ ଖବର ପ୍ରଚାରକୁ ନେଇ ଦଣ୍ଡ ବ୍ୟବସ୍ଥା ଲାଗୁ ହୁଅନ୍ତା ତେବେ ଏଭଳି ସମସ୍ୟାକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇପାରନ୍ତା।

## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ୟୁଥ୍ ଫେଷ୍ଟିଭାଲ୍ ୨୦୨୪ ....... ସହରରେ ଆୟୋଜନ କରାଯିବ ?
୨– ଭାରତର ପଡ଼ୋଶୀ ଦେଶ .............ଏହାର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍‌ରୁ ଏକ ବର୍ଷ ପର୍ଯ୍ୟନ୍ତ ଚାଇନିଜ୍ ରିସର୍ଚ୍ଚ ଭେଜେଲ୍ସ ବ୍ୟାନ୍ କରିଛି ?
୩– ଫ୍ରାନ୍ସର ନୂତନ ପ୍ରଧାନମନ୍ତ୍ରୀଙ୍କ ନାମ ................ ?
୪– ୱାନ୍ ଇଣ୍ଡିଆନ୍ ଗର୍ଲ ପୁସ୍ତକର ଲେଖକ .................. ?
୫– ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ .............. ?

## ଗତ ସପ୍ତାହର ଉତ୍ତର

୧ ବେଜିଂ
୨ ଡିସେମ୍ବର ୭
୩ ଇଂଲଣ୍ଡ
୪ ଶୁଭ୍ରା ଗୁପ୍ତା
୫ ସି. କେ. ନାଉଡୁ

## ଉତ୍ତରଦାତା



ରଞ୍ଜିତ୍ ମିଶ୍ର
ବଲାଙ୍ଗୀର



ସନ୍ତୋଷ କୁମାର ବିଶ୍ୱାଳ
ଭୁବନେଶ୍ୱର



ବିକାଶ ରଞ୍ଜନ ଦାସ, ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ /୧୦

### ସର୍ବାଧିକ ହୀରା ଉତ୍ପାଦନକାରୀ ଦେଶ

୧– ରୁଷିଆ........................ ୪୧,୯୨୩,୯୧୦ କ୍ୟାରେଟ୍
୨– ବୋସ୍ୱାନା........................ ୨୪,୭୫୨,୯୬୭ କ୍ୟାରେଟ୍
୩– କାନାଡ଼ା ........................ ୧୬, ୨୪୯,୨୧୮ କ୍ୟାରେଟ୍
୪– ଡିଆର୍‌ସି ........................ ୯,୯୦୮,୯୯୮ କ୍ୟାରେଟ୍
୫– ସାଉଥ୍ ଆଫ୍ରିକା ... ୯,୬୬୦,୨୩୩ କ୍ୟାରେଟ୍
୬– ଆଙ୍ଗୋଲା ...... .. ୮,୭୬୩, ୩୦୯ କ୍ୟାରେଟ୍
୭– ଜିମ୍ବାୱେ ........ ... ୪,୪୬୧,୪୫୦ କ୍ୟାରେଟ୍
୮– ନାମିବ୍ୟା........ ... ୨,୦୫୪,୨୨୭ କ୍ୟାରେଟ୍
୯– ଲେସୋଥୋ ........................ ୭୨୭,୭୩୭ କ୍ୟାରେଟ୍
୧୦– ସିରା ଲିଓନ୍ ........................ ୬୮୮, ୯୭୦ କ୍ୟାରେଟ୍




## ୟୁଥ୍ ଆଲର୍ଟ

# ତ୍ୱଚା ପାଇଁ ହାନିକାରକ ଆଲ୍‌କହଲ୍



**ଆଲ୍‌କହଲ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏକଥା ଜାଣିଥିଲେ ସୁଦ୍ଧା ଏଥିପ୍ରତି ଅଧିକାଂଶ ସଚେତନ ନାହାନ୍ତି। ତେବେ ଆପଣ ଜାଣନ୍ତି କି, ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...**

⏭ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ମଦର ଏକ ବୁନ୍ଦା ବି ଶରୀର ପାଇଁ ଉପକାରୀ ନୁହେଁ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଅଧିକ ପିଇବା ଦ୍ୱାରା ଡିହାଇଡ୍ରେଶନ୍ ହୋଇଥାଏ। ଫଳରେ ତ୍ୱଚା କୁଣ୍ଡେଇ ହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ।

⏭ଆଲ୍‌କହଲ ପିଇବା ଯୋଗୁ ଅନେକଙ୍କ ତ୍ୱଚାରେ ଲାଲ୍ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

⏭ଅଧିକ ଆଲ୍‌କହଲ୍ ପିଉଥିବା ବ୍ୟକ୍ତିଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

⏭ଏମାନଙ୍କ ଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇ ଥାଏ। ଅପରପକ୍ଷେ କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ୍, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

⏭ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

## ଜାଣନ୍ତୁ ଦୁନିଆ

# ରହସ୍ୟମୟ ସ୍ଥାନ

**ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ; ଯାହାକି ଏବେବି ରହସ୍ୟମୟ। ବହୁ ଗବେଷଣା ପରେ ମଧ୍ୟ ଉକ୍ତ ସ୍ଥାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଜାଣିବା ସେମିତି କେତେକ ସ୍ଥାନ ବିଷୟରେ...**

**ଯେଉଁଠି ପଥର ଚାଲେ:** କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ଚାଲେ ପଥର। ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବ। ହେଲେ ଆପଣ ଜାଣନ୍ତି କି, ଏହି ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚି ଘୁଞ୍ଚି ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।



**ଗୁମ୍ଫାରେ ଜଳେ ନିଆଁ:** ଆମେରିକାର ନ୍ୟୁୟର୍କ ସହରରେ ରହିଛି ଚେଷ୍ଟନଟ୍ ରିଜ୍ ପାର୍କ। ଏଠାରେ ରହିଛି ଏକ ଛୋଟ ଝରଣା। ଯାହା ତଳକୁ ଏକ ଗୁମ୍ଫା ରହିଛି, ଯେଉଁଠାରେ ଅହ ରହ ନିଆଁ ଜଳୁଥିବାର ଦେଖିବାକୁ ମିଳେ, ଯାହାର ନାମ ରହିଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ। ସେଠାରେ ପ୍ରାକୃତିକ ଉପାୟରେ ମିଥେନ୍ ଗ୍ୟାସ୍ ପ୍ରସ୍ତୁତ ହେଉଥିବାରୁ ନିଆଁ ଜଳୁଥିବା ଅନେକ ବୈଜ୍ଞାନିକ ମତ ଦେଉଥିଲେ ବି ଏହାର ପ୍ରକୃତ କାରଣ ଏବେବି ରହସ୍ୟମୟ।

**ସମୁଦ୍ର କୂଳରେ ଗଦା ଗଦା ଅଣ୍ଡା:** ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ରହିଛି ଡ୍ରାଗନ୍ ଏଗ୍ ବିଚ୍। ଏହାର ନାମ ଏପରି ହେବାର କାରଣ ଏହି ବେଳାଭୂମୀରେ ଥିବା ବହୁ ସଂଖ୍ୟାରେ ଗୋଲାକାର ପଥର ଯାହାକି ଡ୍ରାଗନ ଭଳି କୌଣସି ବଡ ଜୀବ ଅଣ୍ଡାର ଭ୍ରମ ସୃଷ୍ଟି କରେ। ତା'ଛଡା ଏହି ପଥରଗୁଡିକରେ ଥିବା ବହୁସଂଖ୍ୟାରେ ଫାଟ ଅଣ୍ଡାରୁ ଛୁଆ ଫୁଟି ବାହାରିବା ଭଳି ଦେଖାଯାଇଥାଏ। ତେବେ ଏହି ପଥର ୬୦ ମିଲିୟନ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହି ବେଳାଭୂମୀର ନିଆରା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାରେ ନା କେବଳ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମେ ବରଂ ଅନେକ ଚଳଚ୍ଚିତ୍ର ମଧ୍ୟ ଦୃଶ୍ୟାୟନ କରାଯାଇଛି।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ Bhubaneswar, Sunday, January 14/ 2024



ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ଟ୍ରଫି ସହ ଚାମ୍ପିୟନ ଗୁଜରାଟ ଜାଏଣ୍ଟ୍ସ। (ଫଟୋ: ରାଜକିଶୋର ମହାନ୍ତି)

**ଅଲ୍‌ଟିମେଟ୍ ଖୋ ଖୋ**

# ଗୁଜରାଟ ଜାଏଣ୍ଟ୍ସ ଚାମ୍ପିୟନ

**ଭୁବନେଶ୍ୱର,୧୩।୧(ସରୋଜ ଜେନା)**

କଟକର ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି। ଗୁଜରାଟ ଜାଏଣ୍ଟ୍ସ ୩୧-୨୬ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ତୃତୀୟ ସ୍ଥାନ ହାସଲ କରିଛି। ପ୍ଲେ ଅଫ୍ ମ୍ୟାଚରେ ତେଲୁଗୁ ଯୋଦ୍ଧାସକୁ ୩୨-୨୪ରେ ପରାସ୍ତ କରିଛି ଓଡ଼ିଶା ଜଗରନଟ୍ସ। ଶନିବାର ଯୋଦ୍ଧାସ ଟସ୍ ଜିତି ଆଟାକ୍ କରିଥିଲା। ପ୍ରଥମ ଇନିଂସରେ ଯୋଦ୍ଧାସ୍ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ଜଗରନଟ୍ସ ୩ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ଟର୍ନରେ ଓଡ଼ିଶା ୧୬ ପଏଣ୍ଟ ଅର୍ଜନ କରିଥିବା ବେଳେ ଯୋଦ୍ଧାସ ମାତ୍ର ୩ ପଏଣ୍ଟ ପାଇଥିଲା। ପ୍ରଥମ ଇନିଂସ ସୁଦ୍ଧା ଜଗରନଟ୍ସ ୩ ପଏଣ୍ଟରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସର

## ତୃତୀୟ ସ୍ଥାନରେ ଜଗରନଟ୍ସ

ପ୍ରଥମ ଟର୍ନରେ ଓଡ଼ିଶା ୪ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିବା ବେଳେ ଯୋଦ୍ଧାସ ୧୦ ପଏଣ୍ଟ ସ୍କୋର କରିଥିଲା। ଅନ୍ତିମ ଟର୍ନକୁ ଯିବା ପୂର୍ବରୁ ଓଡ଼ିଶା ମାତ୍ର ୨ ପଏଣ୍ଟରେ ପଛୁଆ ରହିଥିଲା। ଶେଷ ଟର୍ନରେ ଓଡ଼ିଶା ୧୦ ପଏଣ୍ଟ ହାସଲ କରିବା ସହିତ ୩୨-୨୪ରେ ବିଜୟୀ ହୋଇଥିଲା। ସେହିପରି ଫାଇନାଲ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଚମତ୍କାର ପ୍ରଦର୍ଶନ କରିଥିଲା। ପ୍ରଥମ ଇନିଂସର ପ୍ରଥମ ଟର୍ନରେ ଗୁଜରାଟ ଆଟାକ୍ କରି ୧୨ ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ଟର୍ନରେ ଗୁଜରାଟ ଦଳ ଡିଫେଣ୍ଡ କରି ୫ ପଏଣ୍ଟର ଡ୍ରିମ୍ ରନ୍ ହାସଲ କରିଥିଲା। ଫଳରେ ପ୍ରଥମ ଇନିଂସ ଶେଷ ସୁଦ୍ଧା ଦଳ ୧୨ ପଏଣ୍ଟରେ ଆଗୁଆ ରହିଥିଲା। ଟର୍ନ ୩ରେ ଗୁଜରାଟ ଆଟାକ୍ କରିବା ସହିତ ଏହାର ଅଗ୍ରଣୀକୁ ୧୯ ପଏଣ୍ଟରେ ପହଞ୍ଚାଇଥିଲା। ଅନ୍ତିମ ଟର୍ନରେ ଚେନ୍ନାଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୬ ପଏଣ୍ଟ ଅର୍ଜନ କରିଥିଲେ ହେଁ ଜିତି ପାରି ନ ଥିଲା। ଜାଏଣ୍ଟ୍ସ ଡିଫେଣ୍ଡର ୨ଟି ଡ୍ରିମ୍ ରନ୍ ହାସଲ କରିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ସିଇଓ ତେନ୍‌ଜିଂ ନିଓଗି ଓ ଖୋ ଖୋ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ଉପସ୍ଥିତ ଥିଲେ।

# ୧୮ ପଦକ ସହ ମଧ୍ୟପ୍ରଦେଶ ଚାମ୍ପିୟନ




**ବିଚ୍ ଗେମ୍ସ ୨୦୨୪**

**ନୂଆଦିଲ୍ଲୀ,୧୩।୧**

ଡିଉରେ ଅନୁଷ୍ଠିତ ପ୍ରଥମ ବିଚ୍ ଗେମ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମଧ୍ୟପ୍ରଦେଶ। ଡିଉର ବ୍ଲୁ ଫ୍ଲାଗ୍ ଘୋଘଲା ବିଚ୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଗୋଟିଏ ବି ସମୁଦ୍ର ନ ଥିବା ମଧ୍ୟପ୍ରଦେଶ ୧୮ ପଦକ ସହ ଦଳଗତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ୩ ସ୍ୱର୍ଣ୍ଣ ପଦକ ସହ ମହାରାଷ୍ଟ୍ର ସମୁଦାୟ ୧୪ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ତାମିଲନାଡୁ, ଉତ୍ତରାଖଣ୍ଡ ଓ ଆୟୋଜକ ଦାଦ୍ରାନଗର ହାବେଳି, ଡିଉ ୧୨ଟି ଲେଖାଏ ପଦକ ହାସଲ କରିଥିଲେ। ୮ ପଦକ ହାସଲ କରିଥିବା ଆସାମ ୫ଟି ସ୍ୱର୍ଣ୍ଣ ହାତେଇଥିଲା। ବିଚ୍ ସକରରେ ଲାକ୍ଷାଦ୍ୱୀପ ୫-୪ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା କୌଣସି ଜାତୀୟ ଇଭେଣ୍ଟରେ ଲାକ୍ଷାଦ୍ୱୀପର ଐତିହାସିକ ପ୍ରଦର୍ଶନ । ଜାନୁୟାରୀ ୪-୧୧ ମଧ୍ୟରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୧ ବର୍ଷରୁ କମ୍ ବୟସର ୧୪୦୪ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ୨୦୫ ଜଣ ଅଫିସିଆଲ ଏହି ଗେମ୍‌ର ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ ଦୁଇଟି ସେସନ୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟ ଦର୍ଶକଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ଆଣି ଦେଇଥିଲା। ବିଚ୍ ସ୍ୱିମିଙ୍ଗ, ମାର୍ସିଆଲ ଆର୍ଟ ପେନ୍‌ଚାକ ସିଲାଟ, ମଲ୍ଲଖମ୍ବ, ବିଚ୍ ଭଲିବଲ୍, ବିଚ୍ କବାଡି, ବିଚ୍ ସକର ଓ ପ୍ରଥମ ଥର ଅନ୍ତର୍ଭୁକ୍ତ କରାଯାଇଥିବା ବିଚ୍ ବକ୍ସିଂ ଦର୍ଶକଙ୍କୁ ଆମୋଦିତ କରିଥିଲା। ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବେଶ୍ ପସନ୍ଦ କରିଥିଲେ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ଏହି ଟୁର୍ନାମେଣ୍ଟର ପ୍ରଶଂସା କରିଥିଲେ। ଆଥ୍‌ଲେଟମାନଙ୍କ ଏନର୍ଜି ଓ ଡିଉର ସୁନ୍ଦରତା ଏଭଳି ଏକ ମାହୋଲ ସୃଷ୍ଟି କରିଥିଲା; ଯାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା ବୋଲି ଲେଖିଥିଲେ ଠାକୁର। ଭାରତର ବିଚ୍‌ଗୁଡ଼ିକୁ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାକୁ ଫଳପ୍ରସୂ କରିବାରେ ଡିଉ ୨୦୨୪ ବିଚ୍ ଗେମ୍ସ ଏକ ବଳିଷ୍ଠ ମାଧ୍ୟମ।

# ଭାରତ ‘ଏ’-ଇଂଲଣ୍ଡ ଲାୟନ୍ସ ମ୍ୟାଚ ଡ୍ର

**ରଜତ ପଟିଦାରଙ୍କ ଶତକ**

**ଅହମଦାବାଦ, ୧୩।୧ (ପି.ଟି.)**

ଭାରତ ‘ଏ’ ଓ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ୱାର୍ମଅପ୍ ମ୍ୟାଚ ଶନିବାର ଡ୍ର ଭାବେ ଶେଷ ହୋଇଛି। ଏଥିରେ ରଜତ ପଟିଦାର ଆକର୍ଷଣୀୟ ୧୧୧ ରନ କରିଥିବା ବେଳେ ସର୍ଫରାଜ ଖାନ୍ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଭାରତ ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୧୨୩/୧ରୁ ଏହାର ଖେଳ ଆରମ୍ଭ କରିଥିଲା। ତୃତୀୟ ଉଇକେଟରେ ପଟିଦାର ଓ ସର୍ଫରାଜ (୯୬)ଙ୍କ ମଧ୍ୟରେ ୭୦ ରନ ପାର୍ଟନରଶିପ୍ ପୂର୍ବରୁ ଘରୋଇ ଦଳ ପ୍ରଦୋଷ ପଲ୍ (୨୧)ଙ୍କ ଉଇକେଟ ହରାଇଥିଲା। କାଲମ ପାର୍କିନସନ ୧୮ ଚୌକା ଓ ଗୋଟିଏ ଛକା ଲଗାଇଥିବା ପଟିଦାରଙ୍କୁ ଆଉଟ କରି ପାର୍ଟନରଶିପ୍‌ର ଅନ୍ତ ଘଟାଇଥିଲେ। ପରେ କେ.ଏସ୍. ଭରତ (୬୪)ଙ୍କ ସହ ଯୋଗଦେଇଥିଲେ ସର୍ଫରାଜ। ଉଭୟଙ୍କ ମଧ୍ୟରେ ୧୨୧ରନର ପାର୍ଟନରଶିପ୍ ଭାରତ ଅଗ୍ରଣୀ କରାଇଥିଲା। ଶନିବାର ଖେଳ ଶେଷ ବେଳକୁ ଭାରତ ଆଉ ୨ ଉଇକେଟ ହରାଇଥିଲା। ଦଳର ସ୍କୋର ସେତେବେଳେ ୪୩୭/୮ ରହିଥିଲା। ଲାୟନ୍ସ ଦଳ ପକ୍ଷରୁ ପାର୍କିନସନ ଓ କାର୍ସନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଲାୟନ୍ସ ଦଳ ୨୩୩ରେ ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ମୋସ୍‌ଲି ୬୦ ରନ ସଂଗ୍ରହ କରିଥିଲେ। ଭାରତ ତରଫରୁ ମାନବ ସୁଥର ୪୫ ରନରେ ୩ ଉଇକେଟ ଅକ୍ତିଆର କରିଥିଲେ।

**ଜାତୀୟ ପାରା ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୯ ପଦକ**

# ଜୟନ୍ତୀ ଶ୍ରେଷ୍ଠ ମହିଳା ଖେଳାଳି

**ଭୁବନେଶ୍ୱର,୧୩।୧(ସରୋଜ ଜେନା)**

ଗୋଆର ପଣଜୀରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପ -୨୦୨୪ ଶନିବାର ଉଦ୍‌ଯାପିତ ହୋଇଛି। ସମୁଦାୟ ୯ ପଦକ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଛି। ଅନ୍ତିମ ଦିନରେ ଓଡ଼ିଶା ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲା। ଜୟନ୍ତୀ ବେହେରା ଚମତ୍କାର ପ୍ରଦର୍ଶନ କରି ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହ ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଜାଭେଲିନ୍ ଏଫ୍ ୫୫ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁଚିତ୍ରା ପରିଡା ୧୬.୯୯ ମିଟରର ଥ୍ରୋ କରି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଆଥଲେ ଗୁମଡା ବାର୍ଲା ୫ ହଜାର ମିଟର ହୁଇଲ୍ ଚେୟାର ରଣିଂରେ ୧୯:୫୦.୮୫ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।


ଜୟନ୍ତୀ ବେହେରା


ସୁଚିତ୍ରା ପରିଡା

**ଏସିଆନ୍ ଏଏଫ୍‌ସି କପ୍**

# ଅଷ୍ଟ୍ରେଲିଆ ନିକଟରୁ ହାରିଲା ଭାରତ

କାତାର,୧୩।୧: କାତାରରେ ଅନୁଷ୍ଠିତ ଏସିଆନ୍ ଏଏଫ୍‌ସି କପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ୨-୦ରେ ପରାଜିତ ହୋଇଛି ଭାରତ। ଅଷ୍ଟ୍ରେଲିଆ ପକ୍ଷରୁ ଜ୍ୟାକ୍‌ସନ ଇର୍ଭିନ୍(୫୦) ଓ ଜୋର୍ଡାନ ବସ୍ (୭୩)ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅହମଦ୍ ବିନ୍ ଅଲୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ଥିବା ଅଷ୍ଟ୍ରେଲିଆକୁ କଡା ଟକ୍କର ଦେଇଥିଲେ ମଧ୍ୟ ପରାଜିତ ହୋଇଛି ଭାରତ। ମ୍ୟାଚ୍‌ରେ ଭାରତ ୪-୨-୩-୧ କମ୍ବିନେଶନ ସହିତ ଓହ୍ଲାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୮ ତାରିଖରେ ଭେଟିବ।




# କିଶୋର, ବିଜୟ ପାଇବେ ଓସ୍‌ଜା ପୁରସ୍କାର

- କିଶୋର ଶ୍ରେଷ୍ଠ କ୍ରୀଡ଼ାବିତ
- ବିଜୟଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର

**ଭୁବନେଶ୍ୱର, ୧୩।୧ (ବିଜୟ ରଣା)**

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ରୌପ୍ୟ ବିଜେତା ଜାଭେଲିନ୍ ଫିଙ୍ଗାଳି କିଶୋର କୁମାର ଜେନା ଏବଂ ଅର୍ଜୁନ ବିଜେତା ପୂର୍ବତନ ଭାରୋତ୍ତୋଳକ ତଥା ଭଟେରାନ ପ୍ରଶିକ୍ଷକ ବିଜୟ କୁମାର ଶତପଥୀ ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରତିବର୍ଷ ଓସ୍‌ଜା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। କିଶୋର ଚଳିତବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ବିଜୟ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ ହେବେ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ। ଆସନ୍ତା ୧୭ ତାରିଖରେ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ୨୦୨୩ କିଶୋରଙ୍କ ଖେଳ ଜୀବନର ଥିଲା ଶ୍ରେଷ୍ଠ ବର୍ଷ। ପ୍ରଥମ ଓଡ଼ିଆ ଜାଭେଲିନ୍ ଫିଙ୍ଗାଳି ଭାବେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନରେ ରହିଥିଲେ। ସେହିପରି ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ସେ ନିଜର ଚତୁର୍ଥ ପ୍ରୟାସରେ (୮୭.୫୪ ମିଟର) ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଦ୍ୱିତୀୟ ସ୍ଥାନରେ ରହିଲ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଲାଭ କରିଥିଲେ।





କିଶୋର କୁମାର ଜେନା ବିଜୟ କୁମାର ଶତପଥୀ

ଭେଟେରାନ କୋଚ୍ ବିଜୟ ଶତପଥୀ ଖେଳ ଜୀବନରେ ଜିତିଥିଲେ ୫ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ପଦକ। ୧୯୮୧ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୧୯୮୧ ଓ ୧୯୮୩ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଏବଂ ୧୯୯୦ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିଲେ। ୧୯୮୧ ମସିହାରେ ବିଜୟଙ୍କୁ ମିଳିଥିଲା ଅର୍ଜୁନ ପୁରସ୍କାର। ଖେଳ ଛାଡ଼ିବା ପରେ ସେ ପ୍ରଶିକ୍ଷଣ ଜୀବନକୁ ଆପଣେଇ ନେଇଥିଲେ।

# କ୍ରୀଡ଼ାମନ୍ତ୍ରୀ ହେବେ ବିସିବି ସଭାପତି

**ଢାକା, ୧୩।୧ (ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର ଜଣେ ନୂଆ ସଭାପତି ହୋଇପାରନ୍ତି। କାରଣ ଏହି ପଦବୀରେ ରହିଥିବା ନାଜମୁଲ ହସନ ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଜିତିବା ପରେ ତାଙ୍କୁ ଯୁବ ଓ କ୍ରୀଡ଼ା ବିଭାଗ ଦାୟିତ୍ୱ ମିଳିଛି। ହସନ ୨୦୧୨ରୁ ବିସିସି ସଭାପତି ରହି ଆସିଥିଲେ। ଜାନୁୟାରୀ ୭ରେ ହୋଇଥିବା ନିର୍ବାଚନରେ ସେ କିଶୋରଗଞ୍ଜ-୬ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି। ଜାହିଦ ଏହସାନ ରସେଲଙ୍କ ସ୍ଥାନରେ ସେ ନୂଆ କ୍ରୀଡ଼ାମନ୍ତ୍ରୀ ହୋଇଛନ୍ତି। ନାଜମୁଲ ଏଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଉଭୟ ପଦବୀ (ବିସିବି ସଭାପତି ଓ ଯୁବ ଓ କ୍ରୀଡ଼ା ବିଭାଗ) ଦାୟିତ୍ୱରେ ରହିବାରେ କୌଣସି ଆଇନଗତ ସମସ୍ୟା ନାହିଁ।

# ଦୃଢ଼ ସ୍ଥିତିରେ ଓଡ଼ିଶା

**ଭୁବନେଶ୍ୱର,୧୩।୧(ସରୋଜ ଜେନା)**

## ଶୁଭ୍ରାଂଶୁ ସେନାପତିଙ୍କ ଦ୍ୱିଶତକ

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ପୂର୍ବତନ ରଣ୍‌ଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି। ପଦାର୍ପଣକାରୀ ହର୍ଷିତ ରାଠୋଡ଼ଙ୍କ ସହିତ ରେକର୍ଡ ଦ୍ୱିଶତକୀୟ ଭାଗୀଦାରି କରିଛନ୍ତି। ଉଭୟ ନବମ ଉଇକେଟରେ ଅବିଭାଜିତ ୨୩୪ ରନ୍ ଯୋଡିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ୮ ଉଇକେଟରେ ୪୯୩ ରନ୍ ସଂଗ୍ରହ କରିଛି। ରଣ୍‌ଜୀ ଟ୍ରଫି ଇତିହାସରେ ଏହା ନବମ ଉଇକେଟରେ ଚତୁର୍ଥ ସର୍ବାଧିକ ପାର୍ଟନରଶିପ୍। ଏଏସ୍ ଶ୍ରୀବାସ୍ତବ ଓ କପିଲ୍ ସେଠ୍ ନବମ ଉଇକେଟରେ ୨୪୯ ରନ୍ ଯୋଡ଼ିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ଶୁଭ୍ରାଂଶୁ ସେନାପତି ୨୭୭ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ହର୍ଷିତ ୬୦ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ପ୍ରଥମ ଦିନର ଅସମାପ୍ତ ୨୦୮/୬ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ୮୭ ରନ୍‌ରେ ଅପରାଜିତ ଥିବା ଶୁଭ୍ରାଂଶୁ ସେନାପତି ଦୃଢ଼ ଭାବରେ ଇନିଂସକୁ ଆଗେଇ ନେଇଥିଲେ। ଦଳୀୟ ସ୍କୋର ୨୫୩ରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୬ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପରବର୍ତ୍ତୀ ବ୍ୟାଟର ସୁନୀଲ ରାଉଳ ୧ ରନ୍ କରି ଆଉଟ ହେବା ପରେ ଶୁଭ୍ରାଂଶୁ ସେନାପତି ଓ ହର୍ଷିତ ରାଠୋଡ଼ଙ୍କ ମଧ୍ୟରେ ଏକ ଚମତ୍କାର ଭାଗୀଦାରି ଦେଖିବାକୁ ମିଳିଥିଲା। ଉଭୟ ପୂରା ଦିନ ବ୍ୟାଟିଂ କରିବା ସହିତ ନବମ ଉଇକେଟରେ ରେକର୍ଡ ୨୩୪ ରନ୍ ଯୋଡିଥିଲେ। ଶୁଭ୍ରାଂଶୁ ନିଜ ରଣ୍‌ଜୀ ଟ୍ରଫି କ୍ୟାରିୟରର ସପ୍ତମ ଶତକ ତଥା ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ୪୮୩ ବଲ୍‌ର ମାରାଥନ୍ ଇନିଂସରେ ସେ ୧୯ ଚୌକା ଓ ୧୧ ଛକା ସହାୟତାରେ ସ୍କୋର କରିଥିଲେ ଅପରାଜିତ ୨୭୭ ରନ୍। ଅନ୍ୟପକ୍ଷରେ ହର୍ଷିତ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ ୧୬୧ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୬୦ ରନରେ ବ୍ୟାଟିଂ କରୁଛନ୍ତି। ଆର୍ଯ୍ୟନ ପାଣ୍ଡେ ୨ଟି, ଭେଙ୍କଟେଶ ଆୟର, ସାରାଂଶ ଜୈନ ୨ଟି ଏବଂ କୁଲ୍‌ୱନ୍ତ ଖେଜ୍ରୋଲିୟା ଓ ଅମରଜିତ୍ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଓଡ଼ିଶା ପ୍ରଥମ ଇନିଂସ: ୪୯୩/୮ (ଶୁଭ୍ରାଂଶୁ ସେନାପତି-୨୭୭*, ହର୍ଷିତ ରାଠୋଡ୍-୬୦* ରାଜେଶ ଧୂପର-୫୧, ଆର୍ଯ୍ୟନ ପାଣ୍ଡେ-୨/୮୯, ଭେଙ୍କଟେଶ୍ ଆୟର-୨/୩୮, ସାରାଂଶ ଜୈନ-୨/୯୦, କୁଲ୍‌ୱନ୍ତ ଖେଜ୍ରୋଲିୟା-୧/୬୮)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ